# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୩/୨୦୧୮ (୨୦ ପୃଷ୍ଠା+ମେଟ୍ରୋ ମିଜାଜ) Bhubaneswar, Thursday, December 13/ 2018 | ★★★★★★

୪୫ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ରଜନୀକାନ୍ତଙ୍କୁ ୬୮**

ସୁପରଷ୍ଟାର ରଜନୀକାନ୍ତ ବୁଧବାର ୬୮ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଲକ୍ଷ୍ନୌରେ ତାଙ୍କ ଅଭିନୀତ 'ଥାଲାଇଭର-୧୬୫' ଚଳଚ୍ଚିତ୍ରର ପ୍ରଥମ ଶୁଟିଂ ଶେଷ ହୋଇଛି।

୧୪

୧୭

**ଆର୍‌ବିଆଇ ଗଭର୍ଣ୍ଣର ଭାବେ ଶକ୍ତିକାନ୍ତଙ୍କ ଦାୟିତ୍ୱ ଗ୍ରହଣ**

ଭାରତୀୟ ରିଜର୍ଭ ବ୍ୟାଙ୍କର ୨୫ତମ ଗଭର୍ଣ୍ଣର ଭାବେ ଅବସର ପ୍ରାପ୍ତ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି।








**ଅନାସ୍ଥା ସଙ୍କଟରେ ଥେରେସା**



........୨........

# କମିଲା ବସ୍ ଭଡ଼ା

■ କିଲୋମିଟର ପିଛା ୨ ଓ ୪ ପଇସା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଡିଜେଲ ଓ ପେଟ୍ରୋଲ ମୂଲ୍ୟ ଲଗାତର ହ୍ରାସ ପାଇ ଚାଲିଛି । ଏଥିଯୋଗୁ ଗତ ୧୫ ଦିନ ମଧ୍ୟରେ ଦୁଇଥର ବସ୍ ଭଡା ହ୍ରାସ ପାଇଲାଣି। ତୈଳ ଦର କମିବା ଯୋଗୁ ନଭେମ୍ବର ୨୮ରେ ବସ ଭଡା ହ୍ରାସ ପାଇଥିବା ବେଳେ ବୁଧବାର ପୁଣି ୨ରୁ ୪ ପଇସା ହ୍ରାସ ପାଇଛି। ଲିଟର ପିଛା ୧୦ଟଙ୍କାରୁ ଊର୍ଦ୍ଧ୍ୱ କମିଲାଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ବସ୍ ଭଡ଼ା କିଲୋମିଟର ପିଛା ୨ ଓ ୪ ପଇସା ହ୍ରାସ କରିଛନ୍ତି। ଏ ନେଇ ବୁଧବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତଦନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୪ ପଇସା ହ୍ରାସ ପାଇଛି। ☞ପୃଷ୍ଠା-୪

## ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସିର ତତ୍ପରତା

■ ଏଆଇସିସି ନେବ ନିଷ୍ପତ୍ତି : ହେମାନନ୍ଦ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ସଦ୍ୟ ଘୋଷିତ ୫ଟି ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ କଂଗ୍ରେସ ପାଇଁ ଖୁସି ଖବର ଆଣିଛି। ୩ ପ୍ରମୁଖ ରାଜ୍ୟରେ ସବୁ ବର୍ଗର ନେତାଙ୍କ ସମନ୍ୱୟ ଦଳ ପାଇଁ ବିଜୟ ଆଣିଛି। ହେଲେ ପ୍ରଦେଶ କଂଗ୍ରେସ କମିଟି କିମ୍ବା ଏହାର ନେତୃମଣ୍ଡଳୀ ଏଥିରୁ କୌଣସି ଶିକ୍ଷା ଗ୍ରହଣ କରି ନ ଥିବା ସମୀକ୍ଷକମାନେ ମତ ରଖିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳରେ ନିଜ ଏକନାୟକତ୍ୱ ପ୍ରତିଷ୍ଠା କରିବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ବାହାର କରିବା ଉଦ୍ୟମରେ ଆଉ ପାଦେ ଆଗେଇଛନ୍ତି। ପିସିସି ଶୃଙ୍ଖଳା କମିଟି ବୈଠକରେ ଶ୍ରୀକାନ୍ତଙ୍କ ବିରୋଧରେ ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE 12.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply

**Eggs Retail Price- 51/-Dozen**

Issued in the Interest of Consumers




କଳିଙ୍ଗ ଷ୍ଟାଡିୟମରେ ବୁଧବାର ହକି ବିଶ୍ୱକପର କ୍ୱାର୍ଟରଫାଇନାଲ ମ୍ୟାଚରେ ଫ୍ରାନ୍ସକୁ ୩-୦ ଗୋଲରେ ପରାସ୍ତ କରିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଖେଳାଳି।

# ସେମିଫାଇନାଲରେ ଇଂଲଣ୍ଡ, ଅଷ୍ଟ୍ରେଲିଆ

**ହକି ବିଶ୍ୱକପ୍**

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୨ଟି କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରଥମ କ୍ୱାର୍ଟରରେ ଇଂଲଣ୍ଡ ଅଲିମ୍ପିକ୍ସ ଚାମ୍ପିୟନ ତଥା ଗତଥରର ବ୍ରୋଞ୍ଜ ପଦକ ବିଜେତା ଆର୍ଜେଣ୍ଟିନାକୁ ୩-୨ ଏବଂ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ୩-୦ ଗୋଲରେ ଫ୍ରାନ୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଜର୍ମାନୀ-ବେଲଜିୟମ ଓ ଭାରତ-ନେଦରଲାଣ୍ଡ୍ସ ମଧ୍ୟରେ ଅବଶିଷ୍ଟ ୨ଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଇଂଲଣ୍ଡ ୧୫ତାରିଖରେ ହେବାକୁଥିବ ପ୍ରଥମ ସେମିଫାଇନାଲରେ ଜର୍ମାନୀ-ବେଲଜିୟମ ମ୍ୟାଚର ବିଜେତାକୁ ଭେଟିବ। ସେହିପରି ଭାରତ-ନେଦରଲାଣ୍ଡ୍ସ ମ୍ୟାଚର ବିଜେତା ସହ ଅଷ୍ଟ୍ରେଲିଆ ଦ୍ୱିତୀୟ ସେମିଫାଇନାଲରେ ମୁକାବିଲା କରିବ। ଗତ ୨ ସଂସ୍କରଣରେ ଚାମ୍ପିୟନ ହୋଇଥିବାରୁ ଅଷ୍ଟ୍ରେଲିଆ ଏଥର ହ୍ୟାଟ୍ରିକ ଟାଇଟଲ ଲକ୍ଷ୍ୟରେ ରହିଛି। ଆର୍ଜେଣ୍ଟିନା ଗତ ବିଶ୍ୱକପର ସେମିଫାଇନାଲରେ ଅଷ୍ଟ୍ରେଲିଆଠାରୁ ୧-୫ ଗୋଲରେ ହାରି ଯାଇଥିଲେ ହେଁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଇଂଲଣ୍ଡକୁ ହରାଇ ବ୍ରୋଞ୍ଜ ପଦକ ପାଇଥିଲା। ମାତ୍ର ଦଳ ଏଥର ସେହି ପ୍ରଦର୍ଶନ ବଜାୟ ରଖି ପାରିନାହିଁ। ରକ୍ଷଣଭାଗରେ ଦୁର୍ବଳତା ଦଳପାଇଁ ମହଙ୍ଗା ପଡ଼ିଛି। କ୍ୱାର୍ଟର ଫାଇନାଲରେ ପରାଜୟ ସହ ବିଦାୟ ନେଇଛି ବିଶ୍ୱର ଏହି ୨ ନମ୍ବର ଦଳ। ଫ୍ରାନ୍ସର ଅଭିଯାନ ମଧ୍ୟ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି।

(ସବିଶେଷ ରିପୋର୍ଟ ଖେଳ ପୃଷ୍ଠାରେ)

# ଏବେଠୁ ବିଦ୍ୟୁତ୍ ସଙ୍କଟ



■ ଖରାଦିନେ ହେବ ଅସମ୍ଭାଳ

■ ଗାଁଠୁ ସହର ଅଘୋଷିତ ବିଦ୍ୟୁତ୍ କାଟ

■ ୨ ବର୍ଷରେ ୧୦ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜ୍ୟରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖାଦେଲାଣି। ଶୀତଦିନେ ମଧ୍ୟ ସ୍ଥିତି ସଙ୍ଗିନ। କେବଳ ଭୁବନେଶ୍ୱର ଓ କଟକ ଭଳି କେତୋଟି ହାତଗଣତି ବଡ ସହରକୁ ବାଦ୍ ଦେଲେ ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ଜୋରଦାର ବିଦ୍ୟୁତ୍‌କାଟ ଆରମ୍ଭ ହୋଇଛି। ବୋଝକୁ ହାଲୁକା କରିବା ପାଇଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ୱେସ୍କୋ, ସାଉଥ୍‌କୋ, ନେସ୍କୋ ଏବଂ ସେସୁ ନିଜ ନିଜ ଅଧୀନରେ ଆସୁଥିବା ଜିଲାଗୁଡିକରେ ଦୈନିକ ୨ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ୍ କରୁଛନ୍ତି। ବିଦ୍ୟୁତ୍ କାଟ୍ କରିବାକୁ ବଣ୍ଟନ କମ୍ପାନୀଗୁଡ଼ିକୁ ଭିତିରିଆ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବଣ୍ଟନ କମ୍ପାନୀଗୁଡିକ ସକାଳ ୫ଟାରୁ ୧୧ଟା ଏବଂ ପୁଣି ଅପରାହ୍ଣ ୫ଟା ଯାଏ ବିଦ୍ୟୁତ କାଟ କରୁଛନ୍ତି। ଏ ନେଇ ସମସ୍ତ ବିଦ୍ୟୁତ୍ ସର୍କଲକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଞ୍ଚଳରେ କୌଣସି ପ୍ରତିବାଦ ହେଉନାହିଁ ଅର୍ଥାତ ଆଦିବାସୀ ବହୁଳ କିମ୍ବା ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍ ଚାଲିଛି। ଏହାକୁ ନେଇ କେତେକ ସ୍ଥାନରେ ଜନ ଅସନ୍ତୋଷ ମଧ୍ୟ ଦାନା ବାନ୍ଧିଲାଣି। ଶୀତଦିନେ ସ୍ଥିତି ସଙ୍ଗିନ ହୋଇଥିବା ବେଳେ ଖରାଦିନେ ଆହୁରି ଦୟନୀୟ ହେବା ଆଶଙ୍କା ସୃଷ୍ଟି ହୋଇଛି।

ବିଦ୍ୟୁତ୍ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ରାଜ୍ୟରେ ଦୈନିକ ପିକ୍ ଆୱାର(ସନ୍ଧ୍ୟା ୬ରୁ ରାତି ୧୦ ଯାଏ)ରେ ୪୦୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ଜଳ ବିଦ୍ୟୁତ୍, ତାପଜ ଏବଂ ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟ (ଆଇପିପି)ରୁ ବୁଧବାର ସନ୍ଧ୍ୟା ସୁଦ୍ଧା ୨୫୪୦ ମେଗାୱାଟ ଶକ୍ତି ଉତ୍ପାଦନ ହୋଇଛି। ସେଥିରୁ ଜଳ ଭଣ୍ଡାରଗୁଡିକରୁ ୬୧୧ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଥିବାବେଳେ ☞ପୃଷ୍ଠା-୪

# ୪୦ ହଜାର କଳାକାର ପାଇବେ ଭତ୍ତା

■ ୧୫ରୁ ମିଳିବ ମାସିକ ୧୨୦୦ ଟଙ୍କା

■ ମଧୁବାବୁ ପେନ୍‌ସନ ଯୋଜନାରେ ୫ ଲକ୍ଷ ନୂଆ ହିତାଧିକାରୀ ସାମିଲ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ଆସନ୍ତା ୧୫ ତାରିଖରୁ ରାଜ୍ୟରେ ୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ମାଧ୍ୟମରେ ୪୦ ହଜାର କଳାକାରଙ୍କୁ ମାସିକ ୧୨୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ପୀଠା (ପିପୁଲ୍ସ ଏମ୍‌ପାୱାରମେଣ୍ଟ-ଏନେବ୍ଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଆକାଉଣ୍ଟେବିଲିଟି) ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ବୈଠକ ପରେ ଏହି ସୂଚନା ଦେଇଛନ୍ତି। ରାଜ୍ୟର ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ମଧୁବାବୁ ପେନ୍‌ସନ୍ ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୀଠା ଯୋଜନା ଦ୍ୱାରା ସ୍ଥାନୀୟ ପ୍ରଶାସନ ସଶକ୍ତ ହେବା ସହିତ ଉତ୍ତରଦାୟୀ ହେବ। ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ସ୍ୱଚ୍ଛତା ବୃଦ୍ଧି ପାଇବ।

ମଧୁବାବୁ ପେନ୍‌ସନ୍ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା। ଏଥିରେ ବର୍ତ୍ତମାନ ୪୩ ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି। ଉପରୋକ୍ତ ପେନ୍‌ସନ୍ ଯୋଜନା ଓ ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୧୫ରୁ ୨୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ୟାମ୍ପଗୁଡିକ ☞ପୃଷ୍ଠା-୪

■ ୩ ହିନ୍ଦୀ ଭାଷୀ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଚୟନ

# ଝୁଲାଇ ରଖିଲେ ରାହୁଲ

ଭୋପାଳ/ରାୟପୁର/ଜୟପୁର,୧୨।୧୨

ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ କଂଗ୍ରେସର ବିଜୟ ୨୦୧୯ ସାଧାରଣ ନିର୍ବାଚନରେ ଦଳ ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ହେଲେ ଏହି ୩ ହିନ୍ଦୀ ଭାଷୀ ରାଜ୍ୟରେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ଅଦ୍ୟାବଧି ସ୍ଥିର ହୋଇପାରିନାହିଁ। ଏହି ରାଜ୍ୟଗୁଡ଼ିକର ରାଜଧାନୀରେ ବୁଧବାର ହାଇକମାଣ୍ଡଙ୍କ ଦ୍ୱାରା ନିଯୁକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ କଂଗ୍ରେସର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ତେବେ କାହା ହାତରେ ରାଜ୍ୟର ଶାସନ କ୍ଷମତା ରହିବ ସେହି ନିଷ୍ପତ୍ତି ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ଛାଡ଼ି ଦିଆଯାଇଛି। ଏବେ ରାହୁଲଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।

ନିର୍ବାଚନ ହୋଇଥିବା ୫ ରାଜ୍ୟ ମଧ୍ୟରୁ ୩ଟିରେ କଂଗ୍ରେସର ସଫଳତା ଦଳୀୟ କର୍ମୀ ଓ ନେତାଙ୍କ ଉତ୍ସାହ ବଢ଼ାଇଦେଇଛି। ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ବୁଧବାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏ.କେ. ଆଣ୍ଟୋନିଙ୍କ ଉପସ୍ଥିତିରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ପିସିସି ସଭାପତି କମଲନାଥ ଓ ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାମ ଉଠିଥିଲା। ହେଲେ ନାଁକୁ ନେଇ କିଛି ସହମତି ହୋଇପାରି ନ ଥିଲା। ତେଣୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଛି। ପରେ କମଲନାଥ ରାଜ୍ୟପାଳ ଆନନ୍ଦିବେନ୍ ପଟେଲଙ୍କୁ ରାଜଭବନରେ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ୨୩୦ ସଦସ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ କଂଗ୍ରେସ ୧୧୪ ଆସନରେ ସଫଳତା ପାଇଥିବାବେଳେ ସରକାର ଗଠନ ☞ପୃଷ୍ଠା-୪

**ଚୂଡ଼ାନ୍ତ ନିଷ୍ପତ୍ତି ଆଜି**

■ ବିଧାୟକ ଦଳ ବୈଠକରେ ହୋଇପାରିଲାନି ସହମତି

■ ମଧ୍ୟପ୍ରଦେଶରେ କମଲନାଥ, ରାଜସ୍ଥାନରେ ଗେହଲଟ୍ ଓ ଛତିଶଗଡ଼ରେ ବାଘେଲ ଦୌଡ଼ରେ ଆଗୁଆ

■ କର୍ମୀ ଜଣାନ୍ତୁ ସେମାନଙ୍କ ପସନ୍ଦ ନେତାଙ୍କ ନାମ: ରାହୁଲ



## ଆଜି ଶପଥ ନେବେ କେସିଆର୍

ହାଇଦ୍ରାବାଦ,୧୨।୧୨(ପି.ଟି.)

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ବୁଧବାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି। ହାଇଦ୍ରାବାଦସ୍ଥିତ ଟିଆର୍‌ଏସ୍ ମୁଖ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ଏହାସହ ସେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ସ୍ଥିର ହୋଇଛି। ୧୧୯ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଟିଆର୍‌ଏସ୍ ୮୮ ଆସନ ଦଖଲ କରି ସରକାର ଗଢ଼ିବାକୁ ଯାଉଛି। ରାଜଭବନରେ ଗୁରୁବାର ଅପରାହ୍ଣ ୧ଟା ୩୦ରେ ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା କେସିଆର୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇବେ ବୋଲି ଜଣାପଡ଼ିଛି।



**ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ହକି ବିଶ୍ୱକପ୍ ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

**ବୁଧବାର**

ପ୍ରଥମ ମ୍ୟାଚ

ଇଂଲଣ୍ଡ- ୩
ଆର୍ଜେଣ୍ଟିନା-୨

ଦ୍ୱିତୀୟ ମ୍ୟାଚ

ଅଷ୍ଟ୍ରେଲିଆ-୩
ଫ୍ରାନ୍ସ-୦

**ଆଜିର ସମ୍ପାଦକୀୟ**

ମ୍ୟାଗଟ୍ ସଂକ୍ରମଣ

**ଆଜିର ମନ୍ତବ୍ୟ**

"ଆରବିଆଇର ସ୍ୱାୟତ୍ତତା, ବିଶ୍ୱସନୀୟତା ଓ ଅଖଣ୍ଡତାକୁ ବଜାୟ ରଖାଯିବ ।

- ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର

**କିଛି ତଥ୍ୟ**

ଦେଶ ମଧ୍ୟରେ ଥିବା ଡାକଘରଗୁଡିକରେ ସରକାର ୧୩,୩୫୦ରୁ ଅଧିକ ଆଧାର କେନ୍ଦ୍ର ସ୍ଥାପନ କରିଛନ୍ତି।

- ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ


OPSC - AEE (Civ)
80+ Selections in 2015
350+ Vacancy Expected!!
60 DAYS REGULAR CLASSROOM COACHING
@ BHUBANESWAR
Batch Date: 17th Dec 2018
5000/- Early Bird Offer Closes 15th Dec 18
ACE Engineering Academy
9861566244
0674-2540340
www.aceenggacademy.com


**CBSE Exam Mate**

ପୃଷ୍ଠା-୧୫



ଭାଜପାର ନକାରାତ୍ମକ ରାଜନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରି ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କଂଗ୍ରେସକୁ ସରକାର ଗଠନ ପାଇଁ ସୁଯୋଗ ଦେଇଛନ୍ତି।
-ସୋନିଆ ଗାନ୍ଧୀ, ଉପା ଅଧ୍ୟକ୍ଷା






ପ୍ରୟାଣର ଦ୍ୱିତୀୟ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ସ୍ମୃତିରେ
ଇଚ୍ଛାବର୍ତ୍ତୀ ରଥ
୧୯୨୯-୨୦୧୬
ଆବିର୍ଭାବ : ୧୫.୦୪.୧୯୨୯ ତିରୋଧାନ : ୦୫.୧୨.୨୦୧୬
ତା. ୧୩.୧୨.୨୦୧୮, ଗୁରୁବାର
ପ୍ରାର୍ଥନା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ
ସ୍ଥାନ: ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ
ସମୟ : ପୂର୍ବାହ୍ନ ଘ ୧୦.୩୦
ଡ୍ରିମ୍ସ ଓ ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ


## ସଂକ୍ଷେପରେ

### ବିକ୍ରମସିଂହେଙ୍କ ସପକ୍ଷରେ ଆସ୍ଥା

**କଲମ୍ବୋ,୧୨।୧୨(ପି.ଟି.):** ଶ୍ରୀଲଙ୍କା ପାର୍ଲାମେଣ୍ଟରେ ବୁଧବାର ବହିଷ୍କୃତ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂହେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇଛନ୍ତି। ପାର୍ଲାମେଣ୍ଟର ୨୨୫ ସଦସ୍ୟଙ୍କ ମଧ୍ୟରୁ ୧୧୭ ଜଣ ବିକ୍ରମସିଂହେଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଭୋଟ ଦେଇଥିଲେ। ଫଳରେ ରାଷ୍ଟ୍ରପତି ମୈତ୍ରୀପାଲ ସିରିସେନାଙ୍କୁ ଶକ୍ତ ଝଟକା ହୋଇଛି। ଏକ ବିବାଦୀୟ ଘଟଣାକ୍ରମରେ ସିରିସେନା ବିକ୍ରମସିଂହେଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବରଖାସ୍ତ କରି ତାଙ୍କ ସ୍ଥାନରେ ମହିନ୍ଦା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ କରିବାରୁ ଅକ୍ଟୋବର ୨୬ରୁ ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟ ଲାଗି ରହିଥିଲା। ତେବେ ରାଜପାକ୍ସେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ।

### ଆକବର, ତେଜପାଲ୍ ଏଡିଟର୍ସ ଗିଲ୍ଡରୁ ନିଲମ୍ବିତ



**ନୂଆଦିଲ୍ଲୀ,୧୨।୧୨(ପି.ଟି.):** ଯୌନ ବ୍ୟଭିଚାର ମାମଲାରେ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର ଏବଂ ତେହେଲ୍‌କାର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲ୍‌ଙ୍କ ଏଡିଟର୍ସ ଗିଲ୍ଡ ସଦସ୍ୟତାକୁ ବୁଧବାର ନିଲମ୍ବିତ କରାଯାଇଛି। ଆକବର, ଗିଲ୍ଡର ପୂର୍ବତନ ଅଧ୍ୟକ୍ଷ ତେଜପାଲ୍ ଏବଂ ବରିଷ୍ଠ ଖବରଦାତା ଗୌତମ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେଥିପାଇଁ ଏହାର କାର୍ଯ୍ୟନିର୍ବାହୀ କମିଟି (ଇସି)ର ମତାମତ ନିଆଯାଇଥିଲା। ଆକବର ଏବଂ ତେଜପାଲ୍‌ଙ୍କ ସଦସ୍ୟତା ସସ୍‌ପେଣ୍ଡ କରିବା ଲାଗି ଅଧିକାଂଶ ସଦସ୍ୟ ମତ ରଖିଥିଲେ। ଗିଲ୍ଡର କର୍ମକର୍ତ୍ତା ଇସିର ମତାମତକୁ ତର୍ଜମା କରି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଅଧିକାରୀଙ୍କ ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ତାଙ୍କ ମତାମତ ସଂଗ୍ରହ କରିବାକୁ ଗିଲ୍ଡ ସ୍ଥିର କରିଛି।

### 'ପରିବର୍ତ୍ତନର ଆରମ୍ଭ'

**ମୁମ୍ବାଇ,୧୨।୧୨(ପି.ଟି.):** ୩ ହିନ୍ଦୀ ଭାଷୀ ରାଜ୍ୟର ଜନାଦେଶରୁ ପରିବର୍ତ୍ତନର ଆରମ୍ଭ ହୋଇଛି ବୋଲି ଜାତୀୟବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର



ଭାଜପାକୁ ଟାର୍ଗେଟ କରିଛନ୍ତି। ବୁଧବାର ୭୮ ବର୍ଷରେ ପଦାର୍ପଣ କରିଥିବା ଏହି ବର୍ଷୀୟାନ ରାଜନେତା କହିଛନ୍ତି, ଭାଜପା ନେତୃତ୍ୱାଧୀନ ସରକାରର ନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ଭାଜପା ରାମମନ୍ଦିର ନିର୍ମାଣ ନାମରେ ସାମ୍ପ୍ରଦାୟିକ ସଦ୍‌ଭାବକୁ ନଷ୍ଟ କରୁଛି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭଳି ବ୍ୟବହାର ଦେଖାଉ ନାହାନ୍ତି। ସଦ୍ୟ ଜନାଦେଶ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱର ଗ୍ରହଣୀୟତାକୁ ପ୍ରମାଣିତ କରିଛି।

### ଭାଜପା ଏମ୍‌ପିଙ୍କୁ ମନ୍ତ୍ରଣା ଦେବେ ମୋଦି

**ନୂଆଦିଲ୍ଲୀ,୧୨।୧୨(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଅପରାହ୍ନରେ ଭାଜପା ଏମ୍‌ପିମାନଙ୍କୁ ମନ୍ତ୍ରଣା ଦେବେ। ଭାଜପାର ସାଙ୍ଗଠନିକ ନେତାଙ୍କୁ ନେଇ ନୂଆଦିଲ୍ଲୀରେ ୭ ଘଣ୍ଟା ଧରି ଏହି ବୈଠକ ବସିବ। ସନ୍ଧ୍ୟାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏଥିରେ ଅଧ୍ୟକ୍ଷତା କରିବେ। ୫ ରାଜ୍ୟରେ ଭାଜପାର ପରାଜୟକୁ ନେଇ ଏଥିରେ ସମୀକ୍ଷା କରାଯିବ ବୋଲି ଜଣାପଡ଼ିଛି।

## ■ କାହା ମୁଣ୍ଡରେ ସୁନାକଳସ

# ଯୁବ ବନାମ ବରିଷ୍ଠ



ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ କମଲନାଥ



ଅଶୋକ ଗେହଲଟ୍ ଓ ସଚିନ ପାଇଲଟ

**ନୂଆଦିଲ୍ଲୀ,୧୨।୧୨**

ଦିନ ତମାମ କସରତ ପରେ ବି ସ୍ଥିର ହୋଇ ପାରିଲାନି ୩ ମୁଖ୍ୟମନ୍ତ୍ରୀଙ୍କ ନାମ। ଭାଜପା ହାତରୁ କଂଗ୍ରେସ ୩ ରାଜ୍ୟର କ୍ଷମତା ଛଡ଼ାଇଆଣିବା ପରେ ଶାସନ ଡୋରି କାହାକୁ ଧରାଇବ ସେନେଇ ସହମତି ପ୍ରକାଶ ପାଇପାରି ନାହିଁ। ବିଧାୟକ ଦଳ ବୈଠକର ନିଷ୍କର୍ଷକୁ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ଶେଷରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ନିଷ୍ପତ୍ତି ଛାଡ଼ି ଦିଆଯାଇଛି। ଏବେ ବିଶେଷକରି ମଧ୍ୟପ୍ରଦେଶ ଓ ରାଜସ୍ଥାନ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଏହି ୨ ବଡ଼ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଚୌକିରେ ବସିବା ପାଇଁ ଯୁବ ବନାମ ବରିଷ୍ଠଙ୍କ ମଧ୍ୟରେ ଅଧିକ ଟଣାଓଟରା ଚାଲିଛି।

ମଧ୍ୟପ୍ରଦେଶରେ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଶିବରାଜ ସିଂ ଚୌହାନଙ୍କ ଗଡ଼ ଭୁଶୁଡ଼ିପଡ଼ିଛି। ଭାଜପାକୁ ୧୦୯ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସ ୧୧୪ ଆସନ ଦଖଲ କରିଛି। ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୧୧୬। କଂଗ୍ରେସ ପାଖରେ ୨ ଆସନ କମ ଥିବାବେଳେ ଏହାକୁ ସମର୍ଥନ ଘୋଷଣା କରିଛନ୍ତି ବିଏସ୍‌ପି ଏବଂ ଏସ୍‌ପି। ଏହି ଦୁଇ ଦଳର ବିଧାୟକ ସଂଖ୍ୟା ୩ ହୋଇଥିବାରୁ ସରକାର ଗଠନ ପାଇଁ କଂଗ୍ରେସକୁ କିଛି ଅସୁବିଧା ନାହିଁ। ଏଥିପାଇଁ ପିସିସି ସଭାପତି ତଥା ୯ ଥର ଏମ୍‌ପି ହୋଇଥିବା କମଲନାଥଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜଭବନରେ ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କୁ ଭେଟି ନିଜ ସପକ୍ଷରେ ଥିବା ବିଧାୟକଙ୍କ ସମର୍ଥନପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପାଇଁ କମଲନାଥଙ୍କ ନାମ ସବୁଠୁ ବେଶି ଚର୍ଚ୍ଚା ହେଉଥିବାବେଳେ ଏହି ଦୌଡ଼ରେ ପ୍ରଚାର କମିଟି ଅଧ୍ୟକ୍ଷ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ଅଛନ୍ତି।

ସେହିପରି ରାଜସ୍ଥାନରେ ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ଭାଜପା ସରକାରକୁ ଧରାଶାୟୀ କରିଛି କଂଗ୍ରେସ। ଏଠାରେ ଭାଜପାକୁ ମାତ୍ର ୭୩ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରାଜ୍ୟରେ ସରକାର ଗଠନ ପାଇଁ ୧୦୦ ଆସନ ଦରକାର, ଯାହାକି କଂଗ୍ରେସ ହାସଲ କରିଛି। ଆବଶ୍ୟକ ହେଲେ ରାଜସ୍ଥାନରେ ମଧ୍ୟ କଂଗ୍ରେସକୁ ସମର୍ଥନ କରାଯିବ ବୋଲି ୬ ଆସନରେ ଜିତିଥିବା ବିଏସ୍‌ପି ଘୋଷଣା କରିଛି। ସେଥିପାଇଁ ପିସିସି ସଭାପତି ସଚିନ ପାଇଲଟ ଓ ପୂର୍ବରୁ ୨ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଅଶୋକ ଗେହଲଟ ବୁଧବାର ରାଜ୍ୟପାଳ କଲ୍ୟାଣ ସିଂଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଇଛନ୍ତି। ଦୁଇରାଜ୍ୟରେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ତାହା ଅମୀମାସିଂତ ରହିଛି। ନବନିର୍ବାଚିତ ବିଧାୟକମାନେ କିଛି ନିଷ୍ପତ୍ତି ନ ନେଇ ଶେଷରେ ରାହୁଲଙ୍କ ହାତରେ ଏହି ଦାୟିତ୍ୱ ଛାଡ଼ିଦେଇଛନ୍ତି। ଅନ୍ୟପକ୍ଷରେ ବିଧାୟକମାନେ ନିଜ ରାଜ୍ୟର ମୁଖ୍ୟମନ୍ତ୍ରୀ ବାଛନ୍ତୁ ବୋଲି ରାହୁଲ ଏକ ଅଡିଓ ମେସେଜ୍‌ରେ କହିଛନ୍ତି। ଉଭୟ ରାଜ୍ୟରେ ଗୋଟିଏ ପଟେ ଯୁବନେତା ଥିବାବେଳେ ଅନ୍ୟପଟେ ଜଣେ ବରିଷ୍ଠ ନେତା ଦାବିଦାର ଅଛନ୍ତି। କଂଗ୍ରେସ ଅଧ୍ୟକ୍ଷ ଏଭଳି ସମୟରେ ଜ୍ୟୋତିରାଦିତ୍ୟ ଓ ସଚିନଙ୍କୁ ମୁଖ୍ୟମନ୍ତ୍ରୀ କରାଇବେ ନା କମଲନାଥ ଏବଂ ଗେହଲଟଙ୍କୁ ନିଜ ନିଜ ରାଜ୍ୟର ଶାସନ ଭାର ଦେବେ ତାହା ଗୁରୁବାର ସ୍ପଷ୍ଟ ହେବ। ଦୁଇ ଯୁବନେତାଙ୍କୁ ମୁଖ୍ୟମନ୍ତ୍ରୀ କଲେ ଦେଶର ଯୁବପିଢ଼ିଙ୍କ ନିକଟକୁ ଏକ ସକାରାତ୍ମକ ସନ୍ଦେଶ ଯିବ। ଯୁବବର୍ଗ ଏଥିରେ ଉତ୍ସାହିତ ହୋଇ କଂଗ୍ରେସ ସହିତ ଅଧିକ ଯୋଡ଼ିହେବେ ଏବଂ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ସ୍ଥିତି ଅଧିକ ସୁଦୃଢ଼ ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଅନୁଭବୀ ତଥା ପୋଖତ ନେତା କମଲନାଥ ଓ ଗେହଲଟଙ୍କ ପାଲା ଭାରି ରହିଛି। ଏହି ଦୁଇ ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ସେମାନଙ୍କ ରାଜ୍ୟର ଅଧିକାଂଶ କଂଗ୍ରେସ ବିଧାୟକ ଚାହୁଁଛନ୍ତି। ଛତିଶଗଡ଼ ରାଜଧାନୀ ରାୟପୁରରେ ମଧ୍ୟ ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ରାହୁଲଙ୍କ ଉପରେ ନିଷ୍ପତ୍ତି ଛାଡ଼ି ଦିଆଯାଇଛି। ରମଣ ସିଂଙ୍କ ଶାସନର ଅନ୍ତ ଘଟାଇ କଂଗ୍ରେସ ୧୫ ବର୍ଷ ପରେ କ୍ଷମତାକୁ ଫେରିଥିବା କଂଗ୍ରେସକୁ ୬୮ ଓ ଭାଜପାକୁ ମାତ୍ର ୧୫ ଆସନରେ ସଫଳତା ମିଳିଛି। ଏହି ରାଜ୍ୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ଚେହେରା କେହି ନ ଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ଆସନରେ ବସିବା ପାଇଁ ଏକାଧିକ ନେତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ତେବେ ସମସ୍ତଙ୍କ ସହ ବିଚାରବିମର୍ଶ କରିବା ପରେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଏପରି ଜଣେ ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ, ଯାହା ୩ ରାଜ୍ୟର ଲୋକଙ୍କ ଇଚ୍ଛାକୁ ପ୍ରତିଫଳିତ କରିବ ବୋଲି କଂଗ୍ରେସ ମୁଖପାତ୍ର ରଣଜିତ ସୁର୍ଜେୱାଲା କହିଛନ୍ତି।

### ଇସ୍ତଫା ଦେଲେ ଶିବରାଜ



**ଭୋପାଳ,୧୨।୧୨(ପି.ଟି.):** ମଧ୍ୟପ୍ରଦେଶରେ ଭାଜପାର ପରାଜୟ ପରେ ବୁଧବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଶିବରାଜ ସିଂ ଚୌହାନ। ସେ ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହାସହ ରାଜ୍ୟରେ ସରକାର ଗଠନ ପାଇଁ ଭାଜପା ଦାବି ଜଣାଇବ ନାହିଁ ବୋଲି ଶିବରାଜ ସ୍ପଷ୍ଟ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ବେଳେ କୃଷିଋଣ ଛାଡ଼ ନେଇ ଘୋଷଣା କରିଥିଲେ। କଂଗ୍ରେସ ତା'ର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ ବୋଲି ଶିବରାଜ କହିଛନ୍ତି।

## ବିରୋଧୀଙ୍କ ହଟ୍ଟଗୋଳରୁ ଲୋକ ସଭା ମୁଲତବୀ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ରାଫାଲ ଦୁର୍ନୀତି, ରାମ ମନ୍ଦିର ନିର୍ମାଣ ଏବଂ କାବେରୀ ଜଳ ବିବାଦ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବାରୁ ବୁଧବାର ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ମଧ୍ୟାହ୍ନ ବିରତି ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ, ଶିବସେନା, ଟିଡିପି ଏବଂ ଏଆଇଏଡିଏମ୍‌କେ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ପ୍ଲାକାର୍ଡ ଦେଖାଇ ବିଭିନ୍ନ ଦାବି ଉପରେ ନାରାବାଜି କରିଥିଲେ। ଏହା ପୂର୍ବରୁ ପ୍ରଶ୍ନୋତ୍ତର କାଳରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଫାଲ ଯୁଦ୍ଧଜାହାଜ ଚୁକ୍ତିନାମାରେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବା ଲାଗି କଂଗ୍ରେସ ସଦସ୍ୟମାନେ ଦାବି କରିଥିବାବେଳେ ଅଯୋଧ୍ୟାରେ ତୁରନ୍ତ ରାମମନ୍ଦିର ନିର୍ମାଣ ଲାଗି ଶିବସେନା ଦାବି ଉପସ୍ଥାପନ କରିଥିଲା। ତାମିଲନାଡ୍ରୁ କୃଷକଙ୍କୁ କାବେରୀ ନଦୀ ଜଳ ପ୍ରଦାନରେ ନ୍ୟାୟ ଦାବି କରି ଏଆଇଏଡିଏମ୍‌କେ ସଦସ୍ୟ ହଟ୍ଟଗୋଳ କରିଥିଲେ। ସେହିପରି ଟିଡିପି ସଦସ୍ୟ ବିଶାଖାପାଟଣାରେ ରେଳପଥ ଜୋନ୍ ଦାବି କରିଥିଲେ। ସେମାନଙ୍କୁ ଶାନ୍ତ ହେବା ଲାଗି ଅନୁରୋଧ କରି ବାଚସ୍ପତି ସୁମିତ୍ରା ମହାଜନ ବିଫଳ ହେବା ପରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟ ସଭାରେ ବୁଧବାର ହଟ୍ଟଗୋଳ ମଧ୍ୟରେ ଅଟିଜ୍‌ମ ଏବଂ ଭିନ୍ନକ୍ଷମ କଲ୍ୟାଣ (ସଂଶୋଧନ) ବିଲ୍, ୨୦୧୮ ଗୃହୀତ ହୋଇଥିଲା। ଗୃହର ଅନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ବନ୍ଦ କରି ରାଫେଲ୍ ଦୁର୍ନୀତି ଅଭିଯୋଗ ଉପରେ ଆଲୋଚନା କରିବା ଲାଗି କଂଗ୍ରେସ ନୋଟିସ ଆଣିଥିଲା ଏବଂ ଏହାର ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ ଦାବି କରିଥିଲା। ରାଜ୍ୟ ସଭାରେ କଂଗ୍ରେସର ଉପନେତା ଆନନ୍ଦ ଶର୍ମା ଏହି ନୋଟିସ ଆଣିଥିଲେ।



## ■ ଏନ୍‌ଆର୍‌ସିରେ ସାମିଲ ଲାଗି ଆବେଦନ

# ୩୧ ଯାଏ ଅବଧି ବଢ଼ିଲା

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ଆସାମର ଚିଠା ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)ରୁ ଯେଉଁମାନେ ବାଦ୍ ପଡିଛନ୍ତି ସେମାନେ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏଥିପାଇଁ ପୂର୍ବରୁ ଧାର୍ଯ୍ୟ ସମୟସୀମାକୁ ସୁପ୍ରିମକୋର୍ଟ ୩୧ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଗତ ଜୁଲାଇ ୩୦ରେ ପ୍ରକାଶିତ ଚିଠା ଏନ୍‌ଆର୍‌ସିରୁ ୪୦,୭୦,୭୦୭ ଜଣ ବାଦ୍ ପଡିଥିଲେ। ସେମାନଙ୍କ ମଧ୍ୟରୁ ୩୭,୫୯,୬୩୦ ଜଣଙ୍କ ନାଁକୁ ଖାରଜ କରିଦିଆଯାଇଥିଲା ବେଳେ ୨,୪୮,୦୭୭ ଜଣଙ୍କ ଉପରେ ନିଷ୍ପତ୍ତି ସ୍ଥଗିତ ରହିଛି।

ଆସାମ ସରକାରଙ୍କ ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଅଭିଯୋଗ ଏବଂ ଦାବି ଉପସ୍ଥାପନ ଲାଗି ପୂର୍ବରୁ ଧାର୍ଯ୍ୟ ସମୟସୀମା ୧୫ ଦିନ ବଢ଼ାଇ ଦେଇଛନ୍ତି।

## ଖ୍ରୀଷ୍ଟମାସ୍ ମାର୍କେଟରେ ଆକ୍ରମଣ: ୨ ନିହତ

**ପ୍ୟାରିସ,୧୨।୧୨(ପି.ଟି.)**

ଫ୍ରାନ୍ସର ଷ୍ଟ୍ରାସବର୍ଗ ସହରସ୍ଥିତ ଏକ ଖ୍ରୀଷ୍ଟମାସ ମାର୍କେଟରେ ମଙ୍ଗଳବାର ରାତିରେ ଆତଙ୍କବାଦୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣକାରୀ ଚେରିଫ ସି 'ଆଲ୍ଲା ହୋ ଆକବର' କହି ଗୁଳିବର୍ଷଣ କରିଥିଲେ। ସୁରକ୍ଷା କର୍ମୀଙ୍କ ଗୁଳିରେ ଆହତ ଚେରିଫ ଘଟଣାସ୍ଥଳରୁ ଖସି ପଳାଇଯାଇଛନ୍ତି। ପ୍ୟାରିସ ପ୍ରୋସିକ୍ୟୁଟର କାର୍ଯ୍ୟାଳୟର ଆତଙ୍କବାଦ ନିରୋଧୀ ବିଭାଗ ଆକ୍ରମଣ ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଫ୍ରାନ୍ସ, ଜର୍ମାନୀ ଏବଂ ସ୍ୱିଜରଲ୍ୟାଣ୍ଡରେ ଡକାୟତି ଏବଂ ହିଂସା ମାମଲା ରହିଛି। ତାଙ୍କୁ ଖୋଜି ବାହାର କରିବା ଲାଗି ୩୫୦ରୁ ଊର୍ଦ୍ଧ୍ୱ ପୋଲିସ ଏବଂ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି।



ପ୍ୟାରିସସ୍ଥିତ ଖ୍ରୀଷ୍ଟମାସ ମାର୍କେଟରେ ଆତଙ୍କବାଦୀ ଆକ୍ରମଣ ପରେ ମୁତୟନ ସୁରକ୍ଷା କର୍ମୀ।

### ୨ ପରାଜିତ ପ୍ରାର୍ଥୀ ହସ୍ପିଟାଲ୍‌ରେ

**ହାଇଦ୍ରାବାଦ,୧୨।୧୨(ପି.ଟି.)**

ତେଲେଙ୍ଗାନାର ଦୁଇ ପ୍ରଭାବଶାଳୀ ରାଜନେତା ପରାଜୟରେ ମର୍ମାହତ ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ନାଲଗୋଣ୍ଡାର କଂଗ୍ରେସ ପ୍ରାର୍ଥୀ କୋମଟିରେଡ୍ଡୀ ଭେଙ୍କଟ ରେଡ୍ଡୀ ଏବଂ ଟିଆରଏସ୍‌ର ପାଲାଇର ପ୍ରାର୍ଥୀ ତୁମ୍ମଲା ନାଗେଶ୍ୱର ରାଓଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଭେଙ୍କଟ ରେଡ୍ଡୀଙ୍କ ରକ୍ତଚାପ ହଠାତ ବଢ଼ିଯିବାରୁ ସେ ମୂର୍ଚ୍ଛା ଯାଇଥିଲେ।

## ଅନାସ୍ଥା ସଙ୍କଟରେ ଥେରେସା

**ଲଣ୍ଡନ,୧୨।୧୨**

ବ୍ରେକ୍‌ଜିଟ ବିବାଦ



ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ' ତାଙ୍କ କଞ୍ଜରଭେଟିଭ୍ ପାର୍ଟିରୁ ଅନାସ୍ଥା ଭୋଟ୍‌ର ସମ୍ମୁଖୀନ ହୋଇଛନ୍ତି। ଭୋଟ ଗ୍ରହଣ ପୂର୍ବରୁ ମେ' ସମସ୍ତ ଏମ୍‌ପିଙ୍କ ସମର୍ଥନ ଲୋଡିଥିଲେ ଏବଂ ଆଗାମୀ ୨୦୨୨ ନିର୍ବାଚନରେ ସେ ଦଳର ନେତୃତ୍ୱ ନେବେ ନାହିଁ ବୋଲି କହିଥିଲେ। ତେବେ ବ୍ରେକ୍‌ଜିଟ ଚୁକ୍ତିନାମା କାର୍ଯ୍ୟକାରିତା ପର୍ଯ୍ୟନ୍ତ ସେ କ୍ଷମତାରେ ରହିବାକୁ ଚାହାନ୍ତି। ଦଳରେ ତାଙ୍କ ନେତୃତ୍ୱକୁ ବିରୋଧ କରି ୪୮ ଜଣ କଞ୍ଜରଭେଟିଭ ଏମ୍‌ପି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଯଦିଓ ଅଧିକାଂଶ ଏମ୍‌ପି ପ୍ରଧାନମନ୍ତ୍ରୀଙ୍କୁ ସମର୍ଥନ ଦେବେ ବୋଲି ଖୋଲାଖୋଲି କହୁଛନ୍ତି, ତେବେ ଏହା ଗୁପ୍ତ ଭୋଟ ହୋଇଥିବାରୁ ସେମାନେ ସପକ୍ଷରେ ଦେବେ କି ନାହିଁ ତାହା କହି ହେଉନାହିଁ। ଯଦି ମେ' ଆସ୍ଥା ହରାନ୍ତି, ତେବେ କିଏ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଗଲାଣି।

## ମିଜୋରାମର ୩୬ ବିଧାୟକ କୋଟିପତି

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ମିଜୋରାମର ନବନିର୍ବାଚିତ ୪୦ ବିଧାୟକଙ୍କ ମଧ୍ୟରୁ ୩୬ ଜଣ କୋଟିପତି। ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୪.୮୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି। ୨୦୧୩ରେ ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୩.୧୦ କୋଟି ଟଙ୍କା ଥିଲା। ନୂଆ ବିଧାନସଭାରେ ଜଣେ ହେଲେ ବିଧାୟିକା ନାହାନ୍ତି।

ADR
Association for Democratic Reforms

ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମସ୍(ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ମିଜୋ ନ୍ୟାଶନାଲ୍ ଫ୍ରଣ୍ଟର ୨୬ ବିଧାୟକଙ୍କ ମଧ୍ୟରୁ ସର୍ବାଧିକ ୨୨ ଜଣ କୋଟିପତି ଥିବାବେଳେ କଂଗ୍ରେସରୁ ୫ ଜଣ, ୮ ସ୍ୱାଧୀନ ଏବଂ ଜଣେ ଭାଜପା ବିଧାୟକ କୋଟିପତି। ଏମାନେ ସମସ୍ତେ ନିଜର ସମ୍ପତ୍ତି ପରିମାଣ ୧ କୋଟି ଟଙ୍କାରୁ ଅଧିକ ବୋଲି ଘୋଷଣା କରିଛନ୍ତି। ୯ ବିଧାୟକ ସେମାନଙ୍କ ସମ୍ପତ୍ତି ୫ କୋଟିରୁ ଅଧିକ ଦର୍ଶାଇଥିବା ବେଳେ ୨ ଜଣ ସେମାନଙ୍କ ସମ୍ପତ୍ତି ୧୦ରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ବୋଲି ଦର୍ଶାଇଛନ୍ତି। ଏଡିଆର୍ ରିପୋର୍ଟ ଅନୁଯାୟୀ ୨୬ ଏମ୍‌ଏନ୍‌ଏଫ ବିଧାୟକଙ୍କ ହାରାହାରି ସମ୍ପତ୍ତି ପରିମାଣ ୪.୯୭ କୋଟି ହୋଇଥିବାବେଳେ ୫ କଂଗ୍ରେସ ବିଧାୟକଙ୍କ ହାରାହାରି ସମ୍ପତ୍ତି ୫.୧୩ କୋଟି ଏବଂ ୮ ସ୍ୱାଧୀନ ବିଧାୟକଙ୍କ ହାରାହାରି ସମ୍ପତ୍ତି ୪.୩୯ କୋଟି ଏବଂ ଏକମାତ୍ର ବିଜେପି ବିଧାୟକଙ୍କ ସମ୍ପତ୍ତି ୩.୩୧ କୋଟି ଟଙ୍କା। ଏମ୍‌ଏନ୍‌ଏଫର ଦୁଇ ଜଣ ବିଧାୟକଙ୍କ ନାଁରେ ମାମଲା ରହିଥିବା ସେମାନେ ଘୋଷଣାନାମାରେ ଦର୍ଶାଇଛନ୍ତି। ୧୦ ବିଧାୟକଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ହୋଇଥିଲାବେଳେ ୨୯ ବିଧାୟକ ସ୍ନାତକ କିମ୍ବା ସ୍ନାତକୋତ୍ତର ଶିକ୍ଷାଲାଭ କରିଛନ୍ତି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ବନ୍ଧୁ ତିର୍କୀଙ୍କୁ ସିବିଆଇ ଟିମ୍ ବୁଧବାର ଗିରଫ କରିଛି। ତାଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହଜାର କରାଯିବା ପରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ୨୦୦୬ରୁ ୨୦୦୮ ମଧ୍ୟରେ ମଧୁ କୋଡା ସରକାରରେ ସେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଥିଲେ।






# ହାତୀ ଆକ୍ରମଣରେ ଜଣେ ମୃତ

**ଲହୁଣୀପଡ଼ା, ୧୨।୧୨ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡରେ ହାତୀ ଉପଦ୍ରବ ଜାରି ରହିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଲୁସା ଓରାମ (୫୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବଣାଇଁ ଉପଖଣ୍ଡ ତାମଡ଼ା ରେଞ୍ଜ ଅନ୍ତର୍ଗତ ସଲଡ଼େଗା ଗ୍ରାମରେ। ଲୁସା ରାତିରେ ଶୋଇଥିବାବେଳେ ହାତୀ ଆସି ତାଙ୍କ ଘର କାନ୍ଥଭାଙ୍ଗି ଭିତରେ ପଶିଥିଲା। ଲୁସା ଓରାମଙ୍କୁ ଶୁଣ୍ଢରେ ଟାଣିଆଣି କଚାଡ଼ି ମାରିଦେଇଥିଲା। ବୁଧବାର ସକାଳେ ବନବିଭାଗ କର୍ମଚାରୀ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଦେଇଥିଲେ। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

# ୧୦ ସହରରେ ଆରମ୍ଭ ହେବ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର ଯୋଜନା

**କଟକ ଅଫିସ,୧୨।୧୨:** ଭୁବନେଶ୍ୱର ଓ କଟକରେ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର ବ୍ୟବସ୍ଥାର ସଫଳତା ପରେ ଖୁବ୍‌ଶୀଘ୍ର ରାଜ୍ୟର ଅନ୍ୟ ୧୦ଟି ସହରରେ ଏହି ଯୋଜନା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ପୂର୍ବରୁ ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ସହରରେ ଏହି ଯୋଜନା ଲାଗୁ କରାଯିବ ବୋଲି ସ୍ଥିର ହୋଇଥିବାବେଳେ ଏଥିରେ ନୂତନ ଭାବେ ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ପୁରୀ, କେନ୍ଦୁଝର ଏବଂ ଖୋର୍ଦ୍ଧା ସହରକୁ ଅନ୍ତର୍ଭୁକ୍ତ କରାଯାଇଛି। ଗୃହ ବିଭାଗ ପକ୍ଷରୁ ସ୍ୱୀକୃତି ମିଳିଥିବାବେଳେ ସମ୍ପୃକ୍ତ ଜିଲାର ଏସ୍‌ପିମାନଙ୍କୁ ଏନେଇ ସୂଚନା ଦିଆଯାଇଛି ବୋଲି ବୁଧବାର କ୍ରାଇମବ୍ରାଞ୍ଚର ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି।

ଉପାଧ୍ୟାୟ କହିଛନ୍ତି ଯେ, ସଡକ ଦୁର୍ଘଟଣା ରୋକିବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ କାର୍ଯ୍ୟ କରୁଥିବା ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପୋଷାକ ଦିଆଯାଉଥିବାବେଳେ ଏବେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପକ୍ଷରେ କମିଶନରେଟ ପୋଲିସରେ ଚଳିତମାସରୁ ଆରମ୍ଭ ହୋଇଥିବା ଇ-ଚାଲାଣ ବ୍ୟବସ୍ଥା ରାଜ୍ୟର ସମସ୍ତ ସହରରେ ଆରମ୍ଭ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଓଡିଶା ପୋଲିସ ପକ୍ଷରୁ ପରିବହନ ବିଭାଗକୁ ଅବଗତ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ୫୦ଟି ଇ-ଚାଲାଣ ମେଶିନ ଦେବାକୁ କୁହାଯାଇଛି। ସେହିପରି ନିଶା ସେବନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରିବା ପାଇଁ ପରିବହନ ବିଭାଗକୁ ୧୦୦ଟି ବ୍ରେଥାଲାଇଜର ଯୋଗାଇ ଦେବାକୁ କୁହାଯାଇଛି। ଦ୍ରୁତ ଗାଡି ଚାଳନା ଯୋଗୁ ସଡକ ଦୁର୍ଘଟଣାରେ ଅଧିକାଂଶ ଚାଳକଙ୍କ ମୃତ୍ୟୁ ଘଟୁଥିବାରୁ ଏହାକୁ ରୋକିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଦୁର୍ଘଟଣା ପ୍ରବଣ ଜାତୀୟ ରାଜପଥକୁ ଚିହ୍ନଟ କରି ସେଠାରେ ସ୍ପିଡ୍ ଡିଟେକ୍ଟର କ୍ୟାମେରା ଲଗାଇବାକୁ ଯୋଜନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧାରୁ ଚଣ୍ଡିଖୋଲ ମଧ୍ୟରେ ଏହି କ୍ୟାମେରା ଲଗାଯିବ ଓ ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ ବୋଲି ଏଡିଜି ଉପାଧ୍ୟାୟ କହିଛନ୍ତି।

## ମହାନଦୀ ପାଣି କମ୍ପାନୀକୁ ଦେବା ମାମଲା

# ସରକାରଙ୍କ ସତ୍ୟପାଠରୁ ବାହାରିଲା ସତ

**କଟକ ଅଫିସ, ୧୨।୧୨**

ମହାନଦୀ ପାଣିକୁ କମ୍ପାନୀଗୁଡ଼ିକ ହାତକୁ ଟେକି ଦିଆଯାଇଛି। ପାନୀୟ ଜଳ କିମ୍ବା କୃଷି କାର୍ଯ୍ୟରେ ଏହାକୁ ବିନିଯୋଗ କରା ନ ଯାଇ ଶିଳ୍ପାନୁଷ୍ଠାନକୁ ଦିଆଯିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏଥିରେ ସରକାରଙ୍କ ପକ୍ଷରୁ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି ସେଥିରୁ ଅନେକ ସତ୍ୟ ଏବେ ସାମ୍ନାକୁ ଆସିଛି। ଉକ୍ତ ସତ୍ୟପାଠରେ ଓଡ଼ିଶା ଜଳ ଆବଣ୍ଟନ ନୀତି-୨୦୦୭କୁ କାର୍ଯ୍ୟକାରୀ କରାଯାଇ ନ ଥିବା ସରକାର ସ୍ୱୀକାର କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣିବେଳେ ରାଜ୍ୟ ଜଳସମ୍ପଦ ବିଭାଗର କଟକ ପୂର୍ବାଞ୍ଚଳ-୧ ଅଧୀକ୍ଷଣ ଯନ୍ତ୍ରୀ ବାଲେଶ୍ୱରନାଥ ସାହୁଙ୍କ ଦ୍ୱାରା ଦାଖଲ ୧୫ ପୃଷ୍ଠା ବିଶିଷ୍ଟ ସତ୍ୟପାଠର ପାରା-୧୦ରେ ଏହା ଉଲ୍ଲେଖ ରହିଛି।

କେନ୍ଦ୍ରୀୟ ସଂଶୋଧିତ ଜଳ ଆବଣ୍ଟନ ନୀତି-୨୦୧୨ ଆଧାରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୟନ ହୋଇଥିବା ଓଡ଼ିଶା ଜଳ ଆବଣ୍ଟନ ନୀତି-୨୦୦୭ ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇ ନାହିଁ। ବିଭାଗୀୟ ପତ୍ର ସଂଖ୍ୟା ୨୪୫୬୮ (୧୯୯୩ ସେପ୍ଟେମ୍ବର ୧୩ ତାରିଖ)କୁ ଆଧାରକରି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୦ଟି ବିଭାଗକୁ ନେଇ ଗଠିତ କମିଟିର ନିଷ୍ପତ୍ତିକ୍ରମେ ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ପ୍ରତିବର୍ଷ ହ୍ରାସ ଘଟୁଛି। ଜିନ୍ଦଲ, ବେଦାନ୍ତ, ଷ୍ଟେରଲାଇଟ୍, ଆରତି ଷ୍ଟିଲ ଭଳି ଶିଳ୍ପସଂସ୍ଥାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ମହାନଦୀ ଜଳ ଯୋଗାଇ ଦେବା ଯୋଗୁ ପ୍ରତ୍ୟେକ କେନାଲରେ ଜଳପ୍ରବାହ ବନ୍ଦ ହୋଇଯିବା ଅଭିଯୋଗକୁ ସତ୍ୟପାଠରେ ଏଡ଼ାଇ ଦିଆଯାଇଛି। ସେହିପରି ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ୧୪୫ଟି ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଇ ଦିଆଯାଉଛି

### କାର୍ଯ୍ୟକାରୀ ହୋଇନି ଓଡ଼ିଶା ଜଳ ଆବଣ୍ଟନ ନୀତି

ସେଥିମଧ୍ୟରୁ ୧୦ଟି ସ୍ପଞ୍ଜ ଆଇରନ ୟୁନିଟ୍ ବେଆଇନ ରହିଛି। ଏ ନେଇ ୨୦୧୦ ଜୁଲାଇ ୧୯ ବିଧାନସଭା ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପ୍ରଶ୍ନ ଉପରେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ ମଧ୍ୟ କାହିଁକି ପଦକ୍ଷେପ ନିଆଯାଉ ନାହିଁ ବୋଲି ହୋଇଥିବା ଅଭିଯୋଗକୁ କିନ୍ତୁ ସତ୍ୟପାଠରେ ଅଗ୍ରାହ୍ୟ କରାଯାଇ ନାହିଁ।

ସୂଚନାଥାଉକି, ଜଗତ୍‌ସିଂହପୁର ଅଞ୍ଚଳର ସାମାଜିକ କର୍ମୀ ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନର ଅନ୍ୟତମ ସଦସ୍ୟ ଗୌରାଙ୍ଗ ଚରଣ ହୋତାଙ୍କ ପକ୍ଷରୁ ୨୦୧୧ରେ ମହାନଦୀ ଜଳ ଶିଳ୍ପାନୁଷ୍ଠାନକୁ ଦେବାକୁ ନେଇ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ହୋତାଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି। ମୁଖ୍ୟତଃ ବେଆଇନ ଭାବେ ମହାନଦୀ ପାଣିକୁ ଶିଳ୍ପାନୁଷ୍ଠାନକୁ ଦିଆଯିବା ଯୋଗୁ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନରେ ବାଧକ ହେଉଛି। କଟକ ସହରବାସୀଙ୍କ ପାଇଁ ପାନୀୟଜଳ ସମସ୍ୟା ଉତ୍କଟ ହେଉଥିବା ପିଟିଶନରେ ଉଲ୍ଲେଖ ରହିଛି। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ୨୦୧୧ ଜୁଲାଇ ୨୬ରେ ଜବାବ ଦାଖଲ ଲାଗି ସରକାରଙ୍କୁ ନୋଟିସ ଜାରି କରିଥିଲେ। ମାମଲାର ଦୁଇ ପ୍ରତିପକ୍ଷ ରାଜ୍ୟ ଜଳ ସମ୍ପଦ ସଚିବ ଏବଂ ରାଜ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ଜବାବ ଦାଖଲ ନ ହେବାରୁ ହାଇକୋର୍ଟ ଗତ ମାସ ୨୬ରେ ସତ୍ୟପାଠ ଦାଖଲ କର ନଚେତ ବିଭାଗୀୟ ସଚିବ ବ୍ୟକ୍ତିଗତ ହାଜର ହେବେ ବୋଲି ଆଦେଶ ଦେଇଥିଲେ। ଗତ ସୋମବାର ଶୁଣାଣିବେଳେ ପ୍ରଥମେ ସତ୍ୟପାଠ ଦାଖଲ ସହ ଉକ୍ତଦିନ ଅପରାହ୍ନ ୨ଟାରେ ସଚିବଙ୍କୁ ହାଜିରା ଲାଗି ନିର୍ଦ୍ଦେଶ ହୋଇଥିଲା। ଶେଷରେ ସଚିବ ପ୍ରଦୀପ ଜେନା ଖଣ୍ଡପୀଠରେ ଉପସ୍ଥିତ ହେବାକୁ ବାଧ ହୋଇଥିଲେ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨



DSPL-286

ଓଡ଼ିଶା ସରକାର

ODISHA HOCKEY MEN'S WORLD CUP BHUBANESWAR 2018

ODISHA ONE



ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ

ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ।

୧୩ ଡ଼ିସେମ୍ବର ୨୦୧୮, ଗୁରୁବାର

**ଶୁଭ ଉଦ୍‌ଘାଟନ**

ପୂର୍ବାହ୍ନ ୧୦.୦୦ : ୨ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତାଡମା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ

ପୂର୍ବାହ୍ନ ୧୦.୩୦ : ବିଜୁ ସେତୁ ଯୋଜନାରେ ୪ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତ ରାସ୍ତା – ହଲୁଆ ରାସ୍ତାର ଝଞ୍ଜାବତୀ ନଦୀ ଉପରେ ନିର୍ମିତ ହାଇଲେଭଲ୍ ସେତୁ

ମଧ୍ୟାହ୍ନ ୧.୪୫ : ୧ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ଅପରାହ୍ନ ୨.୩୦ : ୬୭ ଲକ୍ଷ ୪୯ ହଜାର ଟଙ୍କା ବ୍ୟୟରେ ନବ ନିର୍ମିତ ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟ

ଅପରାହ୍ନ ୪.୩୦ : ବିଜୁ ସେତୁ ଯୋଜନାରେ ୭ କୋଟି ଟଙ୍କା ବ୍ୟୟରେ ଖଇରା–ଝୁମ୍ପାପୁର–ଫୁଲପୁଟି ରାସ୍ତାରେ ସାନ ନଈ ଉପରେ ନିର୍ମିତ ହାଇଲେଭଲ୍ ସେତୁ

ସନ୍ଧ୍ୟା ୫.୩୦ : ଗୁଣୁପୁରଠାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ମିନି ଷ୍ଟାଡ଼ିୟମ

**ଭିତ୍ତିପ୍ରସ୍ତର ସ୍ଥାପନ**

ପୂର୍ବାହ୍ନ ୧୧.୩୦ : ବିଜୁ ସେତୁ ଯୋଜନାରେ ୧୧ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହାଟଶେଷଖାଲ୍–ଖଲିମିସିଗୁଡ଼ା ରାସ୍ତାରେ ନାଗାବଳୀ ନଦୀ ଉପରେ ହାଇଲେଭଲ୍ ସେତୁ ନିର୍ମାଣ ।



ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ଗ୍ରାମ୍ୟ ଉନ୍ନୟନ ବିଭାଗ

25001/13/0003/1819



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପର୍ବତାରୋହୀ ଅରୁଣିମା ସିହ୍ନାଙ୍କୁ ଜାତୀୟ ପତାକା ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏଭରେଷ୍ଟ ଆରୋହଣ କରିବାରେ ଅରୁଣିମା ପ୍ରଥମ ଦିବ୍ୟାଙ୍ଗ ମହିଳା। ସେ ଏବେ ଆଣ୍ଟାର୍କଟିକାର ମାଉଣ୍ଟ ଭିନ୍‌ସନ ଆରୋହଣରେ ବାହାରିଛନ୍ତି।

# ସଂସ୍କୃତି ବିଭାଗ-ଓଏଫ୍‌ଡିସି ଟଣାଓଟରା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

**ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**
- ୬ ମାସ ହେବ ଶେଷ ହେଲାଣି ଆବେଦନ
- ଗଠନ ହୋଇପାରୁନି ଚୟନ କମିଟି

ଡିସେମ୍ବର ପ୍ରାୟ ଅଧା ହେଲାଣି, କିନ୍ତୁ ହୋଇପାରିଲାନି ୨୦୧୭ର ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ପ୍ରଦାନ ଉତ୍ସବ। ଉତ୍ସବ ତ ଦୂରର କଥା, ଚଳଚ୍ଚିତ୍ର ଚୟନ ପାଇଁ କମିଟି ମଧ୍ୟ ଗଠନ ହୋଇପାରିନାହିଁ। ପ୍ରତିବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପୁରସ୍କାର ଉତ୍ସବ ଆୟୋଜନ କରୁଥିବା ବେଳେ ଏଥର ଉତ୍ସବ କିଏ କରିବ, ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଏଥର ଫିଲ୍ମ ଓ ଟେଲି ପୁରସ୍କାର ଉତ୍ସବ ଆୟୋଜନ କରିବା ନେଇ ଚର୍ଚ୍ଚା ଚାଲିଛି। କିଛିବର୍ଷ ହେବ ନଭେମ୍ବର କିମ୍ବା ଡିସେମ୍ବରରେ ଏହି ଉତ୍ସବ ଆୟୋଜନ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ୬ମାସ ତଳୁ ପ୍ରଯୋଜକମାନେ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ପାଇଁ ଆବେଦନ କରିଛନ୍ତି। ହେଲେ ଏବେ ଯେଉଁଭଳି ସ୍ଥିତି ରହିଛି, ଆସନ୍ତାବର୍ଷକୁ ଦୁଇବର୍ଷର ପୁରସ୍କାର ଦିଆଯିବ ବୋଲି କୁହାଯାଉଛି।

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ ଯୋଜନା ସହ ଚଳଚ୍ଚିତ୍ର ନୀତି ଆଣିବାକୁ ସ୍ଥିର କରିଛନ୍ତି। ଗତ ନଭେମ୍ବର ୧୧ରୁ ୧୫ ତାରିଖ ମଧ୍ୟରେ ହୋଇଥିବା 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ଏଥିପାଇଁ ସ୍ୱତନ୍ତ୍ର ଅଧିବେଶନ କରାଯାଇ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ମାନସମନ୍ଥନ କରାଯାଇଥିଲା। କିନ୍ତୁ ବାସ୍ତବରେ ଚଳଚ୍ଚିତ୍ର ଶିଳ୍ପ କାହା ଅଧୀନରେ ରହିବ, ତାହାକୁ ନେଇ ଟଣାଓଟରା ଚାଲିଥିବା ବେଳେ ଏଥିରେ ଫସିଯାଇଛି ବାର୍ଷିକ ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର। ୧୯୬୮ରୁ ସଂସ୍କୃତି ବିଭାଗ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାର ପ୍ରଦାନ କରିଆସୁଛି। ଏହାବ୍ୟତୀତ ୨୦୧୧ରୁ ରାଜ୍ୟ ଟେଲି ପୁରସ୍କାର ଉତ୍ସବ ମଧ୍ୟ ଆୟୋଜନ କରୁଛି। ହେଲେ ଚଳତବର୍ଷ ଏହି ପୁରସ୍କାର ଉତ୍ସବ ଆୟୋଜନ କରିବାକୁ ଅଣ୍ଟାଭିଡ଼ିଛି ଓଏଫ୍‌ଡିସି। ଓଏଫ୍‌ଡିସି ପକ୍ଷରୁ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଚିଠି ମଧ୍ୟ ଲେଖାଯାଇଛି। କିନ୍ତୁ ଏ ଯାଏ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ କୌଣସି ସ୍ପଷ୍ଟୋକ୍ତି ଆସି ନ ଥିବାରୁ ପୁରସ୍କାର ଉତ୍ସବ ଆୟୋଜନ ନେଇ ନିଷ୍ପତ୍ତି ହୋଇପାରୁନାହିଁ।

## ଓଏଫ୍‌ଡିସିକୁ ବିରୋଧ

ଫିଲ୍ମ ଇଣ୍ଡଷ୍ଟ୍ରି ଶିଳ୍ପ ବିଭାଗ ଅଧୀନରେ ରହୁଥିବାରୁ ଗତ କିଛିବର୍ଷ ହେବ ଚଳଚ୍ଚିତ୍ର ପୁରସ୍କାର ଓଏଫ୍‌ଡିସି ପ୍ରଦାନ କରିବାକୁ ଦାବି ହେଉଛି। ସଂସ୍କୃତି ବିଭାଗ ଜୁରୀ କମିଟି ଚୟନରେ ଅନିୟମିତତା ଏବଂ ପୁରସ୍କାର ପ୍ରଦାନରେ ପାତରଅନ୍ତର କରୁଥିବା ଗତ ଦୁଇବର୍ଷ ହେବ ଅଭିଯୋଗ ହେଉଥିବାରୁ ଓଏଫ୍‌ଡିସି ସପକ୍ଷରେ ଅନେକ ଯୁକ୍ତି ବାଢ଼ିଛନ୍ତି। ହେଲେ ନିୟମ ମୁତାବକ ଫିଲ୍ମର ପ୍ରମୋଶନ ଦାୟିତ୍ୱ ଶିଳ୍ପ ବିଭାଗର ହୋଇଥିବାବେଳେ ପ୍ରୋତ୍ସାହନ ଦାୟିତ୍ୱ ସଂସ୍କୃତି ବିଭାଗର ବୋଲି ଦାବି କରିଛି ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ। ଓଏଫ୍‌ଡିସି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଫିଲ୍ମ ସହ ଜଡ଼ିତ ରହୁଥିବାରୁ ସେମାନେ କିଭଳି ପୁରସ୍କାର ଦେବେ ବୋଲି ଯୁକ୍ତି ବାଢ଼ିଛି ଆସୋସିଏଶନ। ପ୍ରଯୋଜକ ଓ ନିର୍ମାତାଙ୍କ ସହ ନିଗମର ସିଧାସଳଖ ସମ୍ପର୍କ ରହୁଥିବାରୁ ପୁରସ୍କାର ପ୍ରୋତ୍ସାହନ କେବେ ଶିଳ୍ପ ବିଭାଗ ଦେଇପାରିବନାହିଁ ବୋଲି କୁହାଯାଇଛି। ସିନେକ୍ରିଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ହାଲି କହିଛନ୍ତି, ଓଏଫ୍‌ଡିସି ଚଳଚ୍ଚିତ୍ର ପୁରସ୍କାର ଦେବା ଏକ ଅବାସ୍ତବ ପରିକଳ୍ପନା। ଓଏଫ୍‌ଡିସି ନିଜ ପ୍ରସଙ୍ଗରୁ ଓହରିଯିବା ଉଚିତ। ଚଳଚ୍ଚିତ୍ର ଚୟନ ପ୍ରକ୍ରିୟାରେ ଗତ ଦୁଇବର୍ଷ ହେବ ଯେଉଁ ଅନିୟମିତତା ହେଉଛି, ସଂସ୍କୃତି ବିଭାଗ ଠିକ୍ ମାର୍ଗରେ ଗଲେ କୌଣସି ସମସ୍ୟା ହେବନି।

ଏ ସମ୍ପର୍କରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କୁହନ୍ତି, ଆମେ ବିଚାରବିମର୍ଶ କରୁଛୁ। ପୁରସ୍କାର ଉତ୍ସବ କେବେ ହେବ, ସେ ନେଇ ନିର୍ଦ୍ଦିଷ୍ଟ ଭାବେ କୌଣସି ନିଷ୍ପତ୍ତି ହୋଇନି। ତଥାପି ନିକଟ ଭବିଷ୍ୟତରେ ହେବ ବୋଲି ସେ କହିଛନ୍ତି। ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଉତ୍ତର ଆସିନି। ମୁଁ ବ୍ୟକ୍ତିଗତ ଭାବେ ଯାଇ କଥା ହେବି। ବେଳେବେଳେ ଉତ୍ସବ ଆୟୋଜନରେ ଏଭଳି ବିଳମ୍ବ ହୁଏ। ଚଳିତବର୍ଷ ସଂସ୍କୃତି ବିଭାଗ ଆୟୋଜନ କରିବାରେ ଆମର କୌଣସି ଆପତ୍ତି ନାହିଁ।

# କଂଗ୍ରେସ କ୍ଷମତାକୁ ଆସିଲେ କୃଷିଋଣ ଛାଡ଼



ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ ନାୟକ, ନିରଞ୍ଜନ ପଟ୍ଟନାୟକ ଓ ବିରୋଧୀ ଦଳ ନେତା ନରସିଂହ ମିଶ୍ର।

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

- ଉତ୍ସାହିତ ହୋଇ କଂଗ୍ରେସ ଏମିତି କହୁଛି: ବିଜେଡି
- କୃଷ୍ଣ ଓ ଶ୍ରୀକାନ୍ତଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତୁ: ଭାଜପା
- ପୁରୁଣା ରୋଗ ଛାଡ଼ିବାକୁ ଔଷଧ ଖାଉଛୁ: ନିରଞ୍ଜନ

ଆଗାମୀ ଦିନରେ କଂଗ୍ରେସ ଚାଷୀ ଓ ଯୁବକମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବ। ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନରେ କଂଗ୍ରେସ ସରକାର କରିବାକୁ ଯାଉଛି। ଏହି ୩ ରାଜ୍ୟରେ କଂଗ୍ରେସ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ସଫଳତା ପାଇଛି। ତେଣୁ ଓଡ଼ିଶା ନେତାମାନେ ଚାଷୀ ସମସ୍ୟାକୁ ଅଗ୍ରାଧିକାର ଦେବା ଆରମ୍ଭ କରିଛନ୍ତି। ଏଠି କଂଗ୍ରେସ ସରକାରକୁ ଆସିଲେ କୃଷିଋଣ ଛାଡ଼ କରିବ, ବାର୍ଦ୍ଧକ୍ୟ ଭତ୍ତା ୩ଶହ ଟଙ୍କାରୁ ୧ହଜାର ଟଙ୍କାକୁ ବଢ଼ିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଢେ ୪ବର୍ଷ ତଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପାଳନ କଲେନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେବଳ ବିଜ୍ଞାପନ ଜରିଆରେ ପ୍ରତିଶ୍ରୁତି ଦେଇ ରହିଯାଇଛନ୍ତି, ତାକୁ ପାଳନ କରି ନାହାନ୍ତି। ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭାଜପା ଅବସ୍ଥା ହେବା ଭଳି ଏଠାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବ। ଚାଷୀ ଓ ଚାଷର ସମସ୍ୟାକୁ ନେଇ ସମ୍ବେଦନହୀନ ସରକାର ଆଗାମୀ ନିର୍ବାଚନରେ ପରାଜୟର ସ୍ୱାଦ ଚାଖିବା ନିଶ୍ଚିତ। ଓଡିଶାରେ ଚାଷୀ ସମସ୍ୟା କିଛି କମ୍ ନୁହେଁ ବୋଲି ନିରଞ୍ଜନ କହିଛନ୍ତି।

କଂଗ୍ରେସ ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି, ରାହୁଲ ଗାନ୍ଧୀ କଂଗ୍ରେସ ପାର୍ଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାର ବର୍ଷେ ପୂରିଛି। ୫ ରାଜ୍ୟର ନିର୍ବାଚନ ଫଳାଫଳ ଆସିଛି। ସେହିସବୁ ରାଜ୍ୟରେ ଫଳାଫଳ ଭଲ ହୋଇଛି। ଏଥିରୁ ସ୍ପଷ୍ଟ ହୋଇଛି, ଯେଉଁସବୁ ରାଜ୍ୟରେ କଂଗ୍ରେସ ସଙ୍ଗଠିତ ହୋଇଛି ସେଠାରେ ଦଳର ଶୃଙ୍ଖଳାକୁ ଲୋକେ ସମର୍ଥନ କରିଛନ୍ତି। ଓଡିଶାରେ ମଧ୍ୟ ଆମେ ଶୃଙ୍ଖଳିତ ଓ ସଙ୍ଗଠିତ ଅଛୁ। ପୁରୁଣା ରୋଗ ଛାଡିବା ପାଇଁ ଔଷଧ ଖାଉଛୁ ବୋଲି ନିରଞ୍ଜନ କହିଛନ୍ତି। ଓଡିଶାରେ ଚାଷୀ ସମସ୍ୟା ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ସ୍ୱାମୀନାଥନ କମିଟି ରିପୋର୍ଟକୁ ଗ୍ରହଣ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ କଂଗ୍ରେସ ସରକାର ଗଢ଼ିଲେ କୃଷି ଋଣ ଛାଡ କରିବ। ପୂର୍ବରୁ ମଧ୍ୟ କେନ୍ଦ୍ରରେ ସରକାର ଥିବାବେଳେ କୃଷିଋଣ ଛାଡ କରାଯାଇଥିଲା। ଏଠାକାର ଚାଷୀମାନେ ଗୁରୁତର ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ବାରମ୍ବାର ଚାଷୀ ଆତ୍ମହତ୍ୟା ଭଳି ଘଟଣା ଘଟୁଛି। ରାଜ୍ୟରେ ସରକାର ଏପରି ଅବସ୍ଥା ସୃଷ୍ଟି କରୁଛନ୍ତି ଯେ, ନିଜ ଦୁଃଖ ଜଣାଇବା ପାଇଁ ରାଜଧାନୀ ଆସୁଥିବା ଚାଷୀଙ୍କୁ ବାଟରେ ପୋଲିସ ଲଗାଇ ରୋକି ଦିଆଯାଉଛି। କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ଚାଷୀଙ୍କୁ ସୌରଚାଳିତ ପମ୍ପସେଟ୍ ପ୍ରଦାନ କରାଯିବ। ସେମାନଙ୍କୁ ୫ବର୍ଷ ପାଇଁ ଲଗାତାର ଭାବେ ଆର୍ଥିକ ସହାୟତା ଦିଆଯିବ। ରାଜ୍ୟରେ କଂଗ୍ରେସ ଭାଜପା ସହିତ ନୁହେଁ, ସିଧାସଳଖ ବିଜେଡି ସହ ଲଢେଇ ହେବ ବୋଲି ନିରଞ୍ଜନ କହିଛନ୍ତି।

ନିରଞ୍ଜନଙ୍କ ମନ୍ତବ୍ୟ ଉପରେ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି , କଂଗ୍ରେସ ଉତ୍ସାହିତ ଅଛି, ଆମେ ଜାଣୁ। ହେଲେ ରାଜ୍ୟରେ ଚାଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବହୁ ଯୋଜନା କରିଛନ୍ତି। ଚାଷୀମାନଙ୍କ ସମସ୍ୟା ପ୍ରତି ସରକାର ସର୍ବଦା ସଚେତନ ଅଛନ୍ତି। ଚାଷୀଙ୍କ ସମସ୍ୟା ଯାହା ରହିଛି, ତାହା ଦୂର କରିବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ବୋଲି ସମୀର କହିଛନ୍ତି।

ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ଲୋକେ ସେମାନଙ୍କୁ ବିଶ୍ୱାସ କରିବେ ନାହିଁ। ରାଜ୍ୟବାସୀ ବିଜେଡିର ବିକଳ୍ପ ଭାବେ ଭାଜପାକୁ ଗ୍ରହଣ କରିଛନ୍ତି। କଂଗ୍ରେସ ପ୍ରଥମେ ନିଜ ଘର ସଜାଡୁ। କୃଷ୍ଣ ସଗରିଆ କେଉଁ କାରଣରୁ ବିଧାୟକ ପଦ ଛାଡିଲେ ନିରଞ୍ଜନ ବାବୁ ପ୍ରଥମେ ତା'ର ଉତ୍ତର ଦିଅନ୍ତୁ। କୃଷ୍ଣ ଓ ଶ୍ରୀକାନ୍ତ ଜେନା ଉଠାଇଥିବା ପ୍ରଶ୍ନ ତାଙ୍କ ଦଳର ଆଭ୍ୟନ୍ତରଣ ପ୍ରସଙ୍ଗ ହୋଇପାରେ, ହେଲେ ଏହା ରାଜ୍ୟ ସ୍ୱାର୍ଥ ସହ ଜଡିତ, ତେଣୁ ନିରଞ୍ଜନ ବାବୁ ଲୋକଙ୍କ ସାମ୍ନାରେ ଏହାର ଉତ୍ତର ରଖନ୍ତୁ ବୋଲି ସମୀର କହିଛନ୍ତି।

# ଏସ୍‌ଡିଜେଏମ୍ କୋର୍ଟରେ ସାକ୍ଷ୍ୟଗ୍ରହଣ ଆରମ୍ଭ

**ଟେଣ୍ଡର ଫିକ୍ସିଂ, ଦାଦାବଟି ମାମଲା**

**କଟକ ଅଫିସ, ୧୨।୧୨:** ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀଙ୍କ ଦ୍ୱାରା ଟେଣ୍ଡର ଫିକ୍ସିଂ ଓ ଦାଦାବଟି ମାମଲାରେ ଏସ୍‌ଡିଜେଏମ୍ କୋର୍ଟରେ ବୁଧବାରଠାରୁ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଛି। ଚାଉଳିଆଗଞ୍ଜ ଥାନାରେ ୨୦୧୬ ଏପ୍ରିଲ ୫ରେ ଏ ନେଇ ମାମଲା ରୁଜୁ ହୋଇଥିଲା। ସରୋଜ ଦେହୁରି ନାମକ ଠିକାଦାରଙ୍କୁ ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀ ଭାରତ ଭୂଷଣ ସ୍ୱାଇଁ, ଶିବ ଗୋଛି ଓ ଭଗବାନ ସାହୁ ପ୍ରମୁଖ ଯୋବ୍ରାସ୍ଥିତ ବ୍ୟାରେଜ ଡିଭିଜନ ଅଫିସରେ ଟେଣ୍ଡର ନ ପକାଇବା ପାଇଁ ଧମକ ଦେଇଥିଲେ। ଏପରିକି ଅଫିସ ଭିତରେ ଠିକାଦାର ଦେହୁରିଙ୍କୁ ବନ୍ଧୁକ ଦେଖାଇ ବିନା ବଟିରେ ଟେଣ୍ଡର ପଡ଼ିପାରିବ ନାହିଁ ବୋଲି ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେହୁରିଙ୍କୁ ଟେଣ୍ଡର ବାତିଲ କରିବା ପାଇଁ ଫୋନରେ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଠିକାଦାର ଦେହୁରି ଓ ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ ବାର୍ତ୍ତାଳାପ ରେକର୍ଡକୁ ପୋଲିସ ଜବତ କରିଥିଲା। ପୋଲିସ ପକ୍ଷରୁ ଏ ନେଇ ୨୯୪, ୩୮୭, ୫୦୬ ଆଇପିସି ଓ ଆର୍ମସ୍ ଆକ୍ଟ ୨୫/୨୭ ଅନୁଯାୟୀ ଚାର୍ଜଶିଟ ଦାଖଲ କରାଯାଇଥିଲା। ବୁଧବାର ଅଭିଯୋଗକାରୀ ସରୋଜ ଦେହୁରି କୋର୍ଟରେ ଉପସ୍ଥିତ ରହି ସାକ୍ଷ୍ୟପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଆଡଭୋକେଟ ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଛନ୍ତି।

# ବିଜେଡିରେ ସାମିଲ ହେଲେ ଏଏପି ନେତା, କର୍ମୀ



ମୁଖ୍ୟମନ୍ତ୍ରୀଙ୍କ ଗହଣରେ ବିଜେଡିରେ ସାମିଲ ହୋଇଥିବା ଏଏପି ନେତା ଓ କର୍ମୀମାନେ।

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ଆମ୍ ଆଦ୍‌ମୀ ପାର୍ଟି(ଏଏପି) ରାଜ୍ୟ ସାଧାରଣ ସମ୍ପାଦକ ନନ୍ଦଲାଲ ସିଂହ, ମୁଖପାତ୍ର ଭରଦ୍ୱାଜ ମିଶ୍ର, ଯୁବ ସଭାପତି ସୁବ୍ରତ ଛାଟୋଇ, ଛାତ୍ର ସଭାପତି ଜ୍ୟୋତି ରଞ୍ଜନ ମହାନ୍ତି ଏବଂ ବଲାଙ୍ଗୀର ଜିଲା ସଂଯୋଜକ ଅଜୟ ଦାସ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳୀୟ କାର୍ଯ୍ୟାଳୟରେ ସେମାନେ ସାମିଲ ହୋଇଛନ୍ତି। ଏମାନଙ୍କ ସହ ରାଜ୍ୟର ପ୍ରାୟ ୨୦୦ରୁ ଅଧିକ କର୍ମୀ ମଧ୍ୟ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଦଳୀୟ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୦୧୯ରେ ଲଗାତର ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପ୍ରାଥମିକତା ହେବ ବୋଲି ଭରଦ୍ୱାଜ ମିଶ୍ର କହିଛନ୍ତି।

# ଘରୁ ଟେକି ନେଇ ୪ ବର୍ଷର ଶିଶୁକନ୍ୟାକୁ ହତ୍ୟା

**ଲାଞ୍ଜିଗଡ଼, ୧୨।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ବନ୍ଧପାରି ପଞ୍ଚାୟତ ବାଲିସରା ଗାଁରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ହତ୍ୟା କରାଯାଇଛି । ଗାଁର ସାନ୍ଧୁ ମାଝିଙ୍କ ୪ବର୍ଷର ଝିଅ ଇନ୍ଦୁକୁ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଘରୁ ଉଠାଇ ନେଇ ଗାଁ ମୁଣ୍ଡ ରାସ୍ତା କଡ଼ରେ ହତ୍ୟା କରିଛନ୍ତି । ଏହି ଘଟଣାର ପୂର୍ବଦିନ ସାନ୍ଧୁଙ୍କ ବଡ଼ଶଳା ମାଟିଖିଲା ଗାଁର ଖିରସା ମାଝିଙ୍କ ସ୍ତ୍ରୀ ତିଳ ଆତ୍ମହତ୍ୟା କରିଥିଲେ। ଖବର ପାଇ ସାନ୍ଧୁ ଓ ସ୍ତ୍ରୀ ମାତି ତାଙ୍କ ଘରକୁ ଯାଇଥିଲେ। ସେଠାରେ ରାତି ହୋଇଯିବାରୁ ସେମାନେ ଫେରି ପାରି ନ ଥିଲେ । ଘରେ ସାନପୁଅ କୃଷ୍ଣ ଓ ୪ ବର୍ଷର ଝିଅ ଇନ୍ଦୁ ଥିଲେ । ସନ୍ଧ୍ୟା ସୁଦ୍ଧା ମା'ବାପା ନ ଫେରିବାରୁ ଭଉଣୀ ଭାଇ ଖାଇ ଶୋଇଯାଇଥିଲେ। ରାତିରେ କୃଷ୍ଣଙ୍କ ନିଦ ଭାଙ୍ଗି ଥିଲା, ହେଲେ ସେତେବେଳକୁ ପାଖରେ ଇନ୍ଦୁ ନ ଥିଲେ। ପଡ଼ିଶାଙ୍କ ସହ କୃଷ୍ଣ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଭଉଣୀକୁ ପାଇ ନ ଥିଲେ। ସକାଳୁ ଗାଁ ମୁଣ୍ଡ ରାସ୍ତା କଡ଼ରେ ଇନ୍ଦୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଖବର ମିଳିଥିଲା। ମା'ବାପା ଆସିବା ପରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

**ଜାନୁୟାରୀ-2019 ପାଇଁ ମୁଖ୍ୟାଳୟ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ ମଣ୍ଡଳ | ତାରିଖ |
|---|---|---|
| ଜାନୁୟାରୀ -2019 | ଡ଼ିପୋ ମଞ୍ଚେଶ୍ୱର | 09.01.2019 (ବୁଧବାର), 19.01.2019 (ଶନିବାର) & 29.01.2019 (ମଙ୍ଗଳବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 07.01.2019 (ସୋମବାର), 17.01.2019 (ଗୁରୁବାର) & 28.01.2019 (ସୋମବାର) |
| | ୱାଲ୍ଟିୟର ମଣ୍ଡଳ | 10.01.2019 (ଗୁରୁବାର), 22.01.2019 (ମଙ୍ଗଳବାର) & 31.01.2019 (ଗୁରୁବାର) |
| | ସମ୍ବଲପୁର ମଣ୍ଡଳ | 08.01.2019 (ମଙ୍ଗଳବାର), 18.01.2019 (ଶୁକ୍ରବାର) & 30.01.2019 (ବୁଧବାର ) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସଞ୍ଚାଳନ ସମ୍ପର୍କିତ ଅଧିକାରୀ କିମ୍ବା ନିଲାମ ତାରିଖର 07 (ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ହେବ।

PR-402/J/18-19 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**ଆଲ୍ଲାହାବାଦ ବ୍ୟାଙ୍କ**

ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର,
ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୮୦୪୪

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **"ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ କାନୁନ୍‌ଗୋ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇବେଟିସ୍ ସ୍ପେସିଆଲିଟିକ୍ ପ୍ରା. ଲିଃ.,** ପ୍ଲଟ୍ ନଂ.: ୧୧୨୦, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୧୯, **ପରିଚାଳନା ନିର୍ଦ୍ଦେଶକ: ଡଃ. ଆଲୋକ କାନୁନ୍‌ଗୋ, ନିର୍ଦ୍ଦେଶକ: ଶ୍ରୀମତୀ** ମମତା ତ୍ରିପାଠୀ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୦୨, ଆକ୍ରୁକ୍ସ ରାଧାଗୋବିନ୍ଦ ଏନ୍‌କ୍ଲେଭ, ଏନ୍-୪/୪୨, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ | ୨୮.୦୯.୨୦୧୮ ସୁଦ୍ଧା ଟ.୨,୪୨,୮୭,୮୩୮.୫୦ + ସେବାବଦ ସୁଧ | ୨୮.୦୯.୨୦୧୮ / ୦୭.୧୨.୨୦୧୮ | **ଡଃ. ଆଲୋକ କାନୁନ୍‌ଗୋଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧-ସି/୨୩, ସେକ୍ଟର ନଂ.: ୯, ସା/ପୋ.: ମର୍କତ ନଗର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଜମିର କ୍ଷେତ୍ର: ୨୪୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ୯ ମିଟର ଚଉଡା ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧-ସି/୨୪, ପୂର୍ବ: ପ୍ଲଟ୍ ନଂ.: ୧-ସି/୨୨, ପଶ୍ଚିମ: ୧୨ ମିଟର ଚଉଡା ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୨.୧୨.୨୦୧୮ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ





> ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। –ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ମ୍ୟାଗଟ୍ ସଂକ୍ରମଣ

ପିପୁଲ ଫର୍ ଆନିମଲ୍ସ, ମହୀଶୂର ଶାଖାର କର୍ମୀମାନେ ଏକ ଘୋଡ଼ା ଉଦ୍ଧାର କରିଥିଲେ, ଯାହାର ମୁଣ୍ଡକୁ ପରଜୀବୀ (ପାରାସାଇଟ୍)ମାନଙ୍କ ଦ୍ୱାରା ଅଧା ଖିଆଯାଇ ସାରିଥିଲା। ମୁଁ ତା'ର ପୂର୍ବ ଓ ପର ଅବସ୍ଥାର ଛବି ଏଥିରେ ପ୍ରଦାନ କରୁଛି। ଏହା ଏକ ସଫଳତାର କାହାଣୀ, ମାତ୍ର ଅନେକ ପ୍ରାଣୀଙ୍କ ଦେହରେ ପରଜୀବୀ ପୂରା ଭିତରକୁ ପ୍ରବେଶ କରିସାରିଥିବାରୁ ସେମାନଙ୍କ ବଞ୍ଚିବା ଅସମ୍ଭବ ହୋଇପଡୁଛି। ଏଭଳି ରୋଗ ସଂକ୍ରମଣ ହେଲେ ମଣିଷଙ୍କଠାରୁ ପ୍ରାଣୀମାନେ ବେଶି କଷ୍ଟ ପାଇଥାନ୍ତି, କାରଣ ସେମାନଙ୍କ ପାଖରେ କିଛି ବିକଳ୍ପ ନ ଥାଏ। ସେମାନଙ୍କର ଚିକିତ୍ସା କରିବା ପାଇଁ ଡାକ୍ତର ନ ଥାନ୍ତି। ରୋଗଗ୍ରସ୍ତ ହୋଇପଡ଼ିଲେ ଅଧିକାଂଶ ମାଲିକ ଏପରି ପ୍ରାଣୀମାନଙ୍କୁ ପରିତ୍ୟାଗ କରିଥାନ୍ତି।

ରାସ୍ତାରେ ବୁଲୁଥିବା ପରିତ୍ୟକ୍ତ ପ୍ରାଣୀମାନଙ୍କ ପାଇଁ ତିନୋଟି ମାରକ ରହିଛି– ଡିସ୍‌ଟେମ୍ପର (ଭୂତାଣୁଜନିତ ସଂକ୍ରାମକ ରୋଗ), ପାର୍ଭୋ (ପାର୍ଭୋଭାଇରସ୍ ଦ୍ୱାରା ହେଉଥିବା ରୋଗ) ଏବଂ ମ୍ୟାଗଟ୍ (ମାଛିଙ୍କ ଲାର୍ଭା ଯାହା ପଚନଶୀଳ ଜୈବିକ ବସ୍ତୁରେ ଦେଖିବାକୁ ମିଳେ)। ଆପଣ କେବେ କୁକୁର ପିଠିରେ ଗାତ ହୋଇଯାଇଥିବା, ଗାଈର ତଳିପେଟରେ ଗାତ ହୋଇଯାଇଥିବା ବା ଗଧର ବେକରେ ଚାଟି ଚାଟି ଘାଆ ହୋଇଯାଇଥିବା ଦେଖିଛନ୍ତି କି? ଏହା ସବୁ ମ୍ୟାଗଟ୍ ଯୋଗୁ ହୋଇଥାଏ। ଦିଲ୍ଲୀସ୍ଥିତ ମୋର ପ୍ରାଣୀ ଆଶ୍ରୟସ୍ଥଳରେ ଏପରି ଅନେକ ରୋଗଗ୍ରସ୍ତ ପ୍ରାଣୀ ଆଶ୍ରୟ ନେଇଛନ୍ତି। ଆମେ ପୋଷା ପ୍ରାଣୀମାନଙ୍କୁ ଏପରି ଅବସ୍ଥାରେ ପହଞ୍ଚିବା ପାଇଁ ଛାଡ଼ିଦେବା ଅତ୍ୟନ୍ତ ଦୁଃଖର ବିଷୟ। କଳ୍ପନା କରନ୍ତୁ ଆପଣଙ୍କ ନିଜ ଦେହରେ ଯଦି ଗୋଟିଏ ଛୋଟିଆ ଘାଆ ଉପରେ ମାଛିମାନେ ତାଙ୍କ ଲାର୍ଭା (ଶୂକ)କୁ ନେଇ ବସିବେ ଓ ଭିତରୁ ଭିତରୁ କଣା କରି ମାଂସ ଖାଇଚାଲିବେ ଏବଂ ଆପଣଙ୍କ ଦେହରୁ ପଚା ଗନ୍ଧ ବାହାରୁଥିବା ଯୋଗୁ ଲୋକମାନେ ଆପଣଙ୍କ ଉପରେ ଟେକାପଥର ପକାଇବେ, ଦୂର ଦୂର ମାର ମାର କରିବେ, ତେବେ ଅବସ୍ଥା କ'ଣ ହେବ?

ମୋ ଆଶ୍ରୟସ୍ଥଳକୁ ଅଣାଯାଇଥିବା ଏକ ଘୋଡ଼ାର ମୁଣ୍ଡରେ ମୁଠି ଆକାରର କଣା ହୋଇଯାଇଥିଲା ଏବଂ ତା' ମସ୍ତିଷ୍କ ବାହାରକୁ ଦେଖାଯାଉଥିଲା। ଆମେ ତାକୁ ଏକ ପରିତ୍ୟକ୍ତ କୋଠାରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲୁ। ମାଛିମାନେ ତା' କାନ ପାଖରେ ହୋଇଥିବା ଏକ ଘାଆରେ ଅଣ୍ଡା ଦେବା ପରେ ମ୍ୟାଗଟ୍‌ମାନେ ତାକୁ ଖାଇଚାଲିଲେ। ଆମେ ତାକୁ ଉଦ୍ଧାର କରି ଦିଲ୍ଲୀସ୍ଥିତ ଆଶ୍ରୟଗୃହକୁ ଆଣିଲୁ ଓ ତା'ର ନାଁ ଦେଲୁ ବାଳି। ସେଠାରେ ତାକୁ ଭଲ କରିବା ପାଇଁ ତିନିମାସ ଲାଗିଲା।

ବୁଲା ପଶୁଙ୍କଠାରେ ଏ ମାଛି ଓ ମ୍ୟାଗଟ୍‌ଜନିତ ରୋଗ ଅତି ସାଧାରଣ କଥା। ତେବେ ମାଛିମାନେ ପ୍ରାଣୀଙ୍କ ଦେହରେ କାହିଁକି ଅଣ୍ଡା ଦିଅନ୍ତି ଓ ତା'ପରେ କ'ଣ ହୁଏ? ପ୍ରାଣୀଙ୍କ ଦେହରେ ଯଦି କୌଣସି ଖୋଲା ଘାଆ ଥାଏ, ସେ ଘାଆର ଯଦି କୌଣସି ଚିକିତ୍ସା କରା ନ ଯାଏ, ତେବେ ତା' ପ୍ରତି ମାଛିମାନେ ଆକର୍ଷିତ ହୁଅନ୍ତି। କେବଳ କୁକୁର ନୁହେଁ, ବିରାଡ଼ି, ଗୋରୁ, ଘୋଡ଼ା, ମେଣ୍ଢା ଓ ଛେଳିମାନଙ୍କ କ୍ଷେତ୍ରରେ ଏପରି ହୋଇପାରେ। ପାଗ ଆର୍ଦ୍ର ଓ ଉଷୁମ ଥିଲେ ସେହି ଘାଆ ଭିତରେ ମାଛିମାନେ ଦେଇଥିବା ଅଣ୍ଡା ଫୁଟି ଚାରିଘଣ୍ଟା ଭିତରେ ସେଥିରୁ ଲାର୍ଭା ବାହାରେ। ଲାର୍ଭାଗୁଡ଼ିକ ଭିତରେ ଭିତରେ କଣା କରି ମାଂସ ଖାଇବାକୁ ଆରମ୍ଭ କରିଦିଅନ୍ତି। ଅପରିଚ୍ଛନ୍ନ, ଦୁର୍ବଳ ଓ ରୋଗଣା ପ୍ରାଣୀମାନେ ବେଶି ଏହାର ଶିକାର ହୁଅନ୍ତି। ଖୋଲା ଘାଆ ବା ମଳମୂତ୍ରରେ ଭିଜିଥିବା ଆର୍ଦ୍ର ଚର୍ମ ମାଛିମାନେ ଅଣ୍ଡା ଦେବାର ପ୍ରକୃଷ୍ଟ ସ୍ଥାନ।

ତେବେ କେବଳ ବୁଲା ପଶୁମାନେ ଏହାର ଶିକାର ହୁଅନ୍ତି ନାହିଁ। ଅନେକ ପୋଷା ପ୍ରାଣୀ ବି ହୁଅନ୍ତି। ସେମାନଙ୍କ ମାଲିକମାନେ ସେମାନଙ୍କୁ ବର୍ଷ ସାରା ସବୁ ଋତୁରେ ବାହାରେ ବାନ୍ଧି ରଖନ୍ତି, ସେମାନଙ୍କ ଲୋମକୁ କେବେ ବ୍ରଶ୍ କରନ୍ତି ନାହିଁ କିମ୍ବା ଉତ୍ତମ ଖାଦ୍ୟ ଖାଇବାକୁ ଦିଅନ୍ତି ନାହିଁ। ସବୁବେଳେ ବନ୍ଧା ହୋଇ ରହିବା ଯୋଗୁ ବିରକ୍ତିରେ ଏହି ପ୍ରାଣୀମାନେ ନିଜ ଦେହକୁ ଘଷନ୍ତି କିମ୍ବା କାମୁଡ଼ନ୍ତି କିମ୍ବା ଚେନ୍ ଘଷି ହୋଇ ତାଙ୍କ ବେକରେ ଘାଆ ହୋଇଯାଏ। ଫଳରେ ମାଛିମାନେ ସେଥିରେ ଅଣ୍ଡା ଦେବାକୁ ସୁଯୋଗ ପାଆନ୍ତି। କେବଳ ସେମାନେ ଗନ୍ଧେଇବା ପରେ ହିଁ ମାଲିକମାନେ ଘରକୁ ଆଣନ୍ତି। କେତେକ ସେମାନଙ୍କୁ ଚିକିତ୍ସା କରାଇବାକୁ ଚାହାନ୍ତି। ଆଉ କେତେକ ନିଜ ପୋଷା ପଶୁଙ୍କୁ ଚିକିତ୍ସା ପାଇଁ ଆଣି ଧାଡ଼ିରେ ଛିଡ଼ା ହୁଅନ୍ତି ଓ ମଉକା ଦେଖି ତାକୁ ସବୁଦିନ ପାଇଁ ପରିତ୍ୟାଗ କରି ଚାଲିଯାଆନ୍ତି।

ଆପଣ ଏକ ମ୍ୟାଗଟ୍–ସଂକ୍ରମିତ ଘାଆକୁ କିପରି ଚିହ୍ନିବେ ଓ ଚିକିତ୍ସା କରିବେ? ଏହି ଘାଆ ସହଜରେ ଚିହ୍ନିହୁଏ। ପ୍ରାଣୀଙ୍କ ଦେହରେ ହୋଇଥିବା କୌଣସି ପଚା ଘାଆକୁ ଦେଖନ୍ତୁ। ସେଥିରୁ ଦୁର୍ଗନ୍ଧ ବାହାରୁଥିବ। ଭଲ କରି ନିରୀକ୍ଷଣ



କଲେ ଦେଖିପାରିବେ, ଧଳା ଧଳା ମ୍ୟାଗଟ୍ ସେହି ଘାଆ ଭିତରେ ଚାଲୁଛନ୍ତି। କୁକୁରମାନଙ୍କର ଗୋଡ଼ ନଖ ଓ ପଞ୍ଝା ତଳେ, ଲାଞ୍ଜ ତଳେ ଏବଂ ମୁଣ୍ଡରେ ସାଧାରଣତଃ ମ୍ୟାଗଟ୍ ହୋଇଥାଏ। ଯଦି ଦେଖିବେ କୌଣସି ପ୍ରାଣୀ ଚାରିପଟେ ମାଛିମାନେ ଗୁଣୁଗୁଣୁ ଶବ୍ଦ କରି ଉଡୁଛନ୍ତି, ତେବେ ସେ ପ୍ରାଣୀ ଦେହରେ କେଉଁଠି ଘାଆ ଅଛି କି ନାହିଁ ଦେଖନ୍ତୁ। ସେଥିରେ ମାଛିମାନେ ଅଣ୍ଡା ଦେଇଥିବେ। ସେହିସବୁ ଅଣ୍ଡା ଫୁଟି ଲାର୍ଭା ବାହାରିବା ପୂର୍ବରୁ ତା'ର ଚିକିତ୍ସା କରାନ୍ତୁ।

ଏହାର ଚିକିତ୍ସା ମଧ୍ୟ ସହଜ। କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପାଇଁ ୧ରୁ ୩ ମାସ ପର୍ଯ୍ୟନ୍ତ ସମୟ ଲାଗିଯାଇପାରେ। ତାହା ମ୍ୟାଗଟ୍‌ମାନେ କେତେ ଗଭୀରକୁ ଯାଇଛନ୍ତି, ତା' ଉପରେ ନିର୍ଭର କରେ। ଚିକିତ୍ସକ ପ୍ରଥମେ ଘାଆ ଉପରେ କିଛି କ୍ଲୋରୋଫର୍ମ ପ୍ରୟୋଗ କରେ ଏବଂ କିଛି ସମୟ ଅପେକ୍ଷା କରି ମ୍ୟାଗଟ୍‌ଗୁଡ଼ାଙ୍କୁ ଗୋଟିକ ପରେ ଗୋଟିଏ କାଢ଼େ। ଆମ ଆଶ୍ରୟଗୃହରେ ମ୍ୟାଗଟ୍ ସଂକ୍ରମଣ ଘଟଣା ବହୁତ ହେଉଥିବାରୁ ଆମେ କ୍ଲୋରୋଫର୍ମ ସହ ସମାନ ପରିମାଣର ଟର୍ପେଣ୍ଟାଇନ୍ ବ୍ୟବହାର କରି ମ୍ୟାଗଟ୍‌ଗୁଡ଼ାଙ୍କୁ ମାରିପକାଉ। କୁକୁର ପରି ଛୋଟ ପ୍ରାଣୀଙ୍କ ଦେହରୁ ମ୍ୟାଗଟ୍ କାଢ଼ିବା ପୂର୍ବରୁ ଚିକିତ୍ସକ ପ୍ରଥମେ ଘାଆକୁ ଆଣ୍ଟିସେପ୍ଟିକ୍ ଦେଇ ସଫା କରେ। ତା'ପରେ ସେ ଲରେକ୍ସିନ୍ ବା ମାଗୋସାଇଡ୍ ମଲମ ଲଗାଏ, ଯାହା ମ୍ୟାଗଟ୍‌ମାନଙ୍କୁ ମାରିବା ପାଇଁ ଉଦ୍ଦିଷ୍ଟ। ଘାଆ ସଫା କରି ମଲମ ଲଗାଇବା ପରେ ଡାକ୍ତର ଘାଆ ଉପରେ କଟନ ଗଜ୍ କନା ଗୁଡ଼ାଇ ବ୍ୟାଣ୍ଡେଜ୍ କରିଦିଅନ୍ତି। ସେ ଏପରି ବ୍ୟାଣ୍ଡେଜ୍ କରନ୍ତି, ଯେପରି ଭିତରକୁ ପବନ ପ୍ରବେଶ କରିପାରିବ ନାହିଁ। ଫଳରେ ମ୍ୟାଗଟ୍‌ମାନେ ଭିତରେ ଅମ୍ଳଜାନ ବିନା ଅଣନିଃଶ୍ୱାସୀ ହୋଇ ମରିଯାନ୍ତି। ସଂକ୍ରମଣ ଅତି ସାଙ୍ଘାତିକ ହୋଇଥିଲେ ଚିକିତ୍ସକ ଦିନକୁ ଥରେ ବା ଦୁଇଥର ବ୍ୟାଣ୍ଡେଜ ବଦଳାନ୍ତି ଏବଂ ପ୍ରତିଥର ନୂଆ ବ୍ୟାଣ୍ଡେଜ୍ କରିବା ପୂର୍ବରୁ ଘାଆରୁ ମ୍ୟାଗଟ୍‌ମାନଙ୍କୁ କାଢ଼ନ୍ତି।

ସହାୟକ ପଦ୍ଧତି ହିସାବରେ ଘାଆ ଶୀଘ୍ର ଭଲ କରିବାରେ ଜିଙ୍କୋଲାକ୍ ସାହାଯ୍ୟ କରିପାରେ। ସଲ୍‌ଫରଯୁକ୍ତ ଆଣ୍ଟିବାୟୋଟିକ୍ସ ବା ଆମୋକ୍ସିଲିନ୍, ଯାହା ପେଶୀ ସୁସ୍ଥକାରକ ଭାବେ କାମ କରେ, ଚିକିତ୍ସକ ତାହା ପ୍ରୟୋଗ କରନ୍ତି। ଥରେ ସୁସ୍ଥ ହେବାର ପ୍ରକ୍ରିୟା ଆରମ୍ଭ ହୋଇଗଲେ ଶୀଘ୍ର ଭଲ ହେବା ପାଇଁ ଆମେ ହସ୍ପିଟାଲରେ ସାଧାରଣତଃ ବେଟାଡିନ୍ ଓ ଫ୍ୟୁରାସିନ୍ ମଲମ ଲଗାଇଥାଉ।

ବାଳି ହେଉଛି ଅତି କମ୍ ସଂଖ୍ୟକ ଭାଗ୍ୟଶାଳୀଙ୍କ ଭିତରେ ଅନ୍ୟତମ ଯିଏ ଆରୋଗ୍ୟ ଲାଭ କରିପାରିଲା ଓ ବଞ୍ଚିଗଲା। ଏଥିପାଇଁ ତିନିମାସ ତା'ର ନିରବଚ୍ଛିନ୍ନ ଯତ୍ନ ନେବାକୁ ପଡ଼ିଲା। ପ୍ରାଣୀମାନେ ଅତିଶୟ କଷ୍ଟ ପାଉଥିଲେ ଓ ସବୁ ଆଶା ଛାଡ଼ି ଦେଇଥିଲେ, ସେମାନେ ଅନ୍ଧାରରେ ଲୁଚନ୍ତି। ତେବେ ଦୁର୍ଭାଗ୍ୟର ବିଷୟ ହେଉଛି ମ୍ୟାଗଟ୍‌ମାନେ କୋରି କୋରି ଭିତରୁ ଖାଇବା ସହ ନିଜର ବୃଦ୍ଧି ଘଟାଇବା ପାଇଁ ଏହା ଅନୁକୂଳ ପରିବେଶ। ଫଳରେ ପ୍ରାଣୀଟି ଶୀଘ୍ର ଶୀଘ୍ର ମୃତ୍ୟୁ ଆଡ଼କୁ ଗତି କରିବାକୁ ଲାଗେ। ଯଦି ଆପଣ ରାସ୍ତାରେ ଏମିତି କୌଣସି ଘାଆଯୁକ୍ତ ପ୍ରାଣୀକୁ ଦେଖିବେ, ତେବେ ତା'ର ଜୀବନ ବଞ୍ଚାଇବା ପାଇଁ ଦୟାକରି ମୋ ପ୍ରାଣୀ ଆଶ୍ରୟସ୍ଥଳକୁ ଫୋନ୍ କରି ଜଣାଇବେ।

Email: gandhim@nic.in

# ସାଧକ ଶ୍ରୀଯଶୋବନ୍ତ ସ୍ମରଣେ

ଡ. ଜ୍ୟୋତିର୍ମୟୀ ମହାନ୍ତି

ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଗଜପତି ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ କାଳରେ ସିଦ୍ଧ ସାଧକ, ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ପଞ୍ଚସଖାଙ୍କର ଆବିର୍ଭାବ ଘଟିଥିଲା। ଯେଉଁମାନେ କି ନିଜ ନିଜର ସାଧନା ବଳରେ ଓଡ଼ିଶାରେ ଆଧ୍ୟାତ୍ମିକ ଚେତନା ଓ ଧାର୍ମିକ ଭାବନାରେ ଆଲୋଡ଼ନ ସୃଷ୍ଟି କରିଥିଲେ। ଏମାନଙ୍କ ମଧ୍ୟରେ ମାନବ ଜୀବନ ଦର୍ଶନ ସମ୍ପର୍କରେ ବିଶ୍ଳେଷଣ କରି ତତ୍କାଳୀନ ସମାଜରେ ଏକ ଯୁଗାନ୍ତକାରୀ ସ୍ୱର ଟେକିଥିବା ସାଧକଶ୍ରେଷ୍ଠ ଶ୍ରୀଯଶୋବନ୍ତ ଗୋସେଇଁ ଅନ୍ୟତମ। ତାଙ୍କର ଜନ୍ମସ୍ଥାନ ଅବିଭକ୍ତ କଟକ ତଥା ବର୍ତ୍ତମାନର ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ଅଡ଼ଙ୍ଗ ଗ୍ରାମ। ଜନ୍ମ ସମୟ ଓ ପିତାଙ୍କ ନାମ ସମ୍ପର୍କରେ ଉଦୟ କାହାଣୀ, ଭକ୍ତି ଚନ୍ଦ୍ରିକା, ଶୂନ୍ୟସଂହିତା ଆଦି ଗ୍ରନ୍ଥରୁ ବିଭିନ୍ନ ପ୍ରକାର ତଥ୍ୟ ମିଳିଥାଏ। ଆଲୋଚକଗଣ ତାଙ୍କ ଜନ୍ମ ସମୟ ୧୪୭୦ରୁ ୧୫୫୦ ଖ୍ରୀଷ୍ଟାବ୍ଦ ବୋଲି ଧରିଥାଆନ୍ତି ତ କେହି କେହି ୧୪୮୭ ଖ୍ରୀଷ୍ଟାବ୍ଦ ବୋଲି କୁହନ୍ତି। ଗବେଷକମାନେ ପିତାଙ୍କ ନାମ ବଳଭଦ୍ର ମଲ୍ଲ ଓ ମାତା ରେଖା ଦେବୀ ବୋଲି ମତବ୍ୟକ୍ତ କରିବା ସତ୍ତ୍ୱେ କିଛି ଗବେଷକ ପିତାଙ୍କ ନାମ ଜଗୁ ମଲ୍ଲିକ ବୋଲି କୁହନ୍ତି।

ତାଙ୍କ ଜୀବନର ଏକ ଅଲୌକିକ ଘଟଣା। ପକ୍ୱ ଧାନକେଣ୍ଡାରେ ପୂରିଥିଲା ଧାନ କିଆରି। ସୁନା ରଙ୍ଗର ଧାନକେଣ୍ଡାମାନ ପବନରେ ଦୋଳି ଖେଳୁଥାଏ। ଏହାକୁ ଦେଖି ଜଣେ ବ୍ୟକ୍ତି ଦାଆଟିଏ ଧରି ଧାନକେଣ୍ଡାମାନ କାଟିବାରେ ଲାଗିଲେ। କି ଅଦ୍ଭୁତ, ଦାଆରେ ଧାନ କାଟିବାର ଶବ୍ଦରୁ ରାମ...ରାମ... ଉତ୍ପନ୍ନ ହେଉଛି। ଆତ୍ମବିସ୍ମୃତ ହୋଇ ସେ ଛିଡ଼ା ହେଲେ ସାରା ରାତି। ରାମ ନାମରେ ଆତ୍ମବିସ୍ମୃତ ସେ ବ୍ୟକ୍ତିଙ୍କୁ ଧାନଚୋରି ଅପରାଧରେ ରାଜା ରଘୁରାମଙ୍କ ପାଖକୁ ନିଆଗଲା। ମାତ୍ର ରାଜା ସେହି ବ୍ୟକ୍ତିଙ୍କ ଶରୀରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପରମ ଆଶ୍ଚର୍ଯ୍ୟ ହେଲେ ଓ ଭକ୍ତି ଗଦ୍ ଗଦ୍ ହୋଇ ତାଙ୍କୁ ପ୍ରଣାମ ଜଣାଇଲେ। ସେ ବ୍ୟକ୍ତି ଜଣକ ହେଉଛନ୍ତି ସିଦ୍ଧ ଯୋଗୀ ପୁଣ୍ୟଶ୍ଳୋକ ଶ୍ରୀଯଶୋବନ୍ତ, ଏ କଥା ସେ ତାଙ୍କ ଲିଖିତ ଚଉରାଅଶୀ ଆଜ୍ଞାରେ ବର୍ଣ୍ଣନା କରିଛନ୍ତି–

''ସେ ଧାନ ରାମ ରାମ ଭାଷି, ମୁଁ ଶୁଣି ହୋଇଲି ସନ୍ନ୍ୟାସୀ,
ହସ୍ତୁ ପଡ଼ିଲା ଦାଆ ତଳେ, ମୁଁ ଭୋଳ ହେଲି ରାମ ତାଳେ।''

କଠୋର ସାଧନା ବଳରେ ନିଜ ଶରୀରର ଷଡ଼ଚକ୍ର ମଧ୍ୟ ଦେଇ କୁଣ୍ଡଳିନୀଶକ୍ତି ଜାଗ୍ରତ କରି ବହୁ ଅଲୌକିକ ପ୍ରତିଭାର ଅଧିକାରୀ ହୋଇଥିଲେ ସେ। ତାଙ୍କ ଆଜ୍ଞାରେ ମେଘ ତାଙ୍କର ଅଛୁଆଣି କୁଡ଼ିଆକୁ ଛାଡ଼ି ଅନ୍ୟତ୍ର ବର୍ଷା କରିବା, ଖଣ୍ଡିଆ କାନ୍ଥ ଚାଲିବା, ବ୍ରହ୍ମରାକ୍ଷସ ବଶହେବା, ଫଳନ୍ତି ନଡ଼ିଆ ଗଛ ନଇଁ ପଡ଼ିବା ଇତ୍ୟାଦି ଘଟଣାବଳୀ ତାଙ୍କୁ ଅସାଧାରଣ ତନ୍ତ୍ରସିଦ୍ଧ ପୁରୁଷ ରୂପେ ପରିଚିତ କରାଏ। ଯୋଗୀ ଶ୍ରୀଯଶୋବନ୍ତଙ୍କ ଯୋଗମାର୍ଗରେ ସାଧନାର ପ୍ରଧାନ ଦିଗ ହେଉଛି ମନକୁ ସମସ୍ତ ବିଷୟବାସନାରୁ ନିବୃତ୍ତ କରିବା। ମନକୁ ଥରେ ନିୟନ୍ତ୍ରଣ କରିପାରିଲେ ସାଧକ ନିକଟରେ ସମସ୍ତ ସତ୍ୟ ସ୍ୱତଃ ଉଦ୍‌ଭାସିତ ହୋଇଉଠେ। ଆଜିର ଯୁକ୍ତିଜୀବୀ ବିଜ୍ଞାନଧର୍ମୀ ଲୋକେ ହୁଏତ ଏହାକୁ ଅସ୍ୱୀକାର କରି ପାରନ୍ତି, ମାତ୍ର କଠୋର ସାଧନା ଦ୍ୱାରା ଆମ ଇସ୍ରୋର ବୈଜ୍ଞାନିକମାନେ ଯେମିତି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମଙ୍ଗଳ ଯାନକୁ ସଫଳତାର ସହ ଉତ୍କ୍ଷେପଣ କରିପାରିଛନ୍ତି, ସେହିପରି ଏହି ବ୍ରହ୍ମଦର୍ଶୀ ଯୋଗ ସାଧନା ଦ୍ୱାରା ନାନା ଅସାଧ୍ୟ ସାଧନ କରିବା ସହ ଭବିଷ୍ୟତ ଦର୍ଶନ କରିପାରିଥିଲେ। ତାଙ୍କ ଆତ୍ମାରେ ସେ ପରମାତ୍ମାଙ୍କୁ ଅନୁଭବ କରି ଆମକୁ ପରମତତ୍ତ୍ୱ ପ୍ରଦାନ କରିଛନ୍ତି ତାଙ୍କ ଲେଖନୀ ମାଧ୍ୟମରେ।

## ତିରୋଧାନ ତିଥି ଉପଲକ୍ଷେ

ଅନନ୍ୟ ତାଙ୍କର କାଳଜୟୀ ସୃଷ୍ଟି ଶିବ ସ୍ୱରୋଦୟରେ ସୃଷ୍ଟି ତତ୍ତ୍ୱ, ଶୂନ୍ୟରେ ଭଗବାନଙ୍କ ଅବସ୍ଥିତି, ଶ୍ରୀକୃଷ୍ଣଙ୍କ ଶାଶ୍ୱତ ପ୍ରେମର ମନୋଜ୍ଞ ଅବତାରଣା, ପ୍ରେମଭକ୍ତି ବ୍ରହ୍ମଗୀତାରେ ନିରାକାର ବ୍ରହ୍ମ ଓ ଶୂନ୍ୟରୁ ଉଦ୍ଭବ ଭଗବତ୍ ଜ୍ୟୋତିର ବର୍ଣ୍ଣନା ଓ ଆତ୍ମ ପରତେ ଗୀତା, ଗୋବିନ୍ଦଚନ୍ଦ୍ର ବଣଭୋଜି ଇତ୍ୟାଦିରେ ସନ୍ନିବେଶିତ ବିଷୟବସ୍ତୁ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହ ତାଙ୍କର ରହିଛି ଏଗାରଗୋଟି ଶରୀରଭେଦୀ ଭଜନ, ଯାହାର ଭାବଗର୍ଭକ ଅନବଦ୍ୟ କବିତା ପଂକ୍ତି ଜୀବନଦର୍ଶନର ଗଭୀର ରହସ୍ୟ ଉପରେ ଆଧାରିତ। ଯଥା–

'ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା/ଅଠାକାଠି ପଞ୍ଜୁରିରେ ନ ଦିଏ ଧରା' ଇତ୍ୟାଦି।

ଏହି ସାଧକଶ୍ରେଷ୍ଠଙ୍କ ଗୂଢ଼ତତ୍ତ୍ୱ ସମ୍ବଳିତ ଲେଖାଗୁଡ଼ିକର ଅନୁଶୀଳନ ଓ ବିଶ୍ଳେଷଣ ବର୍ତ୍ତମାନ ଯୁଗରେ ଏକାନ୍ତ କାମ୍ୟ।

ମାର୍ଗଶିର ଶୁକ୍ଳଷଷ୍ଠୀ ବା ପ୍ରାବରଣଷଷ୍ଠୀ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଡ଼ଲାଗି ପର୍ବ। ଏହି ପବିତ୍ର ଦିନ ପୁଣ୍ୟଶ୍ଳୋକ ଯୋଗୀ ଶ୍ରୀଯଶୋବନ୍ତଙ୍କର ମହାପ୍ରୟାଣ ଘଟିଥିଲା। ଏହାର ପୂର୍ବ କଳନା କରି ସେ ଲେଖିଥିଲେ–

'ଲିଭିଯିବ ଜ୍ୟୋତି ଜଳୁଛି ପ୍ରଭୁ ନିକର ଦିନେ,
ମାର୍ଗଶିର ମାସ ନିଦାନ ଯିବି ଉତ୍ତରାୟଣେ।
ବାର କଳା ରବିବାରରେ ରବିବାର ଦିବସ,
ପିଣ୍ଡରୁ ପ୍ରାଣ ଛାଡ଼ିଯିବ, ମୁଁ ହେବି ହରଷ।'

ତାଙ୍କ ପବିତ୍ର ସମାଧି ପୀଠରେ, ଯଶୋବନ୍ତ ଗାଦିରେ ଓଢ଼ଣଷଷ୍ଠୀ ଦିନ ତାଙ୍କ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ଶ୍ରଦ୍ଧାଳୁ ଜନତାଙ୍କ ଦ୍ୱାରା ମହା ସମାରୋହରେ ପାଳିତ ହୁଏ। ଏହି ଉପଲକ୍ଷେ ସେଠାରେ ବହୁ ସାଧୁସନ୍ଥଙ୍କର ସମାଗମ ହୁଏ। ପବିତ୍ର ଅଡ଼ଙ୍ଗମାଟି ସେଦିନ ଶ୍ରୀକ୍ଷେତ୍ର ପାଲଟେ। ଧାଇଁ ଆସନ୍ତି ମହାବାହୁ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଛାଡ଼ି ଭକ୍ତର ସମାଧି ପୀଠକୁ, ଅପୂର୍ବ ଭାବାବେଶରେ ଉଛୁଳି ଉଠେ ସେଦିନ ଭକ୍ତମାନଙ୍କ ପ୍ରାଣ। ତୁଳସୀ, ଚନ୍ଦନ, ଦୟଣାର ମହ ମହ ବାସ୍ନାରେ ମହକିତ ହୁଏ ସମାଧି ପୀଠ। ଏସବୁ ଅନୁଭବର କଥା। ଏହି ମହାପୁରୁଷଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ତାଙ୍କ ପାଦ ତଳେ ଆଜି ଆମେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ଏବଂ ସେ ମହାମାନବଙ୍କ ପବିତ୍ର ଆତ୍ମା ସମଗ୍ର ମନୁଷ୍ୟ ସମାଜକୁ ଆଲୋକର ପଥ ଦେଖାଉ, ଏହାହିଁ ସେ ସିଦ୍ଧ ସାଧକଙ୍କ ପଦ ତଳେ ପ୍ରାର୍ଥନା।

ବାଗ ସାହି, ଜଗତ୍‌ସିଂହପୁର,
ମୋ–୯୦୪୦୫୬୮୭୭୨

## ଏଇ ଭାରତରେ

ଦୁର୍ନୀତି, ଶୋଷଣ, ଅରାଜକତା ପାଇଁ ସାଧାରଣତଃ ରାଜନେତା, ଉଚ୍ଚ ପଦବୀରେ ଥିବା ସରକାରୀ ଅଧିକାରୀଙ୍କୁ ଦାୟୀ କରାଯାଏ। ଦୁର୍ନୀତି ପ୍ରମାଣିତ ହେଲେ ସେମାନେ ଦଣ୍ଡିତ ହେବା ଅନେକ ନଜିର ରହିଛି। ହେଲେ ଅନେକଙ୍କ ବିରୋଧରେ ପ୍ରମାଣ ମିଳେନାହିଁ କିମ୍ବା ସେମାନଙ୍କ ବିରୋଧରେ ସ୍ୱର ଉଠାଇବାକୁ ଲୋକେ ସାହସ କରନ୍ତି ନାହିଁ। ଏସବୁ ବର୍ତ୍ତମାନ ସମାଜରେ ସାଧାରଣ କଥା ହୋଇଥିଲାବେଳେ ଅନେକ ଲୋକଙ୍କ ମନରେ ରାଜନେତା ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ ନକାରାତ୍ମକ ଚିନ୍ତାଧାରା ରହିଆସିଛି, ଯାହାକି କେତେକ ଘଟଣାରେ ପରିପ୍ରକାଶ ମଧ୍ୟ ହୁଏ। ଏଭଳି ଏକ ପରିପ୍ରକାଶ ଉତ୍ତରପ୍ରଦେଶ କାନପୁରର ଏକ ଶନି ମନ୍ଦିରରେ ଦେଖିବାକୁ ମିଳୁଛି, ଯେଉଁଠିକୁ ପୂର୍ବତନ ଓ ବର୍ତ୍ତମାନର ମନ୍ତ୍ରୀ, ଏମ୍‌ପି, ବିଧାୟକ, ଆଇପିଏସ୍, ଆଇଏଏସ୍ ଅଧିକାରୀ, ଜଜ୍, ମାଜିଷ୍ଟ୍ରେଟ୍‌ଙ୍କ ପ୍ରବେଶକୁ ନିଷେଧ କରାଯାଇଛି। କାରଣ ଏହିମାନଙ୍କୁ ଦେଶରେ ବଢୁଥିବା ଅରାଜକତା ପାଇଁ ଦାୟୀ କରାଯାଉଛି। ଏଥିପାଇଁ ମନ୍ଦିର ସମ୍ମୁଖରେ ସୂଚନା ବୋର୍ଡ ମଧ୍ୟ ଲଗାଯାଇଛି। ବ୍ୟକ୍ତିଗତ ଜମି ଉପରେ ନିର୍ମାଣ ହୋଇଥିବା ଉକ୍ତ ମନ୍ଦିରକୁ ଭ୍ରଷ୍ଟତନ୍ତ୍ର ବିନାଶକ ଶନି ମନ୍ଦିର କୁହାଯାଉଛି। ସେଠାରେ ପ୍ରତି ଶନିବାର ଓ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ଗହଳି ହୋଇଥାଏ।

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ ସ୍ନିଗ୍‌ଧ ରୁକ୍ଷ ସୁନ୍ଦର କୁତ୍ସିତ
ଅତି ଆଦରର ମୋର, ଏ ଜୀବନେ ଅତି ପରିଚିତ
କେତେ ଆଶା କେତେ ମୋର ଆକାଙ୍‌କ୍ଷାର ଧନ
ଛାଡ଼ି ସବୁ ନ ଲୋଡ଼ଇ ସ୍ୱରଗ ଭୁବନ,
ଜନନୀର ଅମୃତ ସେନେହ
ଲାଳିତ କରଇ ଏ ଯେ ଦେହ,
ଆଶିଷ ପିତାର
କଲ୍ୟାଣ ଆଧାର
ଏତେ ପ୍ରାଣ
ଏତେ ଦାନ! (ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଅରୁଣ କୁମାର ପଣ୍ଡା

# ଆର୍ଥିକ ଉପନିବେଶବାଦ ଓ ଭାରତ

ସ୍ୱାଧୀନତାକୁ ୭୨ବର୍ଷ ହେବା ପରେ ବି ଭାରତୀୟ ଅର୍ଥ ବ୍ୟବସ୍ଥା ସିଦ୍ଧାନ୍ତ ରୂପରେ ଉପନିବେଶବାଦ ଟ୍ରାକ୍‌ରୁ ଓହ୍ଲାଇ ନୂଆ ମାର୍ଗରେ ଚାଲିବା ପାଇଁ ଏ ପର୍ଯ୍ୟନ୍ତ ସମର୍ଥ ହୋଇପାରିନାହିଁ। ଦୀର୍ଘ ଦିନର ଗୋଲାମି କାରଣରୁ ଦେଶର ଅର୍ଥ ବ୍ୟବସ୍ଥା ଲମ୍ବା ସମୟ ଧରି ଘୁଷୁରି ଘୁଷୁରି ଏବେ ବିଶ୍ୱର ଷଷ୍ଠ ସବୁଠାରୁ ବଡ଼ ଆର୍ଥିକ ପ୍ରଗତିର ରାଷ୍ଟ୍ରରେ ପରିଣତ ହୋଇଛି। ଏହି ୭୨ବର୍ଷରେ ଦେଶରେ ଅର୍ଥ ବ୍ୟବସ୍ଥାର ବିସ୍ତାର ନିଶ୍ଚିତ ଭାବରେ ହୋଇଛି। ପରନ୍ତୁ ଆମକୁ ଅପେକ୍ଷିତ ସଫଳତା ମିଳିପାରିନାହିଁ।

ଉପନିବେଶବାଦ କାଳରେ ଇଂରେଜ ଶାସନ ଭାରତର ଅର୍ଥ ବ୍ୟବସ୍ଥାକୁ ଏଭଳି ନଷ୍ଟବିନଷ୍ଟ କରିଦେଇଥିଲା ଯେ, ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଯେଉଁ ଦେଶ କେବଳ ରପ୍ତାନି କରି ଆସୁଥିଲା ସ୍ୱାଧୀନତାପ୍ରାପ୍ତି ବେଳକୁ ସେହି ଦେଶ କେବଳ ଆମଦାନୀ କ୍ଷେତ୍ରରେ ପରିଣତ ହୋଇସାରିଥିଲା। ଛୋଟଛୋଟ ସାମଗ୍ରୀ ପାଇଁ ଆମେ ଇଂଲଣ୍ଡ ଉପରେ ନିର୍ଭର କରୁଥିଲୁ। ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଭାରତରେ ପୁଞ୍ଜିନିବେଶ ହେବା ଆରମ୍ଭ ହେଲା। କିନ୍ତୁ ଦେଶରେ ଥିବା ଉଦ୍ୟୋଗଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଇଂରେଜମାନଙ୍କ ହାତରେ ହିଁ ଥିଲା। ସେହି ସମୟରେ କିଛି ଭାରତୀୟ ଉଦ୍ୟୋଗପତି ଶିଳ୍ପରେ ପୁଞ୍ଜିନିବେଶ କରିଥିଲେ ମଧ୍ୟ ଇଂରେଜଙ୍କ ନିୟନ୍ତ୍ରଣ କାରଣରୁ ବିଶେଷ ସଫଳତା ହାସଲ କରିପାରି ନ ଥିଲେ। ଇଂରେଜ ସରକାର ନିଜ ହିତ ଦୃଷ୍ଟିରୁ ଯେଉଁ ନୀତି ନିର୍ଦ୍ଧାରଣ କରିଥିଲେ ଭାରତୀୟ ଉଦ୍ୟୋଗପତିମାନଙ୍କୁ ବାଧ୍ୟହୋଇ ସେ ସବୁକୁ ମାନିବାକୁ ପଡୁଥିଲା। ଦେଶର ନୀତି ନିର୍ଦ୍ଧାରକଙ୍କ ବିଚାରଧାରା ସେତେବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକର ବିକାଶ ଦ୍ୱାରା ଅଧିକ ପ୍ରଭାବିତ ଥିଲା। ସେଥିପାଇଁ ଗ୍ରାମୋଦ୍ୟୋଗ, ଗ୍ରାମ୍ୟବିକାଶ ଏବଂ କୁଟୀରଶିଳ୍ପର ସଶକ୍ତୀକରଣ ଉପରେ ବିଶେଷ ଦୃଷ୍ଟି ଦେବା ପରିବର୍ତ୍ତେ ସେଗୁଡ଼ିକୁ ଉପେକ୍ଷା କରାଗଲା।

ଧୀରେ ଧୀରେ ଉଦ୍ୟୋଗୀକରଣର ଧାରା ତୀବ୍ର ହେଲା। କିନ୍ତୁ ଆର୍ଥିକ ବିକାଶ ଦୃଷ୍ଟିରୁ ଦେଶ ପଛରେ ପଡିରହିଲା। ସତୁରି ଦଶକ ପର୍ଯ୍ୟନ୍ତ ଦେଶରେ ଆର୍ଥିକ ବିକାଶର ଢାଞ୍ଚା ସମ୍ପୂର୍ଣ୍ଣ ଭାବରେ ଔଦ୍ୟୋଗିକ କ୍ରାନ୍ତି ବା ଶିଳ୍ପବିପ୍ଳବର ଅନୁକରଣ ହିଁ ଥିଲା। ମହାତ୍ମା ଗାନ୍ଧୀ ଏବଂ ତାଙ୍କ ପରେ ବିନୋବା ଭାବେ, ରାମମନୋହର ଲୋହିଆ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପରି ଚିନ୍ତାନାୟକ ଗଣ କୁଟୀରଶିଳ୍ପ ଏବଂ ହସ୍ତଶିଳ୍ପକୁ ଭାରତୀୟ ଅର୍ଥ ବ୍ୟବସ୍ଥାର ପ୍ରମୁଖ ଆଧାର ସ୍ତମ୍ଭ ବୋଲି କହିଥିବା ବେଳେ ପଣ୍ଡିତ ନେହେରୁ ଏବଂ ପରେ ଇନ୍ଦିରା ଗାନ୍ଧୀ ପାଶ୍ଚାତ୍ୟ ଶିଳ୍ପ ବିପ୍ଳବ ନୀତିକୁ ଅଧିକ ପସନ୍ଦ କଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଯେଉଁ ଗ୍ରାମ୍ୟ ବିକାଶ ଓ ଗ୍ରାମ୍ୟସ୍ୱରାଜର କଳ୍ପନା କରାଯାଇଥିଲା, ସେ ବିଷୟରେ ଆଉ ଚିନ୍ତା କରାଗଲା ନାହିଁ।

ପରିଣତି ଯାହା ହେଲା ତାହା ସମସ୍ତଙ୍କୁ ଜଣା। ଶିଳ୍ପ ବିକାଶର ବାଞ୍ଛିତ ସଫଳତା ତ ମିଳିଲା ନାହିଁ, ଖାଦ୍ୟଶସ୍ୟ ଉତ୍ପାଦନରେ ମଧ୍ୟ ଭାରତ ନିଜର ଆବଶ୍ୟକତା ପୂରଣ କରିପାରିଲା ନାହିଁ। ହରିତ୍ କ୍ରାନ୍ତି ଅଭିଯାନ ପରେ ଦେଶ ଏ ଦିଗରେ କିଛିଟା ସଫଳତା ଅବଶ୍ୟ ହାସଲ କଲା। ମାତ୍ର ଔଦ୍ୟୋଗିକ କ୍ରାନ୍ତି ଦୃଷ୍ଟିରୁ ଭାରତ ବିକଶିତ ଦେଶଗୁଡ଼ିକଠାରୁ ପଛୁଆ ହୋଇ ରହିଗଲା। ୯୦ ଦଶକରେ ଉଦାରୀକରଣ ଏବଂ ଜଗତୀକରଣ ନୀତିକୁ ଭାରତ ଗ୍ରହଣ କଲା। ଏହାପରେ ଉଦାରୀକରଣ ନାମରେ ସ୍ୱଦେଶୀ ଉଦ୍ୟୋଗଗୁଡ଼ିକ ଉପରେ କୁଠାରାଘାତ ଆରମ୍ଭ ହେଲା।

ଏଭଳି ସ୍ଥିତି ଉତ୍ପନ୍ନ ହେଲା, ଯାହାଫଳରେ ଅନେକ ସ୍ୱଦେଶୀ ଶିଳ୍ପକାରଖାନାକୁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଅଧିଗ୍ରହଣ କରିନେଲେ ଏବଂ ଭାରତୀୟ ବଜାରରେ ବିଦେଶୀ କମ୍ପାନୀଗୁଡ଼ିକର ପ୍ରଭାବ ବଢ଼ିବାକୁ ଲାଗିଲା। ପୁଣି ଥରେ ଇଷ୍ଟଇଣ୍ଡିଆ କମ୍ପାନୀର ସମୟ ଆସିଗଲା ବୋଲି ଧାରଣା ସୃଷ୍ଟି ହେଲା। ପରେ ପରେ ଜଗତୀକରଣ ନାଁରେ ଡବ୍ଲ୍ୟୁଟିଓ ଏବଂ ଗୈଟ୍ ବୁଝାମଣା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ପୂରା ଭାବରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ପାଇଁ ଉନ୍ମୁକ୍ତ କରିଦେଲା। ଅବଶ୍ୟ କେତେକ ଉଦ୍ୟୋଗରେ ସଂରକ୍ଷଣ ନୀତିର ଅନୁପାଳନ କରାଗଲା, କିନ୍ତୁ ଏହି ସଂରକ୍ଷଣବାଦୀ ନୀତି ରକ୍ଷା ଉତ୍ପାଦନ ଭଳି କିଛି ଖାସ୍ ଉଦ୍ୟୋଗ ପାଇଁ ସୀମିତ ରହିଲା।

ଏହା କହିଲେ ଅନୁଚିତ ହେବ ନାହିଁ ଯେ, ଦେଶରେ ଏବେ ଉପନିବେଶବାଦୀ କାଳର ପୁନରାବୃତ୍ତି ହେବାରେ ଲାଗିଛି। ବିଦେଶୀ ପୁଞ୍ଜି ନିବେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଇଷ୍ଟଇଣ୍ଡିଆ କମ୍ପାନୀ ପରି ଏହି ବହୁରାଷ୍ଟ୍ରୀୟ ବିଦେଶୀ ପୁଞ୍ଜିନିବେଶକାରୀ ସଂସ୍ଥାଗୁଡ଼ିକ ଭାରତୀୟ ବଜାରକୁ ଉପଯୋଗ କରିବାରେ ତୀବ୍ର ପ୍ରତଦ୍ୱନ୍ଦ୍ୱିତା ଆରମ୍ଭ କରିଦେଇଛନ୍ତି। ମେକ୍ ଇନ୍ ଇଣ୍ଡିଆ ଭଳି ନୀତି କେବଳ ସ୍ଲୋଗାନରେ ପରିଣତ ହୋଇଛି।

ଏହା ସତ୍ୟ ଯେ, ବିଦେଶୀ ପୁଞ୍ଜିନିବେଶ ସହିତ ଦେଶରେ ନୂତନ ଔଦ୍ୟୋଗିକ ପ୍ରବେଶ ଘଟିଛି। ଏହାଦ୍ୱାରା ରୋଜଗାର ସମ୍ଭବ ହୋଇଛି। କିନ୍ତୁ ଏହାକୁ ଅସ୍ୱୀକାର କରିହେବ ନାହିଁ ଯେ ଭାରତୀୟ ପୁଞ୍ଜି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଲାଭାଂଶ ଭାବରେ ନିୟମିତ ଦେଶ ବାହାରକୁ ଚାଲିଯାଉଛି। ଯେଉଁ ଅର୍ଥବ୍ୟବସ୍ଥା ଉପରେ କେବଳ ଭାରତର ନିୟନ୍ତ୍ରଣ ରହିବା ଉଚିତ, ତାହାକୁ ପୂରା ବିଦେଶୀ ନିବେଶକଙ୍କ ପାଇଁ ଉନ୍ମୁକ୍ତ କରିଦିଆଯାଇଛି। ଏବର କେନ୍ଦ୍ର ସରକାର ମଧ୍ୟ ଏହି ନୀତିର ଅନୁସରଣ କରୁଛି। ବିଦେଶୀ ମୁଦ୍ରା ଆହରଣର ଏହା ଏକ ଶ୍ରେଷ୍ଠ ମାର୍ଗ ବୋଲି ଆମର ସରକାରୀ ଅର୍ଥଶାସ୍ତ୍ରୀମାନେ ବିଚାର କରୁଛନ୍ତି। ଏହାଦ୍ୱାରା ଆମର ମୁଦ୍ରାକୋଷ ବିଦେଶୀ ଧନରେ ଭରପୂର ହେବ ବୋଲି ସେମାନେ ଆଶା ରଖିଛନ୍ତି। ବର୍ତ୍ତମାନ ସମୟରେ ଜଗତୀକରଣରୁ ସମ୍ପୂର୍ଣ୍ଣ ମୁକ୍ତି ଅସମ୍ଭବ, ପରନ୍ତୁ ଏହି ସମୟରେ ସବୁଠାରୁ ଅଧିକ ଧ୍ୟାନ ଦେବାକୁ ହେବ କୁଟୀର ଏବଂ ହସ୍ତଶିଳ୍ପକୁ। ଏହା ହେଲେ ଦେଶର ପୁଞ୍ଜି ତଳସ୍ତର ପର୍ଯ୍ୟନ୍ତ ଆବଣ୍ଟିତ ହୋଇପାରିବ। ଏହାଦ୍ୱାରା ଗାଁର କୁଶଳୀ କାରିଗର, କ୍ଷୁଦ୍ର ବ୍ୟବସାୟୀ ଏବଂ ଗାଁ ଲୋକେ ଉପକୃତ ହୋଇପାରିବେ ତଥା ଦେଶରେ ଆତ୍ମବିଶ୍ୱାସ ସହ ଅସ୍ଥିରତାର ଅବସାନ ହେବ। ବଡ଼ ଶିଳ୍ପ ସହ ଗ୍ରାମୋଦ୍ୟୋଗରେ ଅଧିକ ଧ୍ୟାନ କେନ୍ଦ୍ରିତ ହେବା ଦେଶ ପାଇଁ ଲାଭଜନକ ହେବ।

ମର୍କତନଗର, କଟକ, ମୋ: ୯୪୩୭୨୭୦୬୦୫

## ସୁ–ଡୋ–କୁ (su|do|ku)

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| E | | | D | | | | A | C | | 7 | | | | | B |
| | | | | 8 | | | B | E | | | | | | 9 | |
| 3 | | | | | | 7 | D | | | | | | | | 8 |
| | | | | | 5 | | | 9 | 0 | 6 | | | | 1 | |
| 1 | | 0 | | E | | | | | | | B | | | | 6 |
| | | 7 | | 9 | | | | 6 | 8 | | | | | | |
| 0 | 2 | | | B | | | C | | | A | | 6 | | | |
| | | | | 0 | E | 4 | 2 | | | B | 1 | | | | 9 |
| D | | | A | | | | | 0 | | 2 | | | | | 3 |
| | B | | | C | 6 | | | | | E | 7 | | | 0 | |
| | | 5 | | 1 | | | 8 | 4 | B | | A | C | | | |
| 8 | | E | | | | | | | | 0 | | | | | |
| 6 | | | | A | 9 | 2 | | B | 5 | | | 3 | 4 | | |
| | | | | 6 | | E | 5 | D | | 4 | 8 | | | 7 | 1 |
| | | | 2 | | | 9 | | | D | | | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 7 | B | 8 | C | 2 | 3 | 1 | 9 | 5 | 0 | E | 6 | A | D |
| E | 8 | 5 | D | 9 | 4 | 6 | A | B | 2 | 1 | 7 | C | 0 | 3 |
| 2 | A | 6 | B | 1 | 3 | E | D | 0 | 9 | 8 | C | 7 | 5 | 4 |
| C | 0 | 3 | E | 6 | A | 2 | 5 | 7 | D | B | 4 | 1 | 9 | 8 |
| 9 | 1 | D | 7 | 5 | 0 | C | 8 | 4 | 6 | 3 | A | B | E | 2 |
| 1 | C | 7 | 3 | E | 9 | B | 2 | 8 | 4 | A | 5 | D | 6 | 0 |
| A | 3 | 2 | 1 | 7 | 5 | 0 | 9 | D | B | E | 6 | 4 | 8 | C |
| D | 9 | 4 | 0 | B | 6 | 5 | E | A | 1 | C | 8 | 3 | 2 | 7 |
| B | E | 0 | C | 2 | 8 | 4 | 3 | 6 | 7 | D | 9 | A | 1 | 5 |
| 6 | 5 | 8 | A | 4 | D | 7 | C | 1 | 3 | 2 | 0 | 9 | B | E |
| 3 | 2 | E | 4 | D | 7 | 9 | 0 | 5 | A | 6 | 1 | 8 | C | B |
| 5 | B | C | 6 | A | E | 1 | 7 | 2 | 8 | 4 | D | 0 | 3 | 9 |
| 7 | D | A | 5 | 0 | C | 8 | 6 | 3 | E | 9 | B | 2 | 4 | 1 |
| 8 | 6 | 1 | 9 | 3 | B | D | 4 | C | 0 | 5 | 2 | E | 7 | A |
| 0 | 4 | 9 | 2 | 8 | 1 | A | B | E | C | 7 | 3 | 5 | D | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟରେ ବିଷ

ମହାଶୟ,

ଖାଲି କୁକୁଡ଼ା ମାଂସରେ ବିଷ ନୁହେଁ। ମାଛ, ପନିପରିବା, କଦଳୀ, ଅଙ୍ଗୁର, ଆପଲ ଇତ୍ୟାଦି ଫଳରେ ମଧ୍ୟ ବିଷ। ନକଲି ଖାଇବା ତେଲ, ଘିଅ, କ୍ଷୀର, ଛେନା, ସାଲାଇନ, ଔଷଧ, ସିମେଣ୍ଟ ଆଦି ତିଆରି ହେଲାଣି। ଏ ସବୁ ଖାଇ, ବ୍ୟବହାର କରି ଲୋକମାନେ ଜଟିଳ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ସବୁ ପାଇଁ ରାଜକୋଷରୁ ଅନେକ ଟଙ୍କା ଚିକିତ୍ସା ବାବଦକୁ ଖର୍ଚ୍ଚ ହେଉଛି। ଅନେକ ବ୍ରାଣ୍ଡର ତେଲ, ଘିଅ, କ୍ଷୀର ଇତ୍ୟାଦି ବିକ୍ରି ହେଉଛି। ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ। ବରିଷ୍ଠ ନାଗରିକମାନେ କେଉଁ ବ୍ରାଣ୍ଡର ଖାଇବେ, କେଉଁଟା ନ ଖାଇବେ ସେନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏ ସବୁର ମାନ ନିରୂପଣ କରିବା ପାଇଁ କ'ଣ କିଛି ବ୍ୟବସ୍ଥା ନାହିଁ? ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ।

କାହ୍ନୁଚରଣ ସାହୁ, ବରିଷ୍ଠ ନାଗରିକ, ଜଟଣୀ, ଖୋର୍ଦ୍ଧା

### ଛାତ୍ରୀଛାତ୍ରଙ୍କୁ କିପରି ଦଣ୍ଡଦେବା ଉଚିତ

ଧରିତ୍ରୀରେ ପ୍ରକାଶିତ ସୋନାମିକା ରାୟଙ୍କ 'ଦଣ୍ଡମୁକ୍ତ ବିଦ୍ୟାଳୟ' ପ୍ରବନ୍ଧଟି ପାଠ କଲି। ମୁଁ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହୋଇଥିବାରୁ ଦୁଇପଦ ନ ଲେଖି ରହିପାରୁ ନାହିଁ। କେତେକ ଅଭିଭାବକ ତାଙ୍କ ପିଲାଙ୍କୁ ଦଣ୍ଡ ଦେବା ପାଇଁ ଶିକ୍ଷକଙ୍କୁ କହିଥାନ୍ତି। କିନ୍ତୁ ସେହି ଦଣ୍ଡ ଯଦି କଠୋର ହୁଏ ତେବେ ଅଭିଭାବକ ପ୍ରତିବାଦ କରିଥାନ୍ତି। ପ୍ରକୃତପକ୍ଷରେ ଛାତ୍ରୀଛାତ୍ରଙ୍କର ଅନୁଚିତ ଆଚରଣରେ ପରିବର୍ତ୍ତନ ଆଣିବା ପାଇଁ ଦଣ୍ଡସ୍ୱରୂପ ବୃକ୍ଷରୋପଣ, ବିଦ୍ୟାଳୟ ପରିସର ସଫେଇ ଆଦି କାର୍ଯ୍ୟରେ ନିୟୋଜିତ କରିବା ଉଚିତ। ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷକ ପ୍ରତ୍ୟେକେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ସଚେତନ ହେବା ଆବଶ୍ୟକ।

ମୀନା କୁମାରୀ ମହାପାତ୍ର, ମହତାବ ରୋଡ୍, ପୁରୁଣା ଭୁବନେଶ୍ୱର

### ଗୋସମ୍ପଦ ସୁରକ୍ଷା ପାଇଁ ଆହ୍ୱାନ

କିଛିଦିନ ତଳେ ପୁରୀ ଶଙ୍କରାଚାର୍ଯ୍ୟ ଗୋହତ୍ୟା ବନ୍ଦକରି ଏହାର ସୁରକ୍ଷା ଲାଗି ଆହ୍ୱାନ ଦେବା ଖବର ପ୍ରକାଶ ପାଇଛି। ଗୋରୁ ବୟସାଧିକ୍ୟ ଯୋଗୁ କର୍ମକ୍ଷମ ନ ହେଲେ ଲୋକେ ତାଙ୍କୁ କଂସେଇ ହାତରେ ଟେକି ଦେଉଛନ୍ତି। ତେଣୁ ଭାରତରୁ ଲକ୍ଷ ଲକ୍ଷ ଟନ୍ ଗୋମାଂସ ବିଦେଶକୁ ରପ୍ତାନି ହେଉଛି। ତେବେ କୌଣସି ଧର୍ମଶାସ୍ତ୍ର ବା ବିଜ୍ଞାନ ଗୋମାଂସ ଭକ୍ଷଣ ସପକ୍ଷରେ ମତ ଦେଉ ନ ଥିବାରୁ ଲୋକେ ଶିକ୍ଷିତ, ସଚେତନ ଓ ଦରଦୀ ହେଲେ ଗୋବଧ ହ୍ରାସ ପାଇପାରିବ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଡିସେମ୍ବର ୧୯୯୩

- ୫୧ ବର୍ଷ ବୟସ୍କ ଖ୍ରୀଷ୍ଟିଆନ ଡେମୋକ୍ରାଟ ନେତା ଏଡ୍‌ୱାର୍ଡ ଫେରି ଚିଲିର ରାଷ୍ଟ୍ରପତି ଭାବେ ନିର୍ବାଚିତ।
- ହଙ୍ଗେରୀର ପ୍ରଥମ ଅଣ କମ୍ୟୁନିଷ୍ଟ ପ୍ରଧାନମନ୍ତ୍ରୀ ଯୋଶେଫ ଆଣ୍ଟାଲଙ୍କ ପରଲୋକ।
- ହିମାଚଳ ପ୍ରଦେଶର ଚାମ୍ବା ନିକଟରେ ସିଭଲ ନଦୀରେ ଏକ ଅର୍ଦ୍ଧନିର୍ମିତ ପୋଲ ଭୁଶୁଡି ପଡିବା ଫଳରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ।

## ସଂକ୍ଷେପରେ

### ଓମାନରେ ଫସିଛନ୍ତି ଗଞ୍ଜାମର ୫ ଶ୍ରମିକ

**ଛତ୍ରପୁର,୧୨।୧୨(ଡି.ଏନ.ଏ.):** ଗଞ୍ଜାମ ଜିଲାର ୫ ଜଣ ଶ୍ରମିକ କାମ କରିବାକୁ ଯାଇ ଓମାନରେ ଫସି ରହିଛନ୍ତି। ସେମାନଙ୍କୁ ଦୀର୍ଘ ୫ମାସ ହେଲା ଦରମା ମିଳୁନି। ଓମାନର ମସ୍କାଟ ସହରକୁ ୨୦୧୭ ଜାନୁୟାରୀ ୨୩ରେ ଗଞ୍ଜାମ ଜିଲାର ୫ଜଣ କାମ କରିବାକୁ ଯାଇଥିଲେ। କିଛିଦିନ ଠିକ୍ ଭାବେ ଦରମା ମିଳିବା ପରେ ୫ମାସ ହେଲା ଦରମା ଦିଆଯାଇ ନ ଥିବା ନେଇ ସେମାନେ ଫୋନ ମାଧ୍ୟମରେ ପରିବାରବର୍ଗଙ୍କୁ ଜଣାଇଥିଲେ। ଏହାପରେ ସେମାନଙ୍କ ପରିବାର ଲୋକଙ୍କ ପକ୍ଷରୁ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁଙ୍କୁ ଜଣାଇବା ସହ ଓମାନରୁ ଶ୍ରମିକମାନଙ୍କୁ ଭାରତକୁ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଗଞ୍ଜାମ ଜିଲାର ଫସି ରହିଥିବା ଶ୍ରମିକମାନେ ହେଲେ କୋଦଳାର ଅଲିକ୍ରିଷ୍ଣା ପ୍ରଧାନ ଓ କାହ୍ନୁ ପ୍ରଧାନ, କବିସୂର୍ଯ୍ୟନଗରର ବିପିନ ବିହାରୀ ପଲେଇ, ଚିକିଟିର ଜି. ପୂର୍ଣ୍ଣ ରେଡ୍ଡୀ ଓ ପୋଲସରାର ସୁରଜ କୁମାର ପ୍ରଧାନ। ଫସିରହିଥିବା ଶ୍ରମିକମାନଙ୍କ ସହ ଫୋନରେ ଶ୍ରମ ଅଧିକାରୀ ସାହୁ ବୁଧବାର କଥା ହୋଇଛନ୍ତି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ସେ କହିଛନ୍ତି।

### ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା, ପୁଅ ଗିରଫ

**ବରଗଡ଼ ଅଫିସ,୧୨।୧୨:** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ବିଜରାଭଟା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଆଶାରାମ ଭୁଏ(୪୫)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଦିଲୀପ ଭୁଏ(୨୬)ଙ୍କୁ ଗିରଫ କରିଛି । ଜଗଦଲପୁର ଥାନାରେ ତାଙ୍କ ବିରୋଧରେ ଏକ ମାମଲା(୧୪୨/୧୮) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆଶାରାମଙ୍କ ଦୁଇ ପୁଅ ଏବଂ ଜଣେ ଝିଅ । ଝିଅ ବିବାହିତା ଏବଂ ଦୁଇ ପୁଅ ଦାଦନ ଖଟିବାକୁ ତାମିଲନାଡୁ ଯାଇ ସେଠାରୁ ରୋଜଗାର ଟଙ୍କା ଘରକୁ ପଠାଉଥିଲେ । ସେହି ଟଙ୍କାକୁ ଘର ତିଆରିରେ ବିନିଯୋଗ କରିବା ପାଇଁ ସେମାନେ ଆଶାରାମଙ୍କୁ କହି ଆସୁଥିଲେ । ତେବେ ଗତ ପ୍ରାୟ ସପ୍ତାହକ ତଳେ ବଡ଼ ପୁଅ ଦିଲୀପ ତାମିଲନାଡୁରୁ ଗାଁକୁ ଆସିଥିଲେ । ଆଶାରାମ ଘର କାମ କରି ନ ଥିବାରୁ ସେଦିନଠାରୁ ତାଙ୍କ ସହିତ ଦିଲୀପଙ୍କ ପାଟିତୁଣ୍ଡ ହୋଇଥିଲା। ମଙ୍ଗଳବାର ରାତିରେ ଦିଲୀପ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ବିଭିନ୍ନ ଆସବାବପତ୍ର ଭଙ୍ଗାରୁଜା କରିଥିଲେ । ତାଙ୍କୁ ବାରଣ କରିବାରୁ ସେ ଆଶାରାମଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବଜ୍ରକାପ୍ତା ଜବତ, ଚୋରା ଚାଲାଣ ଚାଲିଛି

## ଶିକ୍ଷକଙ୍କ ସମେତ ୭ ଗିରଫ



ବନ ବିଭାଗ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତମାନେ।



**ମାଲକାନଗିରି,୧୨।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ବନ ବିଭାଗ ବୁଧବାର ଏକ ବଜ୍ରକାପ୍ତା ଜବତ କରିଛି। ଏହି ଘଟଣାରେ ଜଣେ ଶିକ୍ଷକଙ୍କ ସମେତ ୭ଜଣଙ୍କୁ ବନ ବିଭାଗ ଅଟକ ରଖି ତଦନ୍ତ ଚଳାଇଛି। ସେମାନେ ହେଲେ ଏମ୍.ଭି.- ୪୭ ଗ୍ରାମର ଗୋକୁଳାନନ୍ଦ ମିସ୍ତ୍ରି, ଦୁଗାଲି ଗ୍ରାମର କମଳଲୋଚନ ମାଡ଼ି, ଲୁଲେର ଗ୍ରାମର ପିତମ ହରିଜନ, ସିନ୍ଧିଗୁଡା ଗ୍ରାମର ହରିବନ୍ଧୁ କମାରି, ସିନ୍ଧାବେଡା ଗ୍ରାମର ସମନ୍ଧ ପୁଜାରୀ, ପୁରୁଣାଗୁଡା ଗ୍ରାମର ଘାସିରାମ ପୁଜାରି ଏବଂ ଏମ୍.ଭି.-୧୦ ଗ୍ରାମର ପଙ୍କଜ ସରକାର । ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଡିଏଫ୍‌ଓ ପ୍ରଦୀପ ଦେବୀଦାସ ମିରାଶେ କହିଛନ୍ତି, ମାଲକାନଗିରି ଜିଲାରେ ଆଦିବାସୀଙ୍କୁ ପ୍ରଭାବିତ କରି କେତେକ ବାହାର ରାଜ୍ୟର ବ୍ୟବସାୟୀ ଜଙ୍ଗଲରୁ ବଜ୍ରକାପ୍ତା ଧରି ବିକ୍ରି କରୁଛନ୍ତି। ଏନେଇ ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଗତ ରାତିରେ ୪ଟି ଟିମ୍‌ରେ ବିଭକ୍ତ ହୋଇ ବିଭିନ୍ନ ଅଞ୍ଚଳରେ ଜଗି ରହିଥିଲେ। ଭିମାରାଙ୍ଗିଣି ଗ୍ରାମରେ ବିକ୍ରେତା ଏବଂ କ୍ରେତା ଏକଜୁଟ ହେବାର ସମ୍ଭାବନା ଥିବାରୁ ବିଭାଗର ଜଣେ କର୍ମଚାରୀ ସେଠାରେ କ୍ରେତା ହିସାବରେ ପହଞ୍ଚିଥିଲେ । ବଜ୍ରକପ୍ତାକୁ ଚୋରା ଚାଲାଣକାରୀମାନେ ୮ ଲକ୍ଷ ଟଙ୍କାରେ କିଣିବେ । କ୍ରେତା ଭାବେ କର୍ମଚାରୀ ମାନେ ଫୋନ୍‌ରେ ବିକ୍ରେତା ଏବଂ କ୍ରେତାଙ୍କ ସହ ଯୋଗାଯୋଗ କରି ଅଧିକ ଅର୍ଥ ଦେବୁ ବୋଲି ସୂଚନା ଦେଇଥିଲେ । ଫଳରେ ବିକ୍ରେତା ଏବଂ ଅନ୍ୟ କ୍ରେତାମାନେ ଘଟଣା ସ୍ଥଳରେ ପହଞ୍ଚିବା ପରେ ପୂର୍ବରୁ ଜଗି ରହିଥିବା ବନ କର୍ମଚାରୀମାନେ ଅଭିଯୁକ୍ତମାନଙ୍କୁ କାବୁ କରି ନେଇଥିଲେ । ବଜ୍ରକପ୍ତା ସହ ସେମାନଙ୍କୁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇ ଥିଲା। ଏଥିରେ ୭ଜଣ ସମ୍ପୃକ୍ତ ଅଛନ୍ତି। ଏମାନଙ୍କ ମଧ୍ୟରେ ମାଥିଲି ଅଞ୍ଚଳର ଜଣେ ଶିକ୍ଷକ ଥିବା ଜଣାପଡିଛି। ଡିଏଫଓ କହିଛନ୍ତି ଯେ, ଏହି ବଜ୍ରକାପ୍ତା ବିଦେଶକୁ ଚାଲାଣ କରାଯାଉଛି। ଏଥିରେ ଔଷଧ ଏବଂ ସୈନ୍ୟ ବାହିନୀ ପାଇଁ ବୁଲେଟ୍ ପ୍ରୁଫ୍ ଜାକେଟ ପ୍ରସ୍ତୁତ କରାଯାଉଛି।

# ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

**ବରଗଡ଼ ଅଫିସ,୧୨।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୧୯ ଜାନୁୟାରୀ ୧୧ ତାରିଖରୁ ଆରମ୍ଭ ହେବ। ଏହା ମହୋତ୍ସବ ସେହି ମାସ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବୁଧବାର ସନ୍ଧ୍ୟାରେ ପାରମ୍ପରିକ ରୀତିନୀତିରେ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଛି । ସନ୍ଧ୍ୟାରେ ସ୍ଥାନୀୟ ତଳିପଡ଼ାସ୍ଥିତ ମା' ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାର୍ଚ୍ଚନା ପରେ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ ଶୋଭାଯାତ୍ରା ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀ ଅଭିମୁଖେ ବାହାରିଥିଲା। ସାଂସ୍କୃତିକ ଶୋଭାଯାତ୍ରା ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀରେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ପହଞ୍ଚିବା ପରେ ସେଠାରେ ବିଧିମତେ ପୂଜାର୍ଚ୍ଚନା ହୋଇଥିଲା । ପରେ ୭୦ତମ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଥିଲା । ଏହି ସମୟରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ଏସ୍‌ପି ଯଶୋବନ୍ତ ସେନାପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଶିବ ଶଙ୍କର ଦାଶ ପୂଜାର୍ଚ୍ଚନା କରିଥିଲେ । ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଡିଆର୍‌ଡିଏ ପିଡି କୃତ୍ତିବାସ ରାଉତ, ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଢାବାରୁ ଲୁଟ୍ ଘଟଣା, ୪ ଗିରଫ

**ରାଉରକେଲା ଅଫିସ,୧୨।୧୨:** ରଘୁନାଥପାଲି ଥାନା ଜଲଦା ଫାଣ୍ଡି ତାରିଣୀ ଢାବାରୁ ନଭେମ୍ବର ୧୧ ତାରିଖ ରାତିରେ ୩୫ ହଜାର ଟଙ୍କା ଲୁଟ୍ ଘଟଣାରେ ବୁଧବାର ପୋଲିସ ୪ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ମାଲ ରାୟବଗା ଅଞ୍ଚଳର ବିନୋଦ ଟେଟେ, ଗୁରୁଣ୍ଡିଆ ଅଞ୍ଚଳର ପ୍ରଦୀପ ଖାଲକୋ, ଜଲଦା ତାରିଣୀ ଢାବାର କର୍ମଚାରୀ ଚନ୍ଦନ ନାୟକ ଏବଂ ରାୟବଗାର ଜାଭିୟର ଟେଟେ। ବିନୋଦ ଟେଟେ ଜଣେ ପିଏଲ୍‌ଏଫ୍‌ଆଇ ସଦସ୍ୟ ବୋଲି ଜଣାପଡ଼ିଛି। ତାଙ୍କ ନାମରେ ରାଜଗାଙ୍ଗପୁର, କୁତ୍ରା ଓ ବ୍ରାହ୍ମଣୀତରଙ୍ଗ ଥାନାରେ ୧୦ରୁ ଅଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ପୋଲିସ ୩୫ ହଜାର ଟଙ୍କା, ୨ଟି ଦେଶୀ ବନ୍ଧୁକ, ୨ଟି ବାଇକ୍, ଗୋଟିଏ ଭୁଜାଲି, ୨ଟି ଗୁଳି ଜବତ କରିଛି।

# ବଙ୍ଗୋପ ସାଗରରେ ଲଘୁଚାପ: ୧୬ରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ଦକ୍ଷିଣ ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ବୁଧବାର ଡିପ୍ରେସନରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଡିପ୍ ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଓ ଉତ୍ତର ତାମିଲନାଡୁ ଦେଇ ଅତିକ୍ରମ କରିବ। ଏହାର ପ୍ରଭାବ ଓଡିଶା ଉପରେ ପଡିବ ନାହିଁ । ତେବେ ସମୁଦ୍ରରେ ଏହାର ବେଗ ଘଣ୍ଟାକୁ ୪୦ରୁ ୫୦ ମିଲୋମିଟର ରହିବା ବେଳେ ସ୍ଥଳଭାଗ ଆଡକୁ ଆସିବା ସମୟରେ ପବନ ବହିବାର ସମ୍ଭାବନା ରହିଛି। ଏଥିଯୋଗୁ ସମୁଦ୍ର ଅଶାନ୍ତ ରହିବ। ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୧୬ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଆସନ୍ତା ୧୬ ତାରିଖରେ ଦକ୍ଷିଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଛତିଶଗଡ ଏବଂ ବାଲାଂଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ବୁଧବାର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ଯାଏ ଉପରକୁ ଉଠି ଯାଇଛି।

# ବାଇଗଣ ବିଲରେ ମରି ପଡ଼ିଛି ମାଈହାତୀ



**ଆଠଗଡ, ୧୨।୧୨ (ସ୍ୱ.ପ୍ର.):** କଟକ ଜିଲା ଆଠଗଡ ବନାଞ୍ଚଳ ବୌଦା-ବନଖଣ୍ଡି ସଂରକ୍ଷିତ ଜଙ୍ଗଲର ରାଜନଗର ଗ୍ରାମ ନିକଟ ଏକ ବାଇଗଣ ବିଲରୁ ବୁଧବାର ଏକ ମାଇହାତୀର ମୃତଦେହ ଉଦ୍ଧାର କରାଯାଇଛି । ହାତୀର ବୟସ ୮ରୁ ୧୦ ବର୍ଷ ହେବ ବୋଲି ଜଙ୍ଗଲ ବିଭାଗ କହିଛି। ତେବେ କେଉଁ କାରଣରୁ ହାତୀଟିର ମୃତ୍ୟୁ ଘଟିଛି ତାହା ଜଣାପଡିନାହିଁ । ଚନ୍ଦକା-ଡମପଡା ହାତୀ ଅଭୟାରଣ୍ୟରୁ ମହାନଦୀ ପାରହୋଇ ୫ ହାତୀ ଆଠଗଡ ବନାଞ୍ଚଳ ଅନ୍ତର୍ଗତ ସୁକାଶନ- କ ବୌଦା- ବନଖଣ୍ଡି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମଙ୍ଗଳବାର ରାତିରେ ଚଳପ୍ରଚଳ କରୁଥିଲେ । ବୁଧବାର ସକାଳୁ ଆଠଗଡ- ମୁଣ୍ଡଳି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଏକ ବାଇଗଣ ବିଲରେ ହାତୀର ମୃତଦେହ ଦେଖି ସ୍ଥାନୀୟ ଲୋକେ ଜଙ୍ଗଲ ବିଭାଗରେ ଖବର ଦେଇଥିଲେ । ଆଠଗଡ ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର କୁମାର ଦାସ ଓ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଓ ବନ କର୍ମଚାରୀମାନେ ପହଞ୍ଚିଥିଲେ । ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱରସ୍ଥିତ କୃଷି ବିଶ୍ୱବିଦ୍ୟାଳୟରୁ ଆସିଥିବା ବିଶେଷଜ୍ଞ ଦଳ ହାତୀର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ମୃତ ହାତୀକୁ ବୌଦା- ବନଖଣ୍ଡି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପୋତି ଦିଆଯାଇଥିଲା । ବାଇଗଣ ବିଲରେ ପଡିଥିବା କୀଟନାଶକ ପ୍ରଭାବରେ ହାତୀର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି,ମୃତ ହାତୀର ରକ୍ତ ନମୁନା ଓ ଶରୀରର ଅଂଶବିଶେଷ ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ଓୟୁଏଟିରେ ଥିବା ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।


GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C-71, C.D.A, Sector-7, Cuttack-753014
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in section 29 of the Recovery of Debts due to Banks and Financial Institutions Act, 1993)
**R. P. No. 10/2017/CTC**
(Arising out of OA No. 259 of 2013)
**Next Date: 10.01.2019**

**Allahabad Bank,** Maitri Vihar Branch, Plot No. S-3, Phase-II, Maitri Vihar, Bhubaneswar, Dist.: Khurda ...**Certificate Holder Bank**
Vs.
**M/s. Suresh Painting Works & Ors** ...**Certificate Debtors**

To
1. **M/s Suresh Painting Works,** Plot No.: 368, Infocity Road, Patia, Bhubaneswar, Dist.: Khurda, PIN - 751016 **(Represented throught its Proprietor : Shri Suresh Mohanty)**
2. **Shri Suresh Mohanty,** S/o: Muralidhar Mohanty, Vill: Pitamberpur, PO: Rahidinga, Via: Nalibar, Dist.: Jagatsinghpur, PIN - 754104.

Take notice that Certificate arising out of **OA No. 259 of 2013** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 30,75,257.65** (Rupees Thirty Lac Seventy Five Thousand Two Hundred Fifty Seven and Paise Sixty Five only) together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | : Rs. | 30,75,257.65 |
| 2. Interest @ 11.50% p.a. with quarterly rests from 11.06.2013 to 09.03.2017 | : Rs. | 8,34,479.00 |
| 3. Cost of the suit as allowed (+) | : Rs. | 33,000.00 |
| 4. Amount payable | **: Rs.** | **39,42,736.65** |

(Rupees Thirty Nine Lacs Forty Two Thousand Seven Hundred Thirty Six and Paise Sixty Five only) plus interest **@ 11.50% p.a.** from **10.03.2017** till realization of the entire dues.

**2.** You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

**3.** In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc, and of all the other proceedings taken for realising of arrears.

**4.** You are hereby directed to appear in person or through legal representative before the undersigned on **10.01.2019** and report the details of payment made by you.

Given under my hand & seal at Cuttack on this **27th day of November 2018.**

**Sd/- (R.P. Patnaik)**
**Recovery Officer**



150 YEARS OF CELEBRATING THE MAHATMA
ଟିକସଦାତା ଧ୍ୟାନଦିଅନ୍ତୁ !
1 NATION 1 TAX 1 MARKET GST

**ଜିଏସ୍‌ଟି ବାର୍ଷିକ ରିଟର୍ନ ଫାଇଲିଂ ପାଇଁ ଶେଷ ତାରିଖ ବୃଦ୍ଧି କରାଯାଇଛି !**

ଶେଷ ତାରିଖ ୩୧ ମାର୍ଚ୍ଚ, ୨୦୧୯

ଜିଏସ୍‌ଟିଆର୍-୯, ଜିଏସ୍‌ଟିଆର୍-୯ଏ ଏବଂ ଜିଏସ୍‌ଟିଆର୍-୯ସି ରିଟର୍ନଗୁଡ଼ିକୁ ଏବେ **୩୧ ମାର୍ଚ୍ଚ, ୨୦୧୯** ପର୍ଯ୍ୟନ୍ତ ଫାଇଲ୍ କରାଯାଇପାରିବ।

**ଜିଏସ୍‌ଟିଆର୍-୯ ବାର୍ଷିକ ରିଟର୍ନ କ'ଣ ?**
- ଜିଏସ୍‌ଟିଆର୍-୯ ଫର୍ମ ହେଉଛି ଏକ ବାର୍ଷିକ ରିଟର୍ନ ଯାହାକୁ ଜିଏସ୍‌ଟି ଅଧୀନରେ ନିର୍ଦ୍ଦିଷ୍ଟ ଟିକସଦାତାଙ୍କ ଦ୍ୱାରା ବର୍ଷରେ ଥରେ ଫାଇଲ୍ କରାଯାଇଥାଏ।
- ଏହି ରିଟର୍ନ ଅଧୀନରେ ଟିକସଦାତାଙ୍କୁ ବହିର୍ଗାମୀ ଯୋଗାଣ, ଅନ୍ତର୍ଗାମୀ ଯୋଗାଣ, ବିଭିନ୍ନ ଟିକସ ଶୀର୍ଷକ ଅଧୀନରେ ଅର୍ଥାତ୍ ସିଜିଏସ୍‌ଟି, ଏସ୍‌ଜିଏସ୍‌ଟି ଏବଂ ଆଇଜିଏସ୍‌ଟି ପୈଠ କରିଥିବା ଟିକସର ବିବରଣୀ, ଡିମାଣ୍ଡ, ରିଫଣ୍ଡଗୁଡ଼ିକର ବିବରଣୀ ଇତ୍ୟାଦିର ସାରାଂଶ ରିପୋର୍ଟ କରିବାକୁ ପଡ଼ିଥାଏ।
- ଏହା ବର୍ଷସାରା ଫାଇଲ କରାଯାଇଥିବା ମାସିକ/ତ୍ରୈମାସିକ ରିଟର୍ନରେ ପ୍ରଦତ୍ତ ସୂଚନାଗୁଡ଼ିକୁ ଏକତ୍ରିତ କରିଥାଏ।
- କମ୍ପୋଜିଶନ୍ ଲେଭି ସ୍କିମ୍ ଅଧୀନରେ କାର୍ଯ୍ୟରତ ଟିକସଦାତାଙ୍କୁ ସମାନ ଧରଣର କିନ୍ତୁ ସରଳତର ରିଟର୍ନ ଫର୍ମ ଜିଏସ୍‌ଟିଆର୍-୯ଏ ରେ ଫାଇଲ୍ କରିବାକୁ ହେବ।

**ଜିଏସ୍‌ଟିଆର୍-୯/୯ଏ ବାର୍ଷିକ ରିଟର୍ନ କିଏ ଫାଇଲ୍ କରିବେ ?**
ନିମ୍ନଲିଖିତଙ୍କୁ ଛାଡ଼ି, ପ୍ରତ୍ୟେକ ପଞ୍ଜୀକୃତ ବ୍ୟକ୍ତିଙ୍କ ପାଇଁ ଜିଏସ୍‌ଟିଆର୍-୯/୯ଏ ରିଟର୍ନ ଫାଇଲ୍ କରିବା ବାଧ୍ୟତାମୂଳକ -
- ଜଣେ ଆକସ୍ମିକ ଟିକସଯୋଗ୍ୟ ବ୍ୟକ୍ତି
- ଇନ୍‌ପୁଟ୍ ସେବା ବିତରକ
- ଅଣ-ନିବାସୀ ଟିକସଯୋଗ୍ୟ ବ୍ୟକ୍ତି, ଏବଂ
- ଜିଏସ୍‌ଟି ଅଧିନିୟମର ଧାରା ୫୧ ଓ ଧାରା ୫୨ ଅଧୀନରେ ଟିକସ ପୈଠ କରୁଥିବା ବ୍ୟକ୍ତି।

**ଜିଏସ୍‌ଟିଆର୍-୯ସି ବାର୍ଷିକ ରିଟର୍ନ କ'ଣ ?**
ଯେଉଁ ଟିକସଦାତାଙ୍କ ବାର୍ଷିକ କାରବାର ଗୋଟିଏ ଆର୍ଥିକ ବର୍ଷରେ ₹୨ କୋଟିରୁ ଉର୍ଦ୍ଧ୍ୱ ହେଉଥିବ ସେମାନଙ୍କ ଦ୍ୱାରା ଜିଏସ୍‌ଟିଆର୍-୯ସି ରିଟର୍ନ ଫାଇଲ୍ କରାଯିବ। ଏପରି ସମସ୍ତ ଟିକସଦାତାଙ୍କୁ ନିଜ ନିଜର ଖାତା ଅଡିଟ୍ କରାଇବା ଏବଂ ଅଡିଟ୍ ହୋଇଥିବା ବାର୍ଷିକ ଖାତାର ପ୍ରତିଲିପି ଏବଂ ସର୍ବମୋଟ କାରବାର, ଟିକସଯୋଗ୍ୟ କାରବାର, ପୈଠ କରାଯାଇସାରିଥିବା ଟିକସ, ଅତିରିକ୍ତ ପୈଠଯୋଗ୍ୟ ପରିମାଣ, ଇନ୍‌ପୁଟ୍ ଟିକସ କ୍ରେଡିଟ୍, ଇତ୍ୟାଦିର ମୀମାଂସାର ବିବରଣୀ ସମ୍ବଳିତ ମୀମାଂସା ବିବରଣୀ ଫର୍ମ ଜିଏସ୍‌ଟିଆର୍-୯ସି ରେ ଫାଇଲ୍ କରିବାକୁ ପଡ଼ିବ।

ଧାର୍ଯ୍ୟ ତାରିଖ ପୂର୍ବରୁ ଜିଏସ୍‌ଟିଆର୍-୯, ଜିଏସ୍‌ଟିଆର୍-୯ଏ ଏବଂ ଜିଏସ୍‌ଟିଆର୍-୯ସି ରିଟର୍ନ ଫାଇଲ୍ କରନ୍ତୁ

**ଜିଏସ୍‌ଟି - ଏକ ଭଲ ଓ ସରଳ ଟିକସ**

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବାଣିଜ୍ୟ କର ବିଭାଗ
www.cbic.gov.in, www.cbec-gst.gov.in

davp 15502/13/0082/1819



ପୂର୍ବତନ ସ୍ଥଳ ସେନାଧ୍ୟକ୍ଷ ଜେ.ଜେ. ସିଂ ବ୍ୟକ୍ତିଗତ କାରଣ ପାଇଁ ଶିରୋମଣି ଅକାଳୀ ଦଳରୁ ଇସ୍ତଫା ଦେଇଛନ୍ତି। ସେ ପୂର୍ବରୁ ଅରୁଣାଚଳ ପ୍ରଦେଶର ରାଜ୍ୟପାଳ ଥିଲେ। ୨୦୧୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଅକାଳୀ ଦଳରେ ଯୋଗଦେଇ ପଟିଆଲା ଆସନରୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ବିରୋଧରେ ଲଢ଼ି ହାରିଯାଇଥିଲେ।



## ସଂକ୍ଷେପରେ

### ଅନ୍‌ଲାଇନ୍ ଟଙ୍କା ଠକେଇ ମାମଲା: ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ,୧୨।୧୨:** ଅନ୍‌ଲାଇନରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ବୁଧବାର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ଜାମିନ ପ୍ରଦାନ କରିଛନ୍ତି। କୋର୍ଟ ଚାଲାଣର ୨ ମାସ ପରେ ଅଭିଯୁକ୍ତ ସନ୍ତୋଷ ମହାନ୍ତି ସର୍ତ୍ତମୂଳକ ଜାମିନ ପାଇଥିବା ତାଙ୍କ ଓକିଲ ବି.ଭାଗୀରଥି ରାଓ ସୂଚନା ଦେଇଛନ୍ତି।



ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀ କ୍ରିଷ୍ଟାନଗର ତୃତୀୟ ଲେନ୍‌ର ସନ୍ତୋଷ ତାଙ୍କ ଘନିଷ୍ଠ ବନ୍ଧୁ ଗୁରୁଣ୍ଡି ଗ୍ରାମର କିରଣ କୁମାର ନାୟକଙ୍କ ବାପା ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନଲାଇନରେ ଟଙ୍କା ଠକେଇ କରିଥିଲେ। କିରଣଙ୍କ ବାପା ଓ ମା' ପକ୍ଷାଘାତରେ ପୀଡିତ ଥାଇ ଚିକିତ୍ସିତ ହେଉଛନ୍ତି। କିରଣଙ୍କ ଅନୁପସ୍ଥିତିରେ ସନ୍ତୋଷ ତାଙ୍କ ଘରକୁ ଯାଇ ବାପା ପ୍ରକାଶଙ୍କ ୨ଟି ଏଟିଏମର ଫଟୋ ନିଜ ମୋବାଇଲରେ କଏଦ କରିନେଇଥିଲେ। ପରେ ସମ୍ପୃକ୍ତ ବ୍ୟାଙ୍କ ଆକାଉଣ୍ଟକୁ ସଂଯୋଗ ରହିଥିବା ସିମ୍‌କୁ ମୋବାଇଲରୁ ନେଇଯାଇ ଅଗଷ୍ଟ ୯ରୁ ୨୬ ତାରିଖ ମଧ୍ୟରେ ୩ ପର୍ଯ୍ୟାୟରେ ୩ ଲକ୍ଷ ୭୧ ହଜାର ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ।

### ନକଲି ବିଦେଶୀ ମଦ ପ୍ରସ୍ତୁତ ଘଟଣା, ଆଉ ଜଣେ ଗିରଫ

**ବ୍ରହ୍ମପୁର ଅଫିସ୍,୧୨।୧୨:** ବ୍ରହ୍ମପୁର ସଦର ଥାନା ଅଧୀନସ୍ଥ ବୋରିଗାଁରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରିବା ଘଟଣାରେ ବୁଧବାର ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ଆସିକା ରୋଡ୍ ପାଣିଗ୍ରାହୀପେଣ୍ଠ ସାହିର ବୁଲୁ ପାତ୍ର। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ୭ ତାରିଖରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏବେ ଗିରଫ ସଂଖ୍ୟା ୪ରେ ପହଞ୍ଚିଛି। ପ୍ରକାଶ ଯେ, ୬ ତାରିଖ ବିଳମ୍ବିତ ରାତ୍ରିରେ ବୋରିଗାଁ ସ୍ଥିତ ନାରାୟଣ ସାହୁଙ୍କ ହୋଟେଲରେ ପୋଲିସ ଛାପା ମାରିଥିଲା। ସେଠାରେ ବିଭିନ୍ନ ବିଦେଶୀ ମଦ ଖାଲି ବୋତଲରେ ସ୍ପିରିଟ୍ ଓ ପାଣି ସହିତ ରଙ୍ଗ ବୋଳାଯାଇ ଓଡିଶା ସରକାର ଅବକାରୀ ବିଭାଗର ଷ୍ଟିକର୍ ଲଗାଯାଇ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। ସେଠାରୁ ନକଲି ଲୋଗୋ, ନକଲି ବିଦେଶୀ ମଦ ଭର୍ତ୍ତି ବୋତଲ, ଖାଲି ବୋତଲ ଆଦି ଜବତ କରାଯାଇଥିଲା। ଏ ନେଇ ନଂ.୨୮୪/୧୮ରେ ମାମଲା ରୁଜୁ କରାଯାଇ ବୋରିଗାଁର ନାରାୟଣ ସାହୁ, ତାଙ୍କ ଭଣଜା ବଡବଜାର ଥାନା ଖଣ୍ଡିଆ କମୁଟି ସାହିର ଅନୀଲ କୁମାର ସାହୁ ଏବଂ ସଦରଥାନା ମଣିଆଖାଲିର ଗୁରୁବାରୀ ସାହୁଙ୍କୁ ଗିରଫ କରାଯାଇଥିଲା।

# ଝାଡ଼ାବାନ୍ତିରେ ଶତାଧିକ ଆକ୍ରାନ୍ତ

**ସୋନପୁର,୧୨।୧୨(ନି.ପ୍ର.)**

- ସଙ୍ଗିନ ହେଉଛି ସୁବର୍ଣ୍ଣପୁର ସହରର ସ୍ଥିତି
- ସାଲାଇନ ଷ୍ଟାଣ୍ଡ ନାହିଁ, ତଳେ ଶୋଇଛନ୍ତି ରୋଗୀ
- ଜଳ ନମୁନା ପରୀକ୍ଷା ରିପୋର୍ଟକୁ ଅପେକ୍ଷା

ଝାଡ଼ାବାନ୍ତି ବ୍ୟାପି ସୋନପୁର ସହରର ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବରୁ ମାତ୍ର ୪ଟି ପଡ଼ାରେ ରୋଗ ବ୍ୟାପିଥିବାବେଳେ ବୁଧବାର ସାରା ସହରକୁ ଏହା ବ୍ୟାପି ଗଲାଣି। ମ୍ୟୁନିସିପାଲିଟିର ପ୍ରାୟ ସବୁ ୱାର୍ଡରୁ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିବାରେ ଲାଗିଛନ୍ତି। ତେବେ ଦୂଷିତ ପାଣି କିମ୍ବା ଖାଦ୍ୟ ଯୋଗୁ ଝାଡ଼ାବାନ୍ତି ବ୍ୟାପିଲା ତାହା ସ୍ପଷ୍ଟ ହୋଇପାରିନି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ଦୂଷିତ ପାଣି ଯୋଗାଣ ହୋଇଥିବାରୁ ଝାଡ଼ାବାନ୍ତି ବ୍ୟାପିଥିବା ସହରବାସୀ ଅଭିଯୋଗ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର, ସହରର ମଇଳା ଜଳ ଓ ବର୍ଜ୍ୟବସ୍ତୁ ଡ୍ରେନ୍‌ରେ ଯାଇ ମହାନଦୀର ଦଶମତୀଘାଟରେ ପଡୁଛି। ସେହି ପାଣିକୁ ମୋଟର ସାହାଯ୍ୟରେ ଅଣାଯାଇ ବିଶୋଧନ କରି ସହରବାସୀଙ୍କୁ ଯୋଗାଇ ଦିଆଯାଉଛି। ବିଶୋଧନ ଠିକ୍ ଭାବରେ ହେଉ ନ ଥିବାରୁ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ପୁରୁଣା ପାଇପଗୁଡ଼ିକ ପ୍ରାୟତଃ ଡ୍ରେନ୍ ତଳେ ରହିଛି। ପାଇପଗୁଡ଼ିକ ଅନେକ ସ୍ଥାନରେ ଫାଟିଗଲାଣି। ଡ୍ରେନ୍‌ର ମଇଳା ପାଣି ପାଇପ୍ ମଧ୍ୟରେ ପଶୁଛି। ଏହି ପାଣିକୁ ଲୋକେ ସିଧାସଳଖ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ଏହା ମଧ୍ୟ ଝାଡ଼ାବାନ୍ତି ବ୍ୟାପିବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଅନ୍ୟପଟେ ସହରରେ ପାନୀୟ ଜଳ ଯୋଗାଣର ସମ୍ପ୍ରସାରଣ ଓ ନୂତନ ପାଇପ୍ ବିଛା କାର୍ଯ୍ୟ ବହୁ ପୂର୍ବରୁ ଆରମ୍ଭ ହୋଇଛି। ହେଲେ ଏ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହେଉନି। ମନ୍ଥର ଗତିରେ କାମ ଚାଲିଥିବାରୁ ଲୋକେ ଦୂଷିତ ପାଣି ପିଉଛନ୍ତି। ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୃଥକ ଭାବେ ପ୍ରଭାବିତ ସ୍ଥାନରୁ ନଳକୂପ, ପାଇପ ଜଳର ନମୁନା ସଂଗ୍ରହ କରାଯାଇଛି। ୪୮ଘଣ୍ଟା ପରେ ପରୀକ୍ଷା ରିପୋର୍ଟ ଆସିଲେ ରୋଗ ବ୍ୟାପିବାର କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଏପଟେ ଚିକିତ୍ସାଳୟରେ ଶଯ୍ୟା, ସାଲାଇନ ଷ୍ଟାଣ୍ଡ, ଡାକ୍ତର ଓ କର୍ମଚାରୀ ଅଭାବ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି। ରୋଗୀଙ୍କୁ ବାରଣ୍ଡାରେ ତଳେ ଶୋଇ ରହି ଚିକିତ୍ସିତ ହେବାକୁ ପଡୁଛି। ଆବଶ୍ୟକ ସାଲାଇନ ଷ୍ଟାଣ୍ଡ ନ ଥିବାରୁ କାନ୍ଥରେ କଣ୍ଟା ପିଟି ସାଲାଇନ ଦିଆଯାଉଛି। ଏଥିପାଇଁ ଚିକିତ୍ସାଳୟ ପରିସରରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଚିକିତ୍ସାଳୟ ପରିଦର୍ଶନ କରି ଆକ୍ରାନ୍ତଙ୍କୁ ଭେଟିଛନ୍ତି। ଜିଲାର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଓ ନର୍ସଙ୍କୁ ଆଣି ସେବା ଯୋଗାଇ ଦେବାକୁ ସିଡିଏମ୍‌ଓ ଡା. ବିଜୟଲକ୍ଷ୍ମୀ ଗୁରୁଙ୍କୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହିତ ମନ୍ତ୍ରୀ ଏ ସମ୍ପର୍କରେ କଥା ହୋଇଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ୮୫ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ସହରର ଥନାପତିପଡ଼ା, ନୂଆପଡ଼ା, ଧୀବରପଡ଼ା, ମାଳିପଡ଼ା, ପଟାଭାଡ଼ିରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରବାସୀଙ୍କୁ ମାଇକ୍ ଯୋଗେ ପ୍ରଚାର କରି ଲୋକଙ୍କୁ ପାଣି ଫୁଟାଇ ପିଇବା ଓ ଗରମ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦିଆଯାଉଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି।



ଆକ୍ରାନ୍ତମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।

## ଦାଦନ ଶ୍ରମିକଙ୍କୁ ପିଟି ପିଟି ମାରିଦେଲେ

**ପାଟଣାଗଡ଼,୧୨।୧୨(ଡି.ଏନ୍.ଏ.)**

- ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ସହଯୋଗୀଙ୍କ ଆକ୍ରମଣ
- କାମ ପାଇଁ ଅଗ୍ରିମ ଟଙ୍କା ଆଣିଥିଲେ

ଦାଦନ ସର୍ଦ୍ଦାର ସହଯୋଗୀଙ୍କ ମାଡ଼ରେ ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ପଣ୍ଡାମୁଣ୍ଡା ପଞ୍ଚାୟତ ଡୁମେରପଦର ଗ୍ରାମର ଶ୍ରମିକ ଜଗଦୀଶ ମିର୍ଦ୍ଧାଙ୍କ ବୁଧବାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଜଗଦୀଶ ପରିବାର ସହ ଦାଦନ ଖଟିବାକୁ ଯିବା ପାଇଁ ବେଲପଡ଼ା ଅଞ୍ଚଳର ଦାଦନ ସର୍ଦ୍ଦାର ବିଷ୍ଣୁ ବାଗଙ୍କଠାରୁ କିଛି ଟଙ୍କା ଆଣିଥିଲେ। ଗତ ସୋମବାର ସନ୍ଧ୍ୟାରେ ବିଷ୍ଣୁଙ୍କ ଦୁଇ ସହଯୋଗୀ ବିଛଲିବାହାଲ ଗ୍ରାମର ଶାନ୍ତି ବରିହା ଏବଂ ପଣ୍ଡାମୁଣ୍ଡା ଗ୍ରାମର ଭଗବାନ ବରିହା ବାଇକ୍ ଯୋଗେ ଜଗଦୀଶଙ୍କ ଘରକୁ ଆସିଥିଲେ। ସେମାନେ ଜଗଦୀଶଙ୍କୁ ବିଷ୍ଣୁଙ୍କ ଅନ୍ୟତମ ସହଯୋଗୀ ଦରୋମୁଣ୍ଡା ଗାଁର ନରସିଂହ ମାଝିଙ୍କ ଘରକୁ ଉଠାଇ ନେଇ ମାଡ଼ ମାରିଥିଲେ। ମଙ୍ଗଳବାର ସକାଳେ ଅଚେତ ଅବସ୍ଥାରେ ଘର ସମ୍ମୁଖରେ ତାଙ୍କୁ ଫିଙ୍ଗି ଚାଲି ଯାଇଥିଲେ। ପରିବାର ଲୋକେ ଜଗଦୀଶଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ରାତିରେ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପାଟଣାଗଡ଼ ଥାନାରେ ଜଗଦୀଶଙ୍କ ସ୍ତ୍ରୀ ଯମୁନାଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ୨୭୯/୧୮ନଂ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭଗବାନ ବରିହାଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ବିଷ୍ଣୁ ଏବଂ ତାଙ୍କ ଅନ୍ୟ ଦୁଇ ସହଯୋଗୀଙ୍କୁ ପୋଲିସ ଗିରଫ କରିନାହିଁ।

## ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ୍,୧୨।୧୨**

ରୋଷେଇ କରିବା ବେଳେ ପୋଡ଼ି ହୋଇ ଗୁରୁତର ହୋଇଥିବା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ବି.କରଞ୍ଜିଆ ଗ୍ରାମର ଟିଙ୍କିରି ବେହେରାଙ୍କ ସ୍ତ୍ରୀ ବିନୁ (୪୫)। ବିନୁ ମଙ୍ଗଳବାର ଅପରାହ୍ନରେ ଘରେ ରୋଷେଇ କରୁଥିଲେ। ଅସାବଧାନତାବଶତଃ ନିଆଁ ସଂସ୍ପର୍ଶରେ ଆସିଯିବାରୁ ସେ ପୋଡି ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କୋଦଳା ଡାକ୍ତରଖାନା ଓ ସେଠାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡମେଡିକାଲକୁ ନେଇଥିଲେ।

## ଧାନ ଅଭାବୀ ବିକ୍ରି ଅଭିଯୋଗ: ୧୫ରୁ କିଷାନ କଂଗ୍ରେସର ମଣ୍ଡି ଘେରାଉ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ)**

ଧାନ ଅମଳର ୨ ମାସ ବିତିଲାଣି। ଏ ପର୍ଯ୍ୟନ୍ତ ବହୁ ସ୍ଥାନରେ ମଣ୍ଡି ଖୋଲାଯାଇ ନାହିଁ। ବେପାରୀ ଓ ଦଲାଲମାନଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଚାଷୀ ଧାନ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ଯୋଗାଣ ମନ୍ତ୍ରୀଙ୍କ ତାଗିଦ୍ କେବଳ ସଚିବାଳୟର ଚାରି କାନ୍ଥରେ ସୀମିତ ରହିଛି। ଚାଷୀ ଧାନ ଉତ୍ପାଦନ ଖର୍ଚ୍ଚର ଉଚିତ ମୂଲ୍ୟ ପାଉନାହିଁ। ସ୍ୱାମୀନାଥନ କମିଟି ସୁପାରିସ ଅନୁଯାୟୀ କୃଷି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ବୃଦ୍ଧି କରାଗଲା ନାହିଁ। ପୂର୍ବ ପ୍ରଚଳିତ ବୋନସକୁ ମଧ୍ୟ କାଟି ଦିଆଗଲା। ଚାଷୀ ନିର୍ଦ୍ଧାରିତ ସହାୟକ ମୂଲ୍ୟ ପାଉ ନାହିଁ। ଏଫ୍ଏକ୍ୟୁ ନିମ୍ନମାନର ଓ ଆର୍ଦ୍ରତା ଆଳ ଦେଖାଇ ପ୍ରତି କୁଇଣ୍ଟାଲରେ ୫ରୁ ୭ କେ.ଜି. କଟଣି ଛଟଣି କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ସରକାର ୩୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ମାତ୍ର ୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିଛନ୍ତି। ସାରା ରାଜ୍ୟରେ ୨୬ ଶହ ପ୍ୟାକ୍ସ ଓ ୩ ହଜାର ଧାନ କ୍ରୟ କେନ୍ଦ୍ର ଖୋଲା ଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୩୩୮ ପ୍ୟାକ୍ସ ଓ ୫୧୭ ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇଛି। ଅସାଧୁ ବ୍ୟବସାୟୀଙ୍କ ଜାଲରେ ଚାଷୀ ଛନ୍ଦି ହୋଇଛନ୍ତି। ଖୋଦ୍ ଯୋଗାଣ ମନ୍ତ୍ରୀଙ୍କ ଗଞ୍ଜାମ ଜିଲାରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଆନ୍ଧ୍ର ବେପାରୀ ଟ୍ରକ୍ ଟ୍ରକ୍ ଧାନ ନେଉଥିବା ବେଳେ ଜିଲା ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀ ଏଥିପାଇଁ କି ପଦକ୍ଷେପ ନେଇଛନ୍ତି ବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏପରି ଚାଷୀ ମାରଣ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି। ସେ କହିଛନ୍ତି ଚାଷୀର ବଳକା ଧାନ କିଣିବା ତ ଦୂରର କଥା ନାମ ପଞ୍ଜୀକରଣରେ ତ୍ରୁଟି ଦର୍ଶାଇ ମଣ୍ଡିରୁ ଧାନ ଫେରାଇ ଦିଆଯାଉଛି। ଧାନ କ୍ରୟ କ୍ଷେତ୍ରରେ କେଳେଙ୍କାରୀ କଲେ ବିଭାଗୀୟ ମନ୍ତ୍ରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କହିବା କଥା କେବଳ ଧର୍ମକୁ ଆଖିଠାର ସଦୃଶ ବୋଲି ସେ କହିଛନ୍ତି। ସରକାରଙ୍କ ଏଭଳି ମନମୁଖି କାର୍ଯ୍ୟକୁ କୌଣସି ପରିସ୍ଥିତିରେ କଂଗ୍ରେସ ଦଳ ବରଦାସ୍ତ କରିବ ନାହିଁ। ଯଦି ସରକାର ତୁରନ୍ତ ମଣ୍ଡି ଖୋଲି ଚାଷୀଙ୍କଠାରୁ ସବୁ ବଳକା ଧାନ ନିର୍ଦ୍ଧାରିତ ସହାୟକ ମୂଲ୍ୟରେ କ୍ରୟ ନ କରନ୍ତି, ତେବେ ଡିସେମ୍ବର ୧୫ରୁ ମଣ୍ଡି ଘେରାଉ କରିବାକୁ କିଷାନ କଂଗ୍ରେସ ଚେତାବନୀ ଦେଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଗ, ଶିମିଳି, କପା କାଠ,
ମୂର୍ଖ ସଙ୍ଗେ ନ ଚାଲିବ ବାଟ।
ଯେବେ ମୂର୍ଖ ସାଙ୍ଗେ ଚାଲିବ ବାଟ,
କହୁଣି ଖାଇବ ରଟରାଟ।**

ଶାଗ ଶିମିଳି କପାକାଠ ନିଜ ନିଜ ସ୍ତରରେ ଅଯୋଗ୍ୟ ହେବା ଭଳି ମୂର୍ଖ ଲୋକ କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ସାଧାରଣତଃ ମୂର୍ଖବ୍ୟକ୍ତି ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଖରାପ ମଧ୍ୟରେ ଥିବା ପ୍ରଭେଦକୁ ସେମାନେ ଠଉରେଇ ପାରି ନ ଥାନ୍ତି। ଏପରି ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡ଼ିଲେ ଭବିଷ୍ୟତରେ ନାନା ଅସୁବିଧାରେ ପଡ଼ିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶୁଖିଲା କାଠରୁ ବୋହିବ ପାଣି,
ପୁଅ ଖେଳାଇବି କୋଉଠୁ ଆଣି।**

କାଠ ଶୁଖିଗଲେ ସେଥିରୁ ଆଉ ପାଣି ନ ବାହାରିପାରିବା ଭଳି ବଳବୟସ ଖସିଗଲା ପରେ ବ୍ୟକ୍ତି ସେମିତି ନିଜ ପୂର୍ବ ଚମକ ହରାଇ ବସିବା ସହ ସାମର୍ଥ୍ୟ ହରାଇ ବସିଥାଏ। ବୟସ ଓ ସମୟ ଆଗରେ ମଣିଷ ହାର ମାନିବାକୁ ବାଧ ହୋଇଥାଏ। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବା ପରେ ଆଉ କିଛି କଳ କୌଶଳ ପ୍ରଦର୍ଶନ କରିବାକୁ ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବେକାରି ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ହରତାଳ**

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ):** ବେକାର ଯୁବତୀ, ଯୁବକମାନଙ୍କୁ ରୋଜଗାର ଦେବା ଏବଂ ପିସି କାରବାର ବନ୍ଦ ଦାବି ନେଇ ରାଜ୍ୟର ସମସ୍ତ ଏକଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଏସ୍‌ଡିଓ ଅଫିସ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ହରତାଳ ଚାଲିଛି। ଶତାଧିକ ଯୁବ କାର୍ଯ୍ୟକର୍ତ୍ତା ବେକାରିଙ୍କୁ ରୋଜଗାର ଯୋଗାଇ ଦେବା ଦାବି ଓ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଏହି ହରତାଳ ପାଳନ କରିଛନ୍ତି ବୋଲି ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି। ସରକାର ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ପିସି କାରବାରକୁ ପ୍ରାଧାନ୍ୟ ଦେଇ ଚାଲିଛନ୍ତି। ରାଜ୍ୟସରକାର ରୋଜଗାର ନ ଦେବା କାରଣରୁ ଓଡିଆ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ କାମ ପାଇଁ ଟେଣ୍ଡର ନ କରି ଇଚ୍ଛା ମୁତାବକ କାମ ବାଣ୍ଟୁଛନ୍ତି। ଏହାଦ୍ୱାରା ବିଜେଡି ନେତାମାନେ ଛାୟା କଣ୍ଟ୍ରାକ୍ଟର ସାଜିଛନ୍ତି। ଯେଉଁ କାମ ସାଧାରଣ ଓଡ଼ିଆ ଯୁବକ କରି ରୋଜଗାରକ୍ଷମ ହୋଇପାରନ୍ତେ ତାହା ସମ୍ଭବ ହୋଇପାରୁନାହିଁ। ପିସିକୁ ପ୍ରୋତ୍ସାହନ ଦେବା ନୀତି କାରଣରୁ ବିଧାୟକମାନେ ସାଧାରଣ ଯୁବକଙ୍କଠାରୁ ସେହି କାମ ଛଡ଼ାଇ ନେଇଛନ୍ତି। ପଲ୍ଲିସଭା ନ କରି 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ମାଧ୍ୟମରେ ଶାସକ ଦଳର ବିଧାୟକମାନେ ଦଳୀୟ କର୍ମୀମାନଙ୍କୁ ଟେଣ୍ଡର ଦେଉଛନ୍ତି ବୋଲି ଟଙ୍କଧର ଅଭିଯୋଗ କରିଛନ୍ତି। ଡିସେମ୍ବର ୧୦ରୁ ଆରମ୍ଭ ହୋଇଥିବା ଏହି ହରତାଳ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାସହ ଡିସେମ୍ବର ୨୫ରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମତିଥି ଅବସରରେ ରୋଜଗାର ପରାମର୍ଶ ପଦଯାତ୍ରା ୧୪୭ ବିଧାନସଭା ମଣ୍ଡଳୀରେ ଆରମ୍ଭ ହେବ ବୋଲି ସେ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551, 9068296909

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603, 7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ।

କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145, 9006905977

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।

ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ୟୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110, 7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ, ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ। 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
(B.B.28, Sec. 4, Salt Lake City Kolkatta- 700064)
7606086442, 7606062768
nationalcoop98@gmail.com

M. GROUP FINANCE CO.
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261, 9718741868
Block Chack, Balasore-756027

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ କେନ୍ଦ୍ରର ଏନ୍‌ଡିଏ ସରକାର ଭୁଲି ଯାଇଛନ୍ତି। ଏଥିପାଇଁ ୩ ହିନ୍ଦୀ ଭାଷୀ ରାଜ୍ୟରେ ଭାଜପାର ପରାଜୟ ହୋଇଛି। ଏହା ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍‌ଡିଏ ପାଇଁ ସତର୍କଘଣ୍ଟି ସଦୃଶ।

-ଆନ୍ନା ହାଜାରେ, ବିଶିଷ୍ଟ ସାମାଜିକ କର୍ମୀ



## ସଂକ୍ଷେପରେ

### ଜେଲ୍ ଗଲେ ଭଣ୍ଡାରିପୋଖରୀ ଥାନାଧିକାରୀ

■ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ,୧୨।୧୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧିକାରୀ ଅମିତ କୁମାର ବିଶ୍ୱାଳଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ବାଲେଶ୍ୱର ଭିଜିଲାନ୍ସ ଥାନାରେ ୫୦/୨୦୧୮ରେ



ଏକ ଫୌଜଦାରି ମାମଲା ରୁଜୁ ପରେ ବିଶ୍ୱାଳଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ଥାନାଧିକାରୀ ବିଶ୍ୱାଳ ଭଣ୍ଡାରିପୋଖରୀରୁ ବାରିପଦା ଅଭିମୁଖେ ଏକ ହୁଣ୍ଡାଇ କାର୍ (ଓଡି୦୨ଏୟୁ-୦୧୮୧) ଯୋଗେ ଯାଉଥିଲେ। ୫ ନମ୍ବର ଜାତୀୟ ରାଜପଥର ସେରଗଡ଼ ଟୋଲଗେଟ୍ ନିକଟରେ ଭିଜିଲାନ୍ସ ଅଧିକାରୀମାନେ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ୭୩ହଜାର ୫୦୦ ଟଙ୍କା ମିଳିଥିଲା। ଥାନାଧିକାରୀ ବିଶ୍ୱାଳ ଉକ୍ତ ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ବାରିପଦା ସହରର ଭଞ୍ଜପୁର ନିକଟରେ ଥିବା ତାଙ୍କ ଘର ଓ ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ସରକାରୀ କ୍ୱାର୍ଟର୍ସ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଭିଜିଲାନ୍ସ ୧ କୋଟି ୧୩ ଲକ୍ଷ ୧୪ହଜାର ୬୬୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଛି।

### ଶେଲଟର ହୋମ୍ ଯୌନଶୋଷଣ ମାମଲା
### ଫୟାଜଙ୍କ ଜାମିନ ଆବେଦନ ଖାରଜ

**ଢେଙ୍କାନାଳ ଅଫିସ, ୧୨।୧୨:** ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶେଲ୍‌ଟର ହୋମ୍ ଯୌନଶୋଷଣ ଏବଂ ଶିଶୁ ନିର୍ଯାତନା ମାମଲାରେ ଗିରଫ ହୋଇଥିବା ଅନୁଷ୍ଠାନର ଚେୟାରମ୍ୟାନ ଫୟାଜ୍ ରେହମାନଙ୍କର ଜାମିନ ଆବେଦନ ଖାରଜ ହୋଇଯାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଦୌରାଜଜ୍ କ୍ଷୀରୋଦ କୁମାର ଦାସ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲା ତଦନ୍ତ ପରିସରଭୁକ୍ତ ରହିଛି। ରେହମାନ୍‌ଙ୍କୁ ଜାମିନ ମିଳିଲେ ସାକ୍ଷୀମାନେ ପ୍ରଭାବିତ ହେବା ଆଶଙ୍କା ରହିଥିବା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାଁ ଦର୍ଶାଇଥିଲେ। ଏଥିସହ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ପକ୍ଷରୁ କେସ ଡାଏରି ଦାଖଲ କରାଯାଇଥିଲା।

### ମହିଳା ସଂରକ୍ଷଣ: ଆଜି ଅକାଳି ଦଳକୁ ଭେଟିବ ବିଜେଡି

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ):** ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ନିମନ୍ତେ ବିଜେଡି ବିଭିନ୍ନ ଦଳର ସହଯୋଗ ଲୋଡୁଛି। ସେହିକ୍ରମରେ ଦଳ ପକ୍ଷରୁ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଓ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗୁରୁବାର ଶିରୋମଣି ଅକାଳି ଦଳର ନେତାଙ୍କୁ ନୂଆଦିଲ୍ଲୀଠାରେ ଭେଟିବେ। ସେହିପରି ମନ୍ତ୍ରୀ ପାତ୍ର, ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତି ଏବଂ ବରଗଡ ଏମ୍‌ପି ପ୍ରଭାସ ସିଂ ଆମ୍ ଆଦ୍‌ମୀ ପାର୍ଟିର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

■ ହରିଦାସପୁରଠାରେ ଗଚ୍ଛିତ ଚୋରା ଲୁହାପଥର ମାମଲା

# ଭିଜିଲାନ୍ସର କ୍ଲିନ୍‌ଚିଟ୍, ବିକ୍ରି ଉଦ୍ୟମ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୨।୧୨

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରରେ ଜବତ ହୋଇ ଗଚ୍ଛିତ ଥିବା ପ୍ରାୟ ୨୫ହଜାର ମେଟ୍ରିକ ଟନ ଚୋରା ଲୁହାପଥରକୁ ବୁଧବାର ସ୍ଥାନାନ୍ତରଣ କରିବାକୁ ଉଦ୍ୟମ ହୋଇଥିଲା। ସେଠାରେ ସ୍ଥାନୀୟ ଲୋକେ ପହଞ୍ଚି ବିରୋଧ କରିବାରୁ ସ୍ଥାନାନ୍ତରଣ ପ୍ରକ୍ରିୟା ବନ୍ଦ ହୋଇଥିବା ଜଣାପଡ଼ିଛି। ଭିଜିଲାନ୍ସ ବିଭାଗର କ୍ଲିନ୍‌ଚିଟ ଓ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ପାଇବା ପରେ ଯାଜଦାନି କମ୍ପାନୀ ଏହି ଲୁହାପଥର ନିଜ ଅକ୍ତିଆରକୁ ନେଇଛି। ୭ବର୍ଷ ପରେ ଉକ୍ତ ଲୁହାପଥର ୧୦/୧୧ଟି ଟ୍ରକ ଯୋଗେ ଅନ୍ୟତ୍ର ପରିବହନ ହେଉଥିବା ଜଣାପଡିବା ପରେ ମାମଲାର ପର୍ଦ୍ଦାଫାଶ ହୋଇଛି। ତେବେ ବର୍ଷକ ତଳେ ଭିଜିଲାନ୍ସ କ୍ଲିନ୍‌ଚିଟ୍ ଦେଇସାରିଥିବା ଏବେ ଜଣାପଡିଛି। ସେତେବେଳେ ଶାହ କମିଶନଙ୍କ ଚଢାଉ ଭୟରେ ହରିଦାସପୁରରେ ଲୁଚାଯାଇଥିବା ଏହି କୋଟି କୋଟି ଟଙ୍କାର ଲୁହାପଥର ମାମଲା କିପରି ସମାଧାନ ହେଲା, ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ସମ୍ପୃକ୍ତ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଘଣ୍ଟ ଘୋଡ଼ାଇବାକୁ ଯୋଜନାବଦ୍ଧ ଷଡଯନ୍ତ୍ର



ହରିଦାସପୁରରେ ଗଚ୍ଛିତ ଥିବା ଲୁହାପଥର।

ହୋଇଥିବା କୁହାଯାଉଛି।

ପୂର୍ବରୁ ଯଖପୁରା ଓ ମାନପୁର ରେଳୱେ ସାଇଡିଂରୁ ଟ୍ରେନ ଯୋଗେ କୋଟି କୋଟି ଟଙ୍କାର ଲୁହାପଥର ଚୋରା ଚାଲାଣ କରାଯାଉଥିଲା। ଏପରିକି ଯୋଡା ଅଞ୍ଚଳରୁ ମଧ ଲୁହାପଥର ପାରାଦୀପ ପୋର୍ଟ ଯୋଗେ ଦେଶ ବାହାରକୁ ଚୋରା ଚାଲାଣ ହେଉଥିଲା। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶାହା କମିଶନଙ୍କ ଚଢାଉ ଭୟରେ ସେତେବେଳେ ମାଫିଆମାନେ କୋଟିକୋଟି ଟଙ୍କାର ଲୁହାପଥର ବିଭିନ୍ନ ସ୍ଥାନରେ ଲୁଚାଇ ରଖିଥିଲେ। ୨୦୧୧ ମେ ୧୦ରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହରିଦାସପୁରରେ ଲୁକ୍କାୟିତ ଭାବେ ଲୁହାପଥର ଗଚ୍ଛିତ ଥିବା ନେଇ ତତ୍କାଳୀନ ଭିଜିଲାନ୍ସ ଡିଜି ଅନୁପ କୁମାର ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ୧୧।୫।୨୦୧୧ରେ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରରେ ସେ ସମୟର ପରିବହନ ମୂଲ୍ୟକୁ ମିଶାଇ ପ୍ରାୟ ୫୦କୋଟି ଟଙ୍କାର ଚୋରା ଲୁହାପଥର ଜବତ କରାଯାଇଥିଲା। ଖଣି ବିଭାଗର ଦେବଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ୫ଟି ସ୍ୱତନ୍ତ୍ର ଦଳ କଳିଙ୍ଗ ଟ୍ରାନ୍ସପୋର୍ଟ, ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ହରିଦାସପୁର ପ୍ଲଟ, ପାରାଦୀପ ପୋର୍ଟ, ଯୋଡା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ଯାଜଦାନି କମ୍ପାନୀ ପ୍ରଭୃତି ଉପରେ ଚଢାଉ କରିଥିଲେ। ଯେଉଁ ଘଟଣାର ଆଜି ପର୍ଯ୍ୟନ୍ତ ପର୍ଦ୍ଦାଫାଶ ହୋଇ ପାରି ନ ଥିଲା। ହେଲେ ୨୦୧୭ରୁ ଭିଜିଲାନ୍ସ ଏହି ମାମଲାରେ କ୍ଲିନ୍‌ଚିଟ ଦେଇଥିଲା। ବିକ୍ରି କରିବାକୁ ସେତେବେଳେ ଗ୍ରାହକ ମିଳି ନ ଥିବାରୁ ଯାଜଦାନି ଏବେ ସେହି ଗଚ୍ଛିତ ଲୁହାପଥରକୁ ବିକ୍ରି କରିବାକୁ ଉଦ୍ୟମ ଆରମ୍ଭ କରିଛି।

ଅନ୍ୟପକ୍ଷରେ ଏହା ଏକ ମହାଦୁର୍ନୀତି ବୋଲି ଅଭିଯୋଗ ହୋଇଛି। ଏଥିରେ ତତ୍କାଳୀନ ଲୋଡିଂ ଅନ୍‌ଲୋଡିଂ କଣ୍ଟ୍ରାକ୍ଟର, ରେଲୱେ ସାଇଡିଂ ଅଧିକାରୀ, ରାଜନେତା, କେତେଜଣ ଖଣି ଅଧିକାରୀ ସାମିଲ ଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହୋଇଥିବା କୁହାଯାଉଛି। ଅନୁରୂପ ଭାବେ ଯଖପୁରା ରେଳୱେ ସାଇଡିଂ ନିକଟରେ ଜବତ ହୋଇଥିବା ଉତ୍କୃଷ୍ଟମାନର ଲୁହାପଥର ଏବେ ତଦନ୍ତାଧୀନ ରହିଛି। ନିକଟରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଲୁହାପଥର ନମୁନା ସଂଗ୍ରହ କରି ଖଣି ବିଭାଗ ପୁଣି ପରୀକ୍ଷା ପାଇଁ ପଠାଇଛି। ଏହିସବୁ ଘଟଣାରେ ସମ୍ପୃକ୍ତ ଥିବା ଅନେକ ପ୍ରଭାବଶାଳୀଙ୍କୁ ଦୋଷମୁକ୍ତ କରିବାକୁ ସରକାର ଏହିଭଳି ଚକ୍ରାନ୍ତ ଚଳାଇଥିବା ଏବେ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ଜିଲା ଖଣି ଅଧିକାରୀ ଅସିତ କୁମାର ବେହେରା କହିଛନ୍ତି, ଭିଜିଲାନ୍ସର କ୍ଲିନ୍‌ଚିଟ ପରେ ହରିଦାଶପୁରରେ ଗଚ୍ଛିତ ଲୁହାପଥରକୁ ଯାଜଦାନିକୁ ହସ୍ତାନ୍ତର କରାଯାଇଛି। ସେହି ଅନୁସାରେ ଯାଜଦାନି କମ୍ପାନୀ ପକ୍ଷରୁ ଲୁହାପଥର ବିକ୍ରି ହେଉଥିବା ଅନୁମାନ କରାଯାଉଛି।

ଫ୍ଲୋରାଇଡ୍ ଗ୍ୟାସ୍ ଯୋଗୁ ଗଛପୋଡ଼ି ଘଟଣା

## ପିପିଏଲ୍‌କୁ କାରଣ ଦର୍ଶାଅ ନୋଟିସ

ପାରାଦୀପ,୧୨।୧୨(ସ୍ୱ.ପ୍ର.)

ପାରାଦୀପ ଫସଫେଟସ୍ ଲିମିଟେଡ୍ (ପିପିଏଲ)ସାର କାରଖାନାକୁ ବୁଧବାର ସନ୍ଧ୍ୟାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଓଏସ୍‌ପିସିବି) କାରଣ ଦର୍ଶାଅ ନୋଟିସ ଜାରି କରିଛି। ଅଗଷ୍ଟ ୮ରେ ଉକ୍ତ କାରଖାନାରୁ ନିର୍ଗତ ହୋଇଥିବା ଫ୍ଲୋରାଇଡ୍ ଗ୍ୟାସ ଯୋଗୁ ପାରାଦୀପରେ ବ୍ୟାପକ ଗଛ ପୋଡ଼ି ଯାଇଥିଲା। ସେତେବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହ କୃଷି ଓ ଉଦ୍ୟାନ ବିଭାଗ ଯୁଗ୍ମଭାବେ ଗଛରୁ ପତ୍ର ସଂଗ୍ରହ କରି ଗଛ ପୋଡ଼ିବାର କାରଣ ଫ୍ଲୋରାଇଡ୍ ଗ୍ୟାସ ଯୋଗୁ ବୋଲି ଦର୍ଶାଇଥିଲେ। ଯେଉଁ କାରଣ ପାଇଁ ଗ୍ୟାସ ନିର୍ଗତ ହୋଇଥିଲା ତା'ର ପ୍ରତିକାର ପାଇଁ କେତେକ ଗାଇଡ୍‌ଲାଇନ୍ ପିପିଏଲକୁ ପାଳନ କରିବା ପାଇଁ ୧୭।୧୦।୧୮ରେ ବୋର୍ଡ ଜଣାଇଥିଲା। ଏହାସତ୍ତ୍ୱେ ସେଥିରେ କୌଣସି ସୁଧାର ନ ଆସିବା ବୋର୍ଡର ଦୃଷ୍ଟି ଗୋଚର ହୋଇଛି। ଏହାକୁ ଆସନ୍ତା ୧୫ଦିନ ମଧ୍ୟରେ ସୁଧାରିବା ପାଇଁ ବୋର୍ଡର ମୁଖ୍ୟ ପରିବେଶ ଯନ୍ତ୍ରୀ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ଏଥିସହ କେତେକ ପରାମର୍ଶ କମ୍ପାନୀକୁ ଦିଆଯାଇଛି। ୧୫ଦିନ ମଧ୍ୟରେ କମ୍ପାନୀ ପ୍ରତିକାର ବ୍ୟବସ୍ଥା ନ କଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ପିପିଏଲ୍ କର୍ତ୍ତୃପକ୍ଷ କହିଛନ୍ତି, ଆମ ନିକଟକୁ ଚିଠି ଆସିନାହିଁ। ତେଣୁ ସେ ବିଷୟରେ କହିବା ଉଚିତ ହେବନାହିଁ।

ଜୟପୁର ବିଧାନସଭା ନିର୍ବାଚନୀ ମାମଲା

## ଇଭିଏମ୍ ଉପରୁ ପ୍ରତିବନ୍ଧକ ହଟିଲା

କଟକ ଅଫିସ,୧୨।୧୨

୨୦୧୪ ନିର୍ବାଚନରେ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବ୍ୟବହୃତ ଇଭିଏମ୍ ମେଶିନ ଉପରୁ ପ୍ରତିବନ୍ଧକ ହଟାଇଛନ୍ତି ହାଇକୋର୍ଟ। କାରଣ ଏହିନିର୍ବାଚନମଣ୍ଡଳୀର ନିର୍ବାଚନକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ନିୟମ ଅନୁଯାୟୀ କୌଣସି ନିର୍ବାଚନୀ ମାମଲା ବିଚାରାଧୀନ ଥିବାବେଳେ ଉକ୍ତ ନିର୍ବାଚନମଣ୍ଡଳୀରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକ ଷ୍ଟ୍ରଙ୍ଗ୍ ରୁମ୍‌ରେ ସଂରକ୍ଷିତ କରି ରଖାଯାଇଥାଏ। ମାତ୍ର ଜୟପୁର ନିର୍ବାଚନୀ ମାମଲା ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ ଥିବାରୁ ଏହି ଇଭିଏମ୍ ଏଣିକି ଅନ୍ୟ ନିର୍ବାଚନଗୁଡ଼ିକରେ ବ୍ୟବହୃତ ହୋଇପାରିବ ବୋଲି ହାଇକୋର୍ଟ ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ଆଦେଶ ଦେଇଛନ୍ତି। କୋରାପୁଟ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଜଷ୍ଟିସ ମିଶ୍ର ଏହି ଆଦେଶ ଦେଇଛନ୍ତି।

ଆଗକୁ ନିର୍ବାଚନ ଆସୁଥିବାରୁ ଏସବୁ ଇଭିଏମ୍‌କୁ ମୁକ୍ତ କରିବାକୁ ଜିଲା ନିର୍ବାଚନ ଅଧିକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ମୋରାଲ ଆଣ୍ଡ କଲଚରାଲ ଟ୍ରେନିଂ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଓୟୁଏଟି ପଡ଼ିଆରେ ବୁଧବାର ଆୟୋଜିତ ସମୂହ ବନ୍ଦେ ମାତରମ୍ ଗାନ 'ଭଏସ୍ ଅଫ୍ ୟୁନିଟ୍' କାର୍ଯ୍ୟକ୍ରମରେ ଭାଗ ନେଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ।

■ କୁମ୍ଭୀର ମୁହଁରୁ ଦାଦାଙ୍କୁ ଉଦ୍ଧାର କରିବା ଘଟଣା

## ଜାତୀୟ ସାହସିକତା ପୁରସ୍କାର ପାଇବେ ସିତୁ

କେନ୍ଦ୍ରାପଡା ଅଫିସ୍, ୧୨।୧୨

ଜାତୀୟ ସାହସିକତା ପୁରସ୍କାର ପାଇବେ କୁମ୍ଭୀର ମୁହଁରୁ ଦାଦାଙ୍କୁ ବଞ୍ଚାଇଥିବା ସାହସୀ ବାଳକ ସିତୁ ମଲ୍ଲିକ। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ କଣ୍ଡିରା ଗ୍ରାମର ମେଘନାଦ ମଲ୍ଲିକ ଓ ଅବଳି ମଲ୍ଲିକଙ୍କ ପୁଅ ହେଉଛନ୍ତି ସିତୁ (୧୫)। ଏ ନେଇ ନୂଆଦିଲ୍ଲୀସ୍ଥିତ ଭାରତୀୟ ଶିଶୁ ମଙ୍ଗଳ ପରିଷଦ ପକ୍ଷରୁ କେନ୍ଦ୍ରାପଡା ଜିଲାପାଳଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ସୂଚନା ଦେଇଛନ୍ତି।

ଗତ ଫେବୃୟାରୀରେ ସିତୁଙ୍କ ଦାଦା ବିନୋଦ ଘର ନିକଟସ୍ଥ ପାଟନାଳୀରେ ଗୋଡ଼ ଧୋଉଥିବା ବେଳେ ତାଙ୍କୁ ଏକ କୁମ୍ଭୀର ଆକ୍ରମଣ କରିଥିଲା। ବିନୋଦଙ୍କ ଚିତ୍କାର ଶୁଣି ସିତୁ ସେଠାରେ ପହଞ୍ଚି ସେ ଧରିଥିବା ଏକ ଟର୍ଚ୍ଚରୁ କୁମ୍ଭୀର ଆଖିକୁ ଲାଇଟ୍ ପକାଇବା ସହ ପିଟି ଦେଇଥିଲେ। ଫଳରେ କୁମ୍ଭୀରଟି ବିନୋଦଙ୍କ ହାତ ଛାଡ଼ି ପଳାଇଥିଲା। ରକ୍ତାକ୍ତ ଅବସ୍ଥାରେ ବିନୋଦଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏକ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ ବିନୋଦ।

ସିତୁଙ୍କ ଏଭଳି ସାହସିକତା ପାଇଁ ତତ୍କାଳନୀନ ଜିଲାପାଳ ରେଘୁ ଜୀ. ଉତ୍କଳ ଦିବସରେ ତାଙ୍କୁ ପୁରସ୍କୃତ କରିବା ସହ ଜାତୀୟ ସାହସିକତା ପୁରସ୍କାର ପାଇଁ ଜିଲା ଶିଶୁ ୟୁନିଟ୍ ପକ୍ଷରୁ ତାଙ୍କ ନାମ ସୁପାରିସ କରାଯାଇଥିଲା। ଆସନ୍ତା ୨୦ ତାରିଖରୁ କେନ୍ଦ୍ରାପଡ଼ାରେ ଆରମ୍ଭ ହେବାକୁ ଥିବା ପଲ୍ଲିଶ୍ରୀ ମେଳାରେ ଜିଲା ପ୍ରଶାସନ ପକ୍ଷରୁ ସିତୁଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, ସିତୁ



ସିତୁ ମଲ୍ଲିକ

ସ୍ଥାନୀୟ ବାସୁଦେବ ବିଦ୍ୟାପୀଠରେ ୧୦ ଶ୍ରେଣୀରରେ ଅଧ୍ୟୟନ କରୁଛନ୍ତି। ଘଟଣା ପରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବାଜି ରାଉତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ମହେଶ୍ୱର ରାଉତ ଏ ନେଇ ସିତୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଗୁଳି ବିନିମୟ: ମାଓବାଦୀ ନିହତ

ମାଲକାନଗିରି,୧୨।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ବୁଧବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ପୋଲିସ ୩ ଜଣଙ୍କୁ ଗିରଫ କରିଛି। ବିଜାପୁର ଜିଲା ପାଶାଗୁଡା ଥାନା ଅନ୍ତର୍ଗତ ଜଙ୍ଗଲରେ ଡି.ଆର.ଜି. ଏବଂ ୧୬୮ ସିଆରପିଏଫ ବାଟାଲିୟନ ପକ୍ଷରୁ ବୁଧବାର ମିଳିତ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ଏବଂ ସେଠାରେ ସେମାନେ ବୈଠକ କରୁଥିବା ସୂଚନା ପାଇ ସୁରକ୍ଷା କର୍ମୀମାନେ ସେଠାକୁ ଯାଇଥିଲେ। ପୋଲିସ ଆସୁଥିବା ଜାଣିପାରି ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପରେ ପୋଲିସ ଏହାର ଜବାବ ଦେଇଥିଲା। ପୋଲିସ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ଅନେକ ମାଓବାଦୀ ଘଟଣା ସ୍ଥଳରୁ ଖସି ଯାଇଛନ୍ତି। ପୋଲିସ ସେହି ସ୍ଥାନରୁ ବିସ୍ଫୋରକ ସାମଗ୍ରୀ ସହ ୨୫ଟି ଡିଟନେଟର ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସେହିପରି ପୋଲିସ ବାସାଗୁଡା ଏବଂ ଅସୁର୍ ଥାନା ଅନ୍ତର୍ଗତ ଜଙ୍ଗଲରେ ଚଢାଉ କରି ୩ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବି ଅପରେଶନକୁ ଜୋରଦାର କରାଯାଇଥିବା ଏସପି ଅଙ୍କିତ୍ ଗର୍ଗ କହିଛନ୍ତି।

# ରାଜସ୍ୱ ସଂଗ୍ରହରେ ୧୭% ବୃଦ୍ଧି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

■ ଯୋଜନା ଖର୍ଚ୍ଚ ୨୨% ବୃଦ୍ଧି
■ ବଜେଟ: ୧୫ ସୁଦ୍ଧା ଚିଠା ପ୍ରସ୍ତାବ ଦେବେ ସଚିବ

ଚଳିତ ବର୍ଷ ନଭେମ୍ବର ସୁଦ୍ଧା ରାଜସ୍ୱ ସଂଗ୍ରହରେ ମଧ ୧୭ % ଅଭିବୃଦ୍ଧି ଘଟିଛି। ଏହି ସମୟ ମଧ୍ୟରେ ସମୁଦାୟ ୨୬,୧୨୩ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି। ଗତବର୍ଷ ଏହି ସମୟ ମଧ୍ୟରେ ୨୨,୨୯୧ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଥିଲା। ଚଳିତବର୍ଷ ସଂଗୃହୀତ ରାଜସ୍ୱ ମଧ୍ୟରେ ୧୮,୫୬୦ କୋଟି ଟଙ୍କା ନିଜସ୍ୱ ଟିକସ ଏବଂ ୭୬୫୩ କୋଟି ଟଙ୍କା ଅଣ ଟିକସ ରାଜସ୍ୱ ରହିଛି।

ଖଣି ରାଜସ୍ୱରେ ସର୍ବାଧିକ ୭୫ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଗତବର୍ଷ ନଭେମ୍ବର ସୁଦ୍ଧା ଖଣି ରୟାଲଟି ବାବଦରେ ୩୭୨୧ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ୬୩୫୦ କୋଟି ଟଙ୍କା ଆଦାୟ ହୋଇଛି। ସେହିପରି ଶିଳ୍ପକୁ ପାଣି ଯୋଗାଇବା ବାବଦରେ ନଭେମ୍ବର ସୁଦ୍ଧା ୪୦୮ କୋଟି ଟଙ୍କା ଆଦାୟ ହୋଇଛି, ଯାହାକି ଗତ ବର୍ଷ ତୁଳନାରେ ୧୨% ଅଭିବୃଦ୍ଧି ଘଟିଛି। ଜଳସେଚନ ଦେୟ ବାବଦରେ ମଧ ଆଦାୟ ପରିମାଣ ୪୬% ବୃଦ୍ଧି ପାଇଛି। ବୁଧବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହି ସୂଚନା ଦିଆଯାଇଛି। ବୈଠକରେ ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ଚଳିତ ଆର୍ଥିକ ବର୍ଷ ନଭେମ୍ବର ସୁଦ୍ଧା ରାଜସ୍ୱ ସ୍ଥିତି ଉପସ୍ଥାପନ କରିଥିଲେ।

ବୈଠକ ସମୀକ୍ଷାରୁ ଜଣାପଡିଛି ଯେ ୨୦୧୮-୧୯ ଆର୍ଥିକ ବର୍ଷ ନଭେମ୍ବର ସୁଦ୍ଧା ବଜେଟ ଭୁକ୍ତ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ବାବଦରେ ଅର୍ଥ ବିନିଯୋଗରେ ୨୨% ବୃଦ୍ଧି ଘଟିଛି। ଗତ ବର୍ଷ ନଭେମ୍ବର ସୁଦ୍ଧା ସମୁଦାୟ ୫୦,୫୮୦ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ଚଳିତ ବର୍ଷ ଏହା ୬୧,୮୭୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାମାଜିକ ବିକାଶ କ୍ଷେତ୍ରରେ ଗତବର୍ଷ ତୁଳନାରେ ୪୬% ଅଧିକ ଅର୍ଥ ବିନିଯୋଗ ହୋଇଛି। ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଏହି କ୍ଷେତ୍ରରେ ବିନିଯୋଗ ପରିମାଣ ୧୮,୩୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ ଗତବର୍ଷ ଅପେକ୍ଷା ୫%ବୃଦ୍ଧି ହୋଇ ୯୧୩୧ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିନିଯୋଗ ପରିମାଣ ୬୯୭୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ବାବଦରେ ବୈଠକରେ ଆଲୋଚନା ହୋଇଥିଲା। ଡିସେମ୍ବର ୧୫ ସୁଦ୍ଧା ନିଜ ନିଜ ବିଭାଗର ଆବଶ୍ୟକତା ଓ ଚିଠା ପ୍ରସ୍ତାବ ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜନ ଇସ୍ତାହାର ପ୍ରସ୍ତୁତ କରିବ କଂଗ୍ରେସ

■ ପ୍ରସାଦ ହରିଚନ୍ଦନ ଅନୁପସ୍ଥିତ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

କଂଗ୍ରେସ ପକ୍ଷରୁ ଜନ ଇସ୍ତାହାର ପ୍ରସ୍ତୁତ କରାଯିବ। ଇସ୍ତାହାର କମିଟି ରାଜ୍ୟର ବିଭିନ୍ନ ସ୍ଥାନକୁ ଗସ୍ତ କରି ସାଧାରଣ ଜନତାଙ୍କଠାରୁ ମତାମତ ଆଣିବ। ଲୋକଙ୍କ ମତାମତ ସଂଗ୍ରହ ପାଇଁ ଏକ ୱେବ୍‌ସାଇଟ୍ ମଧ ପ୍ରସ୍ତୁତ କରାଯାଇଛି। ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଓଡ଼ିଆ ଏହି ୱେବ୍‌ସାଇଟ୍ ଜରିଆରେ ମତାମତ ରଖିପାରିବେ ବୋଲି କମିଟି ଅଧ୍ୟକ୍ଷ ଗଣେଶ୍ୱର ବେହେରାଙ୍କ ପକ୍ଷରୁ କୁହାଯାଇଛି। ପିସିସି ପକ୍ଷରୁ କଂଗ୍ରେସ ଭବନରେ ବୁଧବାର ଅନୁଷ୍ଠିତ ନିର୍ବାଚନ ଇସ୍ତାହାର କମିଟିର ପ୍ରଥମ ବୈଠକ ପରେ ଗଣେଶ୍ୱର ଏହି ସୂଚନା ଦେଇଛନ୍ତି।

ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶରେ କରାଯାଇଥିବା ଇସ୍ତାହାର କଂଗ୍ରେସକୁ ସଫଳତା ଆଣି ଦେଇଥିଲା। ତେଣୁ ସେ ସବୁକୁ ଅନୁଶୀଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଇସ୍ତାହାର କମିଟି ପ୍ରଥମ ବୈଠକରେ ଅଭିଜ୍ଞ



ନେତା ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଦେଖିବାକୁ ମିଳିନାହିଁ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଶ୍ୟାମସୁନ୍ଦର ହାଁସଦା, ନଟବର ଖୁଣ୍ଟିଆ, ସତ୍ୟପ୍ରକାଶ ନାୟକ, ମେରୀ ସୁରିନ୍, ବିସ୍ମୟ ମହାପାତ୍ର, ଲିକାକତ୍ ଅଲ୍ଲୀ ଓ ସୁଦର୍ଶନ ଦାସ ଉପସ୍ଥିତ ଥିଲେ।

# ସମାଧାନ ପାଇଁ ଚେଷ୍ଟା କରିବ କଂଗ୍ରେସ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

**ମହାନଦୀ ପ୍ରସଙ୍ଗ**
■ ନିରଞ୍ଜନବାବୁ କରନ୍ତୁ: ଭାଜପା
■ ଲଢ଼େଇ ଜାରି ରହିବ: ବିଜେଡି

ଛତିଶଗଡ଼ ବିଧାନସଭା ନିର୍ବାଚନରେ ଦୀର୍ଘଦିନ ଶାସନରେ ଥିବା ଭାଜପା ଶାସିତ ରମଣ ସିଂଙ୍କ ସରକାର ଗାଦିଚ୍ୟୁତ ହୋଇଛି। ସେଠାରେ କଂଗ୍ରେସ ଭାଜପାକୁ ପରାସ୍ତକରି ସରକାର ଗଢ଼ିବାକୁ ଯାଉଛି। ଦୀର୍ଘଦିନ ଧରି ଛତିଶଗଡର ଭାଜପା ସରକାର ଶତାଧିକ ବେଆଇନ ବ୍ୟାରେଜ ଓ ଡ୍ୟାମ୍ ନିର୍ମାଣ କରି ମହାନଦୀ ପାଣି ଅଟକାଇ ରଖୁଥିବା ଅଭିଯୋଗ ହୋଇଆସୁଥିଲା। ବର୍ତ୍ତମାନ କଂଗ୍ରେସ ଛତିଶଗଡରେ ସରକାର ଗଢିବାକୁ ଯାଉଥିବାରୁ ଓଡିଶା ସମସ୍ୟା ଉପରେ କିଭଳି ଗୁରୁତ୍ୱ ଦିଆଯିବ ବୋଲି ଖବରଦାତା ପ୍ରଶ୍ନ କରିବା ପରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମହାନଦୀ ଉପରେ ଛତିଶଗଡର ମଧ ସମାନ ଅଧିକାର ରହିଛି। ଆଜି ଯଦି ମହାନଦୀକୁ ନେଇ ସମସ୍ୟା ଉପୁଜିଛି ସେଥିପାଇଁ ରାଜ୍ୟ ସରକାର ମୂଳ ଦାୟୀ। ୨୦୦୪ରୁ ଛତିଶଗଡ ସରକାର ମହାନଦୀ ଉପରେ ବ୍ୟାରେଜ ଓ ଡ୍ୟାମ୍ ନିର୍ମାଣ କରିବା ଆରମ୍ଭ କଲେଣି। ୨୦୧୧-୧୨ ପର୍ଯ୍ୟନ୍ତ ବାରମ୍ବାର ପ୍ରଶ୍ନ ଉଠାଇବା ପରେ ମଧ କୌଣସି ଉତ୍ତର ଦେଲେନାହିଁ। ସେତେବେଳେ ଜଳସମ୍ପଦ ମନ୍ତ୍ରୀଥିବା ବିଜେଡି ନେତା ୧୦୦ବ୍ୟାରେଜ ନିର୍ମାଣ ହେଲେ ମଧ ଓଡିଶାର କିଛି କ୍ଷତି ହେବନାହିଁ ବୋଲିଉତ୍ତର ରଖିଲେ। ଭାଜପା ସରକାରକୁ ଆସିଲା ପରେ ମଧ କିଛି କଲାନାହିଁ। ଭାଜପା ସରକାର ଛତିଶଗଡରେ ଥିବାରୁ କେନ୍ଦ୍ର ସରକାର କୌଣସି ପ୍ରକାର ଗୁରୁତ୍ୱ ଦେଲେନାହିଁ। ଏବେ କଂଗ୍ରେସ ସେଠାରେ ସରକାର କରିବା ପରେ ଆମେ ଏ ନେଇ ଆଲୋଚନା କରିପାରିବୁ। ମହାନଦୀ ପ୍ରସଙ୍ଗରେ ଛତିଶଗଡ ଓ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବୁ। ଓଡିଶା ସ୍ୱାର୍ଥକୁ ଯେପରି ରଖାଯାଇପାରିବ ସେନେଇ ଉଦ୍ୟମ କରିବୁ। ଯାହା ବିଜେଡି ଓ ଭାଜପା ସରକାର କରିପାରି ନାହାନ୍ତି ତାହା କଂଗ୍ରେସ ନିଶ୍ଚିତ କରିବ ବୋଲି ନିରଞ୍ଜନ କହିଛନ୍ତି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଛତିଶଗଡରେ ଯେତେସବୁ ବ୍ୟାରେଜ ହୋଇଛି ସେସବୁ କେନ୍ଦ୍ରରେ ଉପା ସରକାର ଥିବାବେଳେ ଆରମ୍ଭ ହୋଇଥିଲା। କେନ୍ଦ୍ରରେ ଭାଜପା ସରକାରକୁ ଆସିବା ପରେ ଏସବୁ ବ୍ୟାରେଜ ପାଇଁ ଛତିଶଗଡ ସରକାର ଓଡିଶାଠାରୁ ଅନୁମତି ନେଇଛନ୍ତି ନା ନାହିଁ ବୋଲି ପଚାରିଥିଲା। ମାତ୍ର ରାଜ୍ୟ ସରକାର କିଛି ଉତ୍ତର ଦେଲେନାହିଁ। ଏବେ ଛତିଶଗଡରେ କଂଗ୍ରେସ ସରକାର କରିବ। ତେଣୁ ନିରଞ୍ଜନବାବୁ ସେଠାକାର ସରକାରଙ୍କୁ କହି ସବୁ ଗେଟ୍ ଖୋଲିବାକୁ ଯେଉଁ ଦାବି କରିଆସୁଥିଲେ ତାକୁ ପ୍ରଥମେ ପୂରଣ କରି ଓଡିଶାବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଅନ୍ତୁ ବୋଲି ଗୋଲକ କହିଛନ୍ତି।

ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ଓଡିଶାର ସ୍ୱାର୍ଥ ସମ୍ବଳିତ ମହାନଦୀ ସମସ୍ୟା ନେଇ ଛତିଶଗଡ ସରକାର ସହ ଲଢେଇ ଜାରି ରହିବ। ନିରଞ୍ଜନବାବୁ ପିସିସି ସଭାପତି ଭାବେ ଯଦି କହୁଛନ୍ତି ଛତିଶଗଡ ସରକାର ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ତେବେ ଭଲ କଥା ବୋଲି ସମୀର କହିଛନ୍ତି।

## ୨୦୧୯ରେ ଓଡ଼ିଶା ରାଜନୀତିରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବ: ବିଜୟ

ମାର୍ଶାଘାଇ,୧୨।୧୨(ଡିଏନ୍‌ଏ)

ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେବା ପରେ ଆଗକୁ ସେ କେଉଁ ଦଳରେ ସାମିଲ ହେବେ ସେ ନେଇ ଆଲୋଚନା ଚାଲିଛି । ବୁଧବାର ବିଜୟ କେନ୍ଦ୍ରାପଡା ଜିଲାକୁ ଆସିବା ଅବସରରେ ମାର୍ଶାଘାଇର ମା' ଗୋଜବାୟାଣୀ ପୀଠରେ ତାଙ୍କୁ ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଜୟ କହିଥିଲେ ଯେ, ଯେଉଁମାନେ କ୍ଷମତାରେ ରହି ଅହଂକାର କରନ୍ତି ସେମାନେ ଛତିଶଗଡ ଭଳି ଦଶା ଭୋଗ କରନ୍ତି। ଭବିଷ୍ୟତର ରାଜନୈତିକ ଜୀବନ ସଂପର୍କରେ ସ୍ପଷ୍ଟ ଭାବେ କିଛି କହି ନ ଥିଲେ ବି ୨୦୧୯ ନିର୍ବାଚନରେ ଓଡିଶା ରାଜନୀତିରେ ନୂଆ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବ ବୋଲି କହିଥିଲେ। ଓଡିଶାରେ ୨୧ ଲୋକସଭା ଆସନରେ କେନ୍ଦ୍ରାପଡା ୧ ନମ୍ବର ଥିଲା, ଏବେ ୧ ନମ୍ବର ହେବ। ଏହି ଅବସରରେ କେନ୍ଦ୍ରାପଡାରେ ଲୋକସଭା ଆସନ ଫାଙ୍କା ପଡିଥିବା ମନେ ପକାଇ ଦେଇଥିଲେ। ପରୋକ୍ଷ ଭାବେ କେନ୍ଦ୍ରର କେତେକ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ ବି ରାଜ୍ୟ ସରକାରଙ୍କୁ ନେଇ ପଦୁଟିଏ କହି ନ ଥିଲେ ବିଜୟ।



ଦୁନିଆରେ ଯେତେ ପ୍ରକାର ଭୟ ରହିଛି,
ବଦନାମ ହେଉଛି ସବୁଠାରୁ ବଡ଼ ଭୟ।
- ଚାଣକ୍ୟ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଉତ୍ ଫେଷ୍ଟ୍' ଅବସରରେ ଜୈନ ୱାକ୍ସ, ଉଦୟଗିରି, ସକାଳ ୭ଟା ୩୦। ନନ୍ଦନକାନନ ସାଇକେଲ ଟୁର୍, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଅପରାହ୍ନ ୩ଟା ୩୦। 'ଫ୍ୟୁଜନ ଫିଏଷ୍ଟା', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ରାତି ୭ଟା ୩୦।
- ସଙ୍ଗ୍ ଅଫ୍ ଦି ୱାଇଲ୍ଡ ପକ୍ଷରୁ ଫଟୋଗ୍ରାଫି ପ୍ରଦର୍ଶନୀ 'ଦି ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡ଼ି'ର ଶେଷ ଦିବସ, ଲଳିତ କଳା ଏକାଡମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳ ନଗର, ପୂର୍ବାହ୍ନ ୧୧ଟା ୩୦ରୁ ରାତି ୭ଟା ୩୦।
- ପଠାଣି ସାମନ୍ତ ପ୍ଲାନେଟାରିୟମ ଓ ଟାଟା ଷ୍ଟିଲ୍ ପକ୍ଷରୁ 'ୟଙ୍ଗ୍ ଆଷ୍ଟ୍ରୋନୋମର ଟ୍ୟାଲେଣ୍ଟ୍ ସର୍ଚ୍ଚ ୨୦୧୮-୧୯'ର ପୁରସ୍କାର ପ୍ରଦାନ ଉତ୍ସବ, ପ୍ଲାନେଟାରିୟମ ପରିସର, ଅପରାହ୍ନ ୫ଟା ୩୦।
- ଜି କଳିଙ୍ଗ ନ୍ୟୁଜ୍‌ର ପରିବର୍ତ୍ତିତ ବ୍ରାଣ୍ଡ୍ ଘୋଷଣା, ମେଫେୟାର କନ୍‌ଭେନ୍‌ଶନ, ଅପରାହ୍ନ ୫ଟା ୩୦।
- 'ସାମ୍ପ୍ରତିକ ଓଡ଼ିଆ କବିତା ଓ ରମାକାନ୍ତ ରଥ' ଶୀର୍ଷକ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।
- ସୁର୍ ଓ ସଙ୍ଗୀତ୍ ପକ୍ଷରୁ 'ଏହେ ଶାମ୍ ରଫି କେ ନାମ୍', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ପୋଷ୍ୟ ଗ୍ରହଣ ସଚେତନତା ପ୍ରଚାର ଏବଂ କର୍ମଶାଳା, ଆତ୍ମା ସମ୍ମିଳନୀ କକ୍ଷ, କଟକ ସଦର ବ୍ଲକ, ପୂର୍ବାହ୍ନ ୧୧ଟା।
- ଶ୍ରୀ ଅରବିନ୍ଦ ସ୍କୁଲ ଅଫ୍ ନ୍ୟୁ ଥଟ୍ ଏବଂ ଶ୍ରୀ ଅରବିନ୍ଦ ସାଇନ୍ସ କଲେଜର ବାର୍ଷିକ ଉତ୍ସବ, କଲେଜ ପରିସର, ଶ୍ରୀରାମନଗର, ମଧୁପାଟଣା, ଅପରାହ୍ନ ୨ଟା।
- ପ୍ରଖ୍ୟାତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ସ୍ମୃତିସଭା ଓ ସମ୍ମାନ ପ୍ରଦାନ ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- ଦି ଲ କଲେଜ ଓଲ୍ଡ ଷ୍ଟୁଡେଣ୍ଟସ୍ ଆସୋସିଏଶନର ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ପୁରୀ**

- ନାନୋ ଚାଇଲ୍ଡ ଫେଷ୍ଟିଭାଲ, ପୌର ସଦନ, ପୂର୍ବାହ୍ନ ୧୧ଟା।

## ଲାଞ୍ଚ: ସେବା ସମବାୟ ସମିତି ସମ୍ପାଦକ ଗିରଫ

କଟକ ଅଫିସ/ବଲଙ୍ଗା, ୧୨।୧୨ (ଡି.ଏନ୍.ଏ.): ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପୁରୀ ଜିଲା ଦନ୍ଦିପୁର ସେବା ସମବାୟ ସମିତିର ସମ୍ପାଦକ ସୁଦର୍ଶନ ସାହୁ। ବୁଧବାର ସମ୍ପାଦକ ସାହୁ ଏହି ଲାଞ୍ଚ ଦନ୍ଦିପୁର ଗ୍ରାମର ଦେବାଶିଷ ମୁଦୁଲିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଦେବାଶିଷ ଉକ୍ତ ଅଫିସରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରନ୍ତି। ଦେବାଶିଷଙ୍କ ଚାକିରିକୁ ସ୍ଥାୟୀ କରିବା ନିମନ୍ତେ ସେ ଦେଇଥିବା ଦରଖାସ୍ତକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିବା ନିମନ୍ତେ ସମ୍ପାଦକ ସାହୁ ଏହି ଲାଞ୍ଚ ଦାବି କରିଥିଲେ। ଏ ସଂକ୍ରାନ୍ତରେ ଦେବାଶିଷ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ, ବୁଧବାର ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ସମ୍ପାଦକ ସାହୁ ଦେବାଶିଷଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହା ପରେ ସମ୍ପାଦକ ସାହୁଙ୍କ ବଲଙ୍ଗା ଥାନା ଅନ୍ତର୍ଗତ ତରାବୋଇ ଶାସନଠାରେ ଥିବା ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୫୨/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ସାହୁଙ୍କୁ ଗିରଫ କରାଯାଇଛି।

### ଶ୍ରୀମନ୍ଦିର ପ୍ରଶାସନକୁ ମୃଣାଳିନୀଙ୍କ ଚିଠି ପ୍ରସଙ୍ଗ

# ସ୍ୱର ପରିବର୍ତ୍ତନ ନେଇ ଚର୍ଚ୍ଚା

ପୁରୀ ଅଫିସ,୧୨।୧୨

ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟରେ ଲଢେଇ ଆରମ୍ଭ କରିଥିବା ଆଇନଜୀବୀ ମୃଣାଳିନୀ ପାଢୀ ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ଏକ ଚିଠି ଲେଖିଥିଲେ। ଏହି ଚିଠିରେ ସେ ସେବାୟତଙ୍କ ପେଟପାଟଣା କଥା ଉଲ୍ଲେଖ କରିଥିବାରୁ ଦ୍ୱନ୍ଦ୍ୱରେ ପଡିଛନ୍ତି ଭକ୍ତ। ତେବେ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ରୁଜୁକରି ପରୋକ୍ଷରେ ସେବାୟତଙ୍କ ପ୍ରାପ୍ୟ, ପାଉଣାର ବାଟ ବନ୍ଦ କରିଥିବା ମୃଣାଳିନୀଙ୍କ ହଠାତ୍ ଏଭଳି ସ୍ୱର ପରିବର୍ତ୍ତନ କ'ଣ ପାଇଁ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ ସେବାୟତଙ୍କ ବାସ୍ତବ ପରିସ୍ଥିତିକୁ ହୃଦ୍‌ବୋଧ କରି ଯଦି ମୃଣାଳିନୀ ଆନ୍ତରିକତାର ସହ ଏହି ଚିଠି ଲେଖିଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି ସେବାୟତ।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ପାଢୀ ସୁପ୍ରିମ୍‌କୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଗତ ଜୁନ୍ ୮ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ଉପରେ ରୋକ୍ ଲଗାଇଥିଲେ। ଶ୍ରୀମନ୍ଦିରରେ ଭକ୍ତମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ପରିଚାଳନା ବ୍ୟବସ୍ଥାରେ ହେଉଥିବା ବ୍ୟତିକ୍ରମ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ରିପୋର୍ଟ ଦେବାକୁ ପୁରୀ ଜିଲାଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାଜଜ୍‌ଙ୍କ ସୁପାରିସକୁ ଆଧାର କରି ସୁପ୍ରିମ୍‌କୋର୍ଟ ୧୨ଟି ପ୍ରସ୍ତାବ କାର୍ଯ୍ୟକାରୀ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଶ୍ରୀମନ୍ଦିରରେ ସଂସ୍କାର ପାଇଁ ଅକ୍ଟୋବର ପହିଲାରେ ଧାଡ଼ି ଦର୍ଶନ ଆରମ୍ଭ ହୋଇଥିଲା। ଅକ୍ଟୋବର ୩ ତାରିଖରେ ପୁରୀ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହା ହିଂସାର ରୂପ ନେଇଥିଲା। ଏଥିରେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ଶତାଧିକ ଗିରଫ ହୋଇଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି। ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ମୃଣାଳିନୀଙ୍କ ଚିଠି ଏହାକୁ ରୋଚକ ମୋଡରେ ପହଞ୍ଚାଇଛି।

ଗତ ୫ ତାରିଖରେ ମୃଣାଳିନୀ ପଠାଇଥିବା ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଗତ ୪ ମାସ ହେଲା ସେବାୟତଙ୍କୁ ପାଳିଆ ପୁରସ୍କାର (ପୂର୍ବରୁ ଦୁଇଟି ପାଳିଆ ପୁରସ୍କାର ଦିଆଯାଉଥିବା ବେଳେ ଅଗଷ୍ଟ ମାସରୁ ଗୋଟିଏ ଦିଆଯାଉଛି) ବନ୍ଦ କରି ଦିଆଯାଇଛି। ଫଳରେ ସେମାନଙ୍କ ଜୀବନ ଜୀବିକା ବିପନ୍ନ ହୋଇପଡିଛି। ଏହି ପାଳିଆ ପୁରସ୍କାର ସେମାନଙ୍କୁ ଦିଆଯାଉ। ସେହିପରି

### ସେବାୟତଙ୍କ ସ୍ୱାଗତ, ଦ୍ୱନ୍ଦ୍ୱରେ ଭକ୍ତ



ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ସେବାୟତଙ୍କ ଆର୍ଥିକ ଅବସ୍ଥା କିପରି ସ୍ୱଚ୍ଛଳ ହୋଇପାରିବ ତାହାକୁ ନଜରରେ ରଖି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଏମାନଙ୍କୁ ସାମିଲ କରିବା ଲାଗି ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି, ଆମ ପାଖରେ ଏ ପର୍ଯ୍ୟନ୍ତ ଚିଠି ପହଞ୍ଚିନାହିଁ। ଚିଠି ପାଇବା ପରେ ତାହାକୁ ଅନୁଧ୍ୟାନ କରାଯାଇ ଯାହାକିଛି ପଦକ୍ଷେପ ନିଆଯିବ।

ମୁଦଲି ନିଯୋଗର ମୁଖ୍ୟ ପରାମର୍ଶଦାତା ପ୍ରଫେସର ସୌମେନ୍ଦ୍ର ମୁଦଲି କହିଛନ୍ତି, ବୋଧହୁଏ ମୃଣାଳିନୀ ପାଢୀ ସୁପ୍ରିମ୍‌କୋର୍ଟରେ ମାମଲା ରୁଜୁ କରି ନିଜକୁ ଦୋଷୀ ବୋଲି ଭାବି ଥାଇପାରନ୍ତି। ସେବାୟତଙ୍କ ପ୍ରାପ୍ୟ ପାଉଣା ବନ୍ଦ ହୋଇଯିବା ପରେ ସେମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ସେବାୟତଙ୍କ ବାସ୍ତବ ସ୍ଥିତି ଅନୁଭବ କରି ସେ ଏଭଳି ଚିଠି ଲେଖିଥାଇପାରନ୍ତି। ବାସ୍ତବରେ ଯଦି ସେବାୟତଙ୍କ ପ୍ରତି ତାଙ୍କର ଆନ୍ତରିକତା ଥିବ ଏହାକୁ ଆମେ ସ୍ୱାଗତ କରିବୁ। ତାଙ୍କ ଚିଠିକୁ ମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇ ସେବାୟତଙ୍କ ପାଇଁ ଆର୍ଥିକ ସୁବିଧା କରିବା ଦରକାର।

ଏ ସମ୍ପର୍କରେ ଆଇନଜୀବୀ ମୃଣାଳିନୀ ପାଢୀ କହିଛନ୍ତି, ମୋ ସ୍ୱରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆଇନଗତ ଲଢେଇ ତା ବାଟରେ ଜାରି ରହିବ। କିନ୍ତୁ ବିପିଏଲ୍ ସେବାୟତଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିବା ଜରୁରୀ। ଯଦି ସେମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ହୁଏ ତେବେ ସଂସ୍କାର ପ୍ରକ୍ରିୟା ବାଟବଣା ହୋଇପାରେ। ଘରେ ଯଦି ଚୁଲି ନ ଜଳିବ ସେମାନେ ପରିବାର ପ୍ରତିପୋଷଣ ପାଇଁ ଶ୍ରଦ୍ଧାଳୁଙ୍କଠାରୁ ପୂର୍ବପରି ଅର୍ଥ ଆଦାୟ କରିବାକୁ ଚାହିଁବେ। ଏପରି ହେଲେ ଶ୍ରୀମନ୍ଦିରରେ ଭକ୍ତଙ୍କଠାରୁ ଯେମିତି ଦାନ, ଦକ୍ଷିଣା ଆଦାୟ କରାଯାଉଥିଲା ତାହା ପୁଣି ଜାରି ରହିବ। ଫଳରେ ସଂସ୍କାର ଅଧାବାଟରେ ଅଟକିଯିବ। ତେଣୁ ଶ୍ରୀମନ୍ଦିରରେ ସଂସ୍କାର ଆଣିବାକୁ ହେଲେ ସେବାୟତଙ୍କ ଆର୍ଥିକ ସ୍ଥିତି ପ୍ରତି ଯତ୍ନବାନ ହେବାକୁ ପଡିବ। ଏହାକୁ ହୃଦ୍‌ବୋଧ କରି ମନ୍ଦିର ପ୍ରଶାସନକୁ ଚିଠି ଲେଖିଛି।




ଗଣିଆବାସୀ ଶୋଭାଯାତ୍ରାରେ ରଥଚକ ନେଉଛନ୍ତି।

# ଗଣିଆ ଗଲା ୩ ରଥଚକ

ପୁରୀ ଅଫିସ, ୧୨।୧୨

ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିରାଜିତ ତିନିରଥର ୩ଟି ଚକ ବୁଧବାର ନୟାଗଡ଼ ଜିଲା ଗଣିଆକୁ ଯାଇଛି। ଏକ ବର୍ଣ୍ଣାଢ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗଣିଆବାସୀ ରଥଚକକୁ ସାଥିରେ ନେଇ ଯାଇଛନ୍ତି। ଗଣିଆସ୍ଥିତ ଶ୍ରୀରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଏହି ରଥଚକ ସ୍ଥାପନ କରାଯିବ ବୋଲି ମନୋରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରତିବର୍ଷ ଗଣିଆ ନିକଟ ବଡରାଉଳ ଠାକୁରାଣୀଙ୍କ ପାଖରେ ପୂଜାର୍ଚ୍ଚନା କରାଯିବା ପରେ ରଥକାଠ କଟା ଅନୁକୂଳ ହୋଇଥାଏ। ଆବହମାନ କାଳରୁ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଗଣିଆ ଅଞ୍ଚଳରୁ କାଠ ଆସୁଛି। ତେଣୁ ଏହି ଅଞ୍ଚଳରେ ମହାପ୍ରଭୁଙ୍କ ରଥକାଠ ସ୍ଥାପନ ପାଇଁ ମନସ୍ଥ କରି ଗ୍ରାମବାସୀ ଶ୍ରୀମନ୍ଦିର ପ୍ରଶାସନ, ଗଜପତି ମହାରାଜା, ଜିଲାପାଳଙ୍କୁ ଆବେଦନ କରିଥିଲୁ। ପରିଚାଳନା କମିଟି ଏହାକୁ ଅନୁମୋଦନ ଦେବା ପରେ ରଥଚକ ନେଇଛୁ। ଏହି ରଥଚକ ନେବା ବେଳେ ଗଣିଆର ଚିତ୍ତରଞ୍ଜନ ଦାଶ, ଜଗନ୍ନାଥ ଦାଶ, ଭରତ କୁମାର ସାହୁ, ସୁଶାନ୍ତ କୁମାର ବେହେରା, ସୁବାସ ଆୟନ୍ତ, ଦୀପକ, ବୀରବର, ଚିତ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ମହାପ୍ରଭୁଙ୍କ ଘୋଡ଼ଲାଗି

ପୁରୀ ଅଫିସ,୧୨।୧୨

ମହାପ୍ରଭୁଙ୍କ ମାନବୀୟ ଲୀଳାକ୍ରମରେ ଗୁରୁବାରଠାରୁ ଶ୍ରୀମନ୍ଦିରରେ ଘୋଡ଼ଲାଗି ବେଶ ଆରମ୍ଭ ହେବ। ଏଥିପାଇଁ ବୁଧବାର ଘୋଡ଼ ଅଧିବାସ କରାଯାଇଛି। ଚତୁର୍ଦ୍ଧାବିଗ୍ରହଙ୍କ ରାତ୍ର ଚନ୍ଦନଲାଗି ବଢ଼ିବା ପରେ ଭୋଗମଣ୍ଡପ ଘରେ ମୁରୁଜ ପଡି ପତନି, ଘୋଡ଼, ଖଣ୍ଟୁଆ ଘୋଡ଼, ପାଗ, ମଦନମୋହନଙ୍କ କବରୀ, ବିମଳା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଘୋଡ଼ ଅଧିବାସ ହୋଇଛି। ଗୁରୁବାର ମହାପ୍ରଭୁଙ୍କ ସକାଳଧୂପ ବଢ଼ିବା ପରେ ଠାକୁରମାନଙ୍କୁ ମଇଲମ କରାଯିବ। ଭୋଗମଣ୍ଡପ ଘରେ ପୂର୍ବଦିନ ଅଧିବାସ ହୋଇଥିବା ଘୋଡ଼ ବସ୍ତ୍ରଗୁଡ଼ିକୁ ପଟୁଆରରେ ଶ୍ରୀମନ୍ଦିରକୁ ସାଢ଼େ ତିନି ଘେରା ଏବଂ ରତ୍ନସିଂହାସନକୁ ସାଢ଼େ ତିନିଘେରା ପ୍ରଦକ୍ଷିଣ କରାଇ ରତ୍ନସିଂହାସନରେ ବିଜେ କରାଯିବ। ସିଂହାସନରେ ଠାକୁରମାନଙ୍କ ପାଗ ଓ ଘୋଡ଼ଲାଗି ବଢ଼ିଲେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି କରାଯିବ। ଏହାପରେ ତିନିବାଡ଼ରେ ବନ୍ଦାପନା ହେବ।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶିର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥାନ୍ତି। ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥାନ୍ତି। ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର ଚତୁର୍ଦ୍ଧାବିଗ୍ରହ କଳା ରଙ୍ଗର ଘୋଡ଼ଲାଗି ହୋଇଥାନ୍ତି।

ଦର୍ଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ସୂଚନା ମୁତାବକ, ପ୍ରତିବର୍ଷ ଠାକୁରଙ୍କର ନୂଆ ଘୋଡ଼ ବସ୍ତ୍ର ତିଆରି ହୁଏ। ଗୀତଗୋବିନ୍ଦ ପାଟ, ପତନୀ ଓ ଗଡ଼ା(ସୂତା ପୁଟା)ରେ ଏହା ତିଆରି କରାଯାଇଛି। ମହାପ୍ରଭୁଙ୍କ ବସ୍ତ୍ର କେବଳ ଗୀତଗୋବିନ୍ଦ ଓ ପତନୀରେ ତିଆରି ହୋଇଛି। ଚତୁର୍ଦ୍ଧାବିଗ୍ରହଙ୍କ ୪ଟି ଘୋଡ଼ ସମେତ ୩ଟି ଖଟ ପାଛୁଡି, ୨ଟି ତୂଳି ପଟା, ୩ଟି ଥୋଡ଼ ପାହାଡିଆ, ଗୋଟିଏ ମୁଦିରଥ ଓ ୨ଟି ଫୁଲଛେଦା ତିଆରି କରାଯାଇଥିବା ଦର୍ଜି ସର୍ଦ୍ଦାର କହିଛନ୍ତି।

# ମରି ପଡୁଛନ୍ତି କୁକୁଡ଼ା, କାଉ

କୃଷ୍ଣପ୍ରସାଦ,୧୨।୧୨(ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକ୍‌ରେ ବର୍ତ୍ତମାନ ଶହ ଶହ କାଉ ଓ କୁକୁଡ଼ାଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଏକ ସପ୍ତାହ ଧରି ଏଠାରେ କୁକୁଡାଗୁଡ଼ିକ ମରି ପଡୁଥିବା ଯୋଗୁ ବ୍ୟବସାୟୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେବେ ଏହି ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲା ପ୍ରଶାସନ କୌଣସି ପଦକ୍ଷେପ ପକ୍ଷରୁ କୌଣସି ପଦକ୍ଷେପ ନ ହେବାରୁ କିଛିଦିନ ଧରି ଅସନ୍ତୋଷ ପ୍ରକାଶ ପାଇଥିଲା। ଧରିତ୍ରୀ ଦୈନିକ ଖବରକାଗଜରେ ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରାଣୀଚିକିତ୍ସା ବିଭାଗ ଏବଂ ଭୁବନେଶ୍ୱର ପ୍ରାଣୀ ଗବେଷଣା କେନ୍ଦ୍ରରୁ ଗବେଷକମାନେ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ମୃତ କୁକୁଡ଼ାମାନଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି। କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସକ ଡାକ୍ତର ଦୟାନିଧି ବେହେରା ଏ ସମ୍ପର୍କରେ କହିଛନ୍ତି, ଗୁରୁବାର ରକ୍ତ ନମୁନା ପରୀକ୍ଷାର ଫଳାଫଳ ଜଣାପଡ଼ିବ। ବାର୍ଡ ଫ୍ଲୁ ହୋଇଥିବା ସୂଚନା ମିଳିଲେ ଏଥିନିମନ୍ତେ ପ୍ରତିକାର କରାଯିବ। ତେବେ କୁକୁଡ଼ା ମାଂସ ପ୍ରତି ଲୋକଙ୍କ ଚାହିଦା କମୁ ନ ଥିବା ଏବଂ ଲୋକେ ଏହି ମାଂସ ଖାଉଥିବା ଜଣାପଡ଼ିଛି, ଯାହା ଆଗକୁ ବିପଦର ଆଶଙ୍କା ସୃଷ୍ଟି କରିଛି।



ଫାର୍ମରେ ମରିପଡ଼ିଥିବା କୁକୁଡ଼ା।

## ଟ୍ରକ ଜାଳିଦେଲେ ଦୁର୍ବୃତ୍ତ

ବାଲିପାଟଣା,୧୨।୧୨(ଡି.ଏନ୍.ଏ.)

ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ଛକ ନିକଟ ଏକ ପଡିଆରେ ଥିବା ଟ୍ରକ(ଓଡି ୦୨ଜି ୮୨୯୮)କୁ କେତେଜଣ ଦୁର୍ବୃତ୍ତ ମଙ୍ଗଳବାର ରାତିରେ ଜାଳିଦେଇଥିବା ଅଭିଯୋଗ ହୋଇଛି। ଟ୍ରକ ଜଳିଯାଉଥିବା ଦେଖି ଜଣେ ଦୋକାନୀ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରକ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୨୩୭/୧୮)ରୁଜୁ କରିଛି। ସିସିଟିଭି ଫୁଟେଜରୁ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ବାର୍ଡ ଫ୍ଲୁ ଆଶଙ୍କାରେ ଚିଲିକାରେ ସତର୍କତା

# ୩୬୪ ନମୁନା ପରୀକ୍ଷା ପାଇଁ ଗଲା ଭୋପାଳ

ଖୋର୍ଦ୍ଧା ଅଫିସ,୧୨।୧୨

ପଡୋଶୀ ପୁରୀ ଜିଲାର ଗୋପ ଓ କୃଷ୍ଣପ୍ରସାଦ ଅଞ୍ଚଳରେ ପକ୍ଷୀ ମରୁଥିବାରୁ ବାର୍ଡ ଫ୍ଲୁ ଆଶଙ୍କା ଦେଖାଦେଇଛି। ଶୀତଋତୁରେ ମରାଳମାଳିନୀ ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ଏହାକୁ ଦୃଷ୍ଟିରୁ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଚିଲିକାର ନଳବଣ ସମେତ ଆଖପାଖ ଅଞ୍ଚଳରୁ ୪୭୨ ପକ୍ଷୀଙ୍କ ନାଳ, ମଳ, ରକ୍ତ, ସ୍ରାବ ନମୁନା ସଂଗୃହୀତ ହୋଇଛି। ଏଥିରୁ ପ୍ରଥମ ଓ ୨ୟ ପର୍ଯ୍ୟାୟର ୩୬୪ ନମୁନା ହାଇ ସିକ୍ୟୁରିଟ୍ ଲାବରେଟୋରି ଭୋପାଳକୁ ପରୀକ୍ଷଣ ପାଇଁ ପଠାଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ସଂଗୃହୀତ ୧୦୮ ପକ୍ଷୀଙ୍କ ବିଭିନ୍ନ ନମୁନା ଗୁରୁବାର ଭୋପାଳ ପଠାଯିବାର ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଚିଲିକା ନଳବଣରେ ପ୍ରାୟ ୨୦ ଦିନ ଭିତରେ ୬ ବିଦେଶାଗତ ପକ୍ଷୀ ମରିଛନ୍ତି। ଏଣୁ ପ୍ରାଣୀଧନ ଓ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନଳବଣରୁ ୧୬ ମୃତ ଓ ଜୀବନ୍ତ ପକ୍ଷୀଙ୍କ ନାଳ, ମଳ, ରକ୍ତ, ସ୍ରାବ ନମୁନା ସଂଗ୍ରହ କରିଛନ୍ତି। ସେହିପରି ଚିଲିକା ଉପକୂଳବର୍ତ୍ତୀ ଗାଁର ଗୃହପାଳିତ ପକ୍ଷୀ ବତକ, କୁକୁଡାଙ୍କଠାରୁ ଅନୁରୂପ ଭାବେ ପକ୍ଷୀଙ୍କ ନମୁନା ସଂଗୃହୀତ ହୋଇଛି।

### ଘୁଷୁରିଙ୍କଠାରୁ ସଂଗୃହୀତ ହେବ ସେରମ

ଖୋର୍ଦ୍ଧା ଜିଲାରେ ରହୁଥିବା ଘୁଷୁରିମାନଙ୍କ ରକ୍ତରୁ ସେରମ ସଂଗ୍ରହ କରାଯିବ। ଖୁବ୍‌ଶୀଘ୍ର ଏ କାର୍ଯ୍ୟ ଆରମ୍ଭ ହେଉଛି। ଅନ୍ୟପକ୍ଷେ କେରଙ୍ଗରେ ବିଭିନ୍ନ ସମୟରେ ବାର୍ଡ ଫ୍ଲୁ ହୋଇଥିବାରୁ ଏଠାକାର କୁକୁଡା, ବତକ ଆଦି ବିଭିନ୍ନ ନମୁନା ସଂଗ୍ରହ କରାଯିବାକୁ କୁହାଯାଇଛି। ଏ ନେଇ ଜିଲା ପ୍ରାଣୀଧନ ଅଧିକାରୀ ନରେଶ ରଥ କୁହନ୍ତି ବାର୍ଡ ଫ୍ଲୁ ନେଇ ଭୟ କରିବାର କିଛି ନାହିଁ। ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଏପରି ନମୁନା ସଂଗ୍ରହ ଚାଲିଛି। ତେବେ କୁକୁଡା ଓ ବତକ ଆଦି ପକ୍ଷୀଙ୍କ ନାଳ, ମଳ, ରକ୍ତ, ସ୍ରାବ ନମୁନା ସଂଗ୍ରହ ପାଇଁ ସ୍ଥାନୀୟ ଭେଟେନାରୀ ଅଧିକାରମାନଙ୍କୁ କୁହାଯାଇଛି।

### ବେଆଇନ ଟ୍ରଲର ଚଳାଚଳ

# ମରୁଛନ୍ତି ଅଲିଭ୍ ରିଡ୍‌ଲେ

ପୁରୀ ଅଫିସ,୧୨।୧୨

ପୁରୀ ଉପକୂଳ ଅଲିଭ ରିଡ୍‌ଲେଙ୍କ ପାଇଁ ଅସୁରକ୍ଷିତ ହୋଇପଡିଛି। ସମୁଦ୍ରରେ ବେଆଇନ ଏବଂ ଅବାଧ ଟ୍ରଲର ଚଳାଚଳ ଯୋଗୁ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟୁଛି। ସମୁଦ୍ରରେ ପାଟ୍ରୋଲିଂ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଟ୍ରଲର ଚଳାଚଳ ବୃଦ୍ଧି ପାଉଛି। ଫଳରେ ଟ୍ରଲର ମାଡ଼ରେ କଇଁଛଙ୍କ ମୃତ୍ୟୁ ଘଟୁଛି। ବୁଧବାର ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଏକ ଅଲିଭ ରିଡ୍‌ଲେ କଇଁଛର ମୃତଦେହ ଲାଗିଥିଲା। ବିଭିନ୍ନ ସମୟରେ ବେଳାଭୂମିରେ କଇଁଛଙ୍କ ମୃତଦେହ ଦେଖିବାକୁ ମିଳୁଛି। ଫଳରେ କଇଁଛଙ୍କ ମୃତ୍ୟୁକୁ ନେଇ ପରିବେଶପ୍ରେମୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଚିଲିକା ମୁହାଣଠାରୁ ଦେବୀ ମୁହାଣ ପ୍ରାୟ ୧୦୦ କି.ମି.ବ୍ୟାପ୍ତ ବେଳାଭୂମି। ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନ ଏବଂ ଅଣ୍ଡାଦାନ ଲାଗି ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ସମୁଦ୍ର ଉପକୂଳଠାରୁ ୫ କି.ମି. ମଧ୍ୟରେ ଟ୍ରଲର ଚଳାଚଳକୁ ନିଷିଦ୍ଧ କରାଯାଇଛି। କିନ୍ତୁ ନୋ ଫିଶିଙ୍ଗ ଜୋନ୍ ଭାବେ ଘୋଷଣା କରାଯାଇଥିବା ଅଞ୍ଚଳରେ ପ୍ରତ୍ୟହ ଟ୍ରଲର ଚକ୍କର କାଟୁଥିବା ଦେଖିବାକୁ ମିଳୁଛି। ଏହି ବେଆଇନ ଟ୍ରଲର ଚଳାଚଳ ଏବେ ଅଲିଭ ରିଡ୍‌ଲେଙ୍କ ପାଇଁ କାଳ ସାଜିଛି।

ବିଶେଷକରି ପୁରୀ ସମୁଦ୍ର ଉପକୂଳରେ କଟକଣାକୁ ବେଖାତିର କରି ନିଷିଦ୍ଧାଞ୍ଚଳରେ ଟ୍ରଲର ଚଳାଚଳ କରୁଛି। ସମୁଦ୍ରକୂଳଠାରୁ ୨ କି.ମି .ମଧ୍ୟରେ ଟ୍ରଲର ଚଳାଚଳ କରୁଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ ଚଳାଚଳ କରୁଥିବା ଟ୍ରଲରରେ ମାଡ଼ ହୋଇ ଏବଂ ଏହାର ଜାଲରେ ପଡିବାରୁ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ହେଉଥିବା କୁହାଯାଉଛି। ପୁରୀ ଉପକୂଳରେ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଟ୍ରଲର ମାଲିକମାନେ ଏହାର ଫାଇଦା ଉଠାଉଛନ୍ତି।



ପୁରୀ ବେଳାଭୂମିରେ ମୃତ ଅଲିଭ୍ ରିଡ୍‌ଲେ।

## ଫଟୋରେ ଖବର



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ବୁଧବାର ଷ୍ଟିଲ୍ ଏବଂ ମାଇନ୍ସ ବିଭାଗ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ମଞ୍ଚସ୍ଥ ନାଟକ 'ନୀରବ ଆକାଶ'ର ଏକ ଦୃଶ୍ୟ।




୫ ଦଫା ଦାବି ନେଇ ଭୁବନେଶ୍ୱର ଇଷ୍ଟକୋଷ୍ଟ ରେଲ୍‌ୱେ ଠିକା ଶ୍ରମିକ ୟୁନିଅନ ପକ୍ଷରୁ ବୁଧବାର ସତ୍ୟନଗର ଇଷ୍ଟକୋଷ୍ଟ ରେଲ୍‌ୱେ କୋଚିଂ ଡିପୋ ପରିସରରେ ଧାରଣା।




ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

# ଚକ୍ ଦେ ଓଡ଼ିଶା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

‘ଚକ୍ ଦେ ଇଣ୍ଡିଆ’ର ‘ମୌଲା ମେରେ ଲେ ଲେ ମେରି ଜାନ୍...’ ଗୀତ ଗାଇ ରାତାରାତି ଷ୍ଟାର୍ ପାଲଟିଥିବା ଓଡ଼ିଶା ଜନ୍ମିତ ବଲିଉଡ୍ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ବୁଧବାର ‘ଡଟ୍ ଫେଷ୍ଟ’ର ଥିଲେ ଶୋ’ ଷ୍ଟପର୍। କେବଳ ଓଡ଼ିଶାର କଳାକାରଙ୍କୁ ନେଇ ଆୟୋଜିତ ଡଟ୍ ଫେଷ୍ଟର ଦ୍ୱାଦଶ ସନ୍ଧ୍ୟା ‘ଚକ୍ ଦେ ଓଡ଼ିଶା’ ଥିମ୍‌ରେ ମୁଖରିତ ହୋଇଥିଲା। କ୍ରିଷ୍ଣାଙ୍କ ଗୀତ ସାଙ୍ଗକୁ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର ଆଖି ଖୋସିଦେଲା ଭଳି ନାଚ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା।

ବିଡିଏ ଏବଂ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଇଉ୍କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଡଟ୍ ଫେଷ୍ଟ ବୁଧବାର ଓଡ଼ିଶା ଜନ୍ମିତ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରାଙ୍କ ଗୀତରୁ ଆରମ୍ଭ ହୋଇଥିଲା। ଏକାଧିକ ହିନ୍ଦୀ ଫିଲ୍ମରେ କଣ୍ଠଦାନ କରି ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଏହି କଣ୍ଠଶିଳ୍ପୀ ମଞ୍ଚରେ ନିଜର କେତେକ ବ୍ଲକ୍‌ବ୍ଲଷ୍ଟର ଗୀତ ଗାଇଥିଲେ। ଯାହାମଧ୍ୟରେ ‘ମୌଲା ମେରେ ଲେ ଲେ ମେରି ଜାନ୍...’, ‘ରାଜ୍ ଦି ମିଷ୍ଟ୍ରି କଣ୍ଟିନିଉସ୍’ର ‘ସୋଣିଓ...’, ‘ନମସ୍ତେ ଲଣ୍ଡନ’ର ‘ମେଁ ଯାହାଁ ରହୁଁ...’ ଓ ‘ଚକ୍ ଦେ ଇଣ୍ଡିଆ’ର ଟାଇଟଲ୍ ଟ୍ରାକ୍ ଆଦି ରହିଥିଲା। ଏହାବ୍ୟତୀତ ‘ନିଝୁମ୍ ରାତିର ସହରରେ...’ ସହ କ୍ରିଷ୍ଣାଙ୍କ କଣ୍ଠରୁ ବହୁ ଓଡ଼ିଆ ଗୀତ ମଧ୍ୟ ଶୁଣିବାକୁ ମିଳିଥିଲା। ସମ୍ପୂର୍ଣ୍ଣଭାବେ ଓଡ଼ିଆ ଫ୍ଲେଭରକୁ ନେଇ ଆୟୋଜିତ ଏହି ସନ୍ଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର ନୃତ୍ୟ ପରିବେଷଣ। ପ୍ରଥମେ କ୍ରିଷ୍ଣାଙ୍କ ‘ମୌଲା ମେରେ ଲେ ଲେ ମେରି ଜାନ୍...’ରେ ନୃତ୍ୟ କରିବା ପରେ ଏହି ଗ୍ରୁପ୍ ନିଜର ସ୍ୱତନ୍ତ୍ର ନୃତ୍ୟଶୈଳୀ ପ୍ରଦର୍ଶନ କରିଥିଲା। ‘ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ’ ଭଳି ରିୟାଲିଟି ଶୋ’ ମଞ୍ଚରେ ନିଜର କରିସ୍ମା ଦେଖାଇଥିବା ଗଞ୍ଜାମର ଏହି ଗ୍ରୁପ୍ ଡଟ୍ ଫେଷ୍ଟ ମଞ୍ଚରେ ନିଜ ନୃତ୍ୟ ପ୍ରତିଭା ଦେଖାଇଥିଲେ। ଟି. କ୍ରିଷ୍ଣା ମୋହନ ରେଡ୍ଡିଙ୍କ ନେତୃତ୍ୱରେ ନୃତ୍ୟଶିଳ୍ପୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ପ୍ରଦର୍ଶନୀ ପଡ଼ିଆରେ ଭରପୂର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଥିବା ବେଳେ ଅନ୍ୟପଟେ ଚାଲିଥିବା ଇଣ୍ଟରନ୍ୟାଶନାଲ ଫୁଡ୍ ଫେଷ୍ଟିଭାଲରେ ମଧ୍ୟ ପ୍ରଚୁର ଭିଡ଼ ଜମିଥିଲା। ୧୬ଟି ଦେଶର ସୁସ୍ୱାଦୁ ଖାଦ୍ୟ ସହ ଭାରତର ଲୋକପ୍ରିୟ ଷ୍ଟ୍ରିଟ୍ ଫୁଡ୍‌ର ମଜାନେବାକୁ ସବୁବର୍ଗର ଗ୍ରାହକଙ୍କୁ ଏହି ଖାଦ୍ୟମେଳାରେ ଦେଖିବାକୁ ମିଳିଥିଲା।

## ଆଜିର ଆକର୍ଷଣ ‘ଭି ଡ୍ୟାନ୍ସ କମ୍ପାନୀ’

ଡଟ୍ ଫେଷ୍ଟ ତ୍ରୟୋଦଶ ସନ୍ଧ୍ୟାର ଆକର୍ଷଣ ରହିବ ‘ଭି ଡ୍ୟାନ୍ସ କମ୍ପାନୀ’। ଦର୍ଶକ ପୁଣିଥରେ ମଞ୍ଚରେ ଏକ ‘ଫ୍ୟୁଜନ୍ ଫିଏଷ୍ଟା’ର ମଜା ନେଇପାରିବେ। ‘ଡ୍ୟାନ୍ସ ପ୍ଲସ୍’, ‘ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ’, ‘ବୁଗି ଉଗି’ ଭଳି ବହୁ ରିୟାଲିଟି ଶୋ’ ଜିତିଥିବା ଭାରତର ଏହି ପ୍ରଥମ ଡ୍ୟାନ୍ସ ଗ୍ରୁପ୍ ଡଟ୍ ଫେଷ୍ଟ ମଞ୍ଚରେ ନୃତ୍ୟ ପରିବେଷଣ କରିବେ। ଏହାବ୍ୟତୀତ କଣ୍ଠଶିଳ୍ପୀ ଅଙ୍କୁର ତିୱାରୀ ଏହି ସନ୍ଧ୍ୟାର ଆଉ ଏକ ଆକର୍ଷଣ ସାଜିବେ। ସିଙ୍ଗର, ସଙ୍ଗ୍ ରାଇଟର୍, ଫିଲ୍ମମେକର ଓ ଆକ୍ଟର ଅଙ୍କୁର୍‌ଙ୍କ ବହୁମୁଖୀ ପ୍ରତିଭାକୁ ଦେଖିବାକୁ ପାଇବେ ଦର୍ଶକ।



କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା

## ହକି ବିଶ୍ୱକପ୍ ଓଡ଼ିଶାକୁ ଦେଇଛି ନୂଆ ପରିଚୟ: କ୍ରିଷ୍ଣା

ହକି ବିଶ୍ୱକପ୍ ୨୦୧୮କୁ ଓଡ଼ିଶା ସରକାର ବେଶ୍ ସଫଳତାର ସହ ଆୟୋଜନ କରିଛନ୍ତି। ଏହି ମେଗା ଇଭେଣ୍ଟ ଓଡ଼ିଶାର ମାନଚିତ୍ରକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ସାରା ବିଶ୍ୱ ଏବେ ଓଡ଼ିଶା ସମ୍ପର୍କରେ ଜାଣୁଛି ଓ ପ୍ରଶଂସା କରୁଛି। ଏଥିପାଇଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା। ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ପୂର୍ବରୁ ଓଡ଼ିଶାର ଯେଉଁ ଚିତ୍ର ଲୋକଙ୍କ ମନରେ ଥିଲା ତାହା ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି ବୋଲି କ୍ରିଷ୍ଣା କହିଛନ୍ତି। ଡଟ୍ ଫେଷ୍ଟରେ ବୁଧବାର କାର୍ଯ୍ୟକ୍ରମ ପରିବେଷଣ କରିବା ଅବସରରେ ଏହା କହିଛନ୍ତି।

## ଡଟ୍ ଫେଷ୍ଟର ମଜା ନେଲେ ଅନାଥାଶ୍ରମ ଅନ୍ତେବାସୀ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ଡଟ୍ ଫେଷ୍ଟର ଦ୍ୱାଦଶ ସନ୍ଧ୍ୟାରେ ଭୁବନେଶ୍ୱରର ବିଭିନ୍ନ ଅନାଥାଶ୍ରମରୁ ୧୫୦ ଅନ୍ତେବାସୀଙ୍କ ସମେତ ୧୦୦ ଆଶାକର୍ମୀ ଆସିଥିଲେ। ଏଥି ସହିତ ବୁଧବାର ସନ୍ଧ୍ୟା ଖେଳ ଉପରେ ଆଧାରିତ ଥିବାରୁ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲରୁ ୫୦ଛାତ୍ରୀଛାତ୍ର ଓ ୨୦ଜଣ ଅଧିକାରୀ ଆସିଥିଲେ। ସେମାନେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ଫୁଡ୍ ଫେଷ୍ଟରେ ବିଭିନ୍ନ ଖାଦ୍ୟର ମଜା ନେଇଥିଲେ। ଜୀବନଜ୍ୟୋତି ଆଶ୍ରମର ଅନ୍ତେବାସୀ ପଞ୍ଚମ ଶ୍ରେଣୀର ଛାତ୍ର ଦିଲୀପ କେ. ଶବର କୁହନ୍ତି, ସାଙ୍ଗମାନଙ୍କ ସହିତ ବୁଲି ବହୁତ ମଜା କରିଛି। ମୋ ଜୀବନରେ ଏହା ଏକ ସ୍ମରଣୀୟ ଦିନ। ମଧୁର୍ମୟୀ ଆଦର୍ଶ ଶିକ୍ଷା ନିକେତନର ଅନ୍ତେବାସୀ ଏମ୍‌ବିଏ ଛାତ୍ର ବିଶ୍ୱାରାଜ ବାଗ କୁହନ୍ତି, ଏହି ଫେଷ୍ଟ ଭାଇଚାରାର ଏକ ଉତ୍କୃଷ୍ଟ ମଞ୍ଚ ସୃଷ୍ଟି କରିଛି। ସବୁ ବର୍ଗର ଲୋକ ଏହାର ଉପଭୋଗ କରିବା ପାଇଁ ଯେଉଁ ପ୍ରୟାସ କରାଯାଇଛି ତାହା ସ୍ୱାଗତଯୋଗ୍ୟ। ମୁଁ ଏହାର ଏକ ଅଂଶବିଶେଷ ହୋଇଥିବାରୁ ନିଜକୁ ଗର୍ବ ଅନୁଭବ କରୁଛି।





ଭୁବନେଶ୍ୱରର ଇଉ୍କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଡଟ୍ ଫେଷ୍ଟର ବୁଧବାର ଦ୍ୱାଦଶ ସନ୍ଧ୍ୟାରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଉଛି।

## ଆରମ୍ଭ ହେଲା ଲିଟରେଚର ଟକ୍ ଶୋ’

# ଗୋଟିଏ ମଞ୍ଚରେ କିମ୍ବଦନ୍ତୀ-ଯୁଗାନ୍ତକାରୀ ସାହିତ୍ୟିକ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ରାଜ୍ୟର ଯୁବବର୍ଗ ଏବଂ ସାହିତ୍ୟିକମାନଙ୍କୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ଓ ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ଲକ୍ଷ୍ୟରେ ପ୍ରଥମଥର ପାଇଁ ଆରମ୍ଭ ହୋଇଛି ମାସିକ ଲିଟରେଚର୍ ଟକ୍ ଶୋ’। କଳିଙ୍ଗ ସାହିତ୍ୟ ସମାରୋହ(କେଏଲ୍‌ଏଫ୍) ପକ୍ଷରୁ ଅକ୍ସଫୋର୍ଡ ବୁକ୍‌ଷ୍ଟୋରର ମିଳିତ ସହଯୋଗରେ ଜୟଦେବବିହାର ପାଲ୍‌ହାଇଟ୍ସସ୍ଥିତ ଅକ୍ସଫୋର୍ଡ ବୁକ୍‌ଷ୍ଟୋର ପରିସରରେ ବୁଧବାର ଏହି ସାହିତ୍ୟ ସମାରୋହ ‘କେଏଲ୍‌ଏଫ୍ କର୍ନର’ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପ୍ରଥମ ଟକ୍ ଶୋ’ରେ କିମ୍ବଦନ୍ତୀ ଏବଂ ଯୁଗାନ୍ତକାରୀ ସାହିତ୍ୟିକ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ବିଶିଷ୍ଟ ସାହିତ୍ୟିକ ଜୟନ୍ତ ମହାପାତ୍ରଙ୍କ ସହିତ ଯୁବ ସାହିତ୍ୟିକ କେଦାର ମିଶ୍ର ଯୋଗଦେଇ ନିଜ ମତ ରଖିଥିଲେ। କେଏଲ୍‌ଏଫ୍‌ର ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡ଼ା କହିଥିଲେ, ସାହିତ୍ୟ ଜଗତର ଯୁବ ପ୍ରତିଭାମାନଙ୍କୁ କିମ୍ବଦନ୍ତୀ ସାହିତ୍ୟିକମାନଙ୍କ ସହ ସଂଲଗ୍ନ କରାଇବା ପାଇଁ ଏହା ଏକ ଉଦ୍ୟମ। ଓଡ଼ିଆ ସାହିତ୍ୟ ଜଗତର ବରିଷ୍ଠ ଓ ମହାନ୍ ସାହିତ୍ୟିକମାନେ ଏଥିରେ ଅଂଶଗ୍ରହଣ କରି ସାହିତ୍ୟ ଏକାଡେମୀ, ଜ୍ଞାନପୀଠ, ବୁକର୍ ଏବଂ ନୋବେଲ ଭଳି ପୁରସ୍କାର ପାଇଥିବା ଲେଖନୀ ଉପରେ ଆଲୋଚନା ଓ ତୁଳନାତ୍ମକ ବିଚାର କରିବେ। କାର୍ଯ୍ୟକ୍ରମ ସଂଯୋଜକ ଦେବାଶିଷ ସାମନ୍ତରାୟ କହିଥିଲେ, କିମ୍ବଦନ୍ତୀ ଓ ଯୁଗାନ୍ତକାରୀ ସାହିତ୍ୟିକମାନଙ୍କ ସ୍ୱର ଗୋଟିଏ ମଞ୍ଚରେ ଶୁଣିବା, ସେମାନଙ୍କୁ ସାକ୍ଷାତ କରିବାର ଏହା ହେଉଛି ଏକ ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର ଲେଖକ ଓ କବିମାନଙ୍କ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି ତଥା ସାହିତ୍ୟ ଜଗତକୁ ସେମାନଙ୍କ ଅବଦାନ ଏବଂ ପ୍ରଭାବକୁ ସ୍ୱୀକୃତି ଦେବାରେ ଏହି ମାସିକ କାର୍ଯ୍ୟକ୍ରମ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। କେଏଲ୍‌ଏଫ୍ ସଂଯୋଜକ ସତ୍ୟ ପଟ୍ଟନାୟକ ଏବଂ ଅନ୍ୟ ପ୍ରମୁଖ ବରିଷ୍ଠ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଗକୁ ପ୍ରତି ମାସର ଶେଷ ରବିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ।



## ଲାଞ୍ଚ ନେଇ ବିଏମ୍‌ସି ସ୍ୱାସ୍ଥ୍ୟ ସୁପରଭାଇଜର ଗିରଫ

**କଟକ ଅଫିସ,୧୨।୧୨:** ହଜାରେ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ହେଲ୍‌ଥ ସୁପରଭାଇଜର (ଠିକା) ମନୋରଞ୍ଜନ ଦାସ। ଦାସ ବୁଧବାର ଏହି ଲାଞ୍ଚ ଗୋଠପାଟଣା ଅଞ୍ଚଳର କୁଳମଣି ମେହେରଙ୍କଠାରୁ ନେଉଥିଲେ। କୁଳମଣିଙ୍କ ଝିଅର ଜନ୍ମ ପ୍ରମାଣପତ୍ର ଦେବା ନିମନ୍ତେ ସୁପରଭାଇଜର ଦାସ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ବୁଧବାର ବିଏମ୍‌ସି ଅଫିସରେ ଦାସ ମେହେରଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ଦାସଙ୍କ ସତ୍ୟନଗର ଦୁର୍ଗାମଣ୍ଡପଠାରେ ଥିବା ଆବାସିକ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୫୩/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ଦାସଙ୍କୁ ଗିରଫ କରାଯାଇଛି।

## ବର୍ଷୀୟାନ ହାସ୍ୟ ଅଭିନେତା ନିତ୍ୟାନନ୍ଦଙ୍କ ପରଲୋକ

ପୁରୀ ଅଫିସ,୧୨।୧୨

ମଞ୍ଚ ନାଟକ, ଯାତ୍ରା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ହାସ୍ୟ ଅଭିନେତା ନିତ୍ୟାନନ୍ଦ ଦାସଙ୍କର ବୁଧବାର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଛି। ତାଙ୍କୁ ୮୩ବର୍ଷ ହୋଇଥିଲା। ଗତ କିଛି ଦିନ ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ହରିହର, ସାନପୁଅ ସଂଗ୍ରାମ କେଶରୀ, ବୋହୂ ମମତା ଓ ଝିଅ ସଂଘମିତ୍ରା ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ ଅନ୍ନପୂର୍ଣ୍ଣା ଥିଏଟର ନିକଟକୁ ନିଆଯାଇଥିଲା। ସେଠାରେ ନିତ୍ୟାନନ୍ଦଙ୍କ ବାଲ୍ୟବନ୍ଧୁ ଗଣେଶ ପଟ୍ଟନାୟକ, ପୁରୀ ଆର୍ଟିଷ୍ଟ ଆସୋସିଏଶନର ସଭାପତି ବିକାଶ ଦତ୍ତ, ସମ୍ପାଦକ ରାମକୃଷ୍ଣ ମହାପାତ୍ର, ବସନ୍ତ ମହାନ୍ତି, ଲକ୍ଷ୍ମୀପ୍ରିୟା ମିଶ୍ର, ମଞ୍ଜୁଲତା ସାମଲ, ସବିତା ଘୋଷ, ମିନତି ଦାସଙ୍କ ସମେତ ଶତାଧିକ ମଞ୍ଚ ଅଭିନେତା, କଳାପ୍ରେମୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବହୁ ବୁଦ୍ଧିଜୀବୀ, କଳାପ୍ରେମୀ, ମଞ୍ଚ ଅଭିନେତା ତାଙ୍କ ବାସଭବନରେ ଅନ୍ତିମ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

୧୯୫୭ରୁ ୧୯୯୦ ପର୍ଯ୍ୟନ୍ତ କଳାଜଗତ ସହିତ ନିତ୍ୟାନନ୍ଦ ଜଡ଼ିତ ଥିଲେ। ଯୁବାବସ୍ଥାରେ ଅନ୍ନପୂର୍ଣ୍ଣା ଥିଏଟର ‘ଏ’ ଗ୍ରୁପରେ ଯୋଗଦାନ କରିଥିଲେ।



ନିତ୍ୟାନନ୍ଦ ଦାସ

‘ବାଡୁଅ ଝିଅ’ ନାଟକରେ ଜଣେ ହାସ୍ୟ ଅଭିନେତା ଭାବେ ସେ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରି ନ ଥିଲେ। ଗୋଟିଏ ପରେ ଗୋଟିଏ ମଞ୍ଚ ନାଟକରେ ଅଭିନୟ କରି କଳାଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ୨୦୦୬ ମସିହାରେ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ମଞ୍ଚ ନାଟକ ସହ ସେ ଯାତ୍ରା ଏବଂ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଥିଲେ। ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ, ୫୦ରୁ ଊର୍ଦ୍ଧ୍ୱ ନାଟକ ଓ ଯାତ୍ରାରେ ନିର୍ଦ୍ଦେଶନା, ୧୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ଏଥିସହିତ ଆକାଶବାଣୀ କଟକ ଏବଂ ଦୂରଦର୍ଶନରେ ଆଗଧାଡ଼ିର ଅଭିନେତା ଥିଲେ। ସେ ଓଡ଼ିଆ ଚଳଚ୍ଚିତ୍ର ପୁନର୍ମିଳନ, କୃଷ୍ଣସୁଦାମା, ଜନ୍ମଦାତା, ତ୍ରିନାଥ ମେଳା ପ୍ରଭୃତିରେ ଅଭିନୟ କରି କଳାଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ।

# ଲାଞ୍ଚ ମାମଲା: କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

କଟକ ଅଫିସ,୧୨।୧୨

ଏକ ଲାଞ୍ଚ ମାମଲାର ଶୁଣାଣି କରି ବୁଧବାର ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଉଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ପାତ୍ର। କନିଷ୍ଠ ଯନ୍ତ୍ରୀ ପାତ୍ର କାମାକ୍ଷାନଗର ବ୍ଲକରେ କାର୍ଯ୍ୟରତ। ଓଡ଼ାପଡ଼ାରେ ଥିବା ସମୟରେ ସେ ଢେଙ୍କାନାଳ ସଦର ଥାନା କାଣ୍ଡବିନ୍ଧା ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କଠାରୁ ୧୨ହଜାର ୫୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଧରିଥିଲା। ରମେଶ ବ୍ଲକ ଅଧୀନରେ ଏକ ଉନ୍ନୟନମୂଳକ କାର୍ଯ୍ୟର ଠିକାଦାରି କରୁଥିଲେ। ଉକ୍ତ କାର୍ଯ୍ୟର ବିଲ୍ ପାସ୍ କରିଦେବା ପାଇଁ କନିଷ୍ଠ ଯନ୍ତ୍ରୀ ପାତ୍ର ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଭିଜିଲାନ୍ସରେ ଧରାପଡ଼ିବା ପରେ ପାତ୍ରଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ୨୭/୨୦୧୬ରେ ଏକ ମାମଲା ରୁଜୁ ହୋଇଥିଲା। ଏହାର ଶୁଣାଣି କରି ସ୍ୱତନ୍ତ୍ର କୋର୍ଟର ବିଚାରପତି ଅଭିଯୁକ୍ତ ପାତ୍ରଙ୍କୁ ପୃଥକ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରଥମ ଦଫା ଅନୁଯାୟୀ ୧ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ହେଲେ ଆଉ ଏକ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଆଉ ଅଧିକ ୪ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ।ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ଇନ୍ସପେକ୍ଟର ଯାଜ୍ଞସେନୀ ପ୍ରଧାନ ମାମଲାର ତଦନ୍ତକାରୀ ଅଧିକାରୀ ଥିବାବେଳେ ସ୍ୱତନ୍ତ୍ର ପିପି କେ.ସି. ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ବାଲିପାଟଣା,୧୨।୧୨(ଡି.ଏନ୍.ଏ.):** ବାଲିପାଟଣା ଥାନା ପମ୍ପାଲ ପଞ୍ଚାୟତ ଅଧୀନ ନୂଆପଡା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୀମ ରାଉତରାୟ। ସୂଚନା ଅନୁଯାୟୀ, ଧାନ ଅମଳ ପାଇଁ ବିଦ୍ୟୁତ୍ ତାର ପକାଇଯାଇଥିଲା। ସେହି ବାଟ ଦେଇ ଭୀମ ଯାଉଥିବା ବେଳେ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେଠାରେ ସେ ତଳେ ପଡିଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୨୫/୧୬)ରୁଜୁ କରି ତଦନ୍ତ ଚଳାଇଛି।

### ଷ୍ଟେଶନରୁ ଟଙ୍କା, ମୋବାଇଲ ଲୁଟ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ରେଲୱେ ଷ୍ଟେଶନରେ ମୋବାଇଲ ଛିନତାଇ କରୁଥିବା ଜଣେ ଲୁଟେରାଙ୍କୁ ବୁଧବାର ଜିଆରପି ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଗୋବିନ୍ଦପୁର ଗ୍ରାମର ବିଜୟ ସାହାଣୀ। ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ମାର୍ଥାପୁର ଗ୍ରାମର ଗୋପାଳ ମିଶ୍ର ମଙ୍ଗଳବାର ରାତି ୧୧ଟାରେ ଭୁବନେଶ୍ୱର ଷ୍ଟେଶନରେ ଟ୍ରେନରୁ ଓହ୍ଲାଇଥିଲେ। ପ୍ଲାଟଫର୍ମରେ ଶେଷ ଭାଗରେ ବସିବା ସହ ଘରକୁ ଫେରିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ବିଜୟ ତାଙ୍କଠାରୁ ମୋବାଇଲ ଓ ୨୭୦୦ଟଙ୍କା ଛଡାଇ ଟ୍ରେନ ଲାଇନକୁ ଡେଇଁ ଫେରାର ହୋଇଯାଇଥିଲା। ଏ ନେଇ ବିଜୟ ଜିଆରପି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ବୁଧବାର ଅଭିଯୁକ୍ତ ବିଜୟଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲୁଟ ମୋବାଇଲକୁ ଜବତ କରିଥିଲା। ଏ ନେଇ ୧୮୩/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଯୁବତୀଙ୍କ ଘରେ ପଶି ଭଙ୍ଗାରୁଜା ଗାଳିଗୁଲଜ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଗାଳି ଗୁଲଜ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମ ବସ୍ତିରେ ରହୁଥିବା ଗଗନ ପାତ୍ର। ସୂଚନା ମୁତାବକ, ଗତ ୨୭ ତାରିଖରେ ମଞ୍ଚେଶ୍ୱର ବସ୍ତି ଅଞ୍ଚଳରେ ରହୁଥିବା ଅରୁଣ ପାତ୍ରଙ୍କ ଘରେ କେହି ନ ଥିବାବେଳେ ଗଗନ ନିଶାସକ୍ତ ଅବସ୍ଥାରେ ତାଙ୍କ ଘରକୁ ଯାଇ ତାଙ୍କ ଝିଅଙ୍କୁ ଗାଳିଗୁଲଜ କରିଥିଲେ। ଝିଅ ତାଙ୍କୁ ବିରୋଧ କରିବାରୁ ଗଗନ ଜିନିଷପତ୍ର ଭଙ୍ଗାରୁଜା କରି ଚାଲିଯାଇଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ସେ ଘଟଣା ସମ୍ପର୍କରେ ଜଣାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ଗଗନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା, ୨ଗୁରୁତର

**ବାଲିଅନ୍ତା,୧୨।୧୨(ଡି.ଏନ୍.ଏ.):** ବାଲିଅନ୍ତା-ଭିଙ୍ଗାରପୁର ରାସ୍ତାର ବାଲିକାନ୍ଥିଆ ଗ୍ରାମ ନିକଟରେ ବୁଧବାର ଅପରାହ୍ନରେ ଏକ ଯାତ୍ରୀବାହୀ ଅଟୋ ସହ ବାଇକର ମୁହାଁମୁହିଁ ଧକ୍କା ହୋଇ ଦୁଇଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ବାଇକ ଚାଳକଦ୍ୱୟ ବାଲିଅନ୍ତାରୁ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ଅନ୍ୟପଟେ ଭିଙ୍ଗାରପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଉକ୍ତ ଅଟୋ ସହ ଧକ୍କା ହୋଇଯାଇଥିଲା। ଫଳରେ ୨ବାଇକ ଆରୋହୀ ରାସ୍ତା ଉପରକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ନିକଟସ୍ଥ ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲେ। ଦୁଇ ବାଇକ ଆରୋହୀଙ୍କ ଘର ଭିଙ୍ଗାରପୁର ଅଞ୍ଚଳର ବୋଲି ଜଣାପଡ଼ିଛି।

### ଭେରାଇଟ୍ ଦୋକାନରୁ ଚୋରି

**ବାଲିଅନ୍ତା,୧୨।୧୨(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ବାଲିଅନ୍ତା ସାଇଫନ ଛକ ନିକଟରେ ଥିବା ଚାରୁଲତା ଭେରାଇଟ୍ ଷ୍ଟୋରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନ ପଛପଟୁ ସ୍କାଲାଇଟ ଭାଙ୍ଗି ଭିତରକୁ ଯାଇ ନଗଦ ୫ହଜାର ଟଙ୍କା ସମେତ ବହୁ ଷ୍ଟେଶନାରୀ ସାମଗ୍ରୀ ଲୁଟି ନେଇଯାଇଛନ୍ତି। ଏନେଇ ଦୋକାନ ମାଲିକ ସମୀର ମହାପାତ୍ର ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ବସ୍ ଦୁର୍ଘଟଣା ପରେ ଚେତିଛି ସିଏମ୍‌ସି

# ଜରିମାନା ଆଦାୟ ବଢ଼ୁଛି, ସୁଧୁରୁନି ସ୍ଥିତି

**କଟକ ଅଫିସ,୧୨।୧୨**

ମହାନଦୀ ପୋଲ ଉପରେ ଘଟିଥିବା ବସ୍ ଦୁର୍ଘଟଣା ପରେ କଟକ ମହାନଗର ନିଗମ (ସିଏମସି) ଚେତିଛି। ରାସ୍ତାରୁ ବୁଲା ଗୋରୁଙ୍କୁ ହଟାଇବା ପାଇଁ ସିଏମସି ତତ୍ପରତା ପ୍ରକାଶ କରିଛି। ମାତ୍ର ଏହି କାର୍ଯ୍ୟ କେବଳ ଜରିମାନା ଆଦାୟରେ ସୀମିତ ରହିଛି। ଜରିମାନା ଆଦାୟ ବୃଦ୍ଧି ପାଇଥିବା ବେଳେ ସ୍ଥିତି ପୂର୍ବପରି ରହିଛି। କଟକ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲା ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଯାହାପାଇଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ସହରର ବକ୍ସିବଜାର, ବାଦାମବାଡି, ଖାନନଗର ରିଂ ରୋଡ, ମର୍କତନଗର ଅଞ୍ଚଳରେ ଗୋରୁ ରାସ୍ତା ଉପରେ ମାଳମାଳ ବୁଲୁଛନ୍ତି। ତେଣୁ ନିକଟରେ ଜାତୀୟ ରାଜପଥରେ ମଇଁଷି ଯୋଗୁ ଏକ ବଡ ଦୁର୍ଘଟଣା ଘଟିଯାଇଥିବା ବେଳେ ଯାତାୟାତ ବହୁଳ ରାସ୍ତାଘାଟ କିଭଳି ବୁଲା ଗୋରୁଙ୍କ କବଳରୁ ମୁକ୍ତ ହେବ ସେ ନେଇ ସିଏମସି ଯତ୍ନବାନ ହେବା ଉଚିତ ବୋଲି କହିଛନ୍ତି ସାମାଜିକ କର୍ମୀ ସୁଧାକର ସାହୁ। ସିଏମସି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ସପ୍ତାହରେ ରାସ୍ତାଘାଟରେ ବୁଲା ଗୋରୁଙ୍କୁ ଜବତ କରି ଜରିମାନା ବାବଦକୁ ପ୍ରାୟ ୨୫ ହଜାର ଟଙ୍କା ଆଦାୟ କରାଯାଇଛି। ଏହି ଜରିମାନା ଆଦାୟ ରାଶି ପୂର୍ବରୁ ମାତ୍ର ୩ ହଜାର ଟଙ୍କାରୁ ଟପି ପାରୁ ନ ଥିଲା। ଦୁର୍ଘଟଣା ପରେ ସିଏମସିର ତତ୍ପର ହୋଇଛି ବୋଲି କର୍ପୋରେଟର ରଞ୍ଜିତା ବିଶ୍ୱାଳ କହିଛନ୍ତି। ଜରିମାନା ଆଦାୟ କରିଦେବା ସମାଧାନ ନୁହେଁ ବରଂ ରାସ୍ତାଘାଟକୁ ବୁଲା ଗୋରୁମୁକ୍ତ ରଖିବାକୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରି ନ ଥିବା ଅଭିଯୋଗ କରିଛନ୍ତି କର୍ପୋରେଟର ଗିରିବାଳା ବେହେରା। ପିପୁଲ୍‌ସ ଫର ଆନିମଲ ସଦସ୍ୟଙ୍କ ସହ ଆଲୋଚନା କରି ସହରରେ ବୁଲୁଥିବା ଗୋରୁଙ୍କ ଶିଙ୍ଗରେ ଉଜ୍ଜ୍ୱଳ ରେଡିୟମ ଷ୍ଟିକର ଲଗାଇବାକୁ ସିଏମସି ଯୋଜନା କରୁଛି ବୋଲି କହିଛନ୍ତି ସିଏମସି କମିଶନର ଶରତ ଚନ୍ଦ୍ର ନାୟକ। କମିଶନର ନାୟକ କହିଛନ୍ତି, ରାସ୍ତାରେ ବୁଲା ଗୋରୁଙ୍କୁ ଧରିବା ଲାଗି ସିଏମସିର ଏକ ସ୍ୱତନ୍ତ୍ର ୧୦ ଜଣିଆ ଟିମ ରହିଛି। ଏହି ଟିମ ବିଭିନ୍ନ ସମୟରେ ବୁଲା ଗୋରୁଙ୍କୁ ଜବତ କରି କାଞ୍ଜିଆହୁଦା ନେଇ ସେଠାରେ ରଖୁଛନ୍ତି। ପରେ ଗୋରୁଙ୍କ ମାଲିକମାନେ ଆସି ଜରିମାନା ଦେବା ସହ ସେମାନଙ୍କୁ ଏଭଳି ନ କରିବାକୁ ତାଗିଦ କରାଯାଉଛି।




ରେଡ୍‌କ୍ରସ ଭବନଠାରେ ତ୍ରୈମାସିକ ପତ୍ରିକା ସ୍ୱାସ୍ଥ୍ୟ ସଂହିତାକୁ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

## ୨୯ରେ ଲୋକାର୍ପଣ ହେବ ଶାଗୁଣା ପ୍ରଜନନ କେନ୍ଦ୍ର

### ବଡ଼ଦିନ, ନୂଆବର୍ଷ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ବାରଙ୍ଗ,୧୨।୧୨(ଡି.ଏନ୍.ଏ.)**

ଡିସେମ୍ବର ୨୯ତାରିଖରେ ନନ୍ଦନକାନନକୁ ୬୦ବର୍ଷ ପୂରିବ। ଏହିଦିନ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବଟାନିକାଲ ଗାର୍ଡେନରେ ହୋଇଥିବା ଶାଗୁଣା ପ୍ରଜନନ କେନ୍ଦ୍ରକୁ ଲୋକାର୍ପଣ କରାଯିବ। ଶାଗୁଣା ଅଭାବ ହେତୁ ପ୍ରଜନନ କେନ୍ଦ୍ର ନିର୍ମାଣପରଠାରୁ ବନ୍ଦ ହୋଇଥିଲା। ଏବେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶମୁତାବକ ନନ୍ଦନକାନନକୁ ମାଗଣାରେ ଗ୍ୱାଲିୟର ଚିଡିଆଖାନାରୁ ୧୨ଟି ବଡଥଣ୍ଟିଆ ଶାଗୁଣା ଆସିଛି। ଏଥିସହ ଏକ ସାଧାରଣ ବାଘ ବିନିମୟରେ ହାଇଦ୍ରାବାଦ ଚିଡିଆଖାନା ନନ୍ଦନକାନନକୁ ଏକ ଅଣ୍ଡିରା ଗଣ୍ଡା ଦେବାକୁ ସବୁଜ ସଙ୍କେତ ଦେଇସାରିଛି। ବଡଦିନଠାରୁ ନୂଆବର୍ଷ ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ଭିଡ ହେବାର ନଜର ରଖି କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁବିଧାର ବ୍ୟବସ୍ଥା କରିଛନ୍ତି। ଯେଭଳି ଅଧିକ ଟିକେଟ କାଉଣ୍ଟର ଖୋଲାଯିବା, ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରବେଶ ପଥ ଓ ଟିକେଟ କାଉଣ୍ଟରରେ କ'ଣ କରିବା /ନ କରିବା ଉପରେ ଘୋଷଣା, ପୋଲିସ ଫୋର୍ସ, ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ଓଡ୍ରାଫ ଟିମ ମୁତୟନ ରହିବେ। ଏଥିସହ ପର୍ଯ୍ୟଟକଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରୀ ଦଳ, ପାନୀୟଜଳ ବ୍ୟବସ୍ଥା, ପ୍ରବେଶ ପଥ ନିକଟସ୍ଥ ବାଇକ୍ ଓ କାରର ପାର୍କିଂ ବ୍ୟବସ୍ଥା ହୋଇଛି। ଏଥିନିମନ୍ତେ ନନ୍ଦନକାନନ ଥାନା ପୋଲିସ, ରଘୁନାଥପୁର ସରପଞ୍ଚ, ସମିତିସଭ୍ୟା, ଦାରୁଠେଙ୍ଗ ଗ୍ରାମର ମୁରବୀମାନଙ୍କୁ ନେଇ ଶୁକ୍ରବାର ଏକ ବୈଠକ କରାଯାଇ ସେମାନଙ୍କ ସହଯୋଗ ଦରକାର ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ୧୪ରୁ ସ୍କାଉଟ୍ସର ଜାତୀୟ ସଂହତି ଶିବିର

### ଯୋଗଦେବେ ୧୫୦୦ ରୋଭର, ରେଞ୍ଜର, ୯୨ କଲେଜର ଛାତ୍ରୀଛାତ୍ର

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସ୍କାଉଟ୍ସ ପକ୍ଷରୁ ଆସନ୍ତା ୧୪ତାରିଖରୁ ଜାତୀୟ ସଂହତି ଶିବିର ଓ ରୋଭର, ରେଞ୍ଜର ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୯ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥିରେ ବିଭିନ୍ନ ରାଜ୍ୟର ପ୍ରାୟ ୧୫୦୦ ରୋଭର, ରେଞ୍ଜରଙ୍କ ସହିତ ଓଡ଼ିଶାର ୯୨କଲେଜରୁ ଛାତ୍ରୀଛାତ୍ରମାନେ ଯୋଗଦେବେ। ବିଭିନ୍ନ ସନ୍ଧ୍ୟାରେ ଅନ୍ତର୍ଜାତୀୟ ମୁଖ୍ୟ କାର୍ଯ୍ୟାଳୟରୁ ମୁଖ୍ୟ କମିଶନର ତଥା ନିର୍ଦ୍ଦେଶକ ଏବଂ ଉପନିର୍ଦ୍ଦେଶକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନ୍‌ଡିଆର୍‌ଏଫ୍ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନର କଳାକୌଶଳ ଏବଂ ସିଆଇଏସ୍‌ଏଫ୍ ତରଫରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇ ସେଗୁଡ଼ିକର ବ୍ୟବହାର ପ୍ରଣାଳୀ ସମ୍ପର୍କରେ ଅନ୍ତେବାସୀମାନଙ୍କୁ ବୁଝାଯିବ। ଏଥିସହ ସେମାନଙ୍କୁ ଐତିହ୍ୟ ଭ୍ରମଣରେ ନିଆଯାଇ ଭୁବନେଶ୍ୱର, କୋଣାର୍କ, ପୁରୀ ବୁଲାଇ ଦେଖାଯିବ। ବିଭିନ୍ନ ପ୍ରଦେଶ ନିଜ, ନିଜର ସଂସ୍କୃତି ଓ ପରମ୍ପରାର ଝଲକ ପ୍ରଦର୍ଶନ କରିବେ। ଏହାବ୍ୟତୀତ ବିଭିନ୍ନ ପ୍ରଦେଶର ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତକୁ ନେଇ ପ୍ରତିଯୋଗିତା କରାଯିବ। ଏହି ଶିବିରକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି କେ. ଏସ୍. ଝାଭେରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବେ।

### ବାଲ୍ୟ ଜୀବନରୁ କ୍ରୀଡ଼ା ପ୍ରତି ରୁଚି ରଖିବା ଉଚିତ

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**

ମଳିପଡ଼ା ଓ ଶହୀଦନଗରସ୍ଥିତ ଚାଣକ୍ୟ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଶହୀଦ ସ୍ପୋର୍ଟିଂ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାଧକ୍ଷ ଜ୍ୟୋତିଶଙ୍କର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶିକା ଡ. ଏଲୋରା ମହାନ୍ତି ଛାତ୍ରୀଛାତ୍ରଙ୍କୁ ବାଲ୍ୟ ଜୀବନରୁ କ୍ରୀଡ଼ା ପ୍ରତି ରୁଚି ବଢ଼ାଇବା ପାଇଁ ଉପଦେଶ ଦେଇଥିଲେ। ମଳିପଡ଼ା ଶହୀଦନଗର ବିଦ୍ୟାଳୟର ଅଧକ୍ଷ ରବି ନାରାୟଣ ପ୍ରଧାନ ଓ ତୃପ୍ତିମୟୀ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ବ୍ୟକ୍ତିତ୍ୱ ବିକାଶରେ କ୍ରୀଡ଼ାର ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ।

### ବ୍ରହ୍ମାକୁମାରୀ ଆଶ୍ରମ ପଟିଆ ସେବା କେନ୍ଦ୍ରର ସ୍ଥାପନା ଦିବସ

**ଭୁବନେଶ୍ୱର,୧୨।୧୨**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପଟିଆ ସେବା କେନ୍ଦ୍ରର ଦଶମ ସ୍ଥାପନା ଦିବସ ସ୍ଥାନୀୟ ଅମୃତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଗୋଲାପ ସ୍ୱାଗତ ଭାଷଣ ଦେଇଥିବାବେଳେ ବ୍ରହ୍ମା କୁମାରୀ ଲୀନା, ବ୍ରହ୍ମା କୁମାରୀ କଳ୍ପନା, ବ୍ରହ୍ମା କୁମାର ବିଜୟ ଏହି ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଓଡିଏମ ସ୍କୁଲର ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ, ଓଡ଼ିଆ ଭାଗବତର ପ୍ରତିଷ୍ଠାତା ପ୍ରବଚକ ବିଶ୍ୱନାଥ ସତପଥୀ, ପ୍ରଫେସର ଏମ୍.ଏସ.ଓଗାଲେ, ପ୍ରଫେସର ରାଜକିଶୋର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଂସ୍ଥାର ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ମଧୁସ୍ମିତା ପରିଚାଳନା କରିଥିବା ବେଳେ ଇଂ ବ୍ରହ୍ମା କୁମାର ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା




ଜନ ପରାମର୍ଶ ପଦ ଯାତ୍ରାରେ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

**ପୁରୁଣା ଭୁବନେଶ୍ୱର, ୧୨।୧୨(ଡି.ଏନ.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀର ୫୪ ନଂ. ୱାର୍ଡରେ ବୁଧବାର ଅପରାହ୍ନରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ତଥା ଭୁବନେଶ୍ୱରର ପୂର୍ବତନ ସଭାପତି ଅମିୟ ଦାଶଙ୍କ ନେତୃତ୍ୱରେ ପଦଯାତ୍ରା ସ୍ଥାନୀୟ ଡାକବଙ୍ଗଳା ଛକଠାରୁ ବାହାରି ଥିଲା। ପରେ ଜମେଶ୍ୱରପାଟଣା, ବଢେଇବାଙ୍କ ଦେଇ ରଥଦାଣ୍ଡରେ ବିଭିନ୍ନ ସାହି ପଦଯାତ୍ରା ପରିକ୍ରମା କରିଥିଲା। ଏଥିରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଲୋକମାନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ କ'ଣ କଲେ ଆଗାମୀ ନିର୍ବାଚନରେ ଦଳ ବିଜୟୀ ହେବ ସେ ନେଇ ପରାମର୍ଶ ଲୋଡିଥିଲେ। ତୃପ୍ତିମୟୀ ମକଦ୍ଦମ, ସୁବାସିନୀ ପୃଷ୍ଟି, ରତିକାନ୍ତ ଦାସ, ଶିବପ୍ରସାଦ ବେହେରା, ମଦନ ମୋହନ ପ୍ରଧାନ, ସଂଘମିତ୍ରା ଦାସ, ପ୍ରଫୁଲ୍ଲ ସ୍ୱାଇଁ, ସୁରେନ୍ଦ୍ର ପ୍ରଧାନ ଓ ଶକ୍ତି ପ୍ରସାଦ ଦାଶଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ଶ୍ରୀଲିଙ୍ଗରାଜଙ୍କ ଧନୁମାସର ସହଳ ନୀତି ନିର୍ଘଣ୍ଟ

**ପୁରୁଣା ଭୁବନେଶ୍ୱର, ୧୨।୧୨(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜ ଧନୁମାସ ଅବସରରେ ସହଳ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଧନୁମାସର ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ଆସନ୍ତା ରବିବାରଠାରୁ ୧୪।୧।୧୯ ପର୍ଯ୍ୟନ୍ତ ଏକମାସ ବ୍ୟାପୀ ଏଭଳି ସହଳ ନୀତି ଶ୍ରୀଜୀଉଙ୍କ ହେବ। ରବିବାରଠାରୁ ଭୋର ୫ଟାରେ ମଙ୍ଗଳଆଳତି, ସାଢେ ୫ଟାରେ ହୋମ, ୬ଟାରେ ମହାସ୍ନାନ, ୭ଟାରେ ସକାଳ ଧୂପ ସମାପ୍ତ, ୯ଟାରେ ଭୋଗ ମଣ୍ଡପ ଶେଷ, ୯ଟାରୁ ଅପରାହ୍ନ ୨ଟା ସାହାଣ ମେଲା ଦର୍ଶନ, ସାଢେ ୨ଟା ମଧ୍ୟରେ ବେଶ, ଅପରାହ୍ନ ୩ଟା ମଧ୍ୟରେ ବଲ୍ଲଭ, ଅପରାହ୍ନ ୪ଟା ମଧ୍ୟରେ ଦ୍ୱିପ୍ରହର ଧୂପ ସମାପ୍ତ ହେବ। ପରେ ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ପହୁଡ ପଡିବ। ପୁଣି ୫ଟାରେ ସନ୍ଧ୍ୟା ଆଳତି, ସାଢେ ୫ଟାରେ ଟେରାଫିଟା ସମାପ୍ତ, ଅପରାହ୍ନ ସାଢେ ୫ଟାରୁ ୬ଟା ସାହାଣ ମେଲା ଦର୍ଶନ, ସାଢେ ୭ଟା ମଧ୍ୟରେ ସନ୍ଧ୍ୟା ଧୂପ, ବଡସିଂହାର ସମାପ୍ତ ହେବ ବୋଲି ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନୀତି ନିର୍ଘଣ୍ଟ ସାରଣୀରୁ ଜଣାପଡିଛି। ସୂଚନାଥାଉ କି ଏହି ସମୟ ମଧ୍ୟରେ ଠାକୁରଙ୍କ ପହିଲି ଭୋଗ ହୋଇଥାଏ।

## ବ୍ଲକସ୍ତରୀୟ କ୍ରିକେଟ ମ୍ୟାଚ ଉଦ୍‌ଯାପିତ, ବାଲିଅନ୍ତା ଚାମ୍ପିୟନ



ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଚାମ୍ପିୟନ ଟିମକୁ ସମ୍ମାନିତ କରୁଛନ୍ତି।

**ବାଲକାଟୀ,୧୨।୧୨(ଡି.ଏନ୍.ଏ.)**

ବାଲକାଟୀସ୍ଥିତ ପ୍ରତାପ ଶାସନ କଲେଜ ପଡ଼ିଆରେ ବ୍ଲକସ୍ତରୀୟ ବିଜୁ ଯୁବବାହିନୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚରେ କାକରୁଦ୍ରପୁର କ୍ରିକେଟ ଟିମକୁ ବାଲିଅନ୍ତା ପଞ୍ଚାୟତ କ୍ରିକେଟ ଟିମ ପରାସ୍ତ କରି ଚାମ୍ପିୟନ ହୋଇଛି। ୬ଓଭର ବିଶିଷ୍ଟ ଏହି କ୍ରିକେଟ ମ୍ୟାଚରେ ପ୍ରଥମେ କାକରୁଦ୍ରପୁର ଟିମ୍ ବ୍ୟାଟିଂ କରି ୨୫ରନ ସଂଗ୍ରହ କରିଥିଲା। ବାଲିଅନ୍ତା ଟିମ ୩ଓଭର ୩ଟି ବଲରେ ୨୮ରନ କରି ବିଜୟୀ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ଚାମ୍ପିୟନ ଟିମକୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲା। ସମ୍ମାନିତ ଅତିଥି ଭାବେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରେଖା ପ୍ରଧାନ, ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଭାଗ୍ୟଧର ନନ୍ଦୀ, ପ୍ରଶାନ୍ତ ସାହୁ, ବିଜୟ ସାହୁ, ତୈଲୋକ୍ୟ ମଙ୍ଗରାଜ, ମାନସ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ବ୍ଲକର ୧୮ଟି ଟିମ ଅଂଶଗ୍ରହଣ କରିଥିଲେ। ବ୍ଲକ ଯୁବବାହିନୀ ସଂଯୋଜକ ରଶ୍ମିରଞ୍ଜନ ଭଞ୍ଜ ପରିଚାଳନା କରିଥିଲେ।

## କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣା: ଜେଲ ଗଲେ ଅଣଛାତ୍ର

**ଖୋର୍ଦ୍ଧା ଅଫିସ,୧୨।୧୨**

ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂ ଶାସିତ କଲେଜରେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ଜଟଣୀ ଥାନା ବାଛେରାପାଟଣା ନିକଟସ୍ଥ ବିଡ଼ିଏ କଲୋନୀର ମାଧବ ଓଙ୍କାର (୨୨) ନାମକ ଜଣେ ଅଣଛାତ୍ରଙ୍କୁ ଗିରଫ କରିଛି। ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଏମ୍. ଓଙ୍କାରକୁ ବୁଧବାର ଜେଲ ଯିବାକୁ ପଡିଛି। ନଭେମ୍ବର ୯ ତାରିଖରେ କିଛି ଛାତ୍ର ପ୍ରାଣନାଥ ସ୍ୱୟଂ ଶାସିତ କଲେଜରେ ପରିସର ମଧ୍ୟରେ ଠିଆ ହୋଇ କଥା ହେଉଥିବା ବେଳେ ଓଁକାର ଏବଂ ତାଙ୍କର କିଛି ସହଯୋଗୀ ଛାତ୍ରମାନଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲେ। ଏଥିରେ ଖୋର୍ଦ୍ଧା ନୂଆବସ ଷ୍ଟାଣ୍ଡସ୍ଥିତ ଅନିକେତ ଲେଙ୍କା ନାମକ ଯୁକ୍ତ ୩ ବାଣିଜ୍ୟ ଛାତ୍ର ଗୁରୁତର ଆହତ ହୋଇଥିଲେ। ଅନିକେତଙ୍କ ମୁଣ୍ଡ, ଗୋଡ଼, ହାତରେ ଗୁରୁତର ଆଘାତ ଲାଗିଥିଲା। ଅନକେତଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ନଂ. ୪୩୪/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହିଦିନଠାରୁ ଓଁକାର ଫେରାର ଥିଲେ। ଖବରପାଇ ସୋମବାର ରାତ୍ରିରେ ଜଟଣୀରୁ ଓଁକାରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନାମରେ ପୂର୍ବରୁ ଜଟଣୀ, ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

## କଲେଜ ପରିସରରେ ଛାତ୍ରୀଙ୍କୁ ଟଣାଓଟରା

**ନିମାପଡ଼ା, ୧୨।୧୨ (ଡି.ଏନ୍.ଏ.)**

ପାରିବାରିକ ବିବାଦକୁ କେନ୍ଦ୍ର କରି ନିମାପଡ଼ା କଲେଜ ପରିସରରେ ଜଣେ ଛାତ୍ରୀଙ୍କୁ ଟଣାଓଟରା ହୋଇଛି। ଏ ନେଇ ଅଭିଯୋଗ ପରେ ନିମାପଡ଼ା ପୋଲିସ ମାମଲା ନଂ.୩୬୭/୧୮ ରୁଜୁ କରି ଛାତ୍ରୀଙ୍କ ଭାଇ ଓ ପିଉସୀନାନୀଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ସୂଚନାନୁସାରେ, ଛାତ୍ରୀ ଜଣକ ବିବାହିତ। ତାଙ୍କ ଶାଶୁଘର ଚନ୍ଦ୍ରଭାଗା ମେରାଇନ ଥାନାଅଞ୍ଚଳରେ। ସେ ବୁଧବାର ପରୀକ୍ଷା ଦେବାକୁ କଲେଜ ଆସିଥିଲେ। ତାଙ୍କ ଭାଇ ଓ ପିଉସୀନାନୀ ପହଞ୍ଚି ତାଙ୍କୁ ଘରକୁ ଯିବାକୁ କହିଥିଲେ। ମାତ୍ର ସେ ରାଜି ନ ହେବାରୁ ତାଙ୍କୁ ଜବରଦସ୍ତ ନେବାକୁ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ କଲେଜ ଅଧକ୍ଷ ରାଜକିଶୋର ରଥଙ୍କୁ ଜଣାଇଥିଲେ। ପରେ କଲେଜ ଅଧକ୍ଷ ରଥ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ଉତ୍ସବ

**ଭୁବନେଶ୍ୱର,୧୨।୧୨(ବ୍ୟୁରୋ):** ଖଣ୍ଡଗିରି ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଉଦ୍‌ଯାପନୀ ଉତ୍ସବରେ ଖଣ୍ଡଗିରି ତପୋବନ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ଦାଶ, ପୂର୍ଣ୍ଣଚନ୍ଦ୍ର ଓଝା, କ୍ରୀଡା ପ୍ରମୁଖ ବୁଲୁ ସୁବୁଦ୍ଧି, ବରିଷ୍ଠ ଗୁରୁଜୀ ଚନ୍ଦ୍ରଶେଖର ପରିଡା ଓ ନନ୍ଦିନୀବାଳା ଆଚାର୍ଯ୍ୟଙ୍କ ଓ ଅନ୍ୟ ଆଚାର୍ଯ୍ୟା, ଆଚାର୍ଯ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱୀକୃତି ବିହୀନ ସ୍କୁଲ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

# ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀଙ୍କୁ ଭେଟିଲେ ଅଭିଭାବକ

**ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)**

ବିନା ସ୍ୱୀକୃତିରେ ଚାଲିଥିବା ଘରୋଇ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛି ଓଡ଼ିଶା ଅଭିଭାବକ ମହାସଂଘ। ଏ ନେଇ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ବୁଧବାର ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀ ଥୋଙ୍ଗଖୋଲେଟ ମାଟେଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ରାଜ୍ୟ ସରକାର ସରକାରୀ ଅନୁମୋଦନ ଲାଭ କରିଥିବା କେତେକ ଘରୋଇ ବିଦ୍ୟାଳୟର ତାଲିକା ପ୍ରକାଶ କରିବା ପରେ ଉପୁଜିଥିବା ବିବାଦକୁ ଭିତ୍ତିକରି ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବିନା ସ୍ୱୀକୃତିରେ ଚାଲିଥିବା ଘରୋଇ ବିଦ୍ୟାଳୟର ଅନୁମୋଦନ,



ଅଭିଭାବକମାନେ ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି।

ସ୍କୁଲ ବ୍ୟାଗ୍‌ର ଓଜନ ସମ୍ପର୍କିତ ଅଧ୍ୟାଦେଶ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ସିବିଏସ୍‌ଇ ଅନୁବନ୍ଧିତ ନ ଥିବା ବିଦ୍ୟାଳୟଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଓ ସ୍ୱୀକୃତି ପ୍ରଦାନ କରିବା କ୍ଷେତ୍ରରେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀ ମାଟେ ପ୍ରତିଶ୍ରୁତି ଦେଇଛନ୍ତି।

କେତେକ ବିଦ୍ୟାଳୟରେ ସ୍କୁଲ ଗୃହ, ପରିମଳ, ଖେଳପଡ଼ିଆ ଆଦି ଅତ୍ୟାବଶ୍ୟକ ଆନୁସାଙ୍ଗିକ ବ୍ୟବସ୍ଥା ଠିକ୍‌ଭାବେ ପାଳନ କରାଯାଉ ନ ଥିବା ନେଇ ମହାସଂଘ ପକ୍ଷରୁ ଆଞ୍ଚଳିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଆଞ୍ଚଳିକ ଅଧିକାରୀ ନିଜେ ସମସ୍ୟାର ଅନୁଧ୍ୟାନ କରି ତାହାର ସମାଧାନ କରିବା ସହିତ ସ୍କୁଲଗୁଡ଼ିକୁ ଏ ଦିଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି। କେତେକ ଘରୋଇ ଶିକ୍ଷାନୁଷ୍ଠାନ ସୁପର-୪୦ ଭଳି କିଛି ସ୍କିମ୍ ଜରିଆରେ ବେଆଇନ ଭାବେ ଅର୍ଥ ଆଦାୟ କରୁଥିବା ଅଭିଯୋଗକୁ ମଧ୍ୟ ସେ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ପ୍ରତିନିଧି ଦଳରେ ମହାସଂଘର ଅଧକ୍ଷ ବାସୁଦେବ ଭଟ୍ଟ, ସହଅଧକ୍ଷ ପ୍ରସନ୍ନ ବିଷୋୟୀ, ସାଧାରଣ ସମ୍ପାଦକ ଅଶୋକ ପାଇକରାୟ, ଉପସଭାପତି ସତ୍ୟନାରାୟଣ ବିଶ୍ୱାଳ, ଉପଦେଷ୍ଟା ମନୋଜ ଜେନା ଯାଇଥିଲେ।



ବହୁ ଉତ୍ଥାନ ପତନ ଦେଇ ଗତିକରି ବଲିଉଡ୍‌ରେ ପରିଚିତି ସୃଷ୍ଟି କରିପାରିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ବଡ଼ପରଦାରେ ବହୁଚର୍ଚ୍ଚିତ ସିନେମା 'ଜିରୋ'ର ମୁକ୍ତିଲାଭ ଅପେକ୍ଷାରେ ରହିଛି।

-ଅଭିନେତ୍ରୀ କାଟ୍ରିନା କୈଫ୍

## ୩୩ ପ୍ରବାସୀଙ୍କ ପାସପୋର୍ଟ ରଦ୍ଦ

ନୂଆଦିଲ୍ଲୀ: ସ୍ତ୍ରୀଙ୍କୁ ପରିତ୍ୟାଗ କରିଥିବା ୩୩ ପ୍ରବାସୀ ଭାରତୀୟଙ୍କ ପାସପୋର୍ଟ କେନ୍ଦ୍ର ସରକାର ରଦ୍ଦ କରିଛନ୍ତି। ଏ ନେଇ ଗଠିତ ଇଣ୍ଟିଗ୍ରେଟେଡ୍ ନୋଡାଲ୍ ଏଜେନ୍ସି ଫେରାର୍ ରହିଥିବା ୮ଜଣଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି କରିଥିବା ବୁଧବାର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସ୍ତ୍ରୀଙ୍କୁ ଉପେକ୍ଷା କରି ଦୂରେଇ ଯାଇଥିବା ଏକାଧିକ ଘଟଣାକୁ ଦୃଷ୍ଟିରେ ରଖି ଏକ ସପ୍ତାହ ମଧ୍ୟରେ ପ୍ରବାସୀ ଭାରତୀୟଙ୍କ ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ କରାଯିବା ନେଇ ପ୍ରସ୍ତାବ କ୍ୟାବିନେଟ୍‌ର ଅନୁମୋଦନ ପାଇଁ ପଠାଯିବ ବୋଲି ମନ୍ତ୍ରଣାଳୟର ଅଧିକାରୀ ରାକେଶ ଶ୍ରୀବାସ୍ତବ କହିଛନ୍ତି।

## ତପସ୍ୟାରତ ସନ୍ଥଙ୍କୁ ବାଘ ମାରିଦେଲା

ନାଗପୁର: ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲା ଅନ୍ତର୍ଗତ ରାମଡେଗୀ ଜଙ୍ଗଲରେ ତପସ୍ୟାରତ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କୁ ଚିତାବାଘ ମାରିଦେଇଛି। ଘଞ୍ଚ ଜଙ୍ଗଲ ଭିତରେ ଏକ ଗଛମୂଳେ ରାହୁଲ ୱାଲ୍‌କେ (୩୫) ନାମକ ବୌଦ୍ଧ ସନ୍ନ୍ୟାସୀ ମାସେ ହେଲା ତପସ୍ୟାରେ ବସିଥିଲା ବେଳେ ମଙ୍ଗଳବାର ଚିତାବାଘ ଆକ୍ରମଣ କରିଥିଲା। ଜଙ୍ଗଲରେ ବାଘ ଥିବା ସମ୍ପର୍କରେ ବନବିଭାଗ ତାଙ୍କୁ ପୂର୍ବରୁ ସତର୍କ କରାଇଥିଲା। ସନ୍ନ୍ୟାସୀଙ୍କ ମୃତଦେହ ଉଦ୍ଧାର ପରେ ପାଖରେ ଥିବା ବୌଦ୍ଧ ମନ୍ଦିରକୁ ନିର୍ଦ୍ଦିଷ୍ଟ ସମୟରେ ଭକ୍ତମାନଙ୍କୁ ଦର୍ଶନ ଲାଗି ଛଡାଯାଉଛି। ସୁରକ୍ଷା ଲାଗ ମନ୍ଦିର ଚାରିପଟେ ସୌର ବାଡ଼ ବ୍ୟବସ୍ଥା ହୋଇଛି।

# ଆଣ୍ଟିଲିଆରେ ସେଲିବ୍ରେଟିଙ୍କ ଭିଡ଼



## ଈଶା-ଆନନ୍ଦ ବିବାହ ଉତ୍ସବ

ମୁମ୍ବାଇ:

ବିଶିଷ୍ଟ ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ ଝିଅ ଈଶା ଅମ୍ବାନୀଙ୍କ ବିବାହ ଉତ୍ସବରେ ବଲିଉଡ୍‌ର ନାମୀଦାମୀ ତାରକା, ରାଜନେତା ସାମିଲ୍ ହୋଇଛନ୍ତି। ଉଦୟପୁରରେ ପିରାମଲ ଗ୍ରୁପ୍ ଅଫ୍ କମ୍ପାନୀର ପ୍ରତିଷ୍ଠାତା ଅଜୟ ଏବଂ ସ୍ୱାତୀ ପିରାମଲଙ୍କ ପୁଅ ଆନନ୍ଦଙ୍କ ସହ ଈଶାଙ୍କ ନିର୍ବନ୍ଧ ହୋଇଥିଲା। ବୁଧବାର ମୁମ୍ବାଇସ୍ଥିତ ଅମ୍ବାନୀ ବାସଭବନ ଆଣ୍ଟିଲିଆରେ ମହାଆଡ଼ମ୍ବରପୂର୍ଣ୍ଣ ବିବାହ ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଉଦ୍ୟୋଗପତି, ବଲିଉଡ୍‌ର ଚର୍ଚ୍ଚିତ ଅଭିନେତା ଓ ଅଭିନେତ୍ରୀମାନେ ଯୋଗ ଦେଇଥିଲେ। ସୁପରଷ୍ଟାର୍ ରଜନୀକାନ୍ତ ଓ ତାଙ୍କ ପତ୍ନୀ ଲତା, ବଚନ ପରିବାର, ଦୀପିକା-ରଣଭୀର, ପ୍ରିୟଙ୍କା ଚୋପ୍ରା- ନିକି ଜୋନାସ୍, ବଲିଉଡ୍‌ର ଥ୍ରୀ ଖାନ୍, କାପୁର ପରିବାର ଅମ୍ବାନୀଙ୍କ ବାସଭବନରେ ଉପସ୍ଥିତ ରହି ନବଦମ୍ପତିଙ୍କୁ ଶୁଭ କାମନା ଦେଇଥିଲେ। ଏହି ବିବାହ ପାର୍ଟିକୁ ଧୁମ୍‌ଧାମ୍‌ରେ ଆୟୋଜିତ କରିବା ପାଇଁ ଉଭୟ ଅମ୍ବାନୀ ଏବଂ ପିରାମଲ ପରିବାର ନିଷ୍ପତ୍ତି କରିଥିଲେ। ଉଦୟପୁରରେ ହୋଇଥିବା ନିର୍ବନ୍ଧ ଉତ୍ସବରେ ପୂର୍ବତନ ୟୁଏସ୍ ଫାଷ୍ଟ ଲେଡି ହିଲାରୀ କ୍ଲିଣ୍ଟନ ଉପସ୍ଥିତ ରହିଥିଲେ।

# ରଜନୀକାନ୍ତଙ୍କୁ ୬୮

ଚେନ୍ନାଇ:

ସୁପରଷ୍ଟାର ରଜନୀକାନ୍ତ ବୁଧବାର ୬୮ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚେନ୍ନାଇରେ କେକ୍ କଟାଯାଇଛି। ଚଳିତବର୍ଷ 'ଗାଜା'ର ଭୟାବହ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଥିବା ଜନସାଧାରଣଙ୍କ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏହି କେକ୍ କଟା ପର୍ବ ନିରାଡମ୍ବର ଭାବେ ପାଳନ କରାଯାଇଛି। ରଜନୀକାନ୍ତ ଅପ୍‌କମିଙ୍ଗ୍ 'ଥାଲାଇଭର-୧୬୫' ବ୍ଲକ୍‌ବଷ୍ଟର ମୁଭିଜ୍‌ର ଶୁଟିଂ ପାଇଁ ଶୁକ୍ରବାର ୟୁପିର ଲକ୍ଷ୍ନୌରେ ପହଞ୍ଚିଥିବାବେଳେ ପୁଦୁଚେରି ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଟ୍ୱିଟର ଜରିଆରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ମାର୍ଟିନ ଆଇଡଲ' ଭାବେ ପରିଚିତ ରଜନୀକାନ୍ତ ବିଭିନ୍ନ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ଉତ୍କୃଷ୍ଟ ଅଭିନୟ କରି ଇତିହାସ ସୃଷ୍ଟି କରିଛନ୍ତି ବୋଲି ସେ ତାଙ୍କ ଟ୍ୱିଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଜନ୍ମଦିବସର ଶୁଭ ଅବସରରେ ଲକ୍ଷ୍ନୌରେ ତାଙ୍କ ଅଭିନୀତ ଥାଲାଇଭର-୧୬୫ ଚଳଚ୍ଚିତ୍ରର ସୁଟିଂ ମଧ୍ୟ ଆରମ୍ଭ ହୋଇଛି। କାର୍ତ୍ତିକ ସୁବାରାଜଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ରଜିନୀକାନ୍ତଙ୍କ ସହ ନୱାଜଉଦ୍ଦିନ ସିଦ୍ଦିକି, ସିମରନ ବାଗା, ତ୍ରିଶା କ୍ରୀଷ୍ଣନ, ବବି ସିମ୍ହା, ସନଥ ରେଡ୍ଡି, ଗୁରୁ ସୋମାସୁନ୍ଦରମ୍ ଏବଂ ମେଘା ଆକାଶ ବିଭିନ୍ନ ଭୂମିକାରେ ବଡ଼ପରଦାରେ ଦେଖା ଦେବେ। ଡିଏମ୍‌କେ ସୁପ୍ରିମୋ ଏମ୍ କେ ଷ୍ଟାଲିନ, ତାମିଲନାଡୁ ରାଜ୍ୟ ଭାଜପା ଓ କଂଗ୍ରେସ ଅଧ୍ୟକ୍ଷ, ମେଗାଷ୍ଟାର ଅମିତାଭ ବଚ୍ଚନ, ଅକ୍ଷୟ କୁମାର, ମାଲାୟାଲମ ଷ୍ଟାର୍ ମୋହନଲାଲ ଟ୍ୱିଟରରେ ରଜନୀକାନ୍ତଙ୍କୁ ଜନ୍ମଦିବସର ବଧାଇ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।



# ଜିଏସ୍‌ଏଟି-୭ଏ ସାଟେଲାଇଟ୍‌ର ଉତ୍କ୍ଷେପଣ ୧୯ରେ

ବେଙ୍ଗାଲୁରୁ:



ଇଣ୍ଡିଆନ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ (ଆଇଏସ୍‌ଆର୍‌ଓ) ଦ୍ୱାରା ନିର୍ମିତ ଯୋଗାଯୋଗ ସାଟେଲାଇଟ୍ ଜିଏସ୍‌ଏଟି-୭ଏ ଚଳିତମାସ ୧୯ ତାରିଖରେ ଲଞ୍ଚ୍ ହେବ। ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ସ୍ପେସ୍ ସେଣ୍ଟର ସାଟେଲାଇଟ୍ ଲଞ୍ଚ୍ ଭେହିକଲ୍ (ଜିଏସ୍‌ଏଲ୍‌ଭି-ଏଫ୍ ୧୧)ଯୋଗେ ଏହା ମହାକାଶକୁ ଛଡ଼ାଯିବ। ୨,୨୫୦ କେଜି ଓଜନର ଏହି ସାଟେଲାଇଟ୍‌ର ଆୟୁ ୮ ବର୍ଷ ବୋଲି ଆଇଏସ୍‌ଆର୍‌ଓ ପକ୍ଷରୁ କୁହାଯାଇଛି। ଭାରତର ଏହା ୩୫ତମ ଯୋଗାଯୋଗ ସାଟେଲାଇଟ୍ ଅଟେ। ମହାକାଶର ଜିଓଷ୍ଟେଶନାରୀ ଅର୍ବିଟ୍ (ଭୂ-ସ୍ଥିର କକ୍ଷ)ରେ ଏହାକୁ ସ୍ଥାନିତ କରାଯିବ।

## କେମିତି ରହିବ ଆଜିର ପାଗ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୪.୨ |
| ଚାନ୍ଦବାଲି | ୨୮.୨ | ୧୬.୦ |
| କଟକ | ୨୮.୬ | ୧୫.୦ |
| ପାରାଦ୍ୱୀପ | ୨୯.୧ | ୧୭.୬ |
| ଭୁବନେଶ୍ୱର | ୩୦.୭ | ୧୬.୮ |
| ଗୋପାଳପୁର | ୩୦.୦ | ୧୮.୯ |
| ପୁରୀ | ୨୯.୬ | ୧୮.୬ |
| ଅନୁଗୋଳ | ୨୯.୧ | ୧୨.୬ |
| ବାରିପଦା | ୨୭.୨ | ୧୪.୪ |
| ଝାରସୁଗୁଡ଼ା | ୨୮.୦ | ୧୪.୯ |
| କେନ୍ଦୁଝର | ୨୬.୫ | ୧୧.୮ |
| ସମ୍ବଲପୁର | ୨୯.୪ | ୧୫.୭ |
| ସୁନ୍ଦରଗଡ଼ | --- | ୧୦.୦ |
| ହୀରାକୁଦ | ୨୮.୫ | ୧୬.୩ |
| ତାଲଚେର | ୨୯.୬ | ୧୪.୩ |
| ଭବାନୀପାଟଣା | --- | ୧୬.୦ |
| ବଲାଙ୍ଗୀର | ୨୯.୦ | ୧୬.୮ |
| କୋରାପୁଟ | ୨୮.୦ | ୧୪.୪ |
| ଫୁଲବାଣୀ | ୨୮.୦ | ୧୪.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୫ | ୧୮.୫ |
| ସୋନପୁର | ୨୯.୪ | ୧୭.୨ |
| ଦାରିଙ୍ଗିବାଡ଼ି | ୨୩.୦ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

## ଡିସେମ୍ବର ୧୩ର ପ୍ରମୁଖ ଘଟଣା

### ପାର୍ଲାମେଣ୍ଟ ଆକ୍ରମଣ

୨୦୦୧ ଡିସେମ୍ବର ୧୩ରେ ଭାରତର ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୫ ଆତଙ୍କବାଦୀ ଏକ କାର୍ ଯୋଗେ ପାର୍ଲାମେଣ୍ଟ ପରିସର ଭିତରକୁ ଆସି ଗୁଳିମାଡ଼ କରିଥିଲେ। ଏଥିରେ ଆତଙ୍କବାଦୀଙ୍କ ସମେତ ୧୨ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ସମୟରେ ପାର୍ଲାମେଣ୍ଟରେ ଶତାଧିକ ଏମ୍‌ପି ଉପସ୍ଥିତ ଥିଲେ।

### ସଦ୍ଦାମ ହୁସେନ ଧରାହେଲେ

୨୦୦୩ ଡିସେମ୍ବର ୧୩ରେ ଇରାକ୍‌ର ଟିକ୍ରିଟ୍ ନିକଟ ଆଦ୍-ଦାୱର ସହରରେ ଆମେରିକା ସେନା ପକ୍ଷରୁ ରେଡ୍ ଡନ୍ ଅପରେଶନ ହୋଇଥିଲା। ୧୯୮୪ର ସାମରିକ ଚଳଚ୍ଚିତ୍ର ରେଡ୍ ଡନ୍ ନାମିତ ଏହି ଅପରେଶନ ଦ୍ୱାରା ଇରାକ୍‌ର ଏକଚ୍ଛତ୍ରବାଦୀ ଶାସକ ସଦ୍ଦାମ ହୁଶେନଙ୍କୁ ବନ୍ଦୀ କରାଯାଇଥିଲା।

OCAC ODISHA COMPUTER APPLICATION CENTRE
**REQUEST FOR PROPOSAL (RFP)**
**Enq. No. : OCAC-SEGP-SPD0037/2014(P-1)/18055**
**CANCELLATION NOTICE**
With reference to above RFP Enq. No.18055 regarding design, development, implementation and maintenance of State Portal and Departmental Portals of Odisha Govt. published on 08.12.2018 in Odia daily Newspapers "The Samaja", "The Dharitri", the English daily "The Times of India (all India Edition) and in the websites **www.ocac.in** & **www.odisha.gov.in**. the said RFP is **hereby cancelled.** The Cancellation Notice is available in the websites **www.ocac.in** & **www.odisha.gov.in**.
**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ**
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
**ଇସ୍ତାହାର ସଂଖ୍ୟା: ୧୨୬୩** **ତା: ୧୨।୧୨।୨୦୧୮**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ ନଂ-୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର.ସଂ | ଶିଶୁଟିର ନାମ | ପୁଅ/ ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧. | ରାଧା | ଝିଅ | କାଣ୍ଡସର, ଥାନା-ନାଲ୍‌କୋନଗର, ଜିଲ୍ଲା-ଅନୁଗୋଳ | ୧୦୬/ ତା-୩୦।୧୧।୧୮ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

**ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

OFFICE OF THE CHAIRMAN, DLSA, DHENKANAL
ADVERTISEMENT
**Dated, the 11 day of December, 2018**
Applications in the prescribed format are invited from the desirous candidates for recruitment to the 3 Posts of Jr. Clerk of District Legal Services Authority (DLSA)/ Jr. Clerk-cum-Typist of Taluk Legal Services Committee (TLSC) functioning under the territorial jurisdiction of DLSA, Dhenkanal. Such appointment shall be governed by the provisions of Odisha Group-C and Group-D Posts (Contractual Appointment) Rules, 2013.
**CATEGORYWISE VACANCY POSITION:**

| Name of the Post | S.T | S.C | SEBC | UR (w) | S.T | Total | Scale of Pay |
|---|---|---|---|---|---|---|---|
| Jr. Clerk, DLSA/ Jr. Clerk-cum-Typist, TLSC | 01 | 01 | 0 | 01 | 0 | 03 | Rs. 8800/- |

**NOTE:**
1. The number of Posts as indicated above may increase or decrease.
2. Reservation in respect of women, Physically Handicapped persons/Ex-Services-men/ Sports persons shall be as per applicable Rules.

**LAST DATE FOR RECEIPT OF APPLICATIONS:-**
The application along with the required documents and self attested copies of certificates must reach to the Office of the District & Sessions Judge-cum-Chairman, **District Legal Services Authority, Dhenkanal, At-ADR Building, Near Old S.P. Office, PO/Dist- Dhenkanal, Pin-759001** on or before 05.01.2019 either by Post or in person during office hours on each working day. Applications received in the office after the last date by any means shall be summarily rejected.
**N.B.:-** For format of Application, Eligibilities of the candiates, Fees for examination, Scheme of examination, Details of syllabus for each subject, List of documents to be submitted along with the application, kindly visit the below Web Link.
https://districts.ecourts.gov.in/dhenkanal and www.dhenkanal.nic.in
**Sd./- T.P. Rath**
**Chairman, District Legal Services Recruitment Committee, Dhenkanal**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର**
ପତ୍ର ସଂଖ୍ୟା : ୮୪୭/DCPV/NIC ତାରିଖ : ୧୨.୧୨.୨୦୧୮
**ବିଜ୍ଞପ୍ତି**
ଏହି ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ତା ୨୩.୧୦.୨୦୧୮ରିଖ ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରଠାରୁ ତୃପ୍ତିମୟୀ ନାମରେ ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇ ସ୍ଥାନୀୟ ପଟାଭାଡିଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (SAA)ରେ ଶିଶୁଟି ସୁରକ୍ଷିତ ଭାବରେ ରଖାଯାଇଅଛି। ଯଦି ଶିଶୁଟିର କୌଣସି ଜନ୍ମଗତ କିମ୍ବା ଆଇନଗତ ଅଭିଭାବକ ଥାଆନ୍ତି କେବେ ଏହି ବିଜ୍ଞପ୍ତି ପ୍ରକାଶାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଫୋନ ନଂ-୦୬୬୫୪-୨୨୦୩୬୪) ଉପର ମହଲା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର କିମ୍ବା ଅଧ୍ୟକ୍ଷ ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଫୋନ ନଂ- ୦୬୬୫୪-୨୨୦୪ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲ ସହ ଶିଶୁଟି ନେଇଯିବା ପାଇଁ ଅନୁରୋଧ। ଉକ୍ତ ସମୟ ସୀମା ପରେ ଆଉ କୌଣସି ଦାବି ଗ୍ରହଣଯୋଗ୍ୟ ହେବ ନାହିଁ। ଏବଂ କିଶୋର ନ୍ୟାୟ ଅଧିନିୟମ -୨୦୧୫ ତଥା Adoption Regulation-2015 ଅନୁସାରେ ଶିଶୁଟି ଆଇନତଃ ଦାୟମୁକ୍ତ ବୋଲି ବିଚାର କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | CWC Case ନଂ ଓ ତାରିଖ | ଫଟୋ |
|---|---|---|---|---|---|---|
| ୧. | ତୃପ୍ତିମୟୀ | ଝିଅ | ୪୫ ଦିନ | ସୁବର୍ଣ୍ଣପୁର ଡାକ୍ତର ଖାନା | ୧୩୫୩ ୨୩.୧୦.୨୦୧୮ |  |

ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ବିଭିନ୍ନ ସ୍ଥାନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଶିଶୁଗୁଡିକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଉଚିତ୍ ପ୍ରମାଣପତ୍ର ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।
**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**
ମୋ. ନଂ- ୯୯୩୮୧୭୦୪୫୦ / ଅଫିସ୍- ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ-୮୭୬୩୧୪୬୬୧୬ / ଅଫିସ୍- ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ / ବୟସ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧. | ବାଲି (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୪ ବର୍ଷ (ଅନୁମାନିକ) | ପୁଅ | ରଙ୍ଗାଡିପା ଛକ, ସୁନ୍ଦରଗଡ଼ ତା. ୧୦.୦୮.୨୦୧୭ |  |
| ୨ | ଅର୍ପଣ (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୩ ବର୍ଷ (ଅନୁମାନିକ) | ପୁଅ | ଧରୁଆଡିହି ନିକଟରେ ରାଉରକେଲା ପଟୁ ଆସୁଥିବା ଡି.ଏମ୍.ୟୁ. ରେଳ ବଗିରେ ତା. ୧୯.୦୮.୨୦୧୭ |  |
| ୩ | ସ୍ନେହା | ଏକ ମାସ ୧୬.୧୧.୨୦୧୮ | ଝିଅ | ସରଗିଗଡ଼ ଗାଁ ଜଙ୍ଗଲ, କୋଇଡ଼ା ପୋଲିସ ଅଧୀନରେ ୧୬.୧୧.୨୦୧୮ |  |

**Sd./- District Child Protection Officer, Sundargarh**

See Career Appointment on every Wednesday & Saturday

OHPC
**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854242038, E-mail: sgmel_ukhep@ohpcltd.com, CIN:U40101OR1995SGC003963
TENDER CALL NOTICE No.- UKHEP - 25/2018-19, Dated 06.12.2018
**No.CAD-1119:-** Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of Work | Estimated cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Supply & Fixing of PVC door shutters along with PVC door frames to "F" type quarters at Power House Colony, UKHEP, Bariniput. | 4,11,942/- | 2360/- (Rs.2000/- +18% GST) | 4120/- | From 10:00 hrs of 14.12.2018 to13:00 hrs of 28.12.2018 | Up to 16.00 hrs of 28.12.2018 | At 16.30 Hours of 28.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.
04002/11/0073/1819 Sd./- Unit Head, UKHEP, Bariniput

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 1

## CLASS-XII (CHEMISTRY)

**Time Allowed : 3 hours** **Maximum Marks: 70**

**GENERAL INSTRUCTIONS**

***i. All questions are compulsory***
***ii. Q. No. 1 to 5 are very short answer questions and carry 1 mark each.***
***iii. Q. No.6 to 12 are short answer questions and carry 2 marks each.***
***iv. Q No. 13 to 24 are also short answer questions and carry 3 marks each.***
***v. Q. No. 25 to 27 are long answer questions and carry 5 marks each.***
***vii. Use log tables if necessary, use of calculators is not allowed.***

**1.** What is activation energy ?

**2.** Write the name of enzyme, which converts starch into maltose.

**3.** Give an example of compounds in which nitrogen exhibits oxidation states of –3 and +3

**4.** Name the reagents used in the following reactions:
i. Oxidation of primary alcohol to carboxylic acid.
ii. Benzyl alcohol to benzoic acid.

**5.** Name one disease caused by the deficiency of
i. Vitamin E ii. Vitamin D

**6.** Which of the following compounds has a lone pair of electrons at the central atom ?
$H_2S_2O_3$, $H_2S_2O_7$, $H_2SO_3$, $H_2SO_4$

**7.** Give an example of Hell-Volhard-Zelinsky reaction.

**8.** Draw the structure of optical isomers of $[Cr(C_2O_4)_3]^{3-}$.

**9.** Define the following terms with suitable examples.
i. Primitive unit cell ii. Ferromagnetism.

**OR**

Write any two differences between n-type and p-type semiconductors.

**10.** In the following pairs of halogen compounds, which compound undergoes faster $S_N1$ reaction ?

i.  and  ii.  and 

**11.** What is tincture of of iodine ? What is its use ?

**12.** What are artificial sweetening agents ? Give two example.

**13.** For the complex $[Fe(en)_2Cl_2]Cl$, identify the following
i. Type of hybridization and geometry. ii. IUPAC name of the complex.

**14.** An element with molar mass $2.7 \times 10^{-2}$ kg $mol^{-1}$ forms a cubic unit cell edge length 405 pm. If its density is $2.7 \times 10^{3}$ kg $m^{-3}$ then what is the nature of the cubic unit cell ?

**15.** Write the structure and IUPAC name of DDT.

**16.** The following initial rate data were obtained at 300 K for the reaction $2P + Q \longrightarrow R + S$.

| | [P] mol $L^{-1}$ | [Q] mol $L^{-1}$ | Rate/mol $L^{-1}$ $s^{-1}$ |
|---|---|---|---|
| I. | 0.2 | 0.1 | $6.0 \times 10^{-2}$ |
| II. | 0.4 | 0.1 | $2.4 \times 10^{-1}$ |
| III. | 0.2 | 0.2 | $1.2 \times 10^{-1}$ |

a. Deduce the rate law.
b. If the half-life of a reaction is inversely proportional to initial concentration of the reactant then what is the order of reaction ?

**17.** Write the chemical reactions of the following:
i. Coupling reaction. ii. Hoffmann bromamide reaction.

**18.** Explain the following terms:
i. Micelles ii. Dialysis iii. Hardy-Schulze rule.

**OR**

Explain the following observations:
i. A beam of light passing through a colloidal solution is visible.
ii. Passing an electric current through a colloidal solution removes colloidal particles from it.
iii. Ferric hydroxide solution coagulates on addition of a solution of potassium sulphate.

**19.** Complete the following chemical reactions:
i. $F_2 + H_2O \longrightarrow$
ii. $Ca_3P_2 + H_2O \longrightarrow$
iii. $XeF_4 + H_2O \longrightarrow$

**20.** a. What is the role f depressant in the froth floatation process ?
b. Out of C and CO which is a better reducing agent for FeO ?
i. In the lower part of blast furnace (higher temperature)
ii. In the upper part of blast furnace (lower temperature).

**21.** The reaction occurs in galvanic cells is:
$Zn_{(s)} + 2Ag^{+}_{(aq)} \longrightarrow Zn^{2+}_{(aq)} + 2Ag_{(s)}$
Give the answers of the following:
i. Which of the electrode is negatively charged ?
ii. The carriers of the current in the cell.
iii. Individual reaction at each electrode.

**22.** How are the following conversions carried out ?
i. Propene $\rightarrow$ Propan-2-ol.
ii. Benzyl chloride $\rightarrow$ benzyl alcohol
iii. Ethyl magnesium chloride $\rightarrow$ propan-1-ol.

**23.** Draw the structure of the following species:
i. $XeOF_4$ ii. $H_2S_2O_7$ iii. $H_4P_2O_7$

**24.** Answer the following questions.
i. What are biodegradable polymer ?
ii. Identify the aliphatic biodegradable polyester which is used in packaging and orthopaedic devices. Write its full form.
iii. Write the name and structure of the monomer of nylon 6.

**25.** a. Define (i) Mole fraction (ii) Molality
How are these two related ?
b. What is the value of van't Hofff factor for a solute which undergo dimerisation upto 40%?

**OR**

a. State the following
i. Henry's law about partial pressure of a gas in a mixture.
ii. Raoult's law in its general form in reference to solutions.
b. A solution prepared by dissolving 8.95 mg of a gene fragment in 35.0 mL of water has an osmotic pressure of 0.335 torr at 25°C. Assuming the gene fragment is a non-electrolyte, determine its molar mass.

**26.** a. Write chemical equations for the following reactions:
i. Oxidation of nitrite ion by $MnO_4^-$ in acidic medium.
ii. Acidification of potassium chromate solution.
iii. Disproportionation of manganese (VI) in acidic solution.
b. Explain the following observations.
i. Transition elements generally form coloured compounds.
ii. Zinc is not regarded as a transition element.

**OR**

a. Account for the following
i. Europium (II) is more stable than cerium (II)
ii. Transition metals have high enthalpies of atomization.
b. Write the steps involved in the preparation of
i. $K_2Cr_2O_7$ from $Na_2CrO_4$ ii. $KMnO_4$ from $K_2MnO_4$.

**27.** a. A compound P on oxidation gives $Q(C_2H_4O_2)$. P reacts with dil. NaOH and on subsequent heating forms R. R on catalytic hydrogenation gives S. Identify P, Q, R, S and write down the reaction involved.
b. Write chemical equations to carry out the following conversions.
i. Benzene to benzyl alcohol.
ii. Propane nitrile to 1-phenyl propanone.

**OR**

a. Two moles of organic compound 'W' on treatment with a strong base give two compounds 'X' and 'Y'. Compound 'X' on dehydrogenation of 'Y' yields carboxylic acid 'Z' having molecular formula of $CH_2O_2$.
b. Explain why:
i. The aldol and ketol readily lose water molecules to give, $\alpha$, $\beta$-unsaturated carbonyl compounds?
ii. Benzaldehyde is less reactive than acetaldehyde towards nucleophilic substitution reaction ?

**For Answers visit: www.dharitri.com**

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggarwal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଡିସେମ୍ବର, ୨୦୧୮



ଛୋଟ ପରଦା

## ଦେବୀ ମହାନ୍ତି, ଯାହା କହନ୍ତି


ପ୍ରିୟା ମହାପାତ୍ର

ଦେବୀ ମହାନ୍ତି–ଶିଳ୍ପ ଦୁନିଆରେ ଜଣେ ପରିଚିତ ନାମ। ଦେବୀ ମସଲା କମ୍ପାନୀର ମାଲିକାଣୀ। ନିଜର ସୁଚିନ୍ତିତ ଯୋଜନା ବଳରେ ସେ ଏହି ବ୍ୟବସାୟର କାୟା ବିସ୍ତାର କରିବାରେ ସକ୍ଷମ ହୋଇଛନ୍ତି। ହେଲେ ତାଙ୍କ କଥାବାର୍ତ୍ତା ଶୈଳୀ ରୁକ୍ଷ ଲାଗୁଥିଲେ ମଧ୍ୟ ତା' ଭିତରେ ଅନେକ କଥା ଲୁଚି ରହିଥାଏ। ଜଣେ କିପରି ସମୟାନୁବର୍ତ୍ତୀ ହେବ, ନିଜ କାମକୁ କିପରି ଠିକ୍ ଭାବରେ ତୁଲାଇବ ସେନେଇ ଦେବୀ ମହାନ୍ତି ସବୁବେଳେ ସଜାଗ ଥାଆନ୍ତି। ଏପରି କି ତାଙ୍କ ପରିବାର ସଦସ୍ୟଙ୍କୁ ନିଜ ଜୀବନ ଧାରାକୁ ଅନୁସରଣ କରି ଭଲ ମଣିଷଟିଏ ହେବାକୁ ସେ ସବୁବେଳେ ଜୋର୍ ଦିଅନ୍ତି। ସେପଟେ ତାଙ୍କ ଝିଅ ଦେବିକାର ଜୀବନଶୈଳୀ ଠିକ୍ ଓଲଟା। ସେ ଜଣେ ସାଧାରଣ ମଣିଷ ହୋଇ ବଞ୍ଚିବାକୁ ଚାହେଁ। ଜଣେ ଲୋକର ମନକଥାକୁ ବୁଝିବା, ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ତାଙ୍କ ଝିଅର ଲକ୍ଷ୍ୟ। ସମୟକ୍ରମେ ସେ ଶୁଭମ୍ ରୟ ନାମକ ଜଣେ ବିନ୍ଦାସ ମିଜାଜ୍‌ର ଯୁବକ ସଂସ୍ପର୍ଶରେ ଆସେ। ଆଉ ତା'ପରେ କ'ଣ ଘଟୁଛି ତାହାକୁ ନେଇ କାହାଣୀ ଗତିଶୀଳ। ବର୍ତ୍ତମାନ ଜି ସାର୍ଥକ ଚ୍ୟାନେଲରେ ପ୍ରସାରିତ ଧାରାବାହିକଟି ହେଲା 'କ୍ୱାଇଁ ନମ୍ବର ୧'(ସୋମବାରରୁ ରବିବାର, ସମୟ ରାତି ୯.୩୦)। ଖାସ୍ କଥା ହେଲା, ଏଥିରେ ଦେବୀ ମହାନ୍ତି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ପ୍ରିୟା ମହାପାତ୍ର। 'ଏଭଳି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ ଥିଲା। ସିକ୍ୱେନ୍ସ ଅନୁସାରେ ଲୁକ୍ ଏବଂ ଡାଏଲଗ୍ ଭେରିଏଶନକୁ ନେଇ ଶଟ୍ ଦେବାକୁ ବେଶ୍ ପରିଶ୍ରମ କରିଛି ଏବଂ ତାହାର ମୂଲ୍ୟ ଦର୍ଶକେ ବୁଝିଛନ୍ତି ବୋଲି କହନ୍ତି ପ୍ରିୟା।'

# ଆଇଟମ ଟେନ୍ସନ


ତାପସୀ ପାନ୍ନୁ

ଆଇଟମ ଗୀତଟି ସିନା ମନକୁ ଛୁଇଁଲା, ହେଲେ ତାହାର ଡମି କୋରିଓଗ୍ରାଫି ଦେଖି ତାପସୀ ପାନ୍ନୁଙ୍କ ଅକଲ ଗୁଡୁମ୍। ଏଥିପାଇଁ ହଁ ଭରିବେ ନା ମନା କରିଦେବେ, ସେନେଇ ଦୋ'ଛକିରେ ପଡିଛନ୍ତି। କଥା କ'ଣ କି, ନିକଟରେ ଜଣେ ପ୍ରଯୋଜକ ତାଙ୍କର ଆଗାମୀ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ତାଙ୍କୁ ଅଫର ଦେଇଥିଲେ। ହେଲେ ଏଥିରେ ସଂଯୋଜିତ ଏକ ଆଇଟମ ନମ୍ବର ତାଙ୍କ ନିଦ ହଜେଇ ଦେଇଛି। ଏଥିରେ କୁଆଡେ ଆବଶ୍ୟକତାଠାରୁ ଅଧିକ ଅଙ୍ଗ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। 'ସିନେମାର ଆଇଟମ ରହିବାକୁ ନେଇ ମୁଁ ଚିନ୍ତିତ ନୁହେଁ। ହେଲେ ଏଥିରେ କେତେକ ସ୍ଥାନରେ ଅଯଥା ବୋଲ୍ଡ ଶଟ୍‌କୁ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ଏହି ଅଫରଟିକୁ ଗ୍ରହଣ କରିବି ନା ମନା କରିବି ସେନେଇ ମୁଁ ଅଡୁଆରେ ପଡିଯାଇଛି ବୋଲି ସଫେଇ ଦେଇଛନ୍ତି ତାପସୀ। ସେପଟେ ଶୁଣିବାକୁ ମିଳୁଛି ଯେ, ଏହି ଆଇଟମ ନମ୍ବର ପାଇଁ ତାଙ୍କୁ ମନମୁତାବକ ପାରିଶ୍ରମିକ ଦେବାକୁ କୁଆଡେ ପ୍ରଯୋଜକ ତୟାର। ତେବେ ତାପସୀଙ୍କର ଏହି ଆଇଟମ ଟେନ୍ସନ କେବେ ଶେଷ ହେଉଛି ତାହା ଦେଖିବାକୁ ବାକି ରହିଲା।

ନୂଆ ସିନେମା

## କ୍ରେଜି-୪


ସୁରମୟୀ–ଅଭିଷେକ

ଇଞ୍ଜିନିୟରିଂ ପାସ୍ କରିବା ପରେ ଚାକିରି ପାଇଁ ଚେଷ୍ଟା କରି ବିଫଳ ହୁଏ ଶିବା। ନିଜର ତିନିଜଣ ବନ୍ଧୁଙ୍କ ସହ ମିଶି ଜୀବନକୁ ଉପଭୋଗ କରିବାକୁ ଆପଣାଏ ଏକ ଭିନ୍ନ ଉପାୟ। ଲୋକମାନଙ୍କୁ ବୋକା ବନାଇ ସେମାନେ ମଜା ନିଅନ୍ତି। ୟା ଭିତରେ ସେ ଜଣେ ଝିଅ ପ୍ରେମରେ ପଡ଼ିଯାଏ। ଆଉ ତା'ପରେ ? ଚାକିରି କରିବା ଲକ୍ଷ୍ୟରେ ଆଗେଇଥିବା ଶିବା ସେଥିରେ ସଫଳ ହୁଏ କି ? ନିଜ ପ୍ରେମକୁ ସେ କିପରି ଶେଷ ରୂପ ଦିଏ ? ଏ ସବୁର ଉତ୍ତରକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'କ୍ରେଜି–୪'। ଏଥିରେ ଶିବା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅଭିଷେକ ରଥ। ଆଇ ଫୋକସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏହି ରୋମାଣ୍ଟିକ୍–କମେଡି ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଜେ. ରଞ୍ଜନ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସାମାରାଜ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ଅଭିଷେକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ସୁରମୟୀ। ଉତ୍ତମ ମହାନ୍ତି, ପିଣ୍ଟୁ ନନ୍ଦ, ମଣ୍ଟୁ, ପ୍ରଜ୍ଞା, ପ୍ରତାପ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି ଏବଂ ଗୀତଗୁଡ଼ିକ ନେପାଳରେ ଶୁଟିଂ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ବଲିଉଡ୍ ହାଲଚାଲ

– ବାୟୋପିକ୍ 'ଶକିଲା'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ରିଚା ଚଡ଼ା। ଏଥିରେ ତାଙ୍କର ଖୁଲମ୍‌ଖୁଲା ଅଙ୍ଗ ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

– ଶ୍ରଦ୍ଧା କପୁର ଡେଙ୍ଗୁରୁ ଆରୋଗ୍ୟ ଲାଭ କରିବା ପରେ ଏବେ ଶୁଟିଂ ପାଇଁ ସଜବାଜ ହେଉଛନ୍ତି।

–କମଲ ହାସନଙ୍କ ଆଗାମୀ ଫିଲ୍ମ 'ଇଣ୍ଡିଆ–୨'ର କାଷ୍ଟିଂରେ ପରିବର୍ତ୍ତନ କରାଯାଇଛି। ପ୍ରଥମେ ଏହାର ଲିଡ୍ ରୋଲ୍‌ରେ ଅଜୟ ଦେବ୍‌ଗନ ଅଭିନୟ କରିବେ ବୋଲି ସ୍ଥିର ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ସ୍ଥାନରେ ଅକ୍ଷୟ କୁମାରଙ୍କୁ ସାଇନ୍ କରାଯାଇଛି। ତାମିଲ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହେବାକୁ ଯାଉଥିବା ଏହି ଫିଲ୍ମରେ କାଜଲ ଅଗ୍ରୱାଲ ଫିମେଲ ଲିଡ୍‌ରେ ଦେଖାଦେବେ।

–ଅନୁଷ୍କା ଶର୍ମା ନିକଟରେ ଏକ ଲକ୍‌ଜୁରିୟସ କାର କିଣିଛନ୍ତି, ଯାହାର ଦାମ୍ ରହିଛି ୪ କୋଟି।


'ମାଲ୍ ମହୁ ଜୀବନ ମାଟି' ଚଳଚ୍ଚିତ୍ରରେ ସବ୍ୟସାଚୀ–ଏଲିନା

## ଏ ମନ ଖୋଜୁଥାଏ ଯାହା

ଯେମିତି ଏକ ମନଲାଖି ସିନେମାରେ ଅଭିନୟ କରିବାକୁ ସବ୍ୟସାଚୀ ଆଶା ରଖିଥିଲେ ତାହା ପୂରଣ ହୋଇଛି। ବର୍ତ୍ତମାନ ସେ ଲେଡି ବାର୍ଡ ଏଣ୍ଟରଟେନ୍‌ମେଣ୍ଟ ସହାୟତା ତଥା ଆମ୍ରା ମ୍ୟୁଜିକ୍ ବ୍ୟାନରରେ ନିର୍ମିତ 'ମାଲ୍ ମହୁ ଜୀବନ ମାଟି–ଭାଗ୍ୟର ନୋ ଗ୍ୟାରେଣ୍ଟି' ନାମକ ଦ୍ୱିଭାଷୀ (ଛତିଶଗଡି–ଓଡ଼ିଆ) ସିନେମାରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଚରିତ୍ର ଅନୁସାରେ ଗୋଟିଏ କଥା କୁହାଯାଇପାରେ–'ଜନ୍ମରୁ ସେ ହତାସ ପାର୍ଟି, ସେ ମାଲ୍ ମହୁ ତା'ର ଜୀବନ ମାଟି'। ଏ ସମ୍ପର୍କରେ ସବ୍ୟସାଚୀ କହନ୍ତି, 'ମୋ ଭୂମିକାଟି ହେଲା ମାଇକେଲ। ସେ ଭଲ ଭାବରେ କଥା କହିପାରେନା। ଯାହା କିଛି କରିବାକୁ ଚାହୁଁଛି ଭାଗ୍ୟ ତାହାର ସାଥ୍ ଦେଉନି। ହେଲେ ତା' ଭିତରେ ପ୍ରେମ କରିବସିଛି। ଏଥିରେ ସେ ସଫଳ ହେଉଛି ତ ? ଏ ସବୁର ଉତ୍ତର ରହିଛି ଉକ୍ତ ସିନେମାରେ। ମୋଟ ଉପରେ ଏହାର କାହାଣୀରେ ନୂତନତ୍ୱ ରହିଛି।' 'ଟୋକାଟା ଫସିଗଲା' ଏବଂ 'ଫୋର୍ ଇଡିୟଟ୍‌ସ' ପରେ ପୁଣିଥରେ ସବ୍ୟସାଚୀ–ଏଲିନା ଯୋଡ଼ିକୁ ଦର୍ଶକେ ଦେଖିବାକୁ ପାଇବେ। ଏହାର ଗୀତ ସହ ସଂଳାପ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ସ୍ୱର ସଂଯୋଜନା ଅଭିଜିତ୍ ମଜୁମ୍‌ଦାର କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ସବ୍ୟସାଚୀ–ଏଲିନାଙ୍କ ବ୍ୟତୀତ ଏହି ଫିଲ୍ମରେ ସଲିଲ ମିତ୍ର, ପ୍ରଦ୍ୟୁମ୍ନ ଲେଙ୍କା, ବିଦୁସ୍ମିତା, ଲଭ୍‌ଲି, ପଦ୍ମଶ୍ରୀ ଅଞ୍ଜୁ ଶର୍ମା, ବିଜୁ ବଡ଼ଜେନା, ଅମର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

ଅପେରା ହାଲ୍‌ଚାଲ୍

## ଚର୍ଚ୍ଚାରେ ଯାତ୍ରା ଇନ୍ଦ୍ରମହଲ

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଚଳିତ ଯାତ୍ରା ସିଜନରେ ଜଲିଉଡ୍‌ର ଅନ୍ୟତମ ନୂଆ ଅପେରା ପାର୍ଟି 'ଯାତ୍ରା ଇନ୍ଦ୍ରମହଲ' ତାହାର ଯାତ୍ରା ଅବ୍ୟାହତ ରହିଛି। ଏଥର ପରିବେଷିତ ହେଉଥିବା ନାଟକଗୁଡ଼ିକ କିପରି ଦର୍ଶକଙ୍କ ମନକୁ ଛୁଇଁପାରିବ ସେଥିପାଇଁ କେବଳ ପାର୍ଟିର ଅଭିଜ୍ଞ କଳାକାରମାନେ ନୁହନ୍ତି, ପରିଚାଳକ ବଙ୍କିମ ସ୍ୱାଇଁଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। କେବଳ ଦମ୍‌ଦାର ନାଟକ ନୁହେଁ, ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଲାଇଟ୍ ସିଷ୍ଟମ, ଷ୍ଟେଜ ଏହି ପାର୍ଟିର ଅନ୍ୟତମ ଆକର୍ଷଣ। ଏଥର ପରିବେଷିତ ହେଉଥିବା ନାଟକଗୁଡିକ ମଧ୍ୟରେ ରହିଛି 'ବଡ଼ଲୋକଙ୍କୁ ଉତ୍ତର ନାହିଁ' (ରଚନା/ନିର୍ଦ୍ଦେଶନା–ହର ବାରିକ), 'ଉର୍ବଶୀ ଆସୁଛି ରଙ୍ଗମହଲ' (ରଚନା–ସୁକାନ୍ତ ମଲ୍ଲିକ, ନିର୍ଦ୍ଦେଶନା–ଯୋଗେନ୍ଦ୍ର ମଲ୍ଲିକ), 'ଗଙ୍ଗା ପାପ କଲେ ଧୋଇବ କିଏ' (ରଚନା–ଅରୁଣ ବାରିକ, ନିର୍ଦ୍ଦେଶନା–ବିନୋଦ ରାଉତ) ଏବଂ 'ଶ୍ରୀକୃଷ୍ଣ ମୋହର ଶେଷ ସାକ୍ଷୀ' (ରଚନା–ନିହାର ରଞ୍ଜନ ମହାନ୍ତି, ନିର୍ଦ୍ଦେଶନା–ତାପସ ସ୍ୱାଇଁ)। ଚଳିତ ଯାତ୍ରା ସିଜନରେ ଏହି ପାର୍ଟିରେ ନିଜର ଅଭିନୟ କ୍ୟାରିୟରକୁ ଆଗେଇ ନେଉଥିବା କଳାକାରମାନଙ୍କ ମଧ୍ୟରେ ଅଛନ୍ତି ବିନୋଦ–ବେବିନା, ଡଲି ଭୂୟାଁ, 'ଗୁପ୍ତ ସମ୍ପର୍କ' ଫେମ୍ ଦୟାନିଧି ଉପାଧ୍ୟାୟ, ଚର୍ଚ୍ଚିତ ଖଳନାୟକ ଲକ୍ଷ୍ମୀଧର, ହାପି କର, ଟିଙ୍କିଲି, ଜଲିଉଡ୍ ବାବୁସାନ୍, ପ୍ରଭାକର, ଜିନା, ମୁନୁ, ତ୍ରିଲୋଚନ, ପ୍ରତାପ ଏବଂ କ୍ରିଷ୍ଣା। ଅପରପକ୍ଷରେ ବଙ୍କିମ ସ୍ୱାଇଁଙ୍କ ରଚିତ ଏବଂ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଭିନ୍ନ ସ୍ୱାଦର ନାଟକ 'ଫାଷ୍ଟ ଟାଇମ୍ ତୋ ସାଥେ ଲଭ୍ ହୋଇଗଲା' ଦର୍ଶକଙ୍କ ପାଇଁ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ସାଜିଛି।


ବିନୋଦ– ବେବିନା

ଅକ୍ଷରେ

## ଲଙ୍ଗ ଡ୍ରାଇଭ୍ ଜ୍ୟାକଲିନ୍‌ଙ୍କ ପସନ୍ଦ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଡିସ୍ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି। ୩୨ ବର୍ଷ ବୟସ୍କା ଏହି ଅଭିନେତ୍ରୀଙ୍କ ବିଷୟରେ କିଛି ରୋଚକ କଥା...



- ଜ୍ୟାକଲିନ୍‌ଙ୍କ ଜନ୍ମ ବାହାରିନ୍‌ରେ ଏବଂ ଶ୍ରୀଲଙ୍କାରେ ତାଙ୍କର ପିଲାଦିନ କଟିଥିଲା।
- ସିଡ୍‌ନୀରୁ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ ପରେ ସେ ଟିଭି ରିପୋର୍ଟର ଭାବରେ କିଛି ଦିନ କାମ କରିଥିଲେ।
- ଲଙ୍ଗ ଡ୍ରାଇଭ୍‌ର ମଜା ନେବା ତାଙ୍କର ଆଉ ଏକ ସଉକ। ସମୟ ମିଳିଲେ ସେ ଏକୁଟିଆ କାର ଡ୍ରାଇଭ୍ କରି ମାଇଣ୍ଡ ଫ୍ରି କରିବାକୁ ବାହାରି ଯାଆନ୍ତି।
- ୨୦୦୬ରେ ସେ ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ବିଜୟିନୀ ହୋଇଥିଲେ।
- କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ଜଣେ ସଫଳ ବିଜ୍‌ନେସ ୱମ୍ୟାନ ଭାବରେ ସେ ପରିଚିତା। ଶ୍ରୀଲଙ୍କାରେ 'କାଇମା ସୂତ୍ର' ନାମକ ଏକ ରେଷ୍ଟୁରାଣ୍ଟର ସେ ମାଲିକାଣୀ।
- ପ୍ରେମ ପାଇଁ ଅନେକ ଥର ଆଲୋଚନାର ଶିରୋନାମା ପାଲଟିଛନ୍ତି ସେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ବାହାରିନ୍‌ର ଯୁବରାଜ ରସିଦ ଅଲ୍ଲୀ ଖଲିପାଙ୍କ ପ୍ରେମରେ ପଡିଥିଲେ, ହେଲେ ଏହି ପ୍ରେମ ବେଶି ଦିନ ଟିକ୍ଷି ରହିପାରି ନ ଥିଲା। 'ହାଉସ୍‌ଫୁଲ–୨'ର ଶୁଟିଂ ସମୟରେ ସାଜିଦ ଖାଁଙ୍କୁ ପ୍ରେମ କରି ବସିଥିଲେ ସେ। ଏହି ପ୍ରେମ ମଧ୍ୟ ଅଧୁରା ରହିଯାଇଥିଲା।
- ଅଭିନୟ ବ୍ୟତୀତ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଗଠିତ 'ପେଟା' ସଂସ୍ଥା ସହ ସେ ଜଡିତ।
- ରୋଷେଇ କରିବାରେ ବେଶ୍ ସିଦ୍ଧହସ୍ତ ସେ।

## ୱେଲକାମ୍ ପାର୍ଟି

କରୀନା



ସତରେ ମା' ହେବ ଏମିତି। ସାବତ ଝିଅ ହେଲେ କ'ଣ ହେଲା, ତା' ପାଇଁ ନିଜ କର୍ତ୍ତବ୍ୟ କରିବାକୁ ଭୁଲିନାହାନ୍ତି କରୀନା। ହଁ, ସୈଫ–ଅମ୍ରିତାଙ୍କ ଝିଅ ସାରା ଅଲ୍ଲୀ ଖାଁ ନିକଟରେ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'କେଦାରନାଥ' ଚଳିତ ମାସ ୭ରେ ରିଲିଜ ହୋଇ ଆଶାନୁରୂପ ବିଜ୍‌ନେସ କରୁଛି। ସେଥିପାଇଁ କରୀନା ନିକଟରେ ଏକ ୱେଲକମ୍ ପାର୍ଟି ଆୟୋଜନ କରିଥିଲେ। ଏଥିରେ 'କେଦାରନାଥ'ର ସମସ୍ତ ସଦସ୍ୟଙ୍କ ବ୍ୟତୀତ ବଲିଉଡ୍‌ର କେତେକ ସେଲିବ୍ରିଟି ଯୋଗଦେଇଥିଲେ। ଲେଟ୍ ନାଇଟ୍ ପର୍ଯ୍ୟନ୍ତ ଚାଲିଥିବା ଏହି ପାର୍ଟିରେ ସାରାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ କରୀନା।

**ସଂକ୍ଷେପରେ**

## ସର୍ବନିମ୍ନ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨-୧୨:** ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୧୭ ମାସର ସର୍ବନିମ୍ନ ସ୍ତରରେ ରହି ୨.୩୩%କୁ ଖସି ଆସିଛି। ବିଶେଷ କରି ପନିପରିବା, ଅଣ୍ଡା ଏବଂ ଡାଲି ଦର ନିମ୍ନରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ସେହିଭଳି ଅକ୍ଟୋବର ଲାଗି ଖୁଚୁରା ମୁଦ୍ରାସ୍ଫୀତି ୩.୩୧%ରୁ ସାମାନ୍ୟ ପରିବର୍ତ୍ତନ ଘଟି ୩.୩୮% ରହିଥିବା କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ବୁଧବାର ଦେଇଥିବା ତଥ୍ୟରୁ ଏହା ଜଣା ପଡିଛି। ଏହା ୨୦୧୭ ନଭେମ୍ବରରେ ୪.୮୮% ରହିଥିଲା। ସୂଚନାଯୋଗ୍ୟ, ରିଜର୍ଭ ବ୍ୟାଙ୍କ ଏହାର ମୁଦ୍ରାନୀତି ନିର୍ଦ୍ଧାରଣ କରିବା ବେଳେ ଖୁଚୁରା ମୁଦ୍ରାସ୍ଫୀତିକୁ ଏକ ପ୍ରମୁଖ ଇନ୍‌ପୁଟ ଭାବେ ବିଚାର କରିଥାଏ।

## ଔଦ୍ୟୋଗିକ ଉତ୍ପାଦନ ଅଭିବୃଦ୍ଧି ୮.୧%

**ନୂଆଦିଲ୍ଲୀ,୧୨-୧୨:** ଚଳିତ ବର୍ଷ ଅକ୍ଟୋବରରେ ଦେଶର ଔଦ୍ୟୋଗିକ ଉତ୍ପାଦନ ଅଭିବୃଦ୍ଧି ୧୧ ମାସର ସର୍ବୋଚ୍ଚ ସ୍ତରରେ ରହି ୮.୧% ଛୁଇଁଛି। ଖଣି, ଶକ୍ତି, ମାନୁଫାକଚରିଂ ଭଳି କ୍ଷେତ୍ରରେ ଭଲ ପ୍ରଦର୍ଶନ ରହିବାରୁ ଉକ୍ତ ଅଭିବୃଦ୍ଧି ନଜରକୁ ଆସିଛି। ଉଦ୍ୟୋଗ ଅଭିବୃଦ୍ଧିକୁ ଶିଳ୍ପ ଉତ୍ପାଦନ ସୂଚୀ(ଆଇଆଇପି)ରେ ନିର୍ଦ୍ଧାରଣ କରାଯାଉଥିବା ବେଳେ ଏହା ଗତ ବର୍ଷ ଅକ୍ଟୋବରରେ ୧.୮% ରହିଥିଲା ବୋଲି କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ଜାରି ତଥ୍ୟରେ ସୂଚନା ରହିଛି।

## ଜିଲ୍ଲା ସ୍ତରରେ ଆସିବ ଇଜ୍ ଅଫ୍ ଡୁଇଁ ବିଜନେସ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୧୨-୧୨:** ଦେଶରେ ଇଜ୍ ଅଫ୍ ଡୁଇଁ ବିଜନେସକୁ ତ୍ୱରାନ୍ୱିତ କରିବାକୁ ସରକାର ଜିଲ୍ଲା ସ୍ତରରେ ଇଜ୍ ଅଫ୍ ଡୁଇଁ ବିଜନେସ ର୍ୟାଙ୍କିଙ୍ଗ୍ ପ୍ରକାଶ କରିବେ। ଏହି ଧାରାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ଶିଳ୍ପନୀତି ଏବଂ ପ୍ରୋତ୍ସାହନ ବିଭାଗ (ଡିଆଇପିପି) ସହାୟତା କରିବ। ରାଜ୍ୟଗୁଡ଼ିକ ସ୍ତରରେ ଇଜ୍ ଅଫ୍ ଡୁଇଁ ବିଜନେସ ତାଲିକା ପ୍ରକାଶ କରିବା ପରେ ଏହାକୁ ଜିଲ୍ଲା ସ୍ତରରେ ଲାଗୁ କରିବାକୁ ଡିଆଇପିପି ପ୍ରସ୍ତାବ ରଖିଛି। ଏଥିପାଇଁ ଜିଲ୍ଲା ସ୍ତରରେ ଏକ ରିଫର୍ମ ପ୍ଲାନ ଉନ୍ନତିକରଣ କରାଯାଇଛି।

"ଟ୍ରେନ୍‌ଗୁଡ଼ିକରେ ବ୍ଲାକ ବକ୍ସ ଭଳି ଅଡିଓ-ଭିଡିଓ ରେକର୍ଡିଂ ସିଷ୍ଟମ ସ୍ଥାପନା କରାଯାଇଛି ।
– ରାଜେନ ଗୋହାଇଁ, ରେଳ ରାଷ୍ଟ୍ରମନ୍ତ୍ରୀ



"ଇଜ୍ ଅଫ୍ ଡୁଇଙ୍ଗ ବିଜନେସରେ ଭାରତ ଏବେ ମଧ୍ୟ ମଧ୍ୟବିତ୍ତ ଶ୍ରେଣୀରେ ରହିଛି । ଏଠାରେ ଇକୋସିଷ୍ଟମ ପରିବର୍ତ୍ତନ ସହ ଉଦ୍ୟୋଗ ବିକାଶକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି ।
– କ୍ଲସ୍ ଶ୍ୱାବ୍, ପ୍ରତିଷ୍ଠାତା, ୱାର୍ଲ୍ଡ ଇକୋନୋମିକ ଫୋରମ୍



### ଦାୟିତ୍ୱ ନେଲେ ଶକ୍ତିକାନ୍ତ

# ଆର୍‌ବିଆଇ ସ୍ୱାୟତ୍ତତାକୁ ଦେବେ ପ୍ରାଥମିକତା

**ନୂଆଦିଲ୍ଲୀ ,୧୨-୧୨**



> ଶକ୍ତିକାନ୍ତ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କରେ ପେସାଦାରିତ୍ୱ, ମୂଲ୍ୟବୋଧ, ବିଶ୍ୱସନୀୟତା ଏବଂ ସ୍ୱାୟତ୍ତତା ରକ୍ଷା ଦିଗରେ ସେ ଉଦ୍ୟମ କରିବେ।

- ସମସ୍ତଙ୍କୁ ନେଇ କାର୍ଯ୍ୟ କରିବେ
- ଆଜି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ
- ଶୁକ୍ରବାର ବସିବ ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକ
- ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ ଧ୍ୟାନ
- ପଦବୀ ଲାଗି ଶକ୍ତିକାନ୍ତ ଯୋଗ୍ୟ:ଜେଟଲୀ

ପୂର୍ବତନ ଅର୍ଥନୈତିକ ବ୍ୟାପାର ସଚିବ ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୨୫ତମ ଗଭର୍ନର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସରକାର-ଆର୍‌ବିଆଇ ମଧ୍ୟରେ ଚାଲିଥିବା ବିବାଦ ଚାପରେ ଗଭର୍ନର ପଦରୁ ଉର୍ଜିତ ପଟେଲ ହଠାତ ଇସ୍ତଫା ଦେବାର ଗୋଟିଏ ଦିନ ପରେ ସରକାର ଶକ୍ତିକାନ୍ତଙ୍କୁ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନର ପଦବୀରେ ନିଯୁକ୍ତି ଘୋଷଣା କରିଥିଲେ। ଗଭର୍ନର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶକ୍ତିକାନ୍ତ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଶୁଭେଚ୍ଛା ଲାଗି ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

ବୁଧବାର ଏକ ଖବରଦାତା ସମ୍ମିଳନୀରେ ଶକ୍ତିକାନ୍ତ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କରେ ପେସାଦାରୀତ୍ୱ, ମୂଲ୍ୟବୋଧ, ବିଶ୍ୱସନୀୟତା ଏବଂ ସ୍ୱାୟତ୍ତତା ରକ୍ଷା ଦିଗରେ ସେ ଉଦ୍ୟମ କରିବେ। ଆର୍‌ବିଆଇ ଉପରେ ଯେଭଳି କୌଣସି ଆଞ୍ଚ ନ ଆସେ ତାହା ଦେଖିବା ତାଙ୍କର ପ୍ରଥମ ଦାୟିତ୍ୱ ହେବ। କାରଣ କେନ୍ଦ୍ରୀୟ ବ୍ୟାଙ୍କ ଏକ ମହାନ ସଂସ୍ଥା ଏବଂ ଏହାର ଏକ ଦୀର୍ଘ ତଥା ସମୃଦ୍ଧ ଇତିହାସ ରହିଛି। ଆର୍‌ବିଆଇରେ କାର୍ଯ୍ୟ କରିବା ତାଙ୍କ ପାଇଁ ଏକ ବଡ ସୁଯୋଗ ଏବଂ ଏଥି ପାଇଁ ସେ ନିଜକୁ ସମ୍ମାନିତ ମନେ କରୁଛନ୍ତି। ଦେଶର ଅର୍ଥନୈତିକ ସ୍ୱାର୍ଥ ଲାଗି ଉଦ୍ୟମ କରିବେ ବୋଲି ଶକ୍ତିକାନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ପରାମର୍ଶ ଭିତ୍ତିରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

ବ୍ୟାଙ୍କିଙ୍ଗ ଶିଳ୍ପ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାର ସମାଧାନ ତାଙ୍କର ପ୍ରାଥମିକତା ରହିବ। ଉକ୍ତ କ୍ଷେତ୍ର ଲାଗି ଅଧିକ ପଦକ୍ଷେପ ଗ୍ରହଣ କରାଯିବା ସହ ନୂଆ ଯୋଜନା ପ୍ରସ୍ତୁତ କରାଯିବ। ବ୍ୟାଙ୍କିଙ୍ଗ ଶିଳ୍ପ ସମସ୍ୟା ସମାଧାନ ପାଇଁ ସେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଏମ୍‌ଡି ଏବଂ ସିଇଓ ମାନଙ୍କୁ ଗୁରୁବାର ଭେଟିବେ । ଏହା ପରେ ସେ ଘରୋଇ ବ୍ୟାଙ୍କର ମୁଖ୍ୟମାନଙ୍କୁ ମଧ୍ୟ ଭେଟିବେ ବୋଲି କହିଛନ୍ତି। ବ୍ୟାଙ୍କିଙ୍ଗ ଦେଶ ଲାଗି ଏକ ପ୍ରମୁଖ କ୍ଷେତ୍ର ହୋଇଥିବା ବେଳେ ତ୍ୱରାନ୍ୱିତ ଭିତ୍ତିରେ ଉକ୍ତ କ୍ଷେତ୍ରର ସମସ୍ୟାକୁ ଦୃଷ୍ଟି ଦେବାର ଆବଶ୍ୟକତା ରହିଥିବା ସେ ସ୍ପଷ୍ଟ କରିଛନ୍ତି। ସେହିଭଳି ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରହିଛି। ମୁଦ୍ରାସ୍ଫୀତିରେ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଆର୍‌ବିଆଇ ଉଦ୍ୟମ କରିବ। ବ୍ୟାଙ୍କଗୁଡ଼ିକ ସାମ୍ନା କରୁଥିବା ନଗଦ ସମସ୍ୟା ସମାଧାନ ଲାଗି ପଦକ୍ଷେପ ନିଆଯିବ। ଏହା ବାଦ ଅର୍ଥନୈତିକ ଅଭିବୃଦ୍ଧିଧାରା ଜାରି ରଖିବାକୁ ଅଗ୍ରାଧିକାର ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

କେନ୍ଦ୍ର ସରକାର ଏବଂ ଆରବିଆଇ ସମ୍ପର୍କକୁ ନେଇ ଏକ ପ୍ରଶ୍ନର ଉତ୍ତରରେ ଶକ୍ତିକାନ୍ତ କହିଛନ୍ତି ଯେ, ସମ୍ପର୍କ ଖରାପ କି କ'ଣ ସେ ଜାଣନ୍ତିନି ମାତ୍ର ଅଂଶୀଦାରଙ୍କ ପରାମର୍ଶକୁ ଗ୍ରହଣ କରିବେ। ସରକାର କେବଳ ଜଣେ ଅଂଶଦାର ନୁହନ୍ତି। ଦେଶ ଚଳାଇବା ସହ ଅର୍ଥନୀତି ଏବଂ ପ୍ରମୁଖ ନିଷ୍ପତ୍ତିର ପରିଚାଳନା ମଧ୍ୟ କରୁଛନ୍ତି। ଏଣୁ ସରକାର ଏବଂ ଆରବିଆଇ ମଧ୍ୟରେ ଆଲୋଚନା ହେବାର ଆବଶ୍ୟକତା ରହିଛି। ସେହିଭଳି ଶକ୍ତିକାନ୍ତ କହିଛନ୍ତି ଯେ, ଶୁକ୍ରବାର ଆର୍‌ବିଆଇର ବୋର୍ଡ ଯଥାରୀତି ହେବ।

ଅନ୍ୟ ପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି ଯେ, ଆର୍‌ବିଆଇର ଶୀର୍ଷ ପଦବୀ ଲାଗି ଶକ୍ତିକାନ୍ତ ଦାସ ଜଣେ ଯୋଗ୍ୟ ବ୍ୟକ୍ତି। ବିତ୍ତୀୟ ଏବଂ ଅର୍ଥନୈତିକ ନୀତି ପରିଚାଳନା କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଛି। ସେ ଉଭୟ ତାମିଲନାଡୁ ଏବଂ କେନ୍ଦ୍ର ସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଜର ପରାକାଷ୍ଠା ଦେଖାଇଥିବା ଜେଟଲୀ କହିଛନ୍ତି।

ସୂଚନା ଥାଉକି, ସ୍ୱାୟତ୍ତତାକୁ ନେଇ କେନ୍ଦ୍ର ଏବଂ ଆରବିଆଇ ମଧ୍ୟରେ ଉପୁଜିଥିବା ବିବାଦ ଜନିତ ଚାପ ଯୋଗୁ ଉର୍ଜିତ ପଟେଲ ସୋମବାର ଅଚାନକ ଗଭର୍ନର ପଦରୁ ଇସ୍ତଫା ଦେବା ପରେ ଶକ୍ତିକାନ୍ତଙ୍କୁ ନିଯୁକ୍ତି କରାଗଲା ବୋଲି ଜେଟଲୀ ସ୍ପଷ୍ଟ କରିଛନ୍ତି। ଗଭର୍ନର ଭାବେ ଦେଶର ଅର୍ଥନୀତି ସାମ୍ନାରେ ଆସୁଥିବା ଚ୍ୟାଲେଞ୍ଜକୁ ନେଇ ଶକ୍ତିକାନ୍ତ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସେହିଭଳି ଶକ୍ତିକାନ୍ତଙ୍କ ନିଯୁକ୍ତିକୁ ନେଇ ନିବେଶକମାନେ ଆଶାବାଦୀ ଅଛନ୍ତି। ନୂଆ ଗଭର୍ନର ଉଦାରବାଦୀ ମୁଦ୍ରା ନୀତି ଆଣିବେ ବୋଲି ନିବେଶକମାନେ ଆଶା ପ୍ରକଟ କରିଛନ୍ତି।

# ୧୨,୦୦୦ କୋଟିର ଜିଏସ୍‌ଟି ଠକେଇ

**ନୂଆଦିଲ୍ଲୀ,୧୨-୧୨**




ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବର ସମୟ ମଧ୍ୟରେ ଦେଶରେ ୧୨,୦୦୦ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଠକେଇ ସାମ୍ନାକୁ ଆସିଛି। ଆଠ ମାସ ମଧ୍ୟରେ ସରକାର ଏହି ଠକେଇ ମାମଲାଗୁଡ଼ିକୁ ଧରିବାରେ ସକ୍ଷମ ହୋଇଛନ୍ତି ବୋଲି ବୁଧବାର କେନ୍ଦ୍ରୀୟ ପରୋକ୍ଷ ଏବଂ ସୀମା ଟିକସ ବୋର୍ଡ (ସିବିଆଇସି)ର ସଦସ୍ୟ ଜନ ଯୋଶେଫ ସୂଚନା ଦେଇଛନ୍ତି। ଇ-ୱେ ବିଲ୍ ବ୍ୟବସ୍ଥା ସତ୍ତ୍ୱେ ଲୋକମାନେ ଟିକସ ଫାଙ୍କିବାକୁ ସକ୍ଷମ ହେଉଥିବା ସେ କହିଛନ୍ତି। ଅନୁପାଳନ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାର ଆବଶ୍ୟକତା ରହିଥିବା ସେ ମତ ରଖିଛନ୍ତି।

ସରକାର ଚଳିତ ବର୍ଷ ଏପ୍ରିଲ ମାସ ପରେ ଠକେଇ ରୋକିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ଏଭଳି ଠକେଇ ପୂର୍ବରୁ ଏତେଟା ହେଉ ନ ଥିବା ବେଳେ କିଛି ବ୍ୟକ୍ତି ବାହାର ଲୋକଙ୍କ ସହାୟତା ନେଇ ଟିକସ ଫାଙ୍କୁଥିବା ଆସୋଚାମର ଏକ କାର୍ଯ୍ୟକ୍ରମରେ ଯୋଶେଫ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସିବିଆଇସି ପକ୍ଷରୁ ୮,୦୦୦ କୋଟି ଟଙ୍କାର ଜିଏସ୍‌ଟି ଠକେଇ ଅର୍ଥକୁ ସଂଗ୍ରହ କରିବା ଲାଗି ପଦକ୍ଷେପ ନିଆଯାଇଛି। ୨୦୧୭ ଜୁଲାଇରେ ଜିଏସଟି ଲାଗୁ କରିବା ପରେ କାର୍ଯ୍ୟାନୁଷ୍ଠାନକୁ ହଠାତ କଡାକଡି ନ କରିବାକୁ ସରକାର ଚାହିଁଥିଲେ। ମୋଟ ୧.୨ କୋଟି ଟିକସଦାତାଙ୍କ ମଧ୍ୟରୁ ୫ରୁ ୧୦% ଲୋକ ଟିକସ ଫାଙ୍କୁଥିବା ଜଣା ପଡିଛି। ଏଣୁ ଅନୁପାଳନ ଧାରାକୁ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଥିବା ସେ ଗୁରୁତ୍ୱାରୋପ କରିଛନ୍ତି।

# ୬୩୦ ପଏଣ୍ଟ ବଢ଼ିଲା ସେନସେକ୍ସ



**ବମ୍ବେ,୧୨-୧୨**

କ୍ରମାଗତ ଭାବେ ଦ୍ୱିତୀୟ ଦିନ ପାଇଁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନସେକ୍ସ ସୂଚକାଙ୍କ ଉର୍ଦ୍ଧ୍ୱମୁଖୀ ରହିଛି। ସରକାର ଶକ୍ତିକାନ୍ତ ଦାସଙ୍କୁ ନୂଆ ଗଭର୍ନର ଭାବେ ନିଯୁକ୍ତ କରିବା ପରେ ବୁଧବାର ଶେୟାର ବଜାରରେ ନିବେଶକଙ୍କ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୬୨୯.୦୬ ପଏଣ୍ଟ (୧.୭୯%) ବୃଦ୍ଧି ଘଟି ୩୫,୭୭୯.୦୭ ପଏଣ୍ଟରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିର କାରବାର ୧୮୮.୪୫ ଏପଣ୍ଟ (୧.୭୯%) ବୃଦ୍ଧି ଘଟି ୧୦,୭୩୭.୬୦ରେ କାରବାର ବନ୍ଦ ହୋଇଛି। ୩୦ ଷ୍ଟକ ବିଶିଷ୍ଟ ସେନସେକ୍ସର ସବୁ ଷ୍ଟକ ଭଲ କାରବାର କରିଥିବା ଜଣାପଡିଛି। ଏହି ସମୟରେ ଅଟୋ, ରିୟଲିଟି, ମେଟାଲ, କ୍ୟାପିଟାଲଗୁଡ୍‌ସ କ୍ଷେତ୍ରର ଶେୟାର କାରବାର ଭଲ ରହିଛି।


**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
At: Argul, Post: Jatni, Khurda, Odisha, Pin: 752050

**NOTICE INVITING TENDER**

Sealed Tenders in prescribed format are invited from reputed agencies who have experience in successfully preparing and decorating the venue for meeting of VVIPs of Government of India hosted by Government, PSUs and Government Autonomous body.

| Sl. No. | Name of work | Estimated cost (in Rs.) | Tender Fee (in Rs.) | EMD (in Rs.) | Last date and time of receipt of tender | Date and time of opening of tender | Time period of completion of work |
|---|---|---|---|---|---|---|---|
| 1. | Providing temporary structures including decorations for visit of VVIPs of Government of India (Civil & Electrical works) | 55,00,000/- | 1,000/- | 1,10,000/- | 17.12.2018 upto 2.00 P.M | 17.12.2018 at 2.30 P.M | 05 days |

The details of tender with terms and conditions are available in IIT Bhubaneswar website www.iitbbs.ac.in
Sd/- Superintending Engineer

**Government of Odisha "e" Procurement Notice No-06**
No.39-B:- PH. No. 06645-271179, E-mail Id: eenhjsg@gmail.com

Identification No. 06/2018-19

| Pkg. No. | Name of the work | Estimated cost (In R. Lakhs) | Period of completion (in calendar months) | Last date/ Time for receipt of bids | Date of opening of tender | Name and address of the officer inviting tender |
|---|---|---|---|---|---|---|
| 01 | S/R Such as Improvement with Widening and Strengthening of Kisan Chowk at 268/500 Km of N.H-49 for the year 2018-19 | 47.90 | 03 (Three) | 29.12.2018 upto 17.00 hours | 31.12.2018 at 11.30 hours | Executive Engineer, N.H. Division, Kali Mandir Road, Jharsuguda-768202 |

02. Bid documents will be available in website www.tendersodisha.gov.in from 15.12.2018 to 29.12.2018 for online bidding.
03. Further details can be seen from the "e" procurement website www.tendersodisha.gov.in with effect from 15.12.2018.
04. Corrigendum if required shall be available only in the aforesaid website.

Sd./- Executive Engineer
N.H. Division, Jharsuguda
34020/11/0003/1819

**District Rural Development Agency, Nuapada**

Notice No. 3149 — Date: 11.12.2018

DRDA, Nuapada invites "Tender for Supply & Installation of Permanent Hoarding Structure under Rural Housing Scheme", from reputed/registered suppliers/ firms/agencies through two bid system. Last date for purchase/download of Tender documents is 26.12.2018 at 5.00 PM, last date for submission of Tender is 27.12.2018 upto 4.00 PM and Technical Bid will be opened on 27.12.2018 at 4.30 PM & Financial Bid will be opened on same day ie., 27.12.2018 at 5.00 PM.

Detailed Tender documents either can be purchased from the office of Project Director, DRDA, Nuapada, between 11.00 AM to 5.00 PM on any working days during the notice period or can be downloaded from district website www.nuapada.nic.in.

Sd./- Project Director, DRDA, Nuapada

No.937-A

**Government of Odisha**
**Department of Water Resources**

**NOTICE**

**Simplified Procedure on Water Allocation and Payment for use of water by industrial, commercial & other establishments.**

It is hereby brought to the notice of all industrial, commercial & other establishments requiring water allocation that the application for water allocation, henceforth, shall be received on-line only. The applicant has to apply on 'GO SWIFT' (Government of Odisha Single Window for Investor Facilitation and Tracking) portal. The Processing fee and Security Deposit shall have to be paid online. Under no circumstances the application shall be received off-line. The allocation order from the Government when made shall also be intimated on-line.
Besides, it is for the notice of all the industrial, commercial & other establishments using water that they have to get registered in the NIC website "IWCRCM" (Industrial Water Consumption and Revenue Collection Monitoring) portal (www.industrialwaterod.nic.in) and have to make their payment on-line against the on-line generated bills. No off-line payment shall be received henceforth.
Above portals are also available in the website of Department of Water Resources, Govt. of Odisha(www.dowrodisha.gov.in). For further information and clarification if any, the applicant(s) may contact the Executive Engineer of the nearest Water Resources Division or the Chief Engineer, Water Services, Secha Sadan, Kesari Nagar, Bhubaneswar-1.

Chief Engineer, Water Services
Department of Water Resources

**ଓଡ଼ିଶା ସରକାର**
**ଜଳ ସମ୍ପଦ ବିଭାଗ**

**ବିଜ୍ଞପ୍ତି**

**ଶିଳ୍ପ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଆବଣ୍ଟନ ତଥା ଦେୟର ସରଳୀକରଣ ପ୍ରକ୍ରିୟା**

ଏତଦ୍ୱାରା ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଣିକି ଜଳ ଆବଣ୍ଟନ ପାଇଁ ଦରଖାସ୍ତ ଅନ୍‌ଲାଇନରେ ଗ୍ରହଣ କରିବା ନିମିତ୍ତ ବ୍ୟବସ୍ଥା କରାଯାଇଛି। ଦରଖାସ୍ତକାରୀ ସଂସ୍ଥାମାନଙ୍କୁ "Go Swift" (Government of Odisha – Single Window for Investor Facilitation and Tracking) ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଦରଖାସ୍ତ କରିବାକୁ ହେବ। ଉକ୍ତ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ ଫି (Processing fee) ଏବଂ ଅମାନତ ଜମା (Security Deposit) ଦାଖଲ କରିବେ। ଅଫ୍‌ଲାଇନରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଉକ୍ତ ସଂସ୍ଥାମାନଙ୍କୁ ଜଳ ଆବଣ୍ଟନ ପତ୍ର ଅନ୍‌ଲାଇନରେ ଜଣାଇ ଦିଆଯିବ।
ଏତଦ୍‌ବ୍ୟତୀତ ସମସ୍ତ ଜଳ ବ୍ୟବହାରକାରୀ ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏଣିକି ସେମାନେ NIC ୱେବ୍‌ସାଇଟ୍ IWCRCM (Industrial Water Consumption and Revenue Collection Monitoring) ପୋର୍ଟାଲ (www.industrialwaterod.nic.in) ଜରିଆରେ ପଞ୍ଜୀକୃତ କରିବେ ଏବଂ ଧାର୍ଯ୍ୟ ଦେୟ ଅନ୍‌ଲାଇନ ମାଧ୍ୟମରେ ପୈଠ କରିବେ। ଏଣିକି ଉକ୍ତ ସଂସ୍ଥାମାନଙ୍କ ଠାରୁ ଅଫ୍‌ଲାଇନ ମାଧ୍ୟମରେ ଦେୟ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ପୋର୍ଟାଲ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ (www.dowrodisha.gov.in) ମଧ୍ୟ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ସୂଚନା ପାଇଁ ନିକଟସ୍ଥ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କିମ୍ବା ମୁଖ୍ୟ ଯନ୍ତ୍ରୀ, ଜଳସେବା, ସେଚସଦନ, କେଶରୀନଗର, ଭୁବନେଶ୍ୱର-୧ ସହିତ ଯୋଗାଯୋଗ କରିପାରିବେ।

32031/11/0006/1819 — ମୁଖ୍ୟଯନ୍ତ୍ରୀ, ଜଳସେବା, ଜଳସମ୍ପଦ ବିଭାଗ

**ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ**

**ବିଜ୍ଞାପନ ନଂ ୫୦ ତା-୦୭।୧୨।୨୦୧୮ ରିଖ**

**୨୦୧୮-୧୯ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀ ଭାଇମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତିମାନଙ୍କରେ ନାମ ପଞ୍ଜୀକୃତ କରିଥିବା ସମସ୍ତ ଚାଷୀଭାଇଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଚଳିତ ୨୦୧୮-୧୯ ଖରିଫ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲାର ସମସ୍ତ ୧୦୮ ଗୋଟି ସେବା ସମବାୟ ସମିତି ମାଧ୍ୟମରେ ଚଳିତ ଡିସେମ୍ବର ମାସ ୧୦ ତାରିଖଠାରୁ ପଞ୍ଜୀକୃତ ଚାଷୀମାନଙ୍କଠାରୁ ସିଧାସଳଖ ଧାନ କ୍ରୟ ଆରମ୍ଭ ହେବ। ଚାଷୀଭାଇମାନେ ନିଜ ଅଞ୍ଚଳର ଥିବା ସେବା ସମବାୟ ସମିତିର ସମ୍ପାଦକ ଓ ଧାନ କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ନିଜ ନିଜର ବଳକା ଧାନ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିପାରିବେ।

ଚାଷୀଭାଇମାନେ ସେମାନଙ୍କର ବଳକା ଓ ବିକ୍ରୟ ଯୋଗ୍ୟ ଧାନକୁ ଭଲଭାବରେ ସୁଖାଇ, ସଫାସୁତୁରା ଓ ବ୍ୟବସାୟ ଉପଯୋଗୀ କରି ଭୋଟର ପରିଚୟ ପତ୍ର, କିଷାନ କ୍ରେଡିଟ୍ କାର୍ଡ, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡଗୁଡ଼ିକୁ ପରିଚୟ ପତ୍ର ଭାବରେ ବ୍ୟବହାର କରି ସକାଳ ୮ ଘଟିକାଠାରୁ ଅପରାହ୍ନ ୨ଘଟିକା ମଧ୍ୟରେ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ଧାନ କ୍ରୟ କେନ୍ଦ୍ରକୁ ଧାନ ବିକ୍ରୟ କରିବା ପାଇଁ ଆଣିପାରିବେ। ଧାନ କ୍ରୟ ପୂର୍ବରୁ ଚାଷୀଭାଇମାନେ ସମବାୟ ସମିତିର ଅଗ୍ରିମ ଟୋକନ ସଂଗ୍ରହ କରିବାକୁ ଅନୁରୋଧ। ସମସ୍ତ ସରକାରୀ ଛୁଟି ଦିବସରେ ଧାନ କ୍ରୟ କେନ୍ଦ୍ର ବନ୍ଦ ରହିବ।

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

ସରକାରଙ୍କ ଦ୍ୱାରା ଚଳିତ ୨୦୧୮-୧୯ ଖରିଫ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା।

| | |
|---|---|
| ସାଧାରଣ କିସମ ଧାନ (ଏଫ୍.ଏ.କ୍ୟୁ.) | କ୍ୱିଣ୍ଟାଲ ପ୍ରତି- ଟ ୧୭୫୦/- ଙ୍କା |
| ଗ୍ରେଡ୍ 'ଏ' କିସମ ଧାନ (ଏଫ୍.ଏ.କ୍ୟୁ.) | କ୍ୱିଣ୍ଟାଲ ପ୍ରତି- ଟ ୧୭୭୦/- ଙ୍କା |

**ଧାନର ଗୁଣାତ୍ମକ ମାନ**

ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମ ହୋଇଥିବା ଆବଶ୍ୟକ।

| କ୍ର. ସଂ. | ଧାନରେ ମିଶ୍ରିତ ଓ ବାହ୍ୟପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | (କ) ବାଲି, ମା ଟି, ଗୋଡ଼ି, ପଥର, ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| | (ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ପଦର୍ଥ | ୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି (ଖରାପ, ପାଣିଫୁଲା, ପୋକା ଇତ୍ୟାଦି ସର୍ବାଧିକ ୪% ମଧ୍ୟରେ ସୀମିତ ଥିବା ଦରକାର) | ୫% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଏଫ୍.ଏ.କ୍ୟୁ. ମାନର ଧାନ କ୍ରୟ କରାଯିବ। ଧାନ ବିକ୍ରିର ଅର୍ଥ ସିଧାସଳଖ ପି.ପାସ୍ ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩ ଦିନରୁ ସର୍ବାଧିକ ୭ ଦିନ ମଧ୍ୟରେ ଜମା ହୋଇଯିବ। ସେଥିପାଇଁ ଚାଷୀମାନେ ବ୍ୟାଙ୍କ ପାସ୍‌ବହିର ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ। ଚାଷୀଭାଇମାନେ ଧାନକ୍ରୟ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନୋକ୍ତ ଫୋନ ନମ୍ବରଗୁଡ଼ିକରେ ଯୋଗାଯୋଗ କରିପାରିବେ।

| | |
|---|---|
| ଜିଲ୍ଲା ଯୋଗାଣ ଅଫିସ୍ କଣ୍ଟ୍ରୋଲ ରୁମ୍ | ୦୬୭୮୪-୨୫୦୫୨୬ |
| ଜିଲ୍ଲା ଯୋଗାଣ ଅଧିକାରୀ, ଭଦ୍ରକ | ୯୪୩୮୨୦୦୦୩୪ |
| ଉପନିବନ୍ଧକ, ସମବାୟ ବିଭାଗ, ବାଲେଶ୍ୱର | ୦୬୭୮୨-୨୬୨୨୩୮ |
| ସହକାରୀ ନିବନ୍ଧକ, ସମବାୟ ବିଭାଗ, ଭଦ୍ରକ | ୦୬୭୮୪-୨୪୦୫୩୯, ୯୪୩୯୩୦୧୬୮୩ |
| ଜୋନାଲ ଅଫିସ୍‌ର କେନ୍ଦ୍ର ସମବାୟ ବ୍ୟାଙ୍କ | ୯୪୩୭୩୬୩୭୨୨ |
| ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ | ୭୦୦୮୩୦୬୨୪୨ |

ଅଧିକ ସବିଶେଷ ବିବରଣୀ ପାଇଁ ନିକଟସ୍ଥ ସମବାୟ ସମିତିର ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ
ସ୍ୱା./- ଉପଜିଲ୍ଲାପାଳ, ଭଦ୍ରକ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

See Career Appointment on every Wednesday & Saturday

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE**

**TENDER CALL NOTICE**

Tender Call Notice No. 15567 — Date: 12.12.2018

Sealed tenders are hereby invited from reputed firm / supplier / Agency having valid PAN card and GST registration certificate for supply of hired vehicles on day call basis for the district and block offices under NHM/H&FW Dept. of Balasore district only through registered or Speed Post only. The envelope must be superscribed with "Tender for Hired Vehicle on day call basis". The interested agencies may download the tender application documents including terms and conditions from the district website www.balesore.nic.in. The last date of receipt of the sealed envelope containing tender application by the office of the undersigned is Dt.21.12.2018 upto 5.00PM and will be opened on Dt.22.12.2018 at 11.00AM. The authority reserves every right to accept or cancel any or all the tender applications without assigning any reason thereof.

Sd./- CDM&PHO, Balasore

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୟପୁର**

ବିଜ୍ଞାପନ ସଂଖ୍ୟା: ୪୨୪୦ — ତା: ୧୧।୧୨।୨୦୧୮

**ବିଜ୍ଞାପନ**

ଜୟପୁର ପଞ୍ଚାୟତ ସମିତି ଅନ୍ତର୍ଗତ କୁମୁଲିପୁଟ ଓ ଧନପୁର ଗ୍ରାମପଞ୍ଚାୟତ ପାଇଁ ଯୋଗାଣ ସହାୟକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ପଦବୀ ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ଅଟେ ଏବଂ ପ୍ରାର୍ଥୀ ନିଜ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ/ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରିବେ। ଏହି ପଦବୀ ନିମନ୍ତେ ପ୍ରାର୍ଥୀ ମାସିକ ଟ.୫୦୦୦/-ରୁ ଟ.୬୦୦୦/- ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ପି.ଡି.ଏସ୍. ପାଣ୍ଠିରୁ ପାରିତୋଷିକ ପାଇବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଜ କ୍ଷମତା ବ୍ୟବହାର କରି ଯେ କୌଣସି ସମୟରେ ବିନା କାରଣ ଦର୍ଶାଇ କାର୍ଯ୍ୟରୁ ବହିଷ୍କାର /ଅନ୍ତର କରିପାରିବେ। ଏହି ପଦବୀ ପାଇଁ ଆବେଦନ କରିବା ନିମନ୍ତେ ପ୍ରାର୍ଥୀ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବା ଆବଶ୍ୟକ।

୧. ପ୍ରାର୍ଥୀ ଦଶମ/ ମାଟ୍ରିକୁଲେସନ ପାସ୍ କରିଥିବେ।
୨. ପ୍ରାର୍ଥୀ ଯେଉଁ ପଞ୍ଚାୟତ ପାଇଁ ଆବେଦନ କରିବେ ସେହି ଗ୍ରାମପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବା ଦରକାର।
୩. ପ୍ରାର୍ଥୀଙ୍କ ବୟସ ତା୦୧।୧୨।୨୦୧୮ ରିଖ ସୁଦ୍ଧା ୨୧ ବର୍ଷରୁ ୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। (ଅଭିଜ୍ଞ ବିକ୍ରେତାଙ୍କ କ୍ଷେତ୍ରରେ ବୟସ ଅଧିକ ୧୦ ବର୍ଷ କୋହଳ କରାଯିବ- ୪୫ ବର୍ଷ ପର୍ଯ୍ୟନ୍ତ)

ଇଚ୍ଛୁକ ପ୍ରାର୍ଥୀ ନିଜର ସମ୍ପୂର୍ଣ୍ଣ ବାୟୋଡାଟା ସହ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର/ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର/ ଅଭିଜ୍ଞତା ପ୍ରମାଣପତ୍ର (ଯଦି ଥିବ) / ଦୁଇଟି ରଙ୍ଗିନ ପାସ୍‌ପୋର୍ଟ ଫଟୋ ଆସନ୍ତା ତା୨୬।୧୨।୧୮ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ରେଜେଷ୍ଟ୍ରୀ ପୋଷ୍ଟ ଯୋଗେ ଆବେଦନ କରିପାରିବେ। ଉକ୍ତ ସମୟ ପରେ କୌଣସି ଆବେଦନକୁ ବିଚାରକୁ ନିଆଯିବ ନାହିଁ।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜୟପୁର

# ଆର୍ଜେଣ୍ଟିନାର ବିଦାୟ

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରୁ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାର ଅଭିଯାନ ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ବିଶ୍ୱକପ୍‌ର ବୁଧବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ବିଶ୍ୱର ୭ ନମ୍ବର ଦଳ ଇଂଲଣ୍ଡ ୨ ନମ୍ବର ଆର୍ଜେଣ୍ଟିନାକୁ ହରାଇ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ୧୯୮୬ ବିଶ୍ୱକପ ରୌପ୍ୟ ପଦକ ବିଜେତା ଇଂଲଣ୍ଡ କ୍ରମାଗତ ତୃତୀୟ ଏବଂ ମୋଟ ୪ର୍ଥ ଥରପାଇଁ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ପାଇଛି। ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ମଧ୍ୟ ଦଳ ସେମିଫାଇନାଲ ଖେଳି ହାରି ଯାଇଥିଲା। ଫଳରେ ୨ଟିଯାକ ଥର ଦଳକୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ୨୦୧୦ରେ ଇଂଲଣ୍ଡ ସେମିଫାଇନାଲରେ ଜର୍ମାନୀଠାରୁ୧-୪ ଗୋଲରେ ହାରିଥିବାବେଳେ ବ୍ରୋଞ୍ଜ ପଦକ ମୁକାବିଲାରେ ନେଦରଲାଣ୍ଡ୍ସଠାରୁ ୩-୪ ଗୋଲରେ ପରାଜିତ ହୋଇଥିଲା। ସେହିପରି ୨୦୧୪ ବିଶ୍ୱକପରେ ଦଳ ୦-୧ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରିଥିବାବେଳେ ବ୍ରୋଞ୍ଜ ପଦକ ମ୍ୟାଚରେ ଆର୍ଜେଣ୍ଟିନାଠାରୁ ୦-୨ ଗୋଲରେ ପରାସ୍ତ ହୋଇଥିଲା। ଏଥର ଦଳ ଆର୍ଜେଣ୍ଟିନାଠାରୁ ମଧୁର ପ୍ରତିଶୋଧ ନେବାସହ ସେମିଫାଇନାଲରେ ପ୍ରବେଶ କରିଥିବାରୁ ପୂର୍ବ ୨ ସଂସ୍କରଣ ବାଧା ଅତିକ୍ରମ କରିବା ଲକ୍ଷ୍ୟରେ ରହିଛି।



କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିବା ପରେ ଇଂଲଣ୍ଡ ଖେଳାଳିଙ୍କ ସେଲିବ୍ରେଶନ।



ଇଂଲଣ୍ଡ-ଆର୍ଜେଣ୍ଟିନା ମ୍ୟାଚର ଏକ ରୋମାଞ୍ଚକର ମୁହୂର୍ତ୍ତ।

ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେଇ ବିପର୍ଯ୍ୟୟ ଘଟାଇଥିଲା ଇଂଲଣ୍ଡ। ଆରମ୍ଭରୁ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ସାମ୍ପ୍ରତିକ ଫର୍ମକୁ ନେଇ ଆର୍ଜେଣ୍ଟିନା ଅଗ୍ରଣୀ ନେବାକୁ ଉଦ୍ୟମ କରିଥିଲେ ହେଁ ପ୍ରଥମ କ୍ୱାର୍ଟରରେ ବାଟ ଛାଡ଼ି ନ ଥିଲା ଇଂଲଣ୍ଡ। ଦ୍ୱିତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ମ୍ୟାଚର ୧୭ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ୨ ନମ୍ବର ଖେଳାଳି ଗୋଞ୍ଜାଲୋ ପିଲାଟ ଗୋଲରେ ପରିଣତ କରି ଆର୍ଜେଣ୍ଟିନାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଇଂଲଣ୍ଡ ଗୋଲ ପରିଶୋଧ ପାଇଁ ପୂରା ଦମ୍ ଲଗାଇ ଦେଇଥିଲା। ୨୭ତମ ମିନିଟରେ ଆର୍ଜେଣ୍ଟିନାର ରକ୍ଷଣଭାଗକୁ ଭେଦକରି ଇଂଲଣ୍ଡର ବାରି ମିଡିଲଟନ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଅଧିକ ସଂଘର୍ଷପୂର୍ଣ୍ଣ ରହିଥିଲା। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଅଳ୍ପକିଛି କ୍ଷଣ ଥିବାବେଳେ ଇଂଲଣ୍ଡର ୱିଲ୍ କାଲକାନ୍ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରି ଦେଇଥିଲେ। ୪ର୍ଥ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା ୪୭ତମ ମିନିଟରେ ଆର୍ଜେଣ୍ଟିନାକୁ ଲଗାତର ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ଦ୍ୱିତୀୟ ପେନାଲ୍ଟି କର୍ଣ୍ଣର କନଭର୍ସନ ସମୟରେ ଗୋଲକିପରଙ୍କ ଆଚରଣକୁ ବିରୋଧ କରି ଆର୍ଜେଣ୍ଟିନା ପେନାଲ୍ଟି ଷ୍ଟ୍ରୋକ୍ ଦାବି କରିଥିଲା। ମାତ୍ର ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ୪୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ପିଲାଟ ଗୋଲରେ ପରିଣତ କରିଥିଲେ ହେଁ ଆର୍ଜେଣ୍ଟିନାର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୪୯ତମ ମିନିଟରେ ଡେଭିଡ୍ ଆମିଜ୍ ଏକ ଫିଲ୍ଡ ଗୋଲ ଦେଇ ପୁଣି ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ଶେଷ ୧୦ ମିନିଟ ଖେଳରେ ଉତ୍ତେଜନା ବଢ଼ିଥିଲା। ଆର୍ଜେଣ୍ଟିନାର ଏକାଧିକ ଉଦ୍ୟମକୁ ପଣ୍ଡକରି ଇଂଲଣ୍ଡ ଗୋଲକିପର ଜର୍ଜ ପିନେର ବିଭିନ୍ନ ଇଙ୍ଗିତ କରୁଥିବା ଦେଖା ଯାଇଥିଲା। ଶେଷ ୫ ମିନିଟ ଆର୍ଜେଣ୍ଟିନା ଗୋଲପୋଷ୍ଟ ଛାଡ଼ି ଅଲ୍‌ଆଉଟ ଖେଳିଥିଲା। ସମସ୍ତ ଖେଳାଳି ଆକ୍ରମଣରେ ଲାଗି ଯାଇଥିଲେ। ମାତ୍ର ଇଂଲଣ୍ଡ ଏହାର ରକ୍ଷଣଭାଗକୁ ଦୃଢ଼ କରି ଏକାଧିକ ବିପର୍ଯ୍ୟୟରୁ ରକ୍ଷା ପାଇ ଯାଇଥିଲା। ବିଶୃଙ୍ଖଳିତ ଆଚରଣ ପାଇଁ ୫୭ତମ ମିନିଟରେ ଆର୍ଜେଣ୍ଟିନାର ଅଗଷ୍ଟିନ ମାଜିଲ ଓ ଇଗ୍ନାସିଓ ଓରିଜଙ୍କୁ ରେଫରି ହଳଦିଆ କାର୍ଡ ଦେଖାଇ ପଡ଼ିଆରୁ ବାହାର କରିଥିଲେ। ସେହିପରି ୬୦ତମ ମିନିଟରେ ଇଂଲଣ୍ଡର ରୋପର ଫିଲ୍‌ଙ୍କୁ ହଳଦିଆ କାର୍ଡ ମିଳିଥିଲା। ମ୍ୟାଚ ଶେଷ ହେବାକୁ ଅଳ୍ପକିଛି କ୍ଷଣ ବାକିଥିବାବେଳେ ଆର୍ଜେଣ୍ଟିନାର ଜୁଆନ ଲୋପେଜ ମାରିଥିବା ଶଟ୍ ଇଂଲଣ୍ଡ ଗୋଲପୋଷ୍ଟ ବାର୍‌ରେ ବାଜି ବାହାରକୁ ଚାଲି ଯାଇଥିଲା। ଏଥିସହ ଆର୍ଜେଣ୍ଟିନା ମଧ୍ୟ ଟୁର୍ନାମେଣ୍ଟରୁ ବାହାରି ଯାଇଥିଲା। ଓଭରଅଲ୍ ଦେଖିବାକୁ ଗଲେ ବଲ୍ ୪୭.୭୫% ଆର୍ଜେଣ୍ଟିନା ଓ ୫୨.୨୫ % ଇଂଲଣ୍ଡ ନିୟନ୍ତ୍ରଣରେ ରହିଥିଲା। ସର୍କଲ ଏଣ୍ଟ୍ରିରେ ମଧ୍ୟ ଇଂଲଣ୍ଡ ଆଗରେ ରହିଥିଲା। ଆର୍ଜେଣ୍ଟିନାର ୧୫ଥର ତୁଳନାରେ ଇଂଲଣ୍ଡ ୧୯ ଥର ପ୍ରତିପକ୍ଷ ସର୍କଲ ଏଣ୍ଟ୍ରି କରିଥିଲା। ଆର୍ଜେଣ୍ଟିନାକୁ ମୋଟ ୫ଟି ଓ ଇଂଲଣ୍ଡକୁ ୪ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏଥିରୁ ଆର୍ଜେଣ୍ଟିନା ୨ଟିକୁ ଗୋଲରେ ପରିଣତ କରିଥିବାବେଳେ ଇଂଲଣ୍ଡ ସୁଯୋଗର ଆଦୌ ସଦ୍‌ବ୍ୟବହାର କରିପାରି ନ ଥିଲା। ତେବେ ୩ଟି ଫିଲ୍ଡ ଗୋଲ ଦଳକୁ ସେମିଫାଇନାଲକୁ ନେଇ ଯାଇଥିଲା।

ଅର୍ଜୁନ ପୁରସ୍କାରପ୍ରାପ୍ତ ଆଥଲେଟ୍ ମୀନତି ମହାପାତ୍ର ଓ ଭାରତରେ ଅବସ୍ଥାପିତ ଆର୍ଜେଣ୍ଟିନା ରାଷ୍ଟ୍ରଦୂତ ଡାନିଏଲ ଚୁବୁରୁ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ପୂର୍ବତନ ପ୍ରଶାସକ ସୁବ୍ରତ ବାଗ୍‌ଚି ଅତିଥିଭାବେ ଯୋଗଦେଇ ଇଂଲଣ୍ଡର ୨୧ ନମ୍ବର ଖେଳାଳି ଲିଆମ ଆନସେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ଭୁବନେଶ୍ୱରରେ ହକି ସିରିଜ ଫାଇନାଲ୍ସ

ଭୁବନେଶ୍ୱର,୧୨।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ହକି ପ୍ରେମୀଙ୍କ ପାଇଁ ଆସିଛି ଆଉ ଏକ ଶୁଭ ଖବର। ହକି ବିଶ୍ୱକପ କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ସମ୍ପନ୍ନ ହେଉଥିବାବେଳେ ଆସନ୍ତାବର୍ଷ ଏଠାରେ ହକି ସିରିଜ ଫାଇନାଲ୍ସ ହେବ ବୋଲି ବୁଧବାର ଘୋଷଣା କରାଯାଇଛି। ୨୦୧୯ରେ ହକି ସିରିଜ ଫାଇନାଲ୍ସର ୩ଟି ଚରଣ ଅନୁଷ୍ଠିତ ହେବ। ଏହାର ଦ୍ୱିତୀୟ ଚରଣ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ଏଠାରେ ଖେଳାଯିବ। ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ଭାରତକୁ ମିଳିଥିଲା। ଦେଶ ବିଦେଶର ଖେଳାଳି, କୋଚ୍, ଅଫିସିଆଲ ଏବଂ ଦର୍ଶକ ଭୁବନେଶ୍ୱରକୁ ପସନ୍ଦ କରୁଥିବାରୁ ଟୁର୍ନାମେଣ୍ଟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରାଙ୍କ ଉପସ୍ଥିତିରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ବୁଧବାର ଏହା ଘୋଷଣା କରିବାପରେ ସ୍ଥିତି ସ୍ପଷ୍ଟ ହୋଇଯାଇଛି। ଏଥିରେ ଭାରତ, ଜାପାନ ଦକ୍ଷିଣ ଆଫ୍ରିକା, ମେକ୍ସିକୋ, ପୋଲାଣ୍ଡ, ରୁଷିଆ ଓ ଆମେରିକା ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏଥିରୁ ଦୁଇ ଶ୍ରେଷ୍ଠ ଦଳ ଅଲିମ୍ପିକ୍ସ କ୍ୱାଲିଫାଇଂ ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏସିଆ କପ୍ ଜିତିଥିବାରୁ ଜାପାନ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ତେଣୁ ଏଥିରେ ଯଦି ଜାପାନ ଚାମ୍ପିୟନ ହୁଏ କିମ୍ବା ଦ୍ୱିତୀୟ ସ୍ଥାନରେ ରୁହେ ତେବେ ପରବର୍ତ୍ତୀ ସ୍ଥାନରେ ଥିବା ଦଳ ଥ୍ରୁ କରିବା ସମ୍ଭାବନା ରହିଛି।

ହକି ସିରିଜ ଫାଇନାଲ୍ସର ପ୍ରଥମ ଚରଣ ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ହେବ। ୨୦୧୯ ଏପ୍ରିଲ ୨୩ରୁ ମେ ୧ ପର୍ଯ୍ୟନ୍ତ ହେବାକୁଥିବା ପ୍ରତିଯୋଗିତାରେ କାନାଡ଼ା, ଚାଇନା, ମାଲେସିଆ, ଅଷ୍ଟ୍ରିଆ, ବ୍ରାଜିଲ, ଇଟାଲି, ଭାନୁଆଟୁ ଓ ୱେଲ୍ସ ଭାଗନେବେ। ସେହିପରି ତୃତୀୟ ଚରଣ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ଫ୍ରାନ୍ସର ଲି ଟୌକ୍ୱେଟଠାରେ ଖେଳାଯିବ। ଏଥିରେ ଫ୍ରାନ୍ସ, ଆୟର୍ଲାଣ୍ଡ, ଦକ୍ଷିଣ କୋରିଆ, ଚିଲି, ସିଙ୍ଗାପୁର, ସ୍କଟଲାଣ୍ଡ ଓ ଇଜିପ୍ଟ ଭାଗନେବେ।

ଅଲିମ୍ପିକ୍ସରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ମହାଦେଶୀୟ ଟୁର୍ନାମେଣ୍ଟର ଟାଇଟଲ ହାସଲକାରୀ ୬ଟି ଦଳ ସିଧାସଳଖ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇବେ। ଅନ୍ୟ ୬ଟି ସ୍ଥାନ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ହେବ। ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ମଧ୍ୟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଶ୍ରେଷ୍ଠ ୪ଟି ଦଳ, ତିନୋଟି ହକି ସିରିଜ ଫାଇନାଲ୍ସରୁ ୨ଟି ଲେଖାଏ ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ କ୍ୱାଲିଫାଇ କରିବେ। ଅବଶିଷ୍ଟ ୨ଟି ସ୍ଥାନ ପାଇଁ ର୍‍ୟାଙ୍କିଙ୍ଗ୍ ଦେଖାଯିବ। ଯୋଗ୍ୟତା ପାଇ ନ ଥିବା ଦଳଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ର୍‍ୟାଙ୍କପ୍ରାପ୍ତ ୨ଟି ଦଳ ଏଥିରେ ସାମିଲ ହେବେ। ଏହି ୧୨ଟି ଦଳକୁ ନେଇ ହେବାକୁ ଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ୬ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇବେ। ଏହି ୬ ଦଳ ଏବଂ ମହାଦେଶୀୟ ଟୁର୍ନାମେଣ୍ଟ ବିଜେତା ୬ ଦଳ ଏହିପରି ୧୨ଟି ଦଳ ଅଲିମ୍ପିକ୍ସରେ ଭାଗନେବେ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ନେଦରଲାଣ୍ଡ୍ସର ଆମଷ୍ଟେଲଭିନଠାରେ ୨୦୧୯ ଜୁନ ୧୯ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ସ୍ପେନ୍ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

# ଫ୍ରାନ୍ସ ବିଦା, ଲକ୍ଷ୍ୟ ପଥରେ ଅଷ୍ଟ୍ରେଲିଆ

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ମଧ୍ୟ ପ୍ରଭାବୀ ପ୍ରଦର୍ଶନ ସହ ହକି ବିଶ୍ୱକପ ଅଭିଯାନ ଜାରି ରଖିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ବୁଧବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏହି ଦଳ ୩-୦ ଗୋଲରେ ଫ୍ରାନ୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ୨୦୧୦ ଓ ୨୦୧୪ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଏଥର ମଧ୍ୟ ଚମତ୍କାର ପ୍ରଦର୍ଶନ ଜାରିରଖି ଦଳ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଫ୍ରାନ୍ସର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ପୂର୍ବରୁ ୧୯୭୧ ଓ ୧୯୯୦ରେ ବିଶ୍ୱକପ ଖେଳିବା ସୁଯୋଗ ପାଇ ୭ମ ସ୍ଥାନ ଅଧିକାର କରିଥିବା ଫ୍ରାନ୍ସ ଏଥର ଶ୍ରେଷ୍ଠ ପ୍ରଦର୍ଶନ ଏବଂ ସ୍ମରଣୀୟ ଅନୁଭୂତି ସହ ବିଦାୟ ନେଇଛି। ରାଜ୍ୟପାଳ ଗଣେଶୀ ଲାଲ ଅତିଥିଭାବେ ଯୋଗଦେଇ ଅଷ୍ଟ୍ରେଲିଆ ଅଧିନାୟକ ଆରନ ଜେଲସ୍କିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।



ରାଜ୍ୟପାଳ ଗଣେଶୀ ଲାଲ ଅଷ୍ଟ୍ରେଲିଆର ଆରନ ଜେଲସ୍କିଙ୍କୁ ପୁରସ୍କୃତ କରୁଛନ୍ତି।

ଚଳିତ ଟୁର୍ନାମେଣ୍ଟର ସବୁଠାରୁ ଶ୍ରେଷ୍ଠ ଏବଂ ନିମ୍ନ ର୍‍ୟାଙ୍କିଙ୍ଗ୍ ଦଳ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅଷ୍ଟ୍ରେଲିଆ ବିଶ୍ୱ ର୍‍ୟାଙ୍କିଙ୍ଗର ନମ୍ବର ୱାନ୍‌ରେ ଥିବାବେଳେ ଫ୍ରାନ୍ସ ୨୦ତମ ସ୍ଥାନ ପ୍ରାପ୍ତ ଦଳ। ତେଣୁ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ନିଜ ଶକ୍ତି ପ୍ରଦର୍ଶନ କରି ଆରମ୍ଭରୁ ପ୍ରଭାବୀ ରହିଥିଲା। ସ୍ୱାଭାବିକ ଷ୍ଟାଇଲ୍‌ରେ ଅଷ୍ଟ୍ରେଲିଆ ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଫଳ ସ୍ୱରୂପ ମ୍ୟାଚର ୪ର୍ଥ ମିନିଟରେ ଦଳକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ୩୨ ନମ୍ବର ଖେଳାଳି ଜେରେମି ହେୱାର୍ଡ ଏହାକୁ ଗୋଲରେ ପରିଣତ କରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରର ଅବଶିଷ୍ଟ ସମୟ ଅଷ୍ଟ୍ରେଲିଆକୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା ଫ୍ରାନ୍ସ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହେବାର ୪ ମିନିଟ ପରେ ଅର୍ଥାତ୍ ୧୯ତମ ମିନିଟରେ ବ୍ଲେକ୍ ଗୋଭର୍ସ ପେନାଲ୍ଟି କର୍ଣ୍ଣର ଗୋଲ ସ୍କୋର କରି ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଏଥିସହ ଗୋଭର୍ସ ଆର୍ଜେଣ୍ଟିନାର ଗୋଞ୍ଜାଲୋ ପିଲାଟ୍‌ଙ୍କ ସହ ଟପ୍ ସ୍କୋରର (୬ ଗୋଲ)ତାଲିକାରେ ସାମିଲ ହୋଇ ଯାଇଥିଲେ। ଗୋଲ ପରିଶୋଧ ପାଇଁ ଫ୍ରାନ୍ସ କେତୋଟି ଭଲ ମୁଭ୍ ନେଇଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ଦେଇପାରି ନ ଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଅଷ୍ଟ୍ରେଲିଆ ଗୋଟିଏ ଗୋଲ ଦେଇଥିଲା। ମ୍ୟାଚର ୩୭ତମ ମିନିଟରେ ଦଳକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଦଳ ୪ ଖେଳାଳି ପାସ୍ ଏବଂ ଶୁଟ୍ ରଣନୀତିରେ ସଫଳ ହୋଇ ଗୋଲ ଦେଇଥିଲେ। ଅଧିନାୟକ ଆରନ ଜେଲସ୍କି ଏହି ଗୋଲଟି ସ୍କୋର କରିଥିଲେ।



ଅଷ୍ଟ୍ରେଲିଆ ଓ ଫ୍ରାନ୍ସ ମଧ୍ୟରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍।


ଫ୍ୟାନ୍ ଭିଲେଜରେ ମାସ୍କଟ ଓଲି ସହ ହକିପ୍ରେମୀ।

## ■ ବିଶ୍ୱକପ୍ ସମୟରେ ଭାରତୀୟ ଖେଳାଳିଙ୍କୁ ଅସମ୍ମାନ

# ବିବାଦକୁ ଏଡ଼ାଇଗଲେ ମନ୍‌ପ୍ରୀତ୍

ଭୁବନେଶ୍ୱର, ୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ବେଶ୍ ଶୃଙ୍ଖଳିତଭାବେ ଚାଲିଥିବାବେଳେ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। ଫଳରେ ଆୟୋଜକଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି। ମଙ୍ଗଳବାର ନେଦରଲାଣ୍ଡ୍ସ ଓ କାନାଡ଼ା ମଧ୍ୟରେ ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚ୍ ଅବସରରେ ଭାରତୀୟ ଦଳର ଅଧିନାୟକ ମନପ୍ରୀତ୍ ସିଂଙ୍କ ସମେତ କେତେଜଣ ଖେଳାଳି ଭିଆଇପି ଲାଉଞ୍ଜକୁ ଚାଲିଯାଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ହକି ଇଣ୍ଡିଆର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଖେଳାଳିମାନଙ୍କୁ ତାଗିଦ୍ କରିବା ସହ ସେଠାରୁ ଚାଲି ଯିବାକୁ କହିଥିଲେ। ଏହା ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଥିବାବେଳେ ଘଟଣାକୁ କିନ୍ତୁ ହାଲକା ଭାବେ ନେଇଛନ୍ତି ମନପ୍ରୀତ। ସେ ଯଥା ସମ୍ଭବ ବିବାଦକୁ ଏଡ଼ାଇଯିବାକୁ ପ୍ରୟାସ କରିଛନ୍ତି। ‘‘ଏହା ଆମର ଭୁଲ୍ ଥିଲା। ଆମେ ଅଜାଣତରେ ଭିଆଇପି ଏରିଆକୁ ଚାଲିଯାଇଥିଲୁ। ଭିଆଇପି ଲାଉଞ୍ଜ୍‌କୁ ଯିବାକୁ କୌଣସି ଦଳ କିମ୍ବା ଖେଳାଳିମାନଙ୍କୁ ଅନୁମତି ନ ଥାଏ। ତେଣୁ ସେଠାକୁ ଯାଇ ଆମେ ଭୁଲ୍ କରିଛୁ। ଯେତେବେଳେ ତ୍ରୁଟି ସମ୍ପର୍କରେ ଅବଗତ ହେଲୁ ଆମେ ସେଠାରୁ ଚାଲିଆସିଥିଲୁ। ଆମକୁ କେହି ସେଠାରୁ ଚାଲିଯିବାକୁ ବାଧ କରି ନ ଥିଲେ’’ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନପ୍ରୀତ ପ୍ରକାଶ କରିଛନ୍ତି। ଏହା ଏକ ସାଧାରଣ ଘଟଣା। ଏହାକୁ ଏତେଟା ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ। ଗୁରୁବାର ଖେଳାଯିବାକୁ ଥିବା ନେଦରଲାଣ୍ଡ୍ସ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ଆମର ପ୍ରଦର୍ଶନ ଉପରେ ଏହା ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ସେ କହିଛନ୍ତି। ଏଭଳି କହିବା ପାଇଁ କେହି ଚାପ ପ୍ରୟୋଗ କରି ନାହାନ୍ତି କି ମୋତେ କେହି ବାଧ କରିନାହାନ୍ତି। କାହା ସହିତ ମୋର ବ୍ୟକ୍ତିଗତ ସମସ୍ୟା ନାହିଁ। ସମସ୍ତଙ୍କ ସହ ମୋର ଭଲ ସମ୍ପର୍କ ରହିଛି। ଏହି ଘଟଣାକୁ ଗୁରୁତ୍ୱ ଦେବା ଆବଶ୍ୟକ ନାହିଁ ବୋଲି ମନପ୍ରୀତ କହିଛନ୍ତି।

ଉଲ୍ଲେଖଥାଉ କି, ଟୁର୍ନାମେଣ୍ଟର ପ୍ରୋଟୋକଲ ଅନୁସାରେ ଭିଆଇପି ଲାଉଞ୍ଜ୍‌କୁ ଯିବାପାଇଁ ଖେଳାଳିମାନଙ୍କୁ ଅନୁମତି ନ ଥାଏ। ତେବେ କେତେଜଣ ପ୍ରଶଂସକଙ୍କ ଅନୁରୋଧକ୍ରମେ ମନପ୍ରୀତ୍‌ଙ୍କ ସମେତ ମନଦୀପ ସିଂ, ଗୁରଜନ୍ତ ସିଂ ଓ କ୍ରିଷନ ପାଠକ ସେଠାକୁ ଯାଇଥିଲେ ଓ ପ୍ରଶଂସକଙ୍କୁ ଅଟୋଗ୍ରାଫ୍ ଦେବା ସହ ଫଟୋ ଉଠାଇଥିଲେ। ଖେଳାଳିଙ୍କ ଏତାଦୃଶ ଆଚରଣକୁ ହକି ଇଣ୍ଡିଆ ଅଧିକାରୀ ସହଜରେ ଗ୍ରହଣ କରିପାରି ନ ଥିଲେ ଓ ଖେଳାଳିଙ୍କ ଉପରେ ବର୍ଷିଥିଲେ। ସେଠାରେ ଉପସ୍ଥିତ ଥିବା ଜଣେ ପୂର୍ବତନ ଆନ୍ତର୍ଜାତିକ ଖେଳାଳି ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଭିଆଇପି ଲାଉଞ୍ଜରେ ଖେଳାଳିଙ୍କୁ ଦେଖି ଅଧିକାରୀ ଜଣକ ଉତ୍‌କ୍ଷିପ୍ତ ହୋଇଯାଇଥିଲେ। ଅତିଥି ଏବଂ କିମ୍ବଦନ୍ତୀ ଖେଳାଳିମାନଙ୍କ ଉପସ୍ଥିତିରେ ସେମାନଙ୍କୁ ସେଠାରୁ ବାହାରି ଯିବାକୁ କହିଥିଲେ। ଆମ ଜାତୀୟ ଦଳର ଖେଳାଳିଙ୍କୁ ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହଁ ବୋଲି ସେ କହିଛନ୍ତି।




ଅନ୍ୟପକ୍ଷରେ ଖେଳାଳିମାନଙ୍କୁ ପ୍ରଶଂସକମାନେ ଭିଆଇପି ଲାଉଞ୍ଜକୁ ଡାକିନେଇଥିଲେ ଓ ଏଥିପାଇଁ ସେମାନଙ୍କୁ ବାରଣ କରାଯାଇଥିଲା ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ନିଷିଦ୍ଧାଞ୍ଚଳକୁ ଗଲେ ଖେଳାଳିମାନେ ବାସନ୍ଦର ସମ୍ମୁଖୀନ ହେବା ଯଥେଷ୍ଟ ସମ୍ଭାବନା ରହିଛି। ପୁଣି ସୁରକ୍ଷା ତଥା ନିରାପତ୍ତା ପାଇଁ ଖେଳାଳିମାନଙ୍କୁ ଆମେ ସେଠାରୁ ଚାଲିଯିବାକୁ କହିଥିଲୁ ବୋଲି ନିଜ ନାମ ଗୋପନ ରଖି ଜଣେ ହକି ଇଣ୍ଡିଆ ଅଧିକାରୀ ସଫେଇ ଦେଇଛନ୍ତି।

ଏହି ଘଟଣା ବେଳେ ରାଜ୍ୟସ୍ତରୀୟ ହକି କୋଚ୍ ଲିଓ ଡେଭାଡୋସ୍ ଭିଆଇପି ଲାଉଞ୍ଜ୍‌ରେ ଉପସ୍ଥିତ ଥିଲେ ଓ ଏ ଅଭାବନୀୟ ଘଟଣାରେ ଅସନ୍ତୋଷ ଜାହିର କରି ଫେସ୍‌ବୁକ୍‌ରେ ନିଜ ମତ ରଖିଛନ୍ତି। ଭାରତୀୟ ଦଳର ଦୁଇଜଣ ଅଷ୍ଟ୍ରେଲୀୟ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ ମଧ୍ୟ ସେମାନଙ୍କୁ କିଛି କୁହାଯାଇ ନ ଥିଲା। ଏ ନେଇ ଲିଓ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟର ଅନୁପମା ପୁଚିମାନ୍ଦ ଓ ପୂର୍ବତନ ଭାରତୀୟ ଗୋଲକିପର ଆଶିଷ୍ ବଲାଲ ମଧ୍ୟ ଘଟଣାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ଅଧିକାରୀଙ୍କ ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ଓ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଏମାନେ କହିଛନ୍ତି।

## କଳିଙ୍ଗ କର୍ଣ୍ଣର

### ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାହିଁ

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱରରେ ଚାଲିଥିବା ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ କ୍ରୀଡ଼ା ଜଗତକୁ ଚକିତ କରିଥିଲା। ଭାରତର ନାମୀ ଦାମୀ କଳାକାରଙ୍କୁ ଏହି ଉତ୍ସବରେ ଦେଖିବାକୁ ମିଳିଥିଲା। ନଭେମ୍ବର ୨୭ରେ ଭୁବନେଶ୍ୱର ଏବଂ ୨୮ରେ କଟକରେ ଏହି ସମାରୋହର ଆୟୋଜନ ହୋଇଥିଲା। ତେଣୁ ଉଦ୍‌ଯାପନୀ ଉତ୍ସବକୁ ନେଇ ମଧ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ନାହିଁ ବୋଲି ବୁଧବାର ସ୍ପଷ୍ଟ କରିଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରା। ଅନ୍ତିମ ଦିବସରେ କେବଳ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଏବଂ ଫାଇନାଲ ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବାତ୍ରା ପ୍ରକାଶ କରିଛନ୍ତି।

### ସ୍ୱଦେଶ ଫେରିଲା ଦକ୍ଷିଣ ଆଫ୍ରିକା

ଚଳିତ ହକି ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଖରାପ ପ୍ରଦର୍ଶନ କରି ବିଦା ହୋଇଥିବା ଦକ୍ଷିଣ ଆଫ୍ରିକା ବୁଧବାର ସ୍ୱଦେଶ ଫେରିଛି। ମଙ୍ଗଳବାର ସ୍ପେନ ଓ ଚାଇନା ପରେ ତୃତୀୟ ଦଳଭାବେ ଦକ୍ଷିଣ ଆଫ୍ରିକା ଭୁବନେଶ୍ୱର ଛାଡ଼ିଛି। ଲିଗ୍ ପର୍ଯ୍ୟାୟରେ ପୁଲ୍'ସି'ରେ ଦକ୍ଷିଣ ଆଫ୍ରିକା ୦-୫ରେ ଭାରତଠାରୁ ହାରି ଅଭିଯାନ ଆରମ୍ଭ କରିଥିବାବେଳେ କାନାଡ଼ା ସହିତ ୧-୧ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଶେଷ ଲିଗ୍‌ରେ ବେଲଜିୟମଠାରୁ ୧-୫ ଗୋଲରେ ହାରି ବିଦାୟ ନେଇଥିଲା।

### ଇଷ୍ଟ ଷ୍ଟାଣ୍ଡରେ ଅଷ୍ଟ୍ରେଲିଆ ସମର୍ଥକ

ଭୁବନେଶ୍ୱରରେ ଚାଲିଥିବା ହକି ବିଶ୍ୱକପର ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ଷ୍ଟାଡିୟମ ଦର୍ଶକରେ ଭରା ରହିଥିଲା। ସାଧାରଣତଃ ଏହା ପୂର୍ବରୁ ଭାରତ ସାମିଲଥିବା ମ୍ୟାଚ ଗୁଡ଼ିକରେ ଷ୍ଟାଡିୟମ ଭରପୂର ହେବା ଦେଖାଯାଉଥିଲା। ଅନ୍ୟ ମ୍ୟାଚଗୁଡ଼ିକରେ ସିଟ୍ କିଛି ପରିମାଣରେ ଫାଙ୍କା ରହୁଥିବା ପରିଲକ୍ଷିତ ହେଉଥିଲା। କ୍ରସ୍ ଓଭର ମ୍ୟାଚରେ ମଧ ତାହାର ପୁନରାବୃତ୍ତି ଘଟିଥିଲା। ମାତ୍ର ପ୍ରଥମ ଏବଂ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ତାହା ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ ଖେଳିଥିବାରୁ ଇଷ୍ଟ ଗ୍ୟାଲେରିରେ କିଛି ଅଷ୍ଟ୍ରେଲିଆ ଦର୍ଶକଙ୍କୁ ଦେଖିବାକୁ ମିଳିଥିଲା। ସେମାନେ ଜାତୀୟ ପତାକା ଷ୍ଟାଣ୍ଡ ଗ୍ୟାଲେରୀରେ ଲଗାଇବା ସହ ପ୍ରତିଟି ମୁଭ୍‌ରେ ଜାତୀୟ ଦଳକୁ ଉତ୍ସାହିତ କରୁଥିଲେ।

# ଭାରତ- ନେଦରଲାଣ୍ଡ୍ସ କ୍ୱାର୍ଟର ଫାଇନାଲ ଆଜି

ଭୁବନେଶ୍ୱର, ୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍ ଚତୁର୍ଦ୍ଦଶ ସଂସ୍କରଣର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଗୁରୁବାର ଆୟୋଜକ ଭାରତ ଓ ଆଧୁନିକ ହକିର ଅନ୍ୟତମ ଶକ୍ତିଶାଳୀ ଦଳ ନେଦରଲାଣ୍ଡ୍ସ ପରସ୍ପରକୁ ଭେଟିବେ। ବିଜୟୀ ଦଳ ସେମିଫାଇନାଲକୁ ଉଠିବ ଓ ପରାଜିତ ଦଳ ବିଦାୟ ନେବ। ସେମିକୁ ଉଠିଲେ ପଦକ ହାସଲ ପାଇଁ ଗୋଟିଏ ସୁଯୋଗ ରହିଛି। ତେଣୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଛଡ଼ା ଦୁଇ ଦଳ ପାଇଁ ଆଉ କୌଣସି ରାସ୍ତା ନାହିଁ। ୪୩ ବର୍ଷ ପରେ ଭାରତକୁ ପୁଣିଥରେ ବଶ୍ୱକପ୍ ଚାମ୍ପିୟନ ହେବାପାଇଁ ସୁଯୋଗ ମିଳିଛି। ପୁଣି ଘରୋଇ ପରିବେଶ ଅନୁକୂଳ ପରିବେଶ ମଧ ସୃଷ୍ଟି କରିଛି। ଫଳରେ ଭାରତ ଉପରେ ପ୍ରଶଂସକଙ୍କ ପ୍ରବଳ ଆଶା ରହିଛି। ତେଣୁ ଭାରତ ପାଇଁ ଏହି କାର୍ଯ୍ୟ ଆଦୌ ସହଜ ହେବ ନାହିଁ। ଭାରତ ଲାଗି ଏବେ ଅଗ୍ନିପରୀକ୍ଷାର ସମୟ ଆସିଛି କହିଲେ ଭୁଲ ହେବ ନାହିଁ।

ଭାରତର ହକି ପରମ୍ପରା ବେଶ୍ ଦୃଢ ରହିଆସିଛି। ୧୯୭୫ରେ ଭାରତ ଶେଷଥର ପାଇଁ ହକି ବିଶ୍ୱକପ୍‌ରେ ସେମିଫାଇନାଲ ଖେଳିଥିଲା ଓ ଏହି ସଂସ୍କରଣରେ ପ୍ରଥମ ଟାଇଟଲ ହାସଲ କରିଥିଲା। ଘରୋଇ ପରିବେଶରେ ଭାରତ ଉନ୍ନତ ପ୍ରଦର୍ଶନ କରି ବାଜି ମାରିବା ଅଶା କରାଯାଉଛି। ଭାରତ ମଧ ଗତ କିଛିବର୍ଷ ମଧ୍ୟରେ ଦମ୍‌ଦାର ପ୍ରଦର୍ଶନ କରୁଛି। କିନ୍ତୁ ଇତିହାସ ଭାରତ ସପକ୍ଷରେ ନାହିଁ। ବିଶ୍ୱକପ୍‌ରେ ଭାରତ ନେଦରଲାଣ୍ଡ୍ସକୁ କେବେ ବି ହରାଇ ନାହିଁ। ପ୍ରତି ୪ ବର୍ଷରେ ଖେଳାଯାଇଥିବା ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ ଓ ଭାରତ ପରସ୍ପରକୁ ୬ଥର ଭେଟିଛନ୍ତି। ଏଥିରେ ନେଦରଲାଣ୍ଡ୍ସ ୫ଥର ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି।

ଯଦି ମନପ୍ରୀତି ସିଂଙ୍କ ନେତୃତ୍ୱାଧୀନ ଭାରତ ନେଦରଲାଣ୍ଡ୍ସକୁ ହରାଇ ସେମିକୁ ଉଠେ, କେବଳ ଏହି ପରାଜୟ ଧାରାକୁ ଭଙ୍ଗ କରିବ ନାହିଁ ଏଥି ସହିତ ଭାରତୀୟ ହକିରେ ଏହି ବିଜୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଏବେକାର ଫର୍ମ ଓ ର୍‍ୟାଙ୍କିଙ୍ଗ୍ ଦୃଷ୍ଟିକୋଣରୁ ବିଚାର କଲେ ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ସେତେଟା ଫରକ ନାହିଁ। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ରେ ନେଦରଲାଣ୍ଡ୍ସ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଭାରତ ଗୋଟିଏ ସ୍ଥାନ ତଳକୁ ଅର୍ଥାତ୍ ପଞ୍ଚମ ସ୍ଥାନରେ ରହିଛି। ଶେଷଥର ପାଇଁ ଭାରତ ଓ ନେଦରଲାଣ୍ଡ୍ସ ଗତ ଚାମ୍ପିୟନ୍ସ ଟ୍ରଫିରେ ପରସ୍ପରକୁ ଭେଟିଥିଲେ ଓ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା।

ମୋଟ ଉପରେ ଦେଖିବାକୁ ଗଲେ ଭାରତ ଓ ନେଦରଲାଣ୍ଡ୍ସ ପରସ୍ପରକୁ ୧୦୫ଥର ଭେଟିଛନ୍ତି। ଏଥିରେ ମଧ ନେଦରଲାଣ୍ଡ୍ସ ଭାରତକୁ ପଛରେ ପକାଇଛି। ଭାରତ ୩୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୪୮ ମ୍ୟାଚ୍‌ରେ ପରାଜୟ ବରଣ କରିଛି। ବାକି ମ୍ୟାଚ୍‌ଗୁଡିକ ଅମୀମାଂସିତ ଭାବେ ଶେଷ ହୋଇଛି। ତେବେ ୨୦୧୩ ପରଠାରୁ ଉଭୟ ଦଳ ୯ଥର ପରସ୍ପରକୁ ଭେଟିଛନ୍ତି। ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ରେକର୍ଡ ନେଦରଲାଣ୍ଡ୍ସ ସପକ୍ଷରେ ଥିଲେ ମଧ ଗତ କିଛିବର୍ଷ ମଧ୍ୟରେ ଆମେ ଏହି ଦଳ ବିପକ୍ଷରେ ଭଲ ପ୍ରଦର୍ଶନ କରିଛୁ। ଆମେ ମଧ ନେଦରଲାଣ୍ଡ୍ସକୁ ପରାସ୍ତ କରିଛୁ ଓ ଚାମ୍ପିୟନ୍ସ ଟ୍ରଫିରେ ମ୍ୟାଚ୍ ଡ୍ର ରଖିଛୁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ୍ ସିଂ କହିଛନ୍ତି। ଭାରତୀୟ ହକି ଇତିମଧ୍ୟରେ ଯଥେଷ୍ଟ ପରିମାଣରେ ଉନ୍ନତି କରିଛି। ତେଣୁ କ୍ୱାର୍ଟର ଫାଇନାଲରେ ଯେଉଁ ଦଳ ଭଲ ଖେଳିବ ସେହି ଦଳ ବିଜୟ ହାସଲ କରିବ ବୋଲି ମନପ୍ରୀତ କହିଛନ୍ତି। ଭାରତ ଓ ନେଦରଲାଣ୍ଡ୍ସର ହକି ଖେଳିବାର ଶୈଳୀ ପ୍ରାୟ ଏକପ୍ରକାର। ଉଭୟ ଦଳ ଦ୍ରୁତି ଓ ଆକ୍ରମଣାତ୍ମକ ହକି ଖେଳିଥାନ୍ତି। ଉଭୟ ଦଳ ଗୋଲ ସ୍କୋରି ବିଜୟ ହାସଲ କରବାରେ ବିଶ୍ୱାସ ରଖିଥାନ୍ତି।

ପୁଲ୍ ପର୍ଯ୍ୟାୟରେ ଉଭୟ ଦଳ ବହୁତ ଗୋଲ ସ୍କୋର କରିଛନ୍ତି। ଭାରତ ୧୨ଟି ଗୋଲ ସ୍କୋର କରିଥିବା ବେଳେ ୩ଟି ଗୋଲ ବରଣ କରିଛି। ଅନ୍ୟପଟେ ଡଚ୍ ଦଳ ୧୮ଟି ଗୋଲ ସ୍କୋର କରିଥିବା ବେଳେ ୫ଟି ଗୋଲ ବରଣ କରିଛି। ନେଦରଲାଣ୍ଡ୍ସ ଦଳରେ ଅଧିନାୟକ ବିଲି ବେକ୍କେର, ସେଭେ ଭାନ ଆସ୍, ଜେରୋଏନ ହେର୍ଜବର୍ଜର, ମିରକୋ ପ୍ରୁଜସେର, ରୋବେର୍ଟ କେମ୍ପେରମ୍ୟାନ, ଥିଏରୀ ବ୍ରିଙ୍କମ୍ୟାନଙ୍କ ଭଳି ମ୍ୟାଚ୍ ଉଇନର ତଥା ଅଭିଜ୍ଞ ଖେଳାଳି ରହିଛନ୍ତି। ଏହି ଖେଳାଳିମାନଙ୍କୁ ନେଇ ନେଦରାଲଣ୍ଡ୍ସର ମିଡ୍‌ଫିଲ୍ଡ ଓ ଷ୍ଟ୍ରାଇକ୍ ଫୋର୍ସ ବେଶ୍ ବଳିଷ୍ଠ। ତେଣୁ ଭାରତୀୟ ଡିଫେନ୍ସ କ୍ୱାର୍ଟର ଫାଇନାଲରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବ।

ଅପରପକ୍ଷରେ ଭାରତ ଷ୍ଟ୍ରାଇକର ମନଦୀପ ସିଂ, ସିମରନଜିତ୍ ସିଂ, ଲଳିତ ଉପାଧ୍ୟାୟ ଓ ଆକାଶଦୀପ ସିଂଙ୍କ ପ୍ରଦର୍ଶନ ଉପରେ ଭରସା କରିବ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭରପୂର ଦର୍ଶକ ରହିବେ। ଫଳରେ ଭାରତୀୟ ଦଳ ଉପରେ ପ୍ରବଳ ଚାପ ରହିବ। ତେଣୁ ଘରୋଇ ଦଳର ତ୍ରୁଟିରୁ ଡଚ୍ ଦଳ ଫାଇଦା ଉଠାଇବାକୁ ପ୍ରୟାସ କରିବ।

ତେବେ ପ୍ରଥମଥର ପାଇଁ ଆମେ ଭରପୂର ଦର୍ଶକଙ୍କ ସମ୍ନାରେ ଖେଳୁନାହୁଁ। ପୂର୍ବରୁ ଆମେ ଖଚାଖଚ୍ ଭରା ଦର୍ଶକଙ୍କ ଉପସ୍ଥିତିରେ ଖେଳିଛୁ ଓ ବିଜୟୀ ମଧ ହୋଇଛୁ ବୋଲି ନେଦରଲାଣ୍ଡ୍ସ କୋଚ୍ ମ୍ୟାକ୍ସ କାଲଡାସ କହିଛନ୍ତି। ଆମେ ନିଜସ୍ୱ ଶୈଳୀରେ ଖେଳିବୁ। ନିଜ ଖେଳ ନେଇ ଆମେ ବ୍ୟସ୍ତ ରହିବୁ। ଭାରତ ନେଇ ଆମେ ଆଦୌ ବ୍ୟସ୍ତ ନାହୁଁ। କାରଣ ଭାରତ କିଭଳି ଖେଳିବ ସେ ନେଇ ଆମେ କିଛି ଜାଣିନାହୁଁ। ଭାରତ ଉପରେ ପ୍ରବଳ ଚାପ ରହିଛି ବୋଲି ନେଦରଲାଣ୍ଡ ଅଧିନାୟକ ବେକ୍କେର କହିଛନ୍ତି। ଘରୋଇ ଦର୍ଶକଙ୍କ ସାମ୍ନାରେ ଭାରତକୁ ଭଲ ଖେଳିବାକୁ ହେବ ଓ ଏହା ଘରୋଇ ଦଳ ଉପରେ ଚାପ ସୃଷ୍ଟି କରିବ।

ପୁଲ ସି'ରେ ଭାରତ ୩ଟି ମ୍ୟାଚ୍ ଖେଳି ଦୁଇଟି ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଶୀର୍ଷରେ ରହି କ୍ୱାର୍ଟର ଫାଇନାଲକୁ ଉଠିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ୫-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ସେହିପରି ବେଲଜିୟମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଭାରତ ୫-୧ ଗୋଲରେ କାନାଡ଼ାକୁ ହରାଇଥିଲା।

ଅନ୍ୟପଟେ ପୁଲ୍ ଡି'ରେ ନେଦରଲାଣ୍ଡ୍ସ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ନେଦରଲାଣ୍ଡ୍ସ ପ୍ରଥମ ମ୍ୟାଚ୍‌ରେ ୭-୦ ଗୋଲରେ ମାଲେସିଆକୁ ହରାଇଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଜର୍ମାନୀଠାରୁ ୪-୧ ଗୋଲରେ ହାରିଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ପାକିସ୍ତାନକୁ ୫-୧ ଗୋଲରେ ହରାଇଥିଲା। ଏହା ପରେ କ୍ରସ୍ ଓଭର ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୫-୦ ଗୋଲରେ କାନାଡ଼ାକୁ ହରାଇଥିଲା।



ବୁଧବାର ଖବରଦାତା ସମ୍ମିଳନୀରେ ବାମରୁ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ, କୋଚ୍ ହରେନ୍ଦ୍ର ସିଂ ଓ ଗୋଲକିପର ପି.ଆର.ଶ୍ରୀଜେଶ।

## ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ: ହରେନ୍ଦ୍ର

ଭୁବନେଶ୍ୱର,୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ୍। ଯେକୌଣସି ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହେବାକୁ ଭାରତୀୟ ଦଳ ପୂରା ପ୍ରସ୍ତୁତ୍ ରହିଛି ବୋଲି କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ଗୁରୁବାର ଖେଳାଯିବାକୁ ଥିବା ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଭାରତ ଓ ଶକ୍ତିଶାଳୀ ନେଦରଲାଣ୍ଡ୍ସ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହି ମ୍ୟାଚ୍ ଉପରେ ସାରା ବିଶ୍ୱର ନଜର ରହିଛି। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ନେଦରଲାଣ୍ଡ ତରଫରୁ ଆସିବାକୁ ଥିବା ସବୁ ଚ୍ୟାଲେଞ୍ଜ୍‌କୁ ପ୍ରତିହତ କରିବାକୁ ଓ ୧୩୦ କୋଟି ଭାରତୀୟଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଆମେ ତୟାର ରହିଛୁ ବୋଲି ହରେନ୍ଦ୍ର କହିଛନ୍ତି। ବିଶ୍ୱର ୪ ନମ୍ବର ଦଳ ନେଦରଲାଣ୍ଡ ଓ ୫ ନମ୍ବର ଦଳ ଘରୋଇ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ। ଏହି ମୁକାବିଲା ପାଇଁ ଆମେ ପ୍ରସ୍ତୁତିରେ କୌଣସି ହେଳା କରିନାହୁଁ।

ଯାହା ଆମେ ଚାହିଁବୁ ତାହା ହେବ ବୋଲି ଏହି ମ୍ୟାଚ୍ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ହରେନ୍ଦ୍ର କହିଛନ୍ତି। ୧୩୦ କୋଟି ଦେଶବାସୀ ଯାହା ଚାହୁଁଛନ୍ତି ଆମେ ଠିକ୍ ତାହା ଚାହୁଁଛୁ। ଭାରତୀୟ ଦଳ ମାନସିକ ଓ ଶାରୀରିକ ଦୃଷ୍ଟିକୋଣୁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଡଚ୍ ଦଳର ଆକ୍ରମଣାତ୍ମକ ଆଭିମୁଖ୍ୟ ନେଇ ଆମେ ହୋମ୍ ୱାର୍କ କରିଛୁ। ନେଦରଲାଣ୍ଡ ଯେଉଁ ଭଳି ଚ୍ୟାଲେଞ୍ଜ୍ ଦେବା ତାହାକୁ ଆମେ ସମାଧାନ କରିବାକୁ ପ୍ରସ୍ତୁତ ରହିଛୁ।

ବିଶ୍ୱକପ୍ ଇତିହାସରେ ଭାରତ କେବେବି ନେଦରଲାଣ୍ଡକୁ ପରାସ୍ତ କରିନାହିଁ। କିନ୍ତୁ ଏହା ପ୍ରସଙ୍ଗକୁ ନେଇ ହରେନ୍ଦ୍ର ଆଦୌ ଚିନ୍ତିତ ନୁହଁନ୍ତି। ଇତିହାସ କେବଳ ପଢିବା ପାଇଁ କିନ୍ତୁ ବୁଝିବା ପାଇଁ ନୁହଁ ବୋଲି ସେ କହିଛନ୍ତି। ନେଦରଲାଣ୍ଡ୍ସ ମଧ ପ୍ରସ୍ତୁତି ଜୋରଦାର କରିଥିବ। ସବୁ ଦଳ ଜିତିବା ପାଇଁ ହିଁ ଏଠାକୁ ଆସିଛନ୍ତି। ଏହା ବିଶ୍ୱକପ୍ ହୋଇଥିବାରୁ ଆମକୁ ସବୁ ଦଳର ସମ୍ମୁଖୀନ ହେବାକୁ ହେବ। ତେଣୁ ଶ୍ରେଷ୍ଠ ଦଳଗୁଡିକ ବିପକ୍ଷରେ ଆମକୁ ଖେଳିବାକୁ ହେବ।

ନେଦରଲାଣ୍ଡ୍ସ ଓ ଭାରତ ସବୁ ଦୃଷ୍ଟିକୋଣରୁ ପାଖାପାଖି ସମାନ ମନେହୁଅନ୍ତି। ଯେଉଁଦଳ ସୁଯୋଗର ଯେତେ ସଦ୍‌ବ୍ୟବହାର କରିବ ସେହି ଦଳ ବିଜୟୀ ହେବ ବୋଲି ହରେନ୍ଦ୍ର କହିଛନ୍ତି। ଆମେ ଅଧିକ କିଛି ପରିବର୍ତ୍ତନ କରିବା ଉପରେ ଧ୍ୟାନ ଦେବୁନାହିଁ। ତେବେ ସାମାନ୍ୟ କେତୋଟି ଆଡଜଷ୍ଟମେଣ୍ଟ କରିବୁ। ନେଦରଲାଣ୍ଡ ଆକ୍ରମଣାତ୍ମ ହକି ଖେଳିବାକୁ ଭଲ ପାଏ। ଆମେ ମଧ ଆଟାକିଂ ହକିକୁ ଭଲ ପାଉ। ତେଣୁ ଦୁଇ ଦଳର ଆଭିମୁଖ୍ୟ ପ୍ରାୟ ସମାନ ରହିଛି। ସୁଯୋଗର ୨୫ ପ୍ରତିଶତ ସଦ୍‌ବ୍ୟବହାର ନ କରିପାରିଲେ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି। ପେନାଲ୍ଟି କର୍ଣ୍ଣର କନଭର୍ସନରେ ନେଦରଲାଣ୍ଡ୍ସର ମଧ ସମସ୍ୟା ରହିଛି।

ମ୍ୟାଚ୍ ବିଶ୍ଳେଷଣ କରିବା ବେଳେ ପ୍ରତିପକ୍ଷ ଦଳର ସବଳତା ଓ ଦୁର୍ବଳତା ଉପରେ ଆମେ ଆଲୋଚନା କରିଥାଉ। ୧୯୭୧ରୁ ୨୦୧୮ ମଧ୍ୟରେ ନେଦରଲାଣ୍ଡ୍ସ ପେନାଲ୍ଟି କର୍ଣ୍ଣର ଉପରେ ଅଧିକ ନିର୍ଭର କରିଥାଏ। ଭାରତ ଏହି ଚ୍ୟାଲେଞ୍ଜ୍‌କୁ ପ୍ରତିହତ କରିବାକୁ ସମର୍ଥ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ହରେନ୍ଦ୍ର କହିଛନ୍ତି। ଅନ୍ୟ ଭାରତୀୟ ମ୍ୟାଚ୍ ଭଳି ଏହି ମୁକାବିଲରେ କଳିଙ୍ଗ ଷ୍ଟାଡିୟମ ଖଚାଖଚ୍ ଭରା ରହିବ। ଦର୍ଶକଙ୍କ ସମର୍ଥନ ଆମକୁ ଉତ୍ସାହିତ କରିବ। ଦର୍ଶକ ଦଳ ପାଇଁ ଦ୍ୱାଦଶ ଖେଳାଳିର ଭୂମିକା ନିର୍ବାହ କରିବ। କୋଚ୍ ହିସାବରେ ଦର୍ଶକଙ୍କ ସମର୍ଥନକୁ ବେଶ୍ ପସନ୍ଦ କରେ। ଦର୍ଶକଙ୍କ ଉପସ୍ଥିତି ଆମ ପାଇଁ ଆଦୌ ଚାପ ସୃଷ୍ଟି କରିବ ନାହିଁ। ଦର୍ଶକଙ୍କ ସମର୍ଥନରେ କିଭଳି ଖେଳିବାକୁ ହୁଏ ଆମେ ପୂର୍ବରୁ ଜାଣିଛୁ ଓ ଏହାକୁ ଆମେ ଉପଭୋଗ କରୁ। ମ୍ୟାଚ୍ ଅବସରରେ ଯେ,କୌଣସି ସମୟରେ ଆମେ ଆମର ତୀବ୍ରତାରେ ଅବନତି ହେବାକୁ ଦେବୁନାହିଁ। ନେଦରଲାଣ୍ଡ ଭଳି ଦଳ ବିପକ୍ଷରେ ଏପରି ହେବାର ନାହିଁ। କେବଳ ୬୦ ମିନିଟ ନୁହଁ ୭୪ ମିନିଟ ଖେଳର ତୀବ୍ରତା ବଜାୟ ରଖିବା ପାଇଁ ଖେଳାଳିମାନଙ୍କୁ ମୁଁ ନିର୍ଦ୍ଦେଶ ଦେଇଛି। ଏଥିରେ ହାଫ୍ ଟାଇମ ଓ କ୍ୱାର୍ଟର ବ୍ରେକ ରହିଛି। ଖେଳାଳିମାନେ ମଧ ଏଥିରେ ରାଜି ବୋଲି ହରେନ୍ଦ୍ର କହିଛନ୍ତି।

ଆମେ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ରହିଛୁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ୍ ସିଂ କହିଛନ୍ତି। ଦୁଇ ବର୍ଷ ତଳେ ଖେଳାଯାଇଥିବା ଅଲିମ୍ପିକ୍ସ ପରଠାରୁ ଆମର ପ୍ରଦର୍ଶନରେ ଉନ୍ନତି ଆସିଛି। ଖାସ୍ କରି ଯେବେଠାରୁ ହରେନ୍ଦ୍ର ସାର୍ ଦାୟିତ୍ୱ ନେଲେଣି ଦଳର ପ୍ରଦର୍ଶନରେ ବେଶ୍ ସୁଧାର ଆସିଛି। ଆମେ ଏବେ ଆକ୍ରମଣାତ୍ମ ହକି ଖେଳୁଛୁ। ଇତିହାସ ବଦଳାଇବାକୁ ଆମେ ଚାହୁଁଛୁ। ନେଦରଲାଣ୍ଡ୍ସ ବିପକ୍ଷରେ ଆମେ ପ୍ରଭାବବିସ୍ତାର କରି ଖେଳିବାକୁ ଚାହୁଁଛୁ ବୋଲି ମନପ୍ରୀତ କହିଛନ୍ତି।

## 'ଖାଲି ହାତରେ ଫେରିବୁ ନାହିଁ'

ଭୁବନେଶ୍ୱର,୧୨।୧୨



ମନଦୀପ ସିଂ

ହମ୍ ଖାଲି ହାତ୍ ନହିଁ ଜାୟେଙ୍ଗେ। ଅର୍ଥାଥ ଆମେ ଖାଲି ହାତରେ ଫେରିବୁ ନାହିଁ। ଏଭଳି ମନ୍ତବ୍ୟ ଦେଇଛନ୍ତି ଭାରତୀୟ ହକି ଦଳର ଷ୍ଟ୍ରାଇକର ମନଦୀପ ସିଂ। ଯୁବ ଭାରତୀୟ ଦଳ ପାଇଁ ନେଦରଲାଣ୍ଡ୍ସ ବିପକ୍ଷ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଚଳିତ ବର୍ଷର ସବୁଠୁ ବଡ଼ ମୁକାବିଲା। ଏହି ମୁକାବିଲାକୁ ଜିତି ଭାରତୀୟ ଦଳ ପଦକ ନିକଟତର ହେବାକୁ ଲକ୍ଷ୍ୟ ରଖିଛି। ମାତ୍ର ଇତିହାସ ଦର୍ଶାଉଛି, ନେଦରଲାଣ୍ଡକୁ କଦାପି ଭାରତ ବିଶ୍ୱକପ୍‌ରେ ହରାଇ ପାରିନାହିଁ। ମଙ୍ଗଳବାର ଦଳର ଅଭ୍ୟାସ ସେସନ ପରେ ମନପ୍ରୀତ କହିଛନ୍ତି, ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ ନକ୍‌ଆଉଟ୍ ପର୍ଯ୍ୟାୟରେ ଆମେ କୌଣସି ତ୍ରୁଟିକୁ ଗ୍ରହଣ କରିପାରିବୁ ନାହିଁ। ଆମେ ପ୍ରତିପକ୍ଷ ଦଳକୁ ସହଜରେ ଗୋଲ ସୁଯୋଗ କିମ୍ବା ପେନାଲ୍ଟି କର୍ଣ୍ଣର ଦେବୁ ନାହିଁ। ଆକ୍ରମଣ କ୍ଷେତ୍ରରେ ଆମେ ଭଲ କରୁଛୁ। ମାତ୍ର ଡିଫେନ୍ସିଭ୍ ରଣନୀତିରେ ଆମେ ଅତ୍ୟଧିକ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରୁଛି। ଏହା ପ୍ରତିପକ୍ଷ ଦଳକୁ ସ୍କୋର କରିବା ପାଇଁ ସୁଯୋଗ ଦେଉଛି। ଆମେ ଅଧିକରୁ ଅଧିକ ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଛୁ। ଫଳରେ ପ୍ରତିପକ୍ଷ ଦଳ ଉପରେ ଆମେ ଅଧିକ ଚାପ ପକାଇ ପାରିବୁ। ନେଦରଲାଣ୍ଡ୍ସ ଦଳର ମିଡ୍‌ଫିଲ୍ଡ ଶକ୍ତିଶାଳୀ ଥିବାରୁ ଆମକୁ ଏହାକୁ ଭଙ୍ଗ କରିବାକୁ ପଡ଼ିବ।



ବୁଧବାର ଧଉଳି ଭ୍ରମଣ ଅବସରରେ ମାଲେସିଆ ହକି ଦଳର ଖେଳାଳିମାନେ।

## ଜର୍ମାନୀ- ବେଲ୍‌ଜିୟମ ଲଢ଼େଇ

ଭୁବନେଶ୍ୱର, ୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଗୁରୁବାର ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଜର୍ମାନୀ ଓ ବେଲଜିୟମ ପରସ୍ପରକୁ ଭେଟିବେ। ସବୁଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଉଭୟ ଦଳ ସମାନ ମନେ ହୁଅନ୍ତି। ତେବେ ପୁଲ ପର୍ଯ୍ୟାୟରେ ଜର୍ମାନୀର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଛି। ପୁଲ ଡି'ର ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ, ୪-୧ ଗୋଲରେ ନେଦରଲାଣ୍ଡ୍ସକୁ ଓ ତୃତୀୟ ମ୍ୟାଚ୍‌ରେ ୫-୩ ଗୋଲରେ ମାଲେସିଆକୁ ହରାଇ ୯ ପଏଣ୍ଟ ହାସଲ କରିବା ସହ ଶୀର୍ଷରେ ରହି କ୍ୱାର୍ଟରକୁ ଉଠିଛି। ଅନ୍ୟପଟେ ପୁଲ୍ ସି'ରେ ବେଲଜିୟମ ୨ଟି ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିଥିଲା। କ୍ରସ୍ ଓଭରରେ ବେଲଜିୟମ ୫-୦ ଗୋଲରେ ପାକିସ୍ତାନକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଜର୍ମାନୀ ଷଷ୍ଠ ସ୍ଥାନରେ ରହିଥିବା ବେଳେ ବେଲଜିୟମ ତୃତୀୟ ସ୍ଥାନରେ ରହିଛି। ଏହି କ୍ୱାର୍ଟର ଫାଇନାଲ ମୁକାବିଲାରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ। ଉଭୟ ଦଳ ଯୁବ ଓ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ବେଶ୍ ସନ୍ତୁଳିତ ମନେ ହେଉଛି। ଆଧୁନିକ ହକିରେ ଉଭୟ ଦଳ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତେଣୁ ଉଭୟ ଦଳ ପୂର୍ଣ୍ଣ ସାମର୍ଥ୍ୟ ଓ ଦକ୍ଷତା ସହ ପଡିଆକୁ ଓହ୍ଲାଇବେ। ଉଭୟ ଦଳର କୋଚ୍ ଓ ଅଧିନାୟକ ବିଜୟ ନେଇ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି।

ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ବେଲଜିୟମ ରୌପ୍ୟ ପଦକ ହାସଲ କରିଥିଲା। ୧୯୨୦ ଅଲିମ୍ପିକ୍ସରେ ମଧ ଏହି ଦଳ ବ୍ରୋଞ୍ଜ ପଦକ ମଧ ଜିତିଥିଲା। ବେଲଜିୟମର ହକି ପରମ୍ପରା ବେଶ୍ ବଳିଷ୍ଠ। ଅନ୍ୟପଟେ ଜର୍ମାନୀ ମଧ ୪ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ଦୁଇଥର ହକି ବିଶ୍ୱକପ୍ ଟାଇଟଲ ହାସଲ କରିଛି। ତେଣୁ ରେକର୍ଡ ଦୃଷ୍ଟିକୋରୁ ଜର୍ମାନୀ ଆଗରେ ରହିଛି।

### ଆଜିର ମ୍ୟାଚ୍

**କ୍ୱାର୍ଟର ଫାଇନାଲ**

ଜର୍ମାନୀ ବନାମ ବେଲଜିୟମ
ସମୟ: ଅପରାହ୍ନ-୪ଟା ୪୫

ଭାରତ ବନାମ ନେଦରଲାଣ୍ଡ୍ସ
ସମୟ- ରାତି ୭ଟା

ସ୍ଥାନ-କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ




ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୩/୨୦୧୮ Bhubaneswar, Thursday, December 13 / 2018

# ସିନ୍ଧୁଙ୍କ ବିଜୟ ଅଭିଯାନ

ଗୁଆଙ୍ଗ୍‌ଝୋ,୧୨।୧୨

ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁ ସିଜନର ଅନ୍ତିମ ଟୁର୍ନାମେଣ୍ଟ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଗ୍ରୁପ୍ ଏ'ର ପ୍ରଥମ ମ୍ୟାଚ୍‌ରେ ସିନ୍ଧୁ ବିଶ୍ୱର ୨ୟ ର୍‍ୟାଙ୍କ୍ ତଥା ଡିଫେଣ୍ଡିଂ ଚାମ୍ପିୟନ ଆକାନେ ୟାମାଗୁଚିଙ୍କୁ ହରାଇ ଦେଇଛନ୍ତି। ବୁଧବାର

**ୱାର୍ଲ୍ଡ ଟୁର୍ ଫାଇନାଲ୍ସ**

ଖେଳାଯାଇଥିବା ମ୍ୟାଚ୍‌କୁ ପୂର୍ବତନ ଶୀର୍ଷ ର୍‍ୟାଙ୍କ୍‌ଧାରୀ ଭାରତୀୟ ଖେଳାଳି ୨୪-୨୨, ୨୧-୧୫ ଗେମ୍‌ରେ ଜିତି ନେଇଛନ୍ତି। ଏହି ବିଜୟ ସହ ଗତ ସଂସ୍କରଣର ରନର୍ସଅପ୍ ସିନ୍ଧୁ ୨୦୧୭ ଫାଇନାଲରେ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ୭ମ ସିଡ୍ ଭାରତୀୟ ଖେଳାଳି ସମୀର ବର୍ମାଙ୍କୁ ଗ୍ରୁପ୍ ବି'ର ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିବାକୁ ପଡ଼ିଛି। ସମୀର ୧୮-୨୧, ୬-୨୧ ଗେମ୍‌ରେ ବିଶ୍ୱର ଶୀର୍ଷ ର୍‍ୟାଙ୍କ୍‌ଧାରୀ କେଣ୍ଟୋ ମୋମୋଟାଙ୍କଠାରୁ ହାରିଯାଇଛନ୍ତି। ଉଲ୍ଲେଖଥାଉ କି, ଉଭୟ ବିଭାଗ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ୮ ସ୍ଥାନରେ ଥିବା ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଖେଳାଯାଏ।



ବିଜୟ ହାସଲ ପରେ ପି.ଭି. ସିନ୍ଧୁ।

## କୋଚ୍ ପଦ ଲାଗି ପାୱାରଙ୍କ ଆବେଦନ

ମୁମ୍ବାଇ,୧୨।୧୨

ଭାରତୀୟ ମହିଳା ଦଳର ମୁଖ୍ୟ କୋଚ୍ ପଦ ନେଇ ଦୁଇ ସପ୍ତାହ ଧରି ଅନିଶ୍ଚିତତା ଲାଗି ରହିବା ପରେ ରମେଶ ପାୱାର ପୁନଃ ଆବେଦନ କରିଛନ୍ତି। କୋଚ୍ ପଦ ଲାଗି ବିସିସିଆଇ ପକ୍ଷରୁ ୧୪ ତାରିଖ ସୁଦ୍ଧା ଆବେଦନ କରିବାକୁ ବିଜ୍ଞାପନ ଦିଆଯାଇଥିଲା। ''ଦଳୀୟ ଅଧିନାୟିକା ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କ ସମର୍ଥନ ଯୋଗୁ ମୁଁ ପୁଣିଥରେ ଆବେଦନ କରିବାକୁ ନିଷ୍ପତ୍ତି ନେଇଛି। ସେମାନେ ଚାହୁଁଛନ୍ତି ମୁଁ କୋଚ୍ ହେଲେ ଦଳୀୟ ପ୍ରଦର୍ଶନରେ ସୁଧାର ଆସିବ। ଏଣୁ ପଦ ପାଇଁ ଆବେଦନ କରିବା ମୋ ଦାୟିତ୍ୱ। ବାକି ସବୁକିଛି ବିସିସିଆଇ ହାତରେ ରହିଛି'' ବୋଲି ପାୱାର କହିଛନ୍ତି। ଉଲ୍ଲେଖଥାଉ କି, ନିକଟରେ ଶେଷ ହୋଇଥିବା ମହିଳା ଟି୨୦ ବିଶ୍ୱକପ୍ ପରେ ଭାରତୀୟ ଦଳର ବରିଷ୍ଠ ଖେଳାଳି ମିଥାଲି ରାଜ ବିସିସିଆଇକୁ ଏକ ଇମେଲ କରିଥିଲେ। ଏହି ଇମେଲ ଲିକ୍ ହେବାରୁ ମିଥାଲି ଓ ପାୱାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦ ଯୋଗୁ ପାୱାରଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା।

# ଓଡ଼ିଶାର ଇନିଂସ ବିଜୟ

ବଲାଙ୍ଗୀର ଅଫିସ, ୧୨।୧୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୧୯ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ତୃତୀୟ ଦିବସରେ ଓଡିଶା ଏକ ଇନିଂସ ଓ ୬୭ ରନର ବୃହତ ବ୍ୟବଧାନରେ ପ୍ରତିପକ୍ଷ ତ୍ରିପୁରା ଦଳକୁ ପରାସ୍ତ କରିଛି। ତ୍ରିପୁରା ଦଳ ମଙ୍ଗଳବାରର ଅସମାପ୍ତ ୨ୟ ଇଂନିସ୍ ସ୍କୋର ୨ ଉଇକେଟରେ ୫୧ ରନ୍‌ରୁ ଖେଳ ଆରମ୍ଭ କରି ବୁଧବାର

**କୁଚ୍ ବିହାର ଟ୍ରଫି**

ମାତ୍ର ୧୩୨ ରନ୍‌ରେ ଅଲ୍‌ଆଉଟ ହୋଇ ପରାଜୟ ବରଣ କରିଥିଲା । ଓଡ଼ିଶା ଦଳ ତରଫରୁ ସଫଳ ବୋଲର ଭାବରେ ବିଶ୍ୱଜିତ ମଲ୍ଲିକ ସର୍ବାଧିକ ୫, ଅଙ୍କିତ କର ଜୟଶ୍ୱାଲ ୪ ଓ ରଘୁନାଥ ମଲ୍ଲ ଗୋଟିଏ ଉଇକେଟ୍ ଅକ୍ତିଆର କରିଥିଲେ । ରଘୁନାଥ ମଲ୍ଲଙ୍କ ଚିତାକର୍ଷକ ୧୦୧ ରନ୍ ଇନିଂସ ପାଇଁ ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସନ୍ଥ ଭୀମଭୋଇ ଭେଷଜ ମହାବିଦ୍ୟାଳୟ ଡିନ ପ୍ରଫେସର ଡା. ଲଳିତ କୁମାର ମେହେର ଯୋଗଦେଇ ବିଜୟୀ ଓଡିଶା ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କ୍ରୀଡାବିତ୍ ରମେଶ ଚନ୍ଦ୍ର ପୁରୋହିତ, ସୁଧୀର ଚନ୍ଦ୍ର ପଣ୍ଡା, ରମାକାନ୍ତ ସେଠ୍, ଅରୁଣ କୁମାର ନାଏକ, ଡା. ସିଦ୍ଧେଶ୍ୱର ମିଶ୍ର, ଶତ୍ରୁଘ୍ନ ସିଂ, ହେମନ୍ତ ବେହେରା ଓ ମନୋରଞ୍ଜନ ଯୋଷୀ ଯୋଗ ଦେଇଥିଲେ। ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ଓ କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ରଘୁନାଥ ମଲ୍ଲଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି ।

## ଟେଷ୍ଟକୁ ଗୁରୁତ୍ୱ ଦେଲେ ମ୍ୟାକ୍ସୱେଲ

ମେଲବୋର୍ନ,୧୨।୧୨

ଅଲ୍‌ରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ବିତ୍ତଶାଳୀ କ୍ରିକେଟ ଟୁର୍ନାମେଣ୍ଟ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ଖେଳିବେ ନାହିଁ। ଏହା ବଦଳରେ ସେ ଆଗାମୀ ଇଂଲିଶ କାଉଣ୍ଟି କ୍ରିକେଟର ସମ୍ପୂର୍ଣ୍ଣ ସିଜନ ଖେଳିବେ। ଭଲ ପ୍ରଦର୍ଶନ ବଳରେ ସେ ଅଷ୍ଟ୍ରେଲିଆ ଟେଷ୍ଟ ଦଳକୁ ଫେରିବାକୁ ଲକ୍ଷ୍ୟ ରଖିଥିବା ମ୍ୟାକ୍ସୱେଲ କହିଛନ୍ତି। ସେ ଅନ୍ତିମ ଥର ୨୦୧୭ ସେପ୍ଟେମ୍ବରରେ ଟେଷ୍ଟ ଖେଳିଥିଲେ। ୩୦ ବର୍ଷୀୟ ମ୍ୟାକ୍ସୱେଲ ପୂର୍ବତନ ଅଷ୍ଟ୍ରେଲିଆ ଓପ୍‌ନର ଜୋ ବର୍ନସ ଓ ଜେମ୍ସ ଫକ୍‌ନରଙ୍କ ସହ ଲଙ୍କାଶାୟର ପକ୍ଷରୁ ପ୍ରତ୍ୟେକ ଫର୍ମାଟରେ ଖେଳିବେ।

# ୩୭ ବର୍ଷରେ ଯୁବରାଜ

ନୂଆଦିଲ୍ଲୀ, ୧୨।୧୨

ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଷ୍ଟାର ଖେଳାଳି ଯୁବରାଜ ସିଂ ବୁଧବାର ୩୭ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ପାର୍ଟିରେ ପତ୍ନୀ ହାଜେଲ କିଚ୍‌ଙ୍କ ଉପସ୍ଥିତିରେ ଯୁବରାଜ କେକ୍ କାଟି ଜନ୍ମଦିନ ପାଳନ କରିଛନ୍ତି। ଭାରତୀୟ ଦଳର ପ୍ରାକ୍ତନ ଦ୍ରୁତ ବୋଲର ଜାହିର ଖାଁ ଓ ତାଙ୍କ ପତ୍ନୀ ସାଗରିକା ଘାଟ୍‌ଗେ, ଅଜିତ ଅଗରକରଙ୍କ ପତ୍ନୀ ଫତିମା ଅଗରକରଙ୍କ ସମେତ ଯୁବରାଜଙ୍କ କିଛି ବନ୍ଧୁ ଏବଂ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ଭାରତୀୟ କ୍ରିକେଟ ଦଳର ବହୁ ପୂର୍ବତନ ଓ ବର୍ତ୍ତମାନର ଖେଳାଳି ଏହି ଅବସରରେ ଯୁବରାଜଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ଏମାନଙ୍କ ମଧ୍ୟରେ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ସୁରେଶ ରାଇନା, ମହମ୍ମଦ କୈଫ୍, ରୋହିତ୍ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡେଜା ପ୍ରମୁଖ ରହିଛନ୍ତି। ଯୁବି ୨୦୦୦ ମସିହାରେ କେନିଆ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥଲେ। ୧୮ ବର୍ଷର କ୍ୟାରିୟର ମଧ୍ୟରେ ଏହି ବାମହାତୀ ବିସ୍ଫୋରକ ବ୍ୟାଟ୍ସମ୍ୟାନ ୩୦୪ ଦିନିକିଆ, ୪୦ ଟେଷ୍ଟ ଓ ୫୮ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ସେ ପ୍ରମୁଖ ଖେଳାଳି ରହିବା ସହ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ଜିତିଥିଲେ। ଯୁବି ଶେଷଥର ପାଇଁ ୨୦୧୭ରେ ଇଂଲଣ୍ଡ ବିପକ୍ଷରେ ନିଜର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏକମାତ୍ର କ୍ରିକେଟର ଭାବେ ସେ ୭ଟି (୨୦୦୦, ୨୦୦୨ ଓ ୨୦୧୭ ଚାମ୍ପିୟନ୍ସ ଟ୍ରଫି, ୨୦୦୩ ଓ ୨୦୧୧ ବିଶ୍ୱକପ୍ ଏବଂ ୨୦୦୭ ଓ ୨୦୧୪ ଟି୨୦ ବିଶ୍ୱକପ୍)ଆଇସିସି ଇଭେଣ୍ଟର ଫାଇନାଲରେ ଖେଳିବାର କୃତିତ୍ୱ ଅର୍ଜନ କରିଛନ୍ତି।



ଜନ୍ମଦିନ ଅବସରରେ କେକ୍ କାଟୁଛନ୍ତି ଯୁବରାଜ ସିଂ।

■ ଏଏଫ୍‌ସି ଏସିଆନ୍ କପ୍

## ୩୪ ଜଣିଆ ସମ୍ଭାବ୍ୟ ଦଳ ଘୋଷିତ

ନୂଆଦିଲ୍ଲୀ,୧୨।୧୨(ପି.ଟି.)

ଆସନ୍ତା ବର୍ଷ ଜାନୁୟାରୀ ୫ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ୟୁଏଇଠାରେ ହେବାକୁ ଥିବା ଏଏଫ୍‌ସି ଏସିଆନ କପ୍ ଟୁର୍ନାମେଣ୍ଟ ଲାଗି ବୁଧିବାର ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟକୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନେ ୩୪ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ଦଳରେ ୨୩ ବର୍ଷରୁ କମ୍ ୧୮ ଜଣ ଖେଳାଳି ରହିଛନ୍ତି। ସମସ୍ତ ଖେଳାଳି ଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଶିବିରରେ ଯୋଗଦେବେ। ଚଳିତ ମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ପରେ ୨୮ ଜଣିଆ ଦଳ ଆବୁଧାବି ଯାତ୍ରା କରିବ। ସେଠାରେ ଟିମ୍ ଇଣ୍ଡିଆ ୨୭ ତାରିଖରେ ଓମାନ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହାପରେ ଜାନୁୟାରୀ ୬ ତାରିଖରେ ଭାରତୀୟ ଦଳ ଏସିଆନ୍ କପ୍ ଗ୍ରୁପ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ଭେଟିବ। ଏହାପରେ ୟୁଏଇ (୧୦) ଓ ବାହାରିନ (୧୪) ସହ ଭାରତୀୟ ଦଳ ମୁକାବିଲା କରିବ।

## ଅଷ୍ଟ୍ରେଲିଆ ଟ୍ରେନିଂ ସେସନରେ ବ୍ୟାନ୍‌କ୍ରଫ୍ଟ

ପର୍ଥ, ୧୨।୧୨

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୨ୟ ଟେଷ୍ଟ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଆଡିଲେଡରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ୩୧ ରନରେ ହାରି ଅଷ୍ଟ୍ରେଲିଆ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୦-୧ରେ ପଛୁଆ ରହିଛି। ତେଣୁ ଘରୋଇ ଦଳ ପର୍ଥ ଟେଷ୍ଟରେ ବିଜୟ ହାସଲ କରି ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ଏଥିଲାଗି ଅଷ୍ଟ୍ରେଲିଆ ଦଳ ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଜୋର୍‌ଦାର ଅଭ୍ୟାସ ଚଳାଇଛି। ଏହି ଅବସର ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ କ୍ରିକେଟରୁ ବାସନ୍ଦ ହୋଇଥିବା କାମେରୁନ ବ୍ୟାନକ୍ରଫ୍ଟଙ୍କୁ ବୁଧବାର ଅଷ୍ଟ୍ରେଲିଆ ଟ୍ରେନିଂ ସେସନ ନିକଟରେ ଦେଖିବାକୁ ମିଳିଥିଲା। ବ୍ୟାନକ୍ରଫ୍ଟ ଅଧିନାୟକ ଟିମ୍ ପେନ୍ ଓ ମାର୍କସ ହାରିସଙ୍କ ସହ କିଛି ସମୟ କଥାବର୍ତ୍ତା କରୁଥିବାର ନଜରକୁ ଆସିଥିଲେ। ଉଭୟ ପେନ୍ ଓ ହାରିସ ପୂର୍ବରୁ ବ୍ୟାନକ୍ରଫ୍ଟଙ୍କ ସହ ଏକାଠି ଗୋଟିଏ ଦଳରେ ଖେଳୁଥିବାବେଳେ ଏବେ ସେମାନେ ଭିକ୍ଟୋରିଆ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ୨୬ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ବ୍ୟାନକ୍ରଫ୍ଟ ବଲ୍ ଟ୍ୟାମ୍ପରିଂ ମାମଲାରେ ବର୍ତ୍ତମାନ ୯ ମାସ ବାସନ୍ଦ ଦଣ୍ଡାଦେଶ ଭୋଗୁଛନ୍ତି। ଏହାର ଅବଧି ଆସନ୍ତା ୨୯ରେ ଶେଷ ହେଉଛି। ଏହାପରେ ସେ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ପର୍ଥ ସ୍କର୍ଚର୍ସ ପକ୍ଷରୁ ମ୍ୟାଚ୍ ଖେଳିବେ। ତେବେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ ମଝିରେ ତାଙ୍କୁ ଡାକରା ମିଳିପାରେ ବୋଲି ସ୍ଥାନୀୟ ଏକ ଖବର କାଗଜରେ ରିପୋର୍ଟ ପ୍ରକାଶ ପାଇଛି।



ବ୍ୟାନକ୍ରଫ୍ଟଙ୍କ ସହ ସାଥୀ ଖେଳାଳି କରମର୍ଦ୍ଦନ କରୁଛନ୍ତି।

## ୨୦ରୁ 'ଉଇ ଫର୍ ୟୁ' କ୍ରିକେଟ ଟୁର୍ନାମେଣ୍ଟ

ଭୁବନେଶ୍ୱର,୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଉଇ ଫର ୟୁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆସନ୍ତା ୨୦ ତାରିଖରୁ 'ଉଇ ଫର ୟୁ' କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ସ୍ଥାନୀୟ ୧ ନମ୍ବର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏହି ଦିବାରାତ୍ର ଟୁର୍ନାମେଣ୍ଟ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୩୨ଟି କମ୍ପାନୀର ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଦଳ ସାମିଲ ଅଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବେ। ପ୍ରତି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। ଏହି ଟୁର୍ନାମେଣ୍ଟରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର, ଟିସିଏସ୍, ଉତ୍କଳ ଆଲୁମିନା ଭଳି କମ୍ପାନୀର ଦଳ ଅଂଶଗ୍ରହଣ କରିବେ।

## ୧୫ରୁ କଟକ ଜିଲା ଚେସ୍ ଚାମ୍ପିୟନଶିପ୍

କଟକ ଅଫିସ,୧୨।୧୨

ସ୍ଥାନୀୟ ରେଲଷ୍ଟେଶନ ନିକଟସ୍ଥ ଇଷ୍ଟକୋଷ୍ଟ ରେଲ୍‌ୱେ ପ୍ରତିଷ୍ଠାନର ଶୀତତାପ ନିୟନ୍ତ୍ରିତ କକ୍ଷରେ ଆସନ୍ତା ୧୫ରୁ କଟକ ଜିଲା ଚେସ୍ ଚାମ୍ପିୟନଶିପ୍ ଆରମ୍ଭ ହେବ। ତିନିଦିନିଆ ଏହି ଚାମ୍ପିୟନଶିପ୍‌ରେ ଉଭୟ ଜୁନିୟର ଓ ସିନିୟର ବର୍ଗର ପ୍ରତିଯୋଗୀ ଭାଗ ନେଇପାରିବେ। ସିନିୟର ବର୍ଗ ପାଇଁ ୩୦୦ ଓ ଜୁନିୟର ବର୍ଗ ଲାଗି ୨୦୦ ଟଙ୍କାର ପ୍ରବେଶ ଶୁଳ୍କ ଧାର୍ଯ୍ୟ ହୋଇଛି। ପ୍ରତିଯୋଗିତା ଆରମ୍ଭ ଦିନ ଇଚ୍ଛୁକ ପ୍ରତିଯୋଗୀ ଜନ୍ମ ପ୍ରମାଣପତ୍ର ଦାଖଲ କରି ନାମ ପଞ୍ଜୀକରଣ କରିପାରିବେ। ଅଧିକ ବିବରଣୀ ନିମନ୍ତେ କଟକ ଜିଲା ଚେସ୍ ସଂଘ ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ତାପସ ମହାନ୍ତି, ନୀହାର ରଞ୍ଜନ ସାସ୍‌ମଲଙ୍କ ସହ ଯୋଗାଯୋଗ କରିବାକୁ ସଂଘ ସମ୍ପାଦକ ରଞ୍ଜନ ମହାନ୍ତି କହିଛନ୍ତି।

## ଭାରତୀୟ ବୋଲରଙ୍କୁ ପରଫେକ୍ଟ-୧୦ ସଫଳତା

ନୂଆଦିଲ୍ଲୀ,୧୨।୧୨

ମଣିପୁରର ୧୮ ବର୍ଷୀୟ ବୋଲର ରେକ୍ସ ରାଜକୁମାର ସିଂ ଇନିଂସ୍‌ରେ ସମସ୍ତ ୧୦ ଉଇକେଟ ନେବାର କୃତିତ୍ୱ ହାସଲ କରିଛନ୍ତି। ସେ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଟୁର୍ନାମେଣ୍ଟରେ ମାତ୍ର ୧୧ ରନ୍ ବ୍ୟୟରେ ୧୦ ଉଇକେଟ ନେଇଛନ୍ତି। ସେ ମାତ୍ର ୯.୫ ଓଭର ବୋଲିଂ କରିଥିଲେ। ଏଥିରେ ବାମହାତୀ ପେସର ୬ ଓଭରରେ କୌଣସି ରନ୍ ଦେଇ ନ ଥିଲେ। ସେ ୫ ଜଣଙ୍କୁ କ୍ଲିନ୍ ବୋଲ୍ଡ କରିଥିବାବେଳେ ୨ ବ୍ୟାଟ୍ସମ୍ୟାନଙ୍କୁ ଏଲବିଡବ୍ଲ୍ୟୁ ଓ ୩ ଜଣଙ୍କୁ କ୍ୟାଚ୍‌ଆଉଟ୍ କରାଇଥିଲେ। ଏହାବାଦ୍ ସେ ୩ଥର ହାଟ୍ରିକ ନେବା ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର କୌଣସି ଥର ସଫଳ ହୋଇ ନ ଥିଲେ। ତାଙ୍କ ବୋଲିଂ ପ୍ରଦର୍ଶନ ଯୋଗୁ ଅରୁଣାଞ୍ଚଳ ପ୍ରଦେଶ ମାତ୍ର ୩୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହି ରେକର୍ଡ ଅନତର୍ଜାତୀୟ କ୍ରିକେଟରେ ଭାରତୀୟ ପୂର୍ବତନ ଅଧିନାୟକ ଅନୀଲ କୁମ୍ବଲେ ଓ ଦ. ଆଫ୍ରିକାର ଜିମ ଲାକରଙ୍କ ନାମରେ ରହିଛି।







# ପୂଜାରା ଅନୁକରଣୀୟ

ଡିନ୍ ଜୋନ୍ସ

ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଭାରତ ଯେପରି ଚାହୁଁଥିଲା, ସେପରି ଆରମ୍ଭ କରିପାରିଛି। ବିରାଟ କୋହଲି ବର୍ତ୍ତମାନ ହେଉଛନ୍ତି ଏସିଆର ସବୁଠାରୁ ସଫଳ ଅଧିନାୟକ। କେବଳ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାରେ ନୁହନ୍ତି ଅଷ୍ଟ୍ରେଲିଆରେ ମଧ୍ୟ। ପ୍ରଥମ ଟେଷ୍ଟ ମ୍ୟାଚରେ ପୂଜାରା ଯେପରି ବ୍ୟାଟିଂ କଲେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ସେଥିରୁ କିଛି ଶିକ୍ଷା ଲାଭ କରିବା ଉଚିତ। ମୋ ବାପା ମୋତେ ସବୁ ବେଳେ କହିଥାନ୍ତି ଟେଷ୍ଟ ମ୍ୟାଚରେ ଶୀଘ୍ର ରନ ସଂଗ୍ରହ ପାଇଁ ତରବର ନ ହୋଇ କିପରି କ୍ରିଜରେ ମହଜୁଦ ରହିହେବ ସେ ଦିଗରେ ଧ୍ୟାନ ଦେବା ଉଚିତ୍। ଶତକ ଆପେ ହୋଇଯିବ। ଆମ ଦଳର ଟପ୍ ୬ଜଣ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଅନଭିଜ୍ଞ। ପ୍ରଥମଶ୍ରେଣୀ କ୍ରିକେଟରେ ଆମ ଦଳର କେବଳ ଜଣେ ବ୍ୟାଟ୍ସମ୍ୟାନଙ୍କର ଆଭରେଜ ହେଉଛି ୪୦ ପାଖାପାଖି। ସେ ତୁଳନାରେ ଭାରତୀୟ ଦଳର ଟପ୍ ୬ ବ୍ୟାଟ୍ସମ୍ୟାନଙ୍କ ଆଭରେଜ ୫୦ରୁ ଅଧିକ। ଲମ୍ବା ଇନିଂସ ଖେଳିବାର ତରିକା ସେମାନଙ୍କୁ ଜଣା। କିନ୍ତୁ ନାଥାନ ଲିଅନଙ୍କୁ କିପରି ମୁକାବିଲା କରିବାକୁ ହେବ ସେମାନଙ୍କୁ ତାହାର କୌଶଳ ବାହାର କରିବାକୁ ପଡ଼ିବ। ପର୍ଥସ୍ଥିତ ନୂଆ ଷ୍ଟାଡିୟମରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ଏହି ପିଚ୍‌ରେ ବଲ୍ ସ୍ୱିନ୍ କରିବ। ରିଭର୍ସ ସୁଇଙ୍ଗକୁ ସୁହାଇବ। ଷ୍ଟାର୍କ ଓ ହାଜ୍‌ଲେଉଡ୍ ରିଭର୍ସ ସୁଇଂ ବୋଲିଂ କରିବାରେ ନିପୁଣ। ଭାରତୀୟ ବୋଲର ସାମି ମଧ୍ୟ ଏଥିରେ ଧୁରନ୍ଧର। ହେଲେ ଏହି ବୋଲରମାନେ ଏଥିରୁ ଫାଇଦା ଉଠାଇପାରୁଛନ୍ତି କି ନା ତାହା ଲକ୍ଷ୍ୟ କରିବା କଥା। ମୁଁ ଭାବୁଛି ଅଷ୍ଟ୍ରେଲିଆ ଓ ଭାରତ ଏହି ମ୍ୟାଚ ପାଇଁ ସେମାନଙ୍କ ଦଳ ଅପରିବର୍ତ୍ତିତ ରଖିବେ। ଅଷ୍ଟ୍ରେଲିଆ ଆରୋନ୍ ଫିଞ୍ଚଙ୍କୁ ଦଳରୁ ବାଦ୍ ଦେବ ନାହିଁ। କାରଣ ସେ ଭଲ ସ୍ୱିନ ଖେଳିପାରନ୍ତି। ଅନ୍ୟପକ୍ଷରେ ନୂଆ ବଲ୍ ବୋଲିଂକୁ ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନମାନେ କିପରି ସାମ୍ନା କରୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ସେମାନେ ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଛନ୍ତି। ରୋହିତ ଶର୍ମା ତାଙ୍କ ସ୍ୱାଭାବିକ ଶୈଳୀରେ ବ୍ୟାଟିଂ କରିବା ଉଚିତ। ବୋଧ ହୁଏ ଟେଷ୍ଟ ମ୍ୟାଚ ଭାବି ସେ ଭିନ୍ନରୂପେ ବ୍ୟାଟିଂ କରିବା ଉଚିତ ବୋଲି ସେ ଭାବୁଛନ୍ତି, ଯେଉଁଥିପାଇଁ ସେ ସଫଳ ହେଉନାହାନ୍ତି। ସେ ଓ ରିଷଭ ପନ୍ଥ ଯଦି ଭଲ ବ୍ୟାଟିଂ କରନ୍ତି ତେବେ ଭାରତ ଅଷ୍ଟ୍ରେଲିଆ ଉପରେ ପ୍ରାଧାନ୍ୟ ବିସ୍ତାର କରିପାରିବ। ମୁଁ ଆଶା କରୁଛି ଏହି ଗେମ୍ ୫ ଦିନ ନ ଯାଇ ୪ ଦିନ ମଧ୍ୟରେ ଶେଷ ହୋଇଯିବ। ମୁଁ ପ୍ରଥମରୁ କହି ଆସିଛି ଭାରତ ଏହି ସିରିଜ ୩-୦ରେ ଜିତିବ। ଭାରତ ଯଦି ଏହି ମ୍ୟାଚରେ ଭଲ ଖେଳେ ତେବେ ୨-୦ରେ ଅଗ୍ରଣୀ ସହ ମେଲବୋର୍ନକୁ ଯିବ। ଭାରତ ଯେପରି ଖେଳୁଛି ତାହା ସମ୍ଭବ। (ଗେମ୍‌ପ୍ଲାନ)।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



"ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ, ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
- କନଫୁସିୟସ



## ସଂକ୍ଷେପରେ

### ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ

ଚୌଦ୍ୱାର, ୧୨।୧୨(ଡି.ଏନ୍.ଏ.): ଦୌଲତାବାଦସ୍ଥିତ ନିଗମାନନ୍ଦ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଜ୍ଞାନିକ ଡା. ଶ୍ରୀପଦ ମିଶ୍ରଙ୍କ ଦ୍ୱାରା ପ୍ରଦର୍ଶିତ ମଡେଲ ଏବଂ ପରିବେଶ ଭିତ୍ତିକ କାର୍ଯ୍ୟକ୍ରମ 'କାନ୍ଦୁଛି ପୃଥିବୀ ଓ କାନ୍ଦେ ଆକାଶ' ବିଷୟ ଶିକ୍ଷଣୀୟ ହୋଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ।

### ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ, ୧୨।୧୨: କଟକ ମହାନଗର ନିଗମ ଅଧୀନ ୩୪ନଂ. ୱାର୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଚିକିତ୍ସା ସହାୟତା ପାଣ୍ଠି ଜରିଆରେ କିଭଳି ଜଣେ ସହାୟତା ପାଇପାରିବ ସେନେଇ ସାମାଜିକ କର୍ମୀ ଡା. ମୃଣ୍ମୟ କୁମାର ମହାନ୍ତି ସଚେତନ କରାଇଛନ୍ତି। ବେକାର ଯୁବତୀଯୁବକ କିଭଳି ସ୍କିଲ ଡେଭଲପମେଣ୍ଟ ଜରିଆରେ ନିଜକୁ ସ୍ୱାବଲମ୍ବୀ କରିପାରିବେ ସେ ନେଇ ଡା. ମୃଣ୍ମୟ ମହାନ୍ତି ସଚେତନ କରାଇଥିଲେ। ମାନବଧିକାର କର୍ମୀ ରାଜଶ୍ରୀ ମିଶ୍ର ଓ ପ୍ରତିମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ପୋଷ୍ଟର, ପେଣ୍ଟିଂ ପ୍ରତିଯୋଗିତା

କଟକ ଅଫିସ,୧୨।୧୨: କଟକସ୍ଥିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ଜଳ ଯୋଗାଣ ଓ ପରିମଳ ପରିଷଦ, ଉତ୍କଳ ସେବକ ସମାଜ ସହାୟତାରେ ବୁଧବାର ବିଦ୍ୟାଳୟ ପରିମଳ ସଚେତନତା କାର୍ଯ୍ୟକ୍ରମ, ପୋଷ୍ଟର ଓ ପେଣ୍ଟିଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲରୁ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ହରପ୍ରିୟା ପୃଷ୍ଟି, ଲିଙ୍ଗରାଜ ପୃଷ୍ଟି ଓ ସନ୍ଧ୍ୟାରାଣୀ ମିଶ୍ର ଉପସ୍ଥିତ ରହି ଭଲ ପେଣ୍ଟିଂ କରିଥିବା ତିନି ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାରତୀ ମୁଦୁଲି, ସୋନମ ସମପ୍ରିତା ଦାସ, ଇପ୍ସିତା ପ୍ରିୟଦର୍ଶିନୀ ଓ ନମିତା ବେହେରା ପରିଚାଳନା କରିଥିଲେ।

### ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

କଟକ ଅଫିସ,୧୨।୧୨: ସ୍ଥାନୀୟ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ. ଦେବାଶିଷ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫୨ଟି ମଡେଲ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡ. ରୀତା ପାଇକରାୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଡ. କୀର୍ତ୍ତିରଞ୍ଜନ ମଲ୍ଲିକ ଯୋଗଦେଇଥିଲେ। ରସାୟନ ବିଭାଗର ଇଶାଲତା ନାଥ, ଆଶୁତୋଷ ମହାପାତ୍ର ଏବଂ ଅରିଜିତ ଦାଶଙ୍କ ଦ୍ୱାରା ପ୍ରସ୍ତୁତ ମଡେଲ ପ୍ରଥମ, ଭୂତତ୍ତ୍ୱ ବିଜ୍ଞାନର ସୋମାଲିନ ମିଶ୍ର, ଅନ୍ୱେଶା ସିଂ ଓ ମନିଶା ପ୍ରିୟଦର୍ଶିନୀ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ମାନବେଶ ମିଶ୍ର ଓ ସୁରଜ ପାଲ ତିଆରି କରିଥିବା ମଡେଲ ଯୁଗ୍ମ ଦ୍ୱିତୀୟ ଏବଂ ଗଣିତ ବିଭାଗର ପାୟଲ ଆଚାର୍ଯ୍ୟ ଓ ସନ୍ତୋଷ ଶୁଭଲକ୍ଷ୍ମୀ ରାୟ କରିଥିବା ମଡେଲ ତୃତୀୟ ସ୍ଥାନ ଅଧିକାର କରିଥିଲା।

■ ବସ୍ ଦୁର୍ଘଟଣା ପରେ ଚେତିଛି ସିଏମ୍‌ସି

# ଜରିମାନା ଆଦାୟ ବଢ଼ିଛି, ସୁଧୁରୁନି ସ୍ଥିତି

କଟକ ଅଫିସ,୧୨।୧୨

■ଗୋରୁ ଶିଙ୍ଗରେ ରେଡ଼ିୟମ ଷ୍ଟିକର ଲଗାଇବାକୁ ଯୋଜନା
■ବିକଳ୍ପ ପଦକ୍ଷେପ ଗ୍ରହଣ କରିବାକୁ ଦାବି

ମହାନଦୀ ପୋଲ ଉପରେ ଘଟିଥିବା ବସ୍ ଦୁର୍ଘଟଣା ପରେ କଟକ ମହାନଗର ନିଗମ (ସିଏମସି) ଚେତିଛି। ରାସ୍ତାରୁ ବୁଲା ଗୋରୁଙ୍କୁ ହଟାଇବା ପାଇଁ ସିଏମସି ତତ୍ପରତା ପ୍ରକାଶ କରିଛି। ମାତ୍ର ଏହି କାର୍ଯ୍ୟ କେବଳ ଜରିମାନା ଆଦାୟରେ ସୀମିତ ରହିଛି। ଜରିମାନା ଆଦାୟ ବୃଦ୍ଧି ପାଇଥିବା ବେଳେ ସ୍ଥିତି ପୂର୍ବପରି ରହିଛି। କଟକ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲା ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାପାଇଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ସହରର ବକ୍ସିବଜାର, ବାଦାମବାଡ଼ି, ଖାନନଗର ରିଂ ରୋଡ, ମର୍କତନଗର ଅଞ୍ଚଳରେ ଗୋରୁ ରାସ୍ତା ଉପରେ ମାଳମାଳ ବୁଲୁଛନ୍ତି। ତେଣୁ ନିକଟରେ ଜାତୀୟ ରାଜପଥରେ ମଇଁଷି ଯୋଗୁ ଏକ ବଡ ଦୁର୍ଘଟଣା ଘଟିଯାଇଥିବା ବେଳେ ଯାତାୟାତ ବହୁଳ ରାସ୍ତାଘାଟ କିଭଳି ବୁଲା ଗୋରୁଙ୍କ କବଳରୁ ମୁକ୍ତ ହେବ ସେ ନେଇ ସିଏମସି ଯତ୍ନବାନ ହେବା ଉଚିତ ବୋଲି କହିଛନ୍ତି ସାମାଜିକ କର୍ମୀ ସୁଧାକର ସାହୁ। ସିଏମସି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ସପ୍ତାହରେ ରାସ୍ତାଘାଟରେ ବୁଲା ଗୋରୁଙ୍କୁ ଜବତ କରି ଜରିମାନା ବାବଦକୁ ପ୍ରାୟ ୨୫ ହଜାର ଟଙ୍କା ଆଦାୟ କରାଯାଇଛି। ଏହି ଜରିମାନା ଆଦାୟ ରାଶି ପୂର୍ବରୁ ମାତ୍ର ୩ ହଜାର ଟଙ୍କାରୁ ଟପି ପାରୁ ନ ଥିଲା। ଦୁର୍ଘଟଣା ପରେ ସିଏମସିର ତତ୍ପର ହୋଇଛି ବୋଲି କର୍ପୋରେଟର ରଞ୍ଜିତା ବିଶ୍ୱାଳ କହିଛନ୍ତି। ଜରିମାନା ଆଦାୟ କରିଦେବା ସମାଧାନ ନୁହେଁ ବରଂ ରାସ୍ତାଘାଟକୁ ବୁଲା ଗୋରୁମୁକ୍ତ ରଖିବାକୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରି ନ ଥିବା ଅଭିଯୋଗ କରିଛନ୍ତି କର୍ପୋରେଟର ଗିରିବାଳା ବେହେରା। ପିପୁଲ୍‌ସ ଫର ଆନିମଲ ସଦସ୍ୟଙ୍କ ସହ ଆଲୋଚନା କରି ସହରରେ ବୁଲୁଥିବା ଗୋରୁଙ୍କ ଶିଙ୍ଗରେ ଉଜ୍ଜ୍ୱଳ ରେଡିୟମ ଷ୍ଟିକର ଲଗାଇବାକୁ ସିଏମସି ଯୋଜନା କରୁଛି ବୋଲି କହିଛନ୍ତି ସିଏମସି କମିଶନର ଶରତ ଚନ୍ଦ୍ର ନାୟକ। କମିଶନର ନାୟକ କହିଛନ୍ତି, ରାସ୍ତାରେ ବୁଲା ଗୋରୁଙ୍କୁ ଧରିବା ଲାଗି ସିଏମସିର ଏକ ସ୍ୱତନ୍ତ୍ର ୧୦ ଜଣିଆ ଟିମ ରହିଛି। ଏହି ଟିମ ବିଭିନ୍ନ ସମୟରେ ବୁଲା ଗୋରୁଙ୍କୁ ଜବତ କରି କାଞ୍ଜିଆହୁଦା ନେଇ ସେଠାରେ ରଖୁଛନ୍ତି। ପରେ ଗୋରୁଙ୍କ ମାଲିକମାନେ ଆସି ଜରିମାନା ଦେବା ସହ ସେମାନଙ୍କୁ ଏଭଳି ନ କରିବାକୁ ତାଗିଦ କରାଯାଉଛି।



ସିଡିଏ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କଟକ ଅଫିସ,୧୨।୧୨

କଟକ ଦେଉଳସାହିସ୍ଥ ରଘୁନାଥଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସତ୍ୟବ୍ରତ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଜନତା ମହାପାତ୍ରଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ଉତ୍ସବରେ ଚେସ୍ ଆସୋସିଏଶନର ଉପଦେଷ୍ଟା ହେମନ୍ତ କୁମାର ନାୟକ, କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧର୍ମାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ୍ ପଟ୍ଟନାୟକ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ




ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ, ୧୨।୧୨

କଟକ ମଧୁପାଟଣା ଶ୍ରୀରାମ ନଗରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଅଫ ନ୍ୟୁ ଥଟ୍ ଓ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ଅଷ୍ଟମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟା ୩୦ ମିନିଟ୍‌ରେ ଶ୍ରଦ୍ଧାଳୁ ଓ ଛାତ୍ରୀଛାତ୍ରମାନେ ଶ୍ରୀଅରବିନ୍ଦଙ୍କର ସମାଧି ପୀଠରେ ପୁଷ୍ପ ଓ ଧୂପ ସମର୍ପଣ କରିବା ସହ ସମବେତ ଧ୍ୟାନ ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ସମ୍ମାନିତ ଅତିଥି ଶ୍ରୀଅରବିନ୍ଦ ଷ୍ଟଡି ସର୍କଲର ମୁଖ୍ୟ ସଙ୍ଗଠକ ଅନାଦି ଚରଣ ସ୍ୱାଇଁ ଓ ଶ୍ରୀଅରବିନ୍ଦଙ୍କର ସାବିତ୍ରୀ ମହାକାବ୍ୟର ବକ୍ତା ମହେନ୍ଦ୍ର ନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଶ୍ରୀରାମନିଗମେଶ୍ୱର ମଠର ମଠାଧୀଶ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଯୋଗଦେଇଥିଲେ। ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ରାଜୀବ ନନ୍ଦ ଅତିଥି ପରିଚୟ, ଅଧ୍ୟାପକ ସୁଦୀପ୍ତ ପତି ସଭା ପରିଚାଳନା, ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ କୁଳମଣି ଦାସ ବିବରଣୀ ପାଠ ଓ ବାସନ୍ତୀ ଲେଙ୍କା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ ସାମଲ, ଜ୍ୟୋତି ପ୍ରକାଶ ଲେଙ୍କା, ଭାଗ୍ୟଧର ବେହେରା, ବିଭୁ ପ୍ରସାଦ ସ୍ୱାଇଁ, ମନୋଜ ମୁଦୁଲି ଓ ଲକ୍ଷ୍ମୀକାନ୍ତ ସାହୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କେନ୍ଦ୍ରାପଡ଼ା ଗ୍ରସ୍ତ ସମୟରେ କଟକ ଶିଖରପୁର ଛକ ଜାତୀୟ ରାଜପଥଠାରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ସମର୍ଥକମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଉଛନ୍ତି।

## କଂଗ୍ରେସ କର୍ମୀ ସମ୍ମିଳନୀ

କଟକ ଅଫିସ, ୧୨।୧୨: କଟକ ମହାନଗର ନିଗମ ଅଧୀନ ୧୧ ଓ ୨୯ନଂ. ୱାର୍ଡରେ ନଗର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏଥିରେ କଟକ ନଗର କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ କହିଛନ୍ତି, ଆଗାମୀ ଦିନରେ ସହରର ପ୍ରତି ୱାର୍ଡରେ ଏହିଭଳି କର୍ମୀ ସମ୍ମିଳନୀ ଆୟୋଜନ କରାଯିବା ସହ ତୃଣମୂଳ ସ୍ତରରେ ଦଳ ଅଧିକ ମଜଭୁତ ହେବ। ତେବେ ବୁଧବାର ଆୟୋଜିତ ଏହି ସମ୍ମିଳନୀରେ ନିକଟରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ନିର୍ବାଚନରେ କଂଗ୍ରେସ ପାଇଥିବା ସଫଳତା ବିଷୟ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ତେଣୁ ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ବୁଝି ସେମାନଙ୍କ ପାଖେ ପହଞ୍ଚିବାକୁ କଂଗ୍ରେସର ବୁଥସ୍ତରୀୟ କର୍ମୀମାନେ ଚେଷ୍ଟା କରିବେ ବୋଲି କଂଗ୍ରେସ ନେତ୍ରୀ ଗିରିବାଳା ବେହେରା କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

କଟକ ଅଫିସ, ୧୨।୧୨

କଟକ କଲେଜ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ପୂର୍ବତଟ ରେଲୱେ କ୍ରୀଡା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଲୱେର ବରିଷ୍ଠ ଯନ୍ତ୍ରୀ ରଞ୍ଜନ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟ ରଣଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ଅଧକ୍ଷ ସତ୍ୟକାମ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ପାଠପଢା ସହିତ ଖେଳକୁଦର ସମାନ ଭୂମିକା ଥିବା କଥା କହିଥିଲେ।

## ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

କଟକ ଅଫିସ,୧୨।୧୨

ଦୀର୍ଘ ୮ ବର୍ଷ ପରେ ଜଣେ ଫେରାର ଅଭିଯୁକ୍ତଙ୍କୁ ମଙ୍ଗଳାବାଗ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅଧୀନ ରାଣୀହାଟ ତେଲିସାହି ଅଞ୍ଚଳର ଅଶୋକ ସାହୁ(୪୪)। ତାଙ୍କୁ ଭୁବନେଶ୍ୱର କେଶୁରା ଅଞ୍ଚଳରୁ ମଙ୍ଗଳବାର ବିଳମ୍ବିତ ରାତିରେ ଗିରଫ କରାଯାଇଥିବା ଥାନା ଅଧିକାରୀ ଅରୁଣ ସ୍ୱାଇଁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ୨୦୦୦ ମସିହାରେ ୩ଟି ଆପରାଧିକ ମାମଲାରେ ଅଶୋକଙ୍କ ସମ୍ପୃକ୍ତି ରହିଥିବା ବେଳେ ସେ ସେବେଠାରୁ ଫେରାର ଥିଲେ। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ହାଜର ହେବାକୁ ତାଙ୍କୁ କୁହାଯାଇଥିଲା। ହେଲେ ସେ ହାଜର ନ ହେବାରୁ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ମଙ୍ଗଳାବାଗ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ଗୀତି କବିତାର ବୈଚିତ୍ର୍ୟ ହୃଦୟସ୍ପର୍ଶୀ

## ଓଡ଼ିଆ ଗୀତିକବି ସମାଜର ପୁସ୍ତକ ଉନ୍ମୋଚନ ଉତ୍ସବ

କଟକ ଅଫିସ, ୧୨।୧୨

ଓଡ଼ିଆ ଭାଷା ସାହିତ୍ୟର ବଳିଷ୍ଠ ବିଭବ ଗୀତି କବିତାର ଧାରା ହିଁ ଅତୀତ ଓ ପରମ୍ପରା। ଦୀର୍ଘ କାଳରୁ ଏହି ଧାରା ଅନେକ ଆବର୍ତ୍ତନ ବିବର୍ତ୍ତନ ମଧ୍ୟ ଦେଇ ସାମ୍ପ୍ରତିକ ସ୍ଥିତିରେ ଏହାର ଉତ୍କର୍ଷ ପ୍ରମାଣିତ କରିଛି। ସାମ୍ପ୍ରତିକ କାଳର ଗୀତିକବିତା ଜନମାନସକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଏକ ବୈଚିତ୍ର୍ୟମୟ ପୃଥିବୀର ସୌନ୍ଦର୍ଯ୍ୟକୁ ଉପସ୍ଥାପିତ କରିବାରେ ପ୍ରାୟତଃ ସଫଳ ହୋଇଛି। ଏହି ପରମ୍ପରାର ଧାରାକୁ ସାମ୍ପ୍ରତିକ ଗୀତିକବିମାନେ ବଜାୟ ରଖିଲେ ସାହିତ୍ୟର ଏହି ବଳିଷ୍ଠ ବିଭବ ବିକଶିତ ହେବ ବୋଲି 'ଓଡ଼ିଆ ଗୀତିକବି ସମାଜ'ର ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପୁରସ୍କାରପ୍ରାପ୍ତ କବି ଅମରେଶ ପଟ୍ଟନାୟକ କହିଛନ୍ତି। ଗୀତିକବି ଓ ଚିତ୍ରଶିଳ୍ପୀମାନଙ୍କୁ ନେଇ ଦୁଇଗତ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା 'ଗୀତରେ ଚିତ୍ର-ଚିତ୍ରରେ ଗୀତ' କାର୍ଯ୍ୟକ୍ରମକୁ ପ୍ରଶଂସା କରି ମାୟାଧର ମାନସିଂହ, ଅନନ୍ତ ପଟ୍ଟନାୟକ, ବୈକୁଣ୍ଠନାଥ ପଟ୍ଟନାୟକ ଭଳି ଯଶସ୍ୱୀ କବିମାନଙ୍କର ଗୀତିକବିତାକୁ ଚିତ୍ରାୟିତ କରିବାକୁ ମତ ପୋଷଣ କରିଥିଲେ। ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିତ୍ରାୟିତ ହୋଇଥିବା ଚିତ୍ରଗୁଡ଼ିକ ପୁସ୍ତକ ଉନ୍ମୋଚନ ଉତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା। ଓଡ଼ିଆ ଗୀତିକବି ସମାଜର ସଭାପତି ଗୌରହରି ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଡା. ଅନ୍ତର୍ଯାମୀ ମିଶ୍ରଙ୍କ ରଚିତ ପୁସ୍ତକ 'ମନ ମନ୍ଥନ', ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ପୁସ୍ତକ 'କୃପାଜଳ ଦିଅ ବରଷି', ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୁସ୍ତକ 'ହସ ଲୁହର ଜୀବନ' ଓ ପୁସ୍ତକ 'ମନ ନଈକୂଳେ' ଉନ୍ମୋଚିତ ହୋଇଥିଲା। ଏହି ସମସ୍ତ ପୁସ୍ତକକୁ ଯଥାକ୍ରମେ ଡ. ବିଜୟଲକ୍ଷ୍ମୀ ଦାଶ, ସୁରେଶ କୁମାର ନାୟକ, ମୀନାକ୍ଷୀ ଦେବୀ, ଡ. ଦେବାଶିଷ ପାତ୍ର ସମୀକ୍ଷା କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ଗୋପକୃଷ୍ଣ ନାୟକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସମ୍ପ୍ରସାରଣରେ ବାଧକ ସାଜିଛି ଜମି

କଟକ ସଦର,୧୨।୧୨(ଡି.ଏନ୍.ଏ.)

**ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

କଟକ ସଦର ବ୍ଲକ ଅଧୀନ ୪୨ ମୌଜା ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଇତିମଧ୍ୟରେ ୧ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ଟଙ୍କା ଖର୍ଚ୍ଚ ହୋଇପାରୁନାହିଁ। କାରଣ ସମ୍ପ୍ରସାରଣ ଯୋଜନାରେ ସ୍ଥାୟୀ ନିର୍ମାଣ ପ୍ରକଳ୍ପ ରହିଛି। ମାତ୍ର ଜାଗା ଅଭାବରୁ କାମ ଆରମ୍ଭ ହୋଇପାରୁନାହିଁ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଜାଗାରେ ସମ୍ପ୍ରସାରଣ କାମ ପାଇଁ କଟକ ଜିଲା ପ୍ରଶାସନକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପତ୍ର ଲେଖିଥିଲେ। ମାତ୍ର ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଅଯଥାରେ ବିବାଦ ପୂରାଇବାରୁ ଜିଲା ପ୍ରଶାସନ ପକ୍ଷରୁ ଏନ୍‌ଓସି ଦେବାରେ ବିଳମ୍ବ ଘଟୁଥିବା କଥା ରାଜସ୍ୱ ବିଭାଗର ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ଏହାଛଡା ଔଷଧ ବଣ୍ଟନ ଗୃହ ନିର୍ମାଣ ପାଇଁ ଆସିଥିବା ୬୦ ଲକ୍ଷ ଟଙ୍କା ମଧ କାର୍ଯ୍ୟରେ ଲାଗିପାରିନାହିଁ। ଉକ୍ତ ଗୃହ ନିର୍ମାଣ ପାଇଁ ଠିକାଦାର ପ୍ରାଥମିକ କାର୍ଯ୍ୟ ଆରମ୍ଭ କରିବା ପରେ ଦାଦାବଟି ନ ଦେଲେ କାମ ବନ୍ଦ କରିଦେବେ ବୋଲି କେତେଜଣ ବ୍ୟକ୍ତି ଧମକ ଦେଇଥିଲେ। ଏଭଳି ପରିସ୍ଥିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ ବିଳମ୍ବ ଘଟିବାରେ ଲାଗିଛି। ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ସହଯୋଗ ନ କଲେ ସ୍ଥାନାନ୍ତର କଥା ଚିନ୍ତା କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।




କଟକସ୍ଥିତ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ପରିସରରେ ବୁଧବାର ଅନୁଷ୍ଠିତ ଶିଶିର ଆସର କବିତା ପାଠୋତ୍ସବରେ ଅଧ୍ୟାପକ ରବି ନାରାୟଣ ରଥ କବିତା ପାଠ କରୁଛନ୍ତି।

■ ସିଏମ୍‌ସିର କୋହଳ ମନୋଭାବ

# ବହୁ ଦୋକାନୀ ବ୍ୟବହାର କରୁନାହାନ୍ତି ଡଷ୍ଟବିନ

କଟକ ଅଫିସ,୧୨।୧୨

■ଡ୍ରେନ୍‌ରେ ଜମା ହେଉଛି ଅଳିଆ
■କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ସିଏମ୍‌ସି

ସହରରକୁ ସ୍ୱଚ୍ଛ ରଖିବାକୁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଅନେକ ଯୋଜନା ହେଉଛି। ହେଲେ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ତାହାର ସୁଫଳ ମିଳୁନି। ଯୋଜନା ଓ କଟକଣା ଲାଗୁକରି ଚୁପ୍ ବସୁଛି ସିଏମ୍‌ସି। ଚଢ଼ାଉ ନାହିଁ କି ପଦକ୍ଷେପ ନାହିଁ। ସିଏମ୍‌ସିର ଏଭଳି କୋହଳ ମନୋଭାବ ଯୋଗୁ ବହୁ ଦୋକାନୀ ଡଷ୍ଟବିନ ବ୍ୟବହାର କରୁନାହାନ୍ତି। ଦୋକାନରୁ ନିର୍ଗତ ଆବର୍ଜନାକୁ ଏଠିସେଠି ପକାଉଥିବା ଦେଖିବାକୁ ମିଳୁଛି।

ସିଏମସିର ହେଲ୍‌ଥ ଷ୍ଟାଣ୍ଡିଂ କମିଟିର ନିୟମ ଅନୁଯାୟୀ ମହାନଗର ଅଧୀନ ଦୋକାନୀମାନଙ୍କୁ ଡଷ୍ଟବିନ ରଖିବା ବାଧ୍ୟତାମୂଳକ କରାଯାଇଛି। ହେଲେ ସହରର ଏଭଳି କିଛି ସ୍ଥାନ ଅଛି ଯେଉଁଠି ଦୋକାନୀମାନେ ଡଷ୍ଟବିନ ବ୍ୟବହାର କରୁନାହାନ୍ତି। ଦୋଳମୁଣ୍ଡାଇ ଏବଂ ଗୌରୀଶଙ୍କର ପାର୍କ ନିକଟରେ ଥିବା ଷ୍ଟ୍ରିଟ ଫୁଡ୍ ଷ୍ଟଲରେ ପ୍ରତିଦିନ ଗ୍ରାହକଙ୍କ ଭିଡ ଜମୁଛି। ବ୍ୟବସାୟ ସରିବା ପରେ କେତେଜଣ ଷ୍ଟଲମାଲିକ ଆବର୍ଜନାକୁ ଏଣେତେଣେ ଫୋପାଡି ଦେଉଛନ୍ତି। ବିଶେଷକରି ପାଖ ନାଳରେ ପକାଉଥିବା ଦେଖିବାକୁ ମିଳୁଛି। ସିଏମ୍‌ସି ଏଥିପ୍ରତି କିଛି ବି କଡ଼ା ଆଭିମୁଖ୍ୟ ଗ୍ରହଣ କରୁନାହିଁ। ତେଣୁ ସହରର ଆବର୍ଜନାପୂର୍ଣ୍ଣ ପରିବେଶ ପାଇଁ ସିଏମ୍‌ସି ଓ ନିୟମ ମାନୁ ନ ଥିବା ବ୍ୟବସାୟୀମାନେ ଦାୟୀ ବୋଲି କହିଛନ୍ତି ସାମାଜିକ କର୍ମୀ ପ୍ରିୟା ସାହୁ। ସିଏମସି ହେଲ୍‌ଥ ଷ୍ଟାଣ୍ଡିଂ କମିଟି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଡଷ୍ଟବିନ ରଖୁ ନ ଥିବା ଦୋକାନୀମାନଙ୍କୁ ତାଗିଦ କରାଯାଉଛି। ହେଲେ ଏଯାଏ ନିୟମ ଉଲ୍ଲଂଘନକାରୀ ବ୍ୟବସାୟୀଙ୍କ ଉପରେ ଜରିମାନା କରାଯାଇ ନ ଥିବା ଜଣାପଡିଛି। ଜରିମାନା ବ୍ୟବସ୍ଥା ଲାଗୁ ହେଲେ ସେମାନେ ସଚେତନ ନିଶ୍ଚୟ ହେବେ ବୋଲି କହିଛନ୍ତି କର୍ପୋରେଟର ଗିରିବାଳା ବେହେରା।

ସିଏମସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ଯେଉଁ ବ୍ୟବସାୟୀମାନେ ବ୍ୟବସାୟରୁ ବାହାରୁଥିବା ଆବର୍ଜନା ପାଇଁ ଡଷ୍ଟବିନ ରଖୁନାହାନ୍ତି ସେମାନଙ୍କ ଉପରେ ଏଥର ସିଏମ୍‌ସି କଡା ଆଭିମୁଖ୍ୟ ଗ୍ରହଣ କରିବ। ଆଗାମୀ ଦିନରେ ସେମାନଙ୍କୁ ଟ୍ରେଡ୍ ଲାଇସେନ୍ସ ଦେବନାହିଁ। ଗୌରୀଶଙ୍କର ପାର୍କ ନିକଟରେ ବ୍ୟବସାୟ କରୁଥିବା ଜଣେ ବ୍ୟବସାୟ କହିଛନ୍ତି, ସିଏମସି ପକ୍ଷରୁ ଡଷ୍ଟବିନ ରଖିବା ବାଧ୍ୟତାମୂଳକ କରାଯାଇଛି। ରାତିରେ ବ୍ୟବସାୟ ସରିବା ପରେ ଡଷ୍ଟବିନ ଭର୍ତ୍ତି ହୋଇଯାଉଥିବାରୁ ଓ ସିଏମସି ପକ୍ଷରୁ କୌଣସି ଡିସ୍‌ପୋଜାଲ ପଏଣ୍ଟ ନ ଥିବାରୁ ବାଧହୋଇ ଅଳିଆ ଅନ୍ୟସ୍ଥାନରେ ପକାଇଦେଉଛୁ। ତେବେ ସହରର ଜଣେ ବୁଦ୍ଧିଜୀବୀ ଦୀନବନ୍ଧୁ ସାମଲ କହିଛନ୍ତି, ବ୍ୟବସାୟୀମାନେ ସଚେତନ ହେବା ଦରକାର। ଫୁଡ ଷ୍ଟଲ ନିକଟରେ ଡ୍ରେନରେ ଉପରେ ସ୍ଲାବ୍ ପକାଯିବା ସହ ସିଏମ୍‌ସି ବଡ଼ ଡଷ୍ଟବିନ୍‌ର ବ୍ୟବସ୍ଥା କରନ୍ତା ତେବେ ଆବର୍ଜନା ଆଉ ଡ୍ରେନ୍‌ରେ ପଡନ୍ତା ନାହିଁ।



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ, ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।

- କନଫୁସିୟସ

## ସଂକ୍ଷେପରେ

### କଲେଜ ପରିସରରେ ଛାତ୍ରୀଙ୍କୁ ଟଣାଓଟରା ଭାଇ, ପିଉସୀନାନି ଅଟକ

ନିମାପଡ଼ା, ୧୨।୧୨ (ଡି.ଏନ୍.ଏ.) - ପାରିବାରିକ ବିବାଦକୁ କେନ୍ଦ୍ର କରି ନିମାପଡ଼ା କଲେଜ ପରିସରରେ ଜଣେ ଛାତ୍ରୀଙ୍କୁ ଟଣାଓଟରା ହୋଇଛି। ଏ ନେଇ ଅଭିଯୋଗ ପରେ ନିମାପଡ଼ା ପୋଲିସ ମାମଲା ନଂ.୩୬୭/୧୮ ରୁଜୁ କରି ଛାତ୍ରୀଙ୍କ ଭାଇ ଓ ପିଉସୀନାନିଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ସୂଚନାନୁସାରେ, ଛାତ୍ରୀ ଜଣକ ବିବାହିତ। ତାଙ୍କ ଶାଶୁଘର ଚନ୍ଦ୍ରଭାଗା ମେରାଇନ ଥାନାଞ୍ଚଳରେ। ସେ ବୁଧବାର ପରୀକ୍ଷା ଦେବାକୁ କଲେଜ ଆସିଥିଲେ। ତାଙ୍କ ଭାଇ ଓ ପିଉସୀନାନି ପହଞ୍ଚି ତାଙ୍କୁ ଘରକୁ ଯିବାକୁ କହିଥିଲେ। ମାତ୍ର ସେ ରାଜି ନ ହେବାରୁ ସେମାନେ ତାଙ୍କୁ ଜବରଦସ୍ତ ନେବାକୁ ଉଦ୍ୟମ କରିଥିଲେ। ଏ ସଂକ୍ରାନ୍ତରେ ଛାତ୍ରୀ ଜଣକ କଲେଜ ଅଧକ୍ଷ ରାଜକିଶୋର ରଥଙ୍କୁ ଜଣାଇଥିଲେ। ପରେ କଲେଜ ଅଧକ୍ଷ ରଥ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ରାସ୍ତାକଡ଼କୁ ଓଲଟିଲା କାର

କଣାସ,୧୨।୧୨(ସ୍ୱ.ପ୍ର.): କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କ କୋଟକଣା ଛକ ନିକଟରେ ବୁଧବାର ଏକ କାର ଭାରସାମ୍ୟ ହରାଇ ରାସ୍ତକଡକୁ ଓଲଟି ପଡିଥିଲା। ଏଥିରେ ଥିବା ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଭଞ୍ଜନଗରରୁ ଏକ କାର (ଓଆର ୦୭ଟି ୬୦୬୧) ସାହୁ ମଲ୍ଲିକ ଓ ତାଙ୍କ ପରିବାରକୁ ନେଇ ପୁରୀ ଯାଉଥିଲେ। କୋଟକଣା ଛକ ନିକଟରେ କାର୍ ଆଗରେ ଏକ ବାଇକ ଚାଳକ ପଶିଯିବାରୁ କାରଟି ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଏହା ପରେ କାରରେ ଥିବା ଯାତ୍ରୀମାନେ ଅନ୍ୟ ଏକ ଗାଡିରେ ପୁରୀ ପଳାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାରକୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି।

### ପିଠା ଯୋଜନା ସମ୍ପର୍କିତ ସଚେତନତା କର୍ମଶାଳା

କୃଷ୍ଣପ୍ରସାଦ, ୧୨।୧୨ (ଡି.ଏନ.ଏ.)-ଆମ ଗାଁ ଆମ ବିକାଶ ଓ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ 'ପିଠା' ଆରମ୍ଭ ହୋଇଛି । ସୋମବାର ଏ ନେଇ ପଞ୍ଚାୟତ ସମିତି ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ସୌଦାମିନୀ ମାନସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ପ୍ରଗତି ସହାୟକ ସୁବାସ ଚନ୍ଦ୍ର ସେଠୀ, ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ଜେନା, ଚିକିତ୍ସା ଅଧିକାରୀ ଡା.ସନ୍ତୋଷ କୁମାର ବେହେରା, ରୂପକ କୁମାର ରାଉତରାୟ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର କୁମାର ପଲେଇ ପ୍ରମୁଖ ଯୋଗଦେଇଥିଲେ। ୧୫ରୁ ୨୦ତାରିଖ ମଧରେ ସଚେତନତା ଶିବିର କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । ପଞ୍ଚାୟତସ୍ତରୀୟ ଶିବିର ପରିଚାଳନା ନିମନ୍ତେ ୨୫ହଜାର ଟଙ୍କା ଓ ସଚେତନତା ନିମନ୍ତେ ଶ୍ରେଷ୍ଠ ବିବେଚିତ ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ତରଫରୁ ୫ଲକ୍ଷ ଟଙ୍କା ପୁରସ୍କାର ନେଇ ବିଡିଓ ଘୋଷଣା କରିଥିଲେ।

### ବରିଷ୍ଠ ନାଗରିକଙ୍କୁ କମ୍ବଳ ବଣ୍ଟନ

ବୋଲଗଡ଼, ୧୨।୧୨ (ଡି.ଏନ.ଏ.)- ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତସ୍ଥ ଦେଉଳିଠାରେ ବୁଧବାର ୧୦୫ ବରିଷ୍ଠ ନାଗରିକଙ୍କୁ କ୍ଲବ ରେଡ୍‌ରୋଜ୍ ସୌଜନ୍ୟରୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନୁଷ୍ଠାନର ସଭାପତି ପ୍ରକାଶଚନ୍ଦ୍ର ସାହୁ। ସାମାଜିକ କର୍ମୀ ଗୋପାଳଚନ୍ଦ୍ର ସାହୁ ମୁଖ୍ୟଅତିଥି ଓ ରବୀନ୍ଦ୍ରନାଥ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ରାକେଶ କୁମାର ନାୟକ ଏଥିରେ ସହଯୋଗ କରିଥିଲେ ।

### ପାଲା ଗାୟକ ସମ୍ମେଳନର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୧୨।୧୨: ଖୋର୍ଦ୍ଧା ଜିଲା ଭଗବତୀ ମଣ୍ଡଳ ପାଲା ଗାୟକ ପରିଷଦର ୪୦ତମ ବାର୍ଷିକ ସମ୍ମେଳନ ପାଇକକୁଘଡିହ ଗାଁରେ ଅନୁଷ୍ଠିତ ହେବ। ଏ ଅବସରରେ ଉତ୍ତରାୟଣୀଙ୍କ ପୀଠରେ ପରିଷଦର ସଭାପତି ନବ କିଶୋର ମହାରଣାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଦିଲୀପ ପଣ୍ଡା, କେଲୁ ଦାଶ, ଭାବ ପଣ୍ଡା, ବିଭୂତି ଦାଶ, ଅରୁଣ ବିଗ୍ରହ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଚଳିତ ମାସ ୧୬ ତାରିଖରେ ବାର୍ଷିକ ସମ୍ମେଳନ କରିବା ପାଇଁ ନିଷ୍ପତ୍ତି ହୋଇଛି।

■ ଘରୋଇ ସ୍କୁଲକୁ ଏନ୍‌ଓସି କଟକଣା

# ପୁନଃ ଆବେଦନ କଲେ ୧୨୨ ସ୍କୁଲ

■ ଭିତ୍ତିଭୂମି ନ ଥାଇ ପାଉଛନ୍ତି ଏନ୍‌ଓସି
■ ଉଚ୍ଚ ଶିକ୍ଷିତର ଲୋଭ ପିଲାଙ୍କ ଭବିଷ୍ୟତକୁ କରୁଛି ଅନ୍ଧାର

ଖୋର୍ଦ୍ଧା ଅଫିସ,୧୨।୧୨

ଶିକ୍ଷା ବ୍ୟବସ୍ଥା ବ୍ୟବସାୟରେ ପରିଣତ ହୋଇଯାଇଛି। ଘରୋଇ ସ୍କୁଲଗୁଡ଼ିକ ଭଳିକି ଭଳି ବିଜ୍ଞାପନ ଦେଇ ଅଭିଭାବକମାନଙ୍କୁ ପ୍ରଲୋଭିତ କରି ପିଲାଙ୍କୁ ନିଜ ସ୍କୁଲ ମୁହାଁ କରିବାରେ ସଫଳ ହେଉଛନ୍ତି। ଅଭିଭାବକମାନେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ଆଳରେ ନିଜ ପିଲାଙ୍କୁ ଯେ ଅନ୍ଧକାରକୁ ଠେଲି ଦେଉଛନ୍ତି, ତା'ର ହିସାବ ରଖି ପାରୁନାହାନ୍ତି। ସରକାର କେବଳ ଆଇନ କରି ଦେଇ ହାତ ଟେକି ବସୁଛନ୍ତି। ଫଳରେ ନୟାଗଡ ଆଦର୍ଶ ସ୍କୁଲରେ ଷଷ୍ଠ ଶ୍ରେଣୀରେ ଏଣ୍ଟ୍ରାନ୍ସରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଭୀମପଡା ଅଞ୍ଚଳର ଜଣେ ଘରୋଇ ସ୍କୁଲ ଛାତ୍ର କର୍ତ୍ତୃପକ୍ଷଙ୍କ ଭୁଲ ଯୋଗୁ ପାଠପଢ଼ାରୁ ବଞ୍ଚିତ ହେଉଥିବା ନଜିର ରହିଛି। ସେହିପରି ବହୁ ଛାତ୍ରୀଛାତ୍ର ବିଭିନ୍ନ ସମୟରେ ପରୀକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ଜିଲାପାଳଙ୍କ ନିକଟରେ ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷ କରିଛନ୍ତି। ଏଭଳିସ୍ଥଳେ ଖୋର୍ଦ୍ଧା ଜିଲାରେ କେତେଗୋଟି ସ୍କୁଲର ଭିତ୍ତିଭୂମି ନ ଥାଇ ଏନଓସି ପାଇଥିବା ଅଭିଯୋଗ ରହିଛି। ସେହିଭଳି ୨୦୧୭-୧୮ ଆର୍ଥିକ ବର୍ଷରେ ଏନଓସି ପାଇଁ ଆବେଦନ କରି ଫେଲ ପରେ ଜିଲାର ୧୨୨ ସ୍କୁଲ ପୁନଃ ଆବେଦନ କରିଛନ୍ତି।

ପିଲାଙ୍କୁ ସ୍କୁଲମୁହାଁ କରିବାକୁ ସରକାର ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଥିଲେ ମଧ ଛାତ୍ରୀଛାତ୍ର ସରକାରୀ ସ୍କୁଲକୁ ମୁହଁ ମୋଡି ଘରୋଇ ସ୍କୁଲମୁହାଁ ହେଉଛନ୍ତି। ଘରୋଇ ସ୍କୁଲରେ ଗରିବ ମା' ବାପା ମଧ ସେମାନଙ୍କ ପିଲାଙ୍କୁ ଟଙ୍କା ଦେଇ ପାଠ ପଢ଼ାଉଛନ୍ତି। ଏଭଳିସ୍ଥଳେ ୨୦୧୭-୧୮ ଆର୍ଥିକ ବର୍ଷରେ ଜିଲାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ୪୧୨ ଏଲିମେଣ୍ଟାରୀ ଘରୋଇ ସ୍କୁଲ ଏନ୍‌ଓସି ପାଇଁ ଆବେଦନ କରିଥିଲେ। ଏଥିରୁ ୨୯୫ ସ୍କୁଲ ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଏନଓସି ପାଇଛନ୍ତି। ଖୋର୍ଦ୍ଧା ବିଇଓଙ୍କ କାର୍ଯ୍ୟାଳୟ ଅଧୀନରେ ୩୬ ସ୍କୁଲ ଆବେଦନ କରିଥିବାବେଳେ ମାତ୍ର ୨୧ ଟି ଏନଓସି ପାଇଛନ୍ତି। ଏନ୍‌ଓସି ପାଇ ନ ଥିବା ସ୍କୁଲ ମଧ୍ୟରେ ଖୋର୍ଦ୍ଧା ସହରାଞ୍ଚଳରେ ମୋନାଲିସା, ଶିଶୁ ବିହାର, ସନବିମ୍, ଜଗନ୍ନାଥ ଘରୋଇ ସ୍କୁଲ ଆଦି ରହିଛି। ଫେଲ ମାରିଥିବା ଜିଲାର ୧୨୨ ସ୍କୁଲ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ପୁଣି ଏନ୍‌ଓସି ପାଇବାକୁ ଆବେଦନ କରିଛନ୍ତି। ଅଭିଭାବକମାନେ ଏନଓସି ସମ୍ପର୍କରେ ଅଜ୍ଞ ଥିବାରୁ ଉଚ୍ଚ ଶିକ୍ଷିତର ଲୋଭରେ କିଛି ନ ଜାଣି ୧୨୨ ସ୍କୁଲରେ ନାମ ଲେଖାଇଛନ୍ତି। ଏହି ସ୍କୁଲଗୁଡିକ ଏନ୍‌ଓସି ପାଇବେ କି ନାହିଁ ତାହା ସନ୍ଦେହଘେରରେ। ଏନ୍‌ଓସି ନ ଥାଇ ଘରୋଇ ସ୍କୁଲଗୁଡିକ ନାମ ଲେଖାଇବା ବେଆଇନ ହୋଇଥିଲେ ହେଁ ଏଥିପ୍ରତି କେହିବି ପ୍ରତିବାଦ କରୁନାହାନ୍ତି। ଶିକ୍ଷା ବିଭାଗ ନିୟମ ଅନୁସାରେ, ସ୍କୁଲ ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି, ସୁରକ୍ଷା ବ୍ୟବସ୍ଥା, ଖେଳପଡିଆ, ଶତପ୍ରତିଶତ ତାଲିମପ୍ରାପ୍ତ ଶିକ୍ଷକ, ଫ୍ରି ଷ୍ଟ୍ରକଚର ପରି ୨୦ଟି ମାନଦଣ୍ଡ ପୂରଣ ନ କଲେ ଏନଓସି ମିଳିବ ନାହିଁ। ହେଲେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷେ ଜିଲାରେ ୪୮ ଟି ସେକେଣ୍ଡାରୀ ସ୍କୁଲ ଏନ୍‌ଓସି ପାଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ କୁହନ୍ତି, ସରକାରୀ ନୀତି ନିୟମ ମୁତବାକ ଘରୋଇ ସ୍କୁଲର ଯାଞ୍ଚ କରାଯାଇ ଏନ୍‌ଓସି ପ୍ରଦାନ କରାଯାଉଛି। ଏନ୍‌ଓସି ପ୍ରଦାନରେ ଅନିୟମିତତାର ଅଭିଯୋଗ ଆସି ନାହିଁ।



ହାତୀ ପନିପରିବା ଫସଲକୁ ଦଳି ନଷ୍ଟ କରି ଦେଇଛନ୍ତି।

## ହାତୀ ଉଜାଡ଼ିଲେ ପନିପରିବା ଫସଲ

ଖୋର୍ଦ୍ଧା ଅଫିସ,୧୨।୧୨: ଖୋର୍ଦ୍ଧା ଜିଲା ଟାଙ୍ଗୀ ବନବିଭାଗର ରମାବିଲିରେ ହାତୀ ଉପଦ୍ରବ ଲାଗି ରହିଛି। ମଙ୍ଗଳବାର ରାତିରେ ୮ଟି ହାତୀ ରମାବିଲିର ଅଭିମନ୍ୟୁ ବେହେରାଙ୍କ ବାରିପଟେ ଥିବା ପନିପରିବା ଫସଲ ଖାଇବା ସହ ଗଛ ନଷ୍ଟ କରି ଦେଇଛନ୍ତି। ଅଭିମନ୍ୟୁ ବାରିରେ କାକୁଡି, ଭେଣ୍ଡି, ଜହ୍ନି ଫସଲ କରିଥିଲେ। ଫଳ ବିକ୍ରି ବି ଆରମ୍ଭ ହୋଇଯାଇଥିଲା। ହାତୀ ପନିପରିବା ଫସଲ ନଷ୍ଟ କରିବା ପରେ ଅଭିମନ୍ୟୁ ବନ ବିଭାଗକୁ ଅବଗତ କରାଇଛନ୍ତି। ଅଭିମନ୍ୟୁ ଲୋକଙ୍କଠାରୁ ୫୦ ହଜାର ଟଙ୍କା ଧାର କରଜ କରି ଫସଲ କରିଥିଲେ। ଫସଲ ଉଜାଡିବା ପରେ ଋଣ ଟଙ୍କା କିପରି ପରିଶୋଧ କରିବେ ସେହି ଚିନ୍ତା ଏବେ ତାଙ୍କୁ ଘାରିଛି।

## ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ଖୋର୍ଦ୍ଧା ଅଫିସ,୧୨।୧୨: ଖୋର୍ଦ୍ଧା ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ଓ ଇନ୍‌ସ୍ପାୟାରମାନଙ୍କ ବିଜ୍ଞାନ ପ୍ରଦର୍ଶନୀ ଦଧିମାଛଗାଡିଆ ନୋଡାଲ ହାଇସ୍କୁଲରେ ବୁଧବାର ଉଦ୍‌ଘାଟିତ ହୋଇଛି। ଏହା ୧୩ ତାରିଖରେ ଉଦ୍‌ଯାପିତ ହେବ। ବିଜ୍ଞାନମେଳାରେ ୧୮୧ ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଇନସ୍ପାୟାରମାନଙ୍କ ଆୱାର୍ଡ ୧୧୫ଟି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପରୁ ୧୧ଟି ରାଜ୍ୟ ସ୍ତରକୁ ଉନ୍ନୀତ ହେବ। ସେହିପରି ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ପାଇଁ ୬୬ ପ୍ରକଳ୍ପ ଆସିଛି। ଏଥିରୁ ୬ଟି ପ୍ରକଳ୍ପ ରାଜ୍ୟ ସ୍ତରକୁ ଉନ୍ନୀତ ହେବ। ଏହାକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଜାପାନ ନାଗୋୟ ବିଶ୍ୱ ବିଦ୍ୟାଳୟର ଯୁବ ବୈଜ୍ଞାନିକ ଡ. ସୁଦର୍ଶନ ରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା ଉପରେ ବିଭିନ୍ନ ଉଦାହରଣ ମାଧମରେ ଟିପ୍ପଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଦାଶ,



ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

କାଇପଦର ପଞ୍ଚାୟତ ସମିତି ସଭ୍ୟ ବିଭୁ ପ୍ରସାଦ ବଳିୟାରସିଂହ, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନିତା ମହାନ୍ତି, ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମନ ପରିଡ଼ା, ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବଳିୟାରସିଂହ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ସସ୍ମିତା ମାଳି ଓ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବ ଯୋଗ ଦେଇଥିଲେ। ଏଥିରେ ବେଗୁନିଆ ବ୍ଲକ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗଣେଶ୍ୱର ମିଶ୍ରଙ୍କ ବିଜ୍ଞାନ ସମ୍ବଳିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଜିଲା ବିଜ୍ଞାନ ସଂଯୋଜକ ସରୋଜ କୁମାର ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ରଶ୍ମିବାଳା ପରିଡ଼ା, ସୁଶ୍ରୀ ସଙ୍ଗୀତା ପଣ୍ଡା, ଡ. ଗୌରହରି ମିଶ୍ର, ଯୁଧିଷ୍ଠିର ସାହୁ, ସିଆରସିସି ପ୍ରଦ୍ୟୁମ୍ନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୁଣାତ୍ମକ ଶିକ୍ଷାର ସଂଯୋଜକ ଅଦ୍ୱୈତ କୁମାର ବଳିୟାରସିଂହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଟାଙ୍ଗୀ ବ୍ଲକ୍: ଧାରଣାରେ ବସିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ଟାଙ୍ଗୀ (ଖୋର୍ଦ୍ଧା), ୧୨।୧୨ (ଡି.ଏନ.ଏ.) ଟାଙ୍ଗୀ ବ୍ଲକ୍ ପରିସରରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଗତ ତିନି ଦିନ ଧରି ଧାରଣାରେ ବସି ରହିଛନ୍ତି । ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘଙ୍କ ଆହ୍ୱାନକ୍ରମେ ସମୂହ ଛୁଟି ନେଇ ବ୍ଲକ୍‌ର ୧୨ ଜଣ ଅଧିକାରୀ ଧାରଣାରେ ସାମିଲ ହୋଇଛନ୍ତି । ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ୍‌ରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅସଦ୍ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ଏହା ବିରୋଧରେ ସେମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଏହାର ପ୍ରତିବାଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସମୂହ ଛୁଟି ନେଇ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରହିଛନ୍ତି। ସେମାନେ ଗତ ତିନିଦିନ ଧରି ସମୂହ ଛୁଟି ନେବା ଫଳରେ ପଞ୍ଚାୟତଗୁଡିକର ଦୈନନ୍ଦିନ କାର୍ଯ୍ୟ ସମ୍ପାଦିତ ହୋଇ ପାରୁନଥିବା ଜଣାପଡିଛି ।

### ବିପଦସଙ୍କୁଳ ଭାବେ ଝୁଲୁଛି ବିଦ୍ୟୁତ୍ ତାର

ଖୋର୍ଦ୍ଧା ଅଫିସ,୧୨।୧୨: ଖୋର୍ଦ୍ଧା ସେସୁ କାର୍ଯ୍ୟାଳୟ ଜଙ୍କିଆ ଡିଭିଜନ ଛତ୍ରମା ମୌଜାସ୍ଥିତ ମହାଲକ୍ଷ୍ମୀ ଷ୍ଟୋନ କ୍ରଶର ସମ୍ମୁଖରେ ବିପଦସଙ୍କୁଳ ଭାବେ ବିଦ୍ୟୁତ୍ ତାର ଝୁଲି ରହିଛି। ସେହିପରି ଟ୍ରାନ୍ସଫର୍ମରକୁ ସଂଯୋଗ କରୁଥିବା ୧୧ କେଭି ଖୋଲା ତାର ମଧ ଅନୁରୂପ ଭାବେ ବିପଦସଙ୍କୁଳ ଭାବେ ରହିଛି। ଏ ନେଇ ଫେଡ୍‌କୋ, ସେସୁ ଅଧିକାରୀ ଓ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳିନି। ଅଘଟଣକୁ ଏଡାଇବାକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ରହିଛି।

## କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣା: ଜେଲ ଗଲେ ଅଣଛାତ୍ର

ଖୋର୍ଦ୍ଧା ଅଫିସ,୧୨।୧୨: ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂ ଶାସିତ କଲେଜରେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ଜଟଣୀ ଥାନା ବାଛେରାପାଟଣା ନିକଟସ୍ଥ ବିଡ଼ିଏ କଲୋନୀର ମାଧବ ଓଙ୍କାର (୨୨) ନାମକ ଜଣେ ଅଣଛାତ୍ରଙ୍କୁ ଗିରଫ କରିଛି। ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଏମ୍. ଓଙ୍କାରକୁ ବୁଧବାର ଜେଲ ଯିବାକୁ ପଡିଛି। ନଭେମ୍ବର ୯ ତାରିଖରେ କିଛି ଛାତ୍ର ପ୍ରାଣନାଥ ସ୍ୱୟଂ ଶାସିତ କଲେଜରେ ପରିସର ମଧ୍ୟରେ ଠିଆ ହୋଇ କଥା ହେଉଥିବା ବେଳେ ଓଁକାର ଏବଂ ତାଙ୍କର କିଛି ସହଯୋଗୀ ଛାତ୍ରମାନଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲେ। ଏଥିରେ ଖୋର୍ଦ୍ଧା ନୂଆବସ ଷ୍ଟାଣ୍ଡସ୍ଥିତ ଅନିକେତ ଲେଙ୍କା ନାମକ ଯୁକ୍ତ ୩ ବାଣିଜ୍ୟ ଛାତ୍ର ଗୁରୁତର ଆହତ ହୋଇଥିଲେ। ଅନିକେତଙ୍କ ମୁଣ୍ଡ, ଗୋଡ଼, ହାତରେ ଗୁରୁତର ଆଘାତ ଲାଗିଥିଲା। ଅନକେତଙ୍କ ଅଭିଯୋଗ ଅନୁଯାୟୀ, ଟାଉନ ଥାନା ପୋଲିସ ନଂ. ୪୩୪/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହିଦିନଠାରୁ ଓଁକାର ଫେରାର ଥିଲେ। କୌଣସି ସୂତ୍ରରୁ ଖବରପାଇ ସୋମବାର ରାତ୍ରିରେ ଜଟଣୀରୁ ଓଁକାରଙ୍କୁ ଗିରଫ କରାଯାଇଥିଲା। ଓଁଙ୍କାରଙ୍କ ନାମରେ ପୂର୍ବରୁ ଜଟଣୀ, ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ରାସ୍ତା ଅବସ୍ଥା ଶୋଚନୀୟ, ମରାମତି ଦାବି



ଦାସସାହି ମୁଣ୍ଡରେ ଥିବା ରାସ୍ତାର ପ୍ରବେଶ ସ୍ଥାନ

ବୋଲଗଡ଼,୧୨।୧୨(ଡି.ଏନ.ଏ.) ବୋଲଗଡ଼ ବ୍ଲକ ଅସରଳା ଦଳ ପଞ୍ଚାୟତସ୍ଥ ପୁଆଣିଆ ଗ୍ରାମର ଦାସସାହିକୁ ପ୍ରବେଶ କରିଥିବା ରାସ୍ତାଟି ଶୋଚନୀୟ ହୋଇପଡିଛି । ସାହି ମୁଣ୍ଡରେ ଥିବା ଡ୍ରେନ ଉପରେ ସମ୍ପୂର୍ଣ୍ଣ ଢାଙ୍କୁଣି ବ୍ୟବସ୍ଥା ନାହିଁ। ଫଳରେ ପରିବେଶ ଦୂଷିତମୟ ହୋଇପଡ଼ିଛି। ଏଠାରେ ଥିବା ପାନୀୟ ଜଳ ପାଇପ୍ ସ୍ଥାନଟି ମଧ ଡାଡ଼ି ହୋଇରହିଛି। ତେଣୁ ସ୍ଲାପ୍‌ର ଉପର ଦେଇ ଲୋକେ ଯାତାୟାତ କରୁଥିବା ବେଳେ ଅସୁବିଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ୪ ଚକିଆ ଗାଡ଼ି ଯାତାୟାତ କରି ନ ପାରିବା ଯୋଗୁ ରୋଗୀମାନେ ହଇରାଣ ହେବା ସହ ଭାରି ଜିନିଷ ନେବାଆଣିବା ସହଜ ମନେହେଉନି। ଦୀର୍ଘଦିନ ଧରି ସ୍ଲାପ୍ ଉପରେ ମାତ୍ର ୩ଫୁଟ ଓସାରର ହୋଟିଏ ସ୍ଲାପ ପଡିଛି। ତେଣୁ ଗ୍ରାମବାସୀ ସମ୍ପୂର୍ଣ୍ଣ ଢାଙ୍କୁଣି ପକାଇବା ନେଇ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଫକିର ସ୍ୱାଇଁ କହିଛନ୍ତି ଦାସସାହି ମୁଣ୍ଡରେ ଥିବା ଡ୍ରେନ୍‌ଠାରେ ରାସ୍ତା ମରାମତି ଏବଂ ସ୍ଲାପ୍ ବ୍ୟବସ୍ଥା ନିମନ୍ତେ ପ୍ରଚେଷ୍ଟା କରାଯିବ।

## କଣ୍ଟାବାଡ଼ରେ ଭାଗବତ ସଭା ଓ ଆଲୋଚନାଚକ୍ର

ବେଗୁନିଆ,୧୨।୧୨ (ଡି.ଏନ.ଏ.) ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମରେ ବୁଧବାର ସକାଳେ ଭାଗବତ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ଭାଗବତ ପ୍ରେମୀ ଦଇତାରି ପାଣିଗ୍ରାହୀଙ୍କ ତ୍ରୟୋଦଶାହ ଅବସରରେ ଏହି ସଭା ହୋଇଥିଲା। ବାଙ୍କୀ ଅଞ୍ଚଳର ଭାଗବତ ପ୍ରଚାର ସମିତିର ସମ୍ପାଦକ ସଦାନନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଟକ, ପୁରୀ, ନୟାଗଡ ଓ ଖୋର୍ଦ୍ଧା ଜିଲା ଅଞ୍ଚଳର ବହୁ ଭାଗବତ ପ୍ରେମୀ ଯୋଗଦେଇଥିଲେ। ଏଥିସହ ପୁରୀସ୍ଥିତ ରାଧାମାଧବ ଆଶ୍ରମର ସାଧୁ ଗୋପୀନାଥ ଦାଶ ଭାଗବତ ସଭା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶ୍ରୀମଦ୍ ଭାଗବତ ମହାପୁରାଣ ଏକାଦଶ ସ୍କନ୍ଧର ଦ୍ୱାଦଶ ଅଧ୍ୟାୟ 'ସତସଙ୍ଗ ମହିମା' ଶୀର୍ଷକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଥିଲା। ଏଥିରେ ପଣ୍ଡିତ ଅଖିଳେଶ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ତପନ କୁମାର ପଣ୍ଡା ପ୍ରମୁଖ ବିଷୟବସ୍ତୁକୁ ବ୍ୟାଖ୍ୟା କରିଥିଲେ। ଏଥିସହ ଅନ୍ୟତମ ବକ୍ତା ଭାବେ ଉଦୟନାଥ ମହାପାତ୍ର, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ମା' ବାଉତି କ୍ରିକେଟ୍ କ୍ଲବ ବିଜୟୀ

କଣାସ,୧୨।୧୨(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ଗ୍ରାମ ଖେଳପଡିଆରେ ଚାଲିଥିବା ଦ୍ୱାଦଶତମ ମା' ଜାଗୁଳାଇ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚରେ ମା' ବାଉତି କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ସିଦ୍ଧଚଣ୍ଡୀ କ୍ରିକେଟ୍ କ୍ଲବ ଜୋରକଣି ଏବଂ ମା' ବାଉତି କ୍ରିକେଟ୍ କ୍ଲବ କୁରାଡମଲ୍ଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଦ୍ଧଚଣ୍ଡି କ୍ରିକେଟ୍ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୯ ଓଭର ୩ଟି ବଲରେ ସମସ୍ତ ଉଇକେଟ୍ ହରାଇ ୧୧୮ରନ୍ ସଂଗ୍ରହ କରିଥିଲା। ଏହାର ଯବାବରେ ମା' ବାଉତି କ୍ରିକେଟ୍ କ୍ଲବ ୧୭ଓଭର ୨ଟି ବଲ ଖେଳି ଦୁଇଟି ଉଇକେଟ୍ ହରାଇ୧୧୯ରନ୍ କରି ବିଜୟୀ ହୋଇଥିଲା।

## ମାସରେ ୫ରୁ ୧୦ ଦିନ ବନ୍ଦ ରହୁଛି ପେଟ୍ରୋଲ ପମ୍ପ

ଖୋର୍ଦ୍ଧା ଅଫିସ,୧୨।୧୨ ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପ ମାସରେ ୫ରୁ ୧୦ ଦିନ ପର୍ଯ୍ୟନ୍ତ ବନ୍ଦ ରୁହୁଛି। ଅଭିଯୋଗ କଲେ ସୁଫଳ ମିଳୁନି। ବୁଧବାର କେତେଜଣ ଲୋକ ବାଇକ୍‌ରେ ତେଲ ପକାଇବାକୁ ଯାଇ ନିରାଶ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି। ତେବେ ପମ୍ପ ପକ୍ଷରୁ ତେଲ ଶେଷ ହୋଇଛି ବୋଲି କହି ଫେରା ଯାଇଥିଲା। ପେଟ୍ରୋଲ ପମ୍ପ ବନ୍ଦ ଦିବସରେ ବାଉଁଶ ପକାଇ ତେଲ ନ ଥିବା କୁହାଯାଉଛି।



ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ବାଉଁଶ ପକାଇ ବନ୍ଦ ରଖାଯାଇଛି।

■ ସମସ୍ୟା ଘେରରେ ଜଟଣୀ କଲେଜ

# ନାଁରେ ଜମି ନାହିଁ, ଅନୁଦାନରୁ ବଞ୍ଚିତ

ଜଟଣୀ,୧୨।୧୨(ଡି.ଏନ୍.ଏ.)

ଜଟଣୀ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ୪୨ ବର୍ଷ ହୋଇଗଲାଣି। କେବଳ ଜଟଣୀ ନୁହେଁ ଖୋର୍ଦ୍ଧା ଜିଲାର ଏହା ଅନ୍ୟତମ ପୁରୁଣା କଲେଜ। ହେଲେ ଏହି କଲେଜରେ ରହିଛି ବହୁ ସମସ୍ୟା। ଯାହାଦ୍ୱାରା ଉଭୟ ବିଦ୍ୟାର୍ଥୀ ଓ କଲେଜର କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଏକ ପୁରୁଣା କଲେଜରେ ଯେଉଁସବୁ ସୁବିଧା ରହିବା କଥା ତାହା ଏଠାରେ ଉପଲବ୍ଧ ନାହିଁ। ୧୯୭୬ ରେ ପ୍ରତିଷ୍ଠା ହୋଇଥିବା ଶିକ୍ଷାନୁଷ୍ଠାନ ଯେଉଁ ଜମି ଉପରେ ହୋଇଛି ତାହା କଲେଜ ନାମରେ ଏଯାବତ୍ ରେକର୍ଡଭୁକ୍ତ ହୋଇନାହିଁ। ନିଜ ନାମରେ ଜମି ନ ଥିବାରୁ ୟୁଜିସିଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅନୁଦାନରୁ ଏହି କଲେଜ ବଞ୍ଚିତ ହେଉଛି। କଲେଜ ନିକଟରେ ଥିବା ସରକାରୀ ସ୍କୁଲ ନାମରେ ଏହି ଜମି ରହିଛି। ସ୍କୁଲ ଗଣଶିକ୍ଷା ଓ କଲେଜ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଛି। ଏଣୁ ଗଣଶିକ୍ଷା ବିଭାଗ ରାଜସ୍ୱ ବିଭାଗ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ଜମି ହସ୍ତାନ୍ତର କରିବା ପରେ କଲେଜ ନାମରେ ଏହା ରେକର୍ଡଭୁକ୍ତ ହୋଇପାରିବ। ହେଲେ ଏହା ହୋଇପାରୁନାହିଁ। ସେହିପରି ଯୁକ୍ତ ୨ ଓ ଯୁକ୍ତ ୩ ପଦାର୍ଥ ବିଜ୍ଞାନରେ ଜଣେ ମାତ୍ର ଅଧ୍ୟାପକ ଶିକ୍ଷାଦାନ କରିବା ସହ କଲେଜର ଅଧକ୍ଷ ଦାୟିତ୍ୱ ତୁଲାଉଛନ୍ତି। କଲେଜର ବିଭିନ୍ନ ପ୍ରଶାସନିକ ଓ ଅନ୍ୟ କାର୍ଯ୍ୟ ନିର୍ବାହ କରିବା ସହ ପିଲାଙ୍କୁ ପାଠ ପଢ଼ାଇବା ବୋଝ ତାଙ୍କ ମୁଣ୍ଡ ଉପରେ। କେମେଷ୍ଟ୍ରି, ବଟାନିରେ ସମାନ ଅବସ୍ଥା। ୪ ଜଣ ପରିବର୍ତ୍ତେ ଏହି ବିଷୟରେ ଜଣେ ଲେଖାଏ ଅଧ୍ୟାପକ ରହିଛନ୍ତି। ବିଜ୍ଞାନରେ ବିଭିନ୍ନ ସମ୍ମାନ ଶ୍ରେଣୀ ଖୋଲିବା ପରେ ବିଜ୍ଞାନାଗାରରେ ଆବଶ୍ୟକ ଉପକରଣ ରହୁନି। ଜଣେ ମାତ୍ର ଲ୍ୟାବ ଆସିଷ୍ଟାଣ୍ଟରେ ଚାଲିଛି ସାଇନ୍ସ ଲାବୋରେଟେରି। ଯୁକ୍ତ ୩ ବିଜ୍ଞାନରେ ଇଲେକ୍ଟ୍ରୋନିକ୍ସ ଓ କମ୍ପ୍ୟୁଟର ସାଇନ୍ସ ବିଷୟ ଏଯାବତ୍ ଖୋଲିନାହିଁ। ଯୁକ୍ତ୨ କମ୍ପ୍ୟୁଟର ସାଇନ୍ସରେ ଥିବା ଅଧ୍ୟାପକଙ୍କ ମୃତ୍ୟୁ ପରେ ଦୀର୍ଘଦିନ ହେବ ଏହି ପଦବୀ ଖାଲିପଡିଛି। ଯୁକ୍ତ ୨ ଓ ଯୁକ୍ତ ୩ କଳାରେ ମନସ୍ତତ୍ୱ ବିଜ୍ଞାନ, ଭୂଗୋଳ, ସୋସିଓଲୋଜି, ଗୃହବିଜ୍ଞାନ, ଲାଇବ୍ରେରୀ ସାଇନ୍ସ ଭଳି ବିଷୟ ଏଯାବତ୍ ଖୋଲିନାହିଁ। ବାଣିଜ୍ୟରେ ମଧ ସମାନ ଅବସ୍ଥା। କଲେଜରେ ଏକ ହଜାରରୁ ଅଧିକ ଛାତ୍ରୀ ରହିଥିବାବେଳେ ସେମାନଙ୍କ ପାଇଁ ଉପଯୁକ୍ତ କମନ୍‌ରୁମ ନାହିଁ। ସେମିଷ୍ଟାର ପ୍ରଣାଳୀରେ ପାଠ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କଲେଜ ଲାଇବ୍ରେରୀରେ ଆବଶ୍ୟକ ପୁସ୍ତକ ଉପଲବ୍ଧ ହେଉନାହିଁ। କର୍ମଚାରୀମାନେ ସମୟାନୁବର୍ତ୍ତିତା ହୋଇ କଲେଜ ଆସିବାକୁ ବାଇୟୋମେଟ୍ରିକ୍ ମେଶିନ୍ ରହି ନ ରହିଲା ଭଳି। ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକଙ୍କ ବେତନ ବୃଦ୍ଧି କରାଯାଉନାହିଁ। କେତେଜଣ ଅଧ୍ୟାପକ ଦୀର୍ଘଦିନ ହେବ କଲେଜରେ ଅନୁପସ୍ଥିତ ରହିଛନ୍ତି। କଲେଜ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଅନେକ ପଦବୀ ଖାଲି ପଡିଥିଲେ ମଧ ନୂତନ ନିଯୁକ୍ତି ଉପରେ ପରିଚାଳନା କମିଟିର ଦୃଷ୍ଟି ପଡୁନାହିଁ। ଏହିଭଳି ସମସ୍ୟା କଲେଜରେ ଲାଗି ରହିଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କଲେଜ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ ରାଜ୍ୟରେ ଜମି ନ ଥିବା କଲେଜକୁ ୧୦ ଏକର ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ଜିଲାପାଳମାନଙ୍କୁ ରିପୋର୍ଟ ମାଗିଛନ୍ତି। ସରକାରଙ୍କ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେଲେ ଜଟଣୀ କଲେଜକୁ ଏଥିରୁ ସୁଫଳ ମିଳିବ। ଏହାଛଡ଼ା ଅଧ୍ୟାପକ ପଦବୀ ପୂରଣ ସହ ରହିଥିବା ଅନ୍ୟ ସମସ୍ୟା ଦୂର କରିବାକୁ ପଦକ୍ଷେପ ନିଆଯାଉଛି।



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ,
ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
- କନଫୁସିୟସ



## ସଂକ୍ଷେପରେ

### କଲେଜ ପରିସରରେ ଛାତ୍ରୀଙ୍କୁ ଟଣାଓଟରା

#### ଭାଇ, ପିଉସୀ ଅଟକ

**ନିମାପଡ଼ା, ୧୨।୧୨ (ଡି.ଏନ୍.ଏ.):** ପାରିବାରିକ ବିବାଦକୁ କେନ୍ଦ୍ର କରି ନିମାପଡ଼ା କଲେଜ ପରିସରରେ ଜଣେ ଛାତ୍ରୀଙ୍କୁ ଟଣାଓଟରା ହୋଇଛି। ଏ ନେଇ ଅଭିଯୋଗ ପରେ ନିମାପଡ଼ା ପୋଲିସ ମାମଲା ନଂ.୩୬୭/୧୮ ରୁଜୁ କରି ଛାତ୍ରୀଙ୍କ ଭାଇ ଓ ପିଉସୀନାନୀଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ସୂଚନାନୁସାରେ, ଛାତ୍ରୀ ଜଣକ ବିବାହିତା। ତାଙ୍କ ଶାଶୁଘର ଚନ୍ଦ୍ରଭାଗା ମେରାଇନ ଥାନା ଅଞ୍ଚଳରେ। ସେ ବୁଧବାର ପରୀକ୍ଷା ଦେବାକୁ କଲେଜ ଆସିଥିଲେ। ତାଙ୍କ ଭାଇ ଓ ପିଇସୀନାନି ପହଞ୍ଚି ତାଙ୍କୁ ଘରକୁ ଯିବାକୁ କହିଥିଲେ। ମାତ୍ର ସେ ରାଜି ନ ହେବାରୁ ସେମାନେ ତାଙ୍କୁ ଜବରଦସ୍ତ ନେବାକୁ ଉଦ୍ୟମ କରିଥିଲେ। ଏ ସଂକ୍ରାନ୍ତରେ ଛାତ୍ରୀ ଜଣକ କଲେଜ ଅଧକ୍ଷ ରାଜକିଶୋର ରଥଙ୍କୁ ଜଣାଇଥିଲେ। ପରେ କଲେଜ ଅଧକ୍ଷ ରଥ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ରାସ୍ତାକଡ଼କୁ ଓଲଟିଲା କାର

#### ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**କଣାସ,୧୨।୧୨(ସ୍ୱ.ପ୍ର.):** କଣାସ ଥାନା ଅନ୍ତର୍ଗତ ନୂଆଜଗନ୍ନାଥ ସଡ଼କ କୋଟକଣା ଛକ ନିକଟରେ ବୁଧବାର ଏକ କାର ଭାରସାମ୍ୟ ହରାଇ ରାସ୍ତକଡକୁ ଓଲଟି ପଡିଥିଲା। ଏଥିରେ ଥିବା ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଭଞ୍ଜନଗରରୁ ଏକ କାର (ଓଆର ୦୭ଟି ୬୦୬୧) ସାହୁ ମଲ୍ଲିକ ଓ ତାଙ୍କ ପରିବାରକୁ ନେଇ ପୁରୀ ଯାଉଥିଲେ। କୋଟକଣା ଛକ ନିକଟରେ କାର୍ ଆଗରେ ଏକ ବାଇକ ଚାଳକ ପଶିଯିବାରୁ କାରଟି ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଏହା ପରେ କାରରେ ଥିବା ଯାତ୍ରୀମାନେ ଅନ୍ୟ ଏକ ଗାଡିରେ ପୁରୀ ପଳାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାରକୁ ଜବତ କରି ଥାନାକୁ ଆଣିଥିବା ଜଣାପଡିଛି।

### ଶିଶୁର ଶୈକ୍ଷିକ ବିକାଶରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଣାସ,୧୨।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ସାନଓରା ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଶୁଶୁର ଶୈକ୍ଷିକ ବିକାଶରେ ଅଭିଭାବକଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିକ୍ଷାବିତ୍ ବାସୁଦେବ ହରିଚନ୍ଦନ, ହେମନ୍ତ ପ୍ରଧାନ, ସିଆରସିସି ରାମଚନ୍ଦ୍ର ସାହୁ, ବିଷ୍ଣୁଚରଣ ସାହୁ ଯୋଗଦେଇ ଶିଶୁର ଶୈକ୍ଷିକ ବିକାଶରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ବାଲେଶ୍ୱର ଶବର ଓ ସଂଗ୍ରାମ ପ୍ରତାସିଂହ ପରିଚାଳନା କରିଥିଲେ।

#### ମା’ ଜାଗୁଲାଇ କ୍ରିକେଟ୍ ଟୁର୍ନାମେଣ୍ଟ

### ମା’ ବାଉତି କ୍ରିକେଟ୍ କ୍ଲବ ବିଜୟୀ

**କଣାସ,୧୨।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ଗ୍ରାମ ଖେଳପଡିଆରେ ଚାଲିଥିବା ଦ୍ୱାଦଶତମ ମା’ ଜାଗୁଲାଇ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚରେ ମା’ ବାଉତି କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ସିଦ୍ଧଚଣ୍ଡୀ କ୍ରିକେଟ୍ କ୍ଲବ ଜୋରକଣି ଏବଂ ମା’ ବାଉତି କ୍ରିକେଟ୍ କ୍ଲବ କୁରାଢମଲ୍ଲ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସିଦ୍ଧଚଣ୍ଡୀ କ୍ରିକେଟ୍ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୯ ଓଭର ୩ଟି ବଲରେ ସମସ୍ତ ଉଇକେଟ୍ ହରାଇ ୧୧୮ରନ୍ ସଂଗ୍ରହ କରିଥିଲା। ଏହାର ଯବାବରେ ମା’ ବାଉତି କ୍ରିକେଟ୍ କ୍ଲବ ୧୭ଓଭର ୨ଟି ବଲ ଖେଳି ଦୁଇଟି ଉଇକେଟ୍ ହରାଇ୧୧୯ରନ୍ କରି ବିଜୟୀ ହୋଇଥିଲା। ମା’ ବାଉତି କ୍ରିକେଟ୍ କ୍ଲବର ଶଙ୍କର ପରିଡା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁମନ୍ତ ବାଘସିଂହ, ବିରଜ ପରିଡା ମ୍ୟାଚ ପରିଚାଳନା କରିଥିଲେ ।

---

■ କୁରାଳ ପଞ୍ଚମୀ ଆରମ୍ଭ

# ପୂଜାମଣ୍ଡପରେ ରୁଦ୍ରପାଳ, ରତ୍ନେଶ୍ୱରୀ

**ପୁରୀ ଅଫିସ,୧୨।୧୨**



କୁରାଳ ପଞ୍ଚମୀରେ କୁମ୍ଭକାରମାନେ ଇଷ୍ଟଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ପୂଜା କରୁଛନ୍ତି।

ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ କୁମ୍ଭକାରମାନଙ୍କ ପ୍ରସିଦ୍ଧ ପର୍ବ କୁରାଳ ପଞ୍ଚମୀ ଆରମ୍ଭ ହୋଇଛି। ବୁଧବାର ଆରମ୍ଭ ହୋଇଥିବା ଏହି ପର୍ବକୁ ଓଢଣ ଷଷ୍ଠୀ ପର୍ବ ମଧ କୁହାଯାଏ। ପୁରୀ ସହରର କୁମ୍ଭାରପଡ଼ା, ନୂଆସାହି, ଜେନାପୁର ଓ ଟିକରପଡ଼ା ଅଞ୍ଚଳରେ ରହୁଥିବା କୁମ୍ଭକାରମାନେ ସେମାନଙ୍କ ଇଷ୍ଟଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ଆରାଧନା କରିଛନ୍ତି। ପ୍ରତି ଘରେ ହାଣ୍ଡିଗଢା ସାଜ ସରଞ୍ଜାମ (ଚକ, ପିଣ୍ଡ, ପିଟଣା, ଶଙ୍ଖ ପ୍ରଭୃତି)କୁ ପୂଜାରେ ବସାଇ କୁମ୍ଭକାରମାନେ ଚକ୍ରପୂଜା ଆରମ୍ଭ କରିଛନ୍ତି। ଏହି ଅବସରରେ ବିଭିନ୍ନ ସାହିରେ ୧୦ଟି ପୂଜାମଣ୍ଡପ ସ୍ଥାପନ କରାଯାଇଛି। ପୂଜାମଣ୍ଡପଗୁଡ଼ିକରେ ହୋମଯଜ୍ଞ ସହ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପାଞ୍ଚଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇ ଆସନ୍ତା ରବିବାର ଉଦ୍‌ଯାପିତ ହେବ। ଏଥିସହ ବିଭିନ୍ନ ପୂଜାମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡିଛି।

ପରମ୍ପରା ଅନୁଯାୟୀ କୁମ୍ଭକାରମାନେ ଏହି ପର୍ବରେ ସେମାନଙ୍କ ଇଷ୍ଟଦେବତାଙ୍କ ନିକଟରେ ୫ ଦିନରେ ୫ ପ୍ରକାର ଭୋଗ କରିଥାନ୍ତି। ପ୍ରଥମ ଦିନ ଅର୍ଥାତ୍ ବୁଧବାର ଅନ୍ନ ଭୋଗ କରାଯାଇଛି। ଦ୍ୱିତୀୟ ଦିନରେ ପିଠା, ତୃତୀୟ ଦିନ ଦହି ପଖାଳ, ଚତୁର୍ଥ ଦିନ ଖେଚୁଡ଼ି ଏବଂ ପଞ୍ଚମ ଦିବସରେ ଚକୁଳି ପିଠା ଭୋଗ କରାଯିବ। ଏହି ପାଞ୍ଚଦିନ ହାଣ୍ଡିଗଢା କାମ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏପରି କି କଞ୍ଚାହାଣ୍ଡିକୁ ବି କୁମ୍ଭକାରମାନେ ସ୍ପର୍ଶ କରିବେ ନାହିଁ। କୁମ୍ଭକାର ନିଯୋଗ ସଦସ୍ୟ ମହେନ୍ଦ୍ର ବିଶୋଇ କୁହନ୍ତି, ମାର୍ଗଶିର ଶୁକ୍ଳ ପଞ୍ଚମୀ କୁମ୍ଭକାରମାନଙ୍କ ଇଷ୍ଟଦେବତା ରୁଦ୍ରପାଳଙ୍କ ଜନ୍ମତିଥି। ଏହିଦିନଠାରୁ କୁରାଳ ପଞ୍ଚମୀ ପୂଜା ଆରମ୍ଭ ହୋଇ ନବମୀ ପର୍ଯ୍ୟନ୍ତ ଚାଲିବ। ଶେଷ ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମୂର୍ତ୍ତିକୁ ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇ ଅଠରନଳା ମୂଷାନଈରେ ବିସର୍ଜନ କରାଯିବ। ପର୍ବ ପରେ କୁମ୍ଭକାର ନିଯୋଗ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଜ୍ୟୋତିଷଙ୍କୁ ଡକାଯାଇ ଏଥିରେ ଏକ ଶୁଭ ଅନୁକୂଳ ସମୟ ନିର୍ଦ୍ଧାରଣ କରାଯିବ। ନିର୍ଦ୍ଧାରିତ ସମୟରେ ସମସ୍ତ କୁମ୍ଭକାର ଏକକାଳୀନ ଚକ୍ର ନମସ୍କାର ପୂର୍ବକ ବର୍ଷକ ପାଇଁ ହାଣ୍ଡିଗଢା କାମ ଆରମ୍ଭ କରିବାର ବିଧି ରହିଛି।



ପୁରୀ ବେଳାଭୂମିରେ ବୁଧବାର ମାଲେସିଆର ହକି ଖେଳାଳିମାନେ ଭଲିବଲ ଖେଳୁଛନ୍ତି।

---

# ଘରୋଇ ରନ୍ଧନ ଗ୍ୟାସ୍ ଗୋଦାମ ଗୃହ ସ୍ଥାନାନ୍ତର ଦାବି

**ପୁରୀ ଅଫିସ,୧୨।୧୨**

ଗୋପ ବ୍ଲକ ଅନ୍ତର୍ଗତ ନେତପୁର ଗ୍ରାମର ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ଘରୋଇ ରନ୍ଧନ ଗ୍ୟାସ୍ ଗୋଦାମ ଗୃହ ନିର୍ମାଣକୁ ବିରୋଧ କରି ଶତାଧିକ ଗ୍ରାମବାସୀ ବୁଧବାର ପୁରୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ନିର୍ମାଣାଧୀନ ଗୋଦାମ ଗୃହ ନିକଟରେ ଏକ ପ୍ରାଥମିକ ବିଦ୍ୟାଳୟ, ବାଳିକା ହାଇସ୍କୁଲ ଏବଂ ମନ୍ଦିର ରହିଛି। ଅନ୍ୟପଟେ ଗୋପ ଏବଂ ଜିଲା ସଦର ମହାକୁମାକୁ ଯିବା ଲାଗି ମୁଖ୍ୟ ରାସ୍ତା ହୋଇଥିବାରୁ ଦୈନିକ ଶହ ଶହ ଯାନବାହନ ଚଳାଚଳ କରୁଛି। ବିଦ୍ୟାଳୟ ନିକଟରେ ଗୋଦାମ ଗୃହ ନିର୍ମାଣ କରାଗଲେ ଅଘଟଣ ଘଟିବାର ଆଶଙ୍କା ରହିଛି। ଜନବସତି, ବିଦ୍ୟାଳୟ, ମନ୍ଦିର, ସର୍ବସାଧାରଣ ସ୍ଥାନ, ପୋଲ ଏବଂ ବଜାର ଆଦି ସ୍ଥାନରୁ ଦୂରରେ ନିର୍ମାଣ କରିବା ନିୟମ ରହିଥିବା ବେଳେ ଏ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରାଜନୈତିକ ପୃଷ୍ଠପୋଷକତାରେ ଏହି ରନ୍ଧନ ଗ୍ୟାସ ଠିକା ନେଇଥିବା ବ୍ୟକ୍ତି ଜୋରଜବରଦସ୍ତ ଗୋଦାମଘର ନିର୍ମାଣ କରୁଛନ୍ତି। ଏଣୁ ଏହାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ଲାଗି ନିର୍ଦ୍ଦେଶ ଦେବାକୁ ଶତାଧିକ ଗ୍ରାମବାସୀ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ନିମାପଡ଼ା,୧୨।୧୨(ଡି.ଏନ୍.ଏ.)**

ନିମାପଡ଼ା କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଓ ଚାଷୀ ସମାବେଶ ଉଛପୁର ପଞ୍ଚାୟତ ଅଧୀନ ଗଡ଼ଚାନ୍ଦପୁରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଜିଲା କୃଷି ଉପନିର୍ଦ୍ଦେଶକ ଏସ. ଚନ୍ଦ୍ରଶେଖର ରାଓ, ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ବେଉରା, ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ, ଆତ୍ମାର ଅଧକ୍ଷ ଚିତ୍ତରଞ୍ଜନ ନାୟକ, ଜିଲାପରିଷଦ ସଭ୍ୟ ସୁମନ୍ତ ଦାଶ, ସୁଧୀର ରଞ୍ଜନ ଦାଶ, ପ୍ରଦୀପ୍ତ ଖଟୋଇ, ଜଗବନ୍ଧୁ ବେହେରା, ରମାକାନ୍ତ ପରିଡା ପ୍ରମୁଖ ଯୋଗଦେଇ କୃଷକ ସମ୍ପର୍କ ମେଳାର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର ଦୃଢ ସଙ୍କଳ୍ପବଦ୍ଧ ବୋଲି ବିଧାୟକ ଦାଶ କହିଥିଲେ। ଏହି ଅବସରରେ ସଫଳ ଚାଷୀ ଲକ୍ଷ୍ମୀଧର ପ୍ରଧାନ, ନରେନ୍ଦ୍ର ପରିଡା, ବିଶ୍ୱଜିତ ଛୋଟରାୟ, ବ୍ରଜକିଶୋର ରାଉତ, ବିଶ୍ୱ ପ୍ୟାରିମୋହନ ଆଚାର୍ଯ୍ୟ ପ୍ରମୁଖଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ବହୁ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମାବେଶରେ ପ୍ରାୟ ଦୁଇ ହଜାର ଚାଷୀ ଯୋଗଦେଇଥିଲେ।

## ୮୦ ଜଣଙ୍କର ହେଲା ଅସ୍ଥି ସାନ୍ଦ୍ରତା ପରୀକ୍ଷା

**ପୁରୀ ଅଫିସ,୧୨।୧୨**

ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ଆନୁକୂଲ୍ୟରେ ବୁଧବାର ହୋଟେଲ ତ୍ରିଦେବ ଭିଲ୍ଲା ପରିସରରେ ଏକ ଅସ୍ଥି ସାନ୍ଦ୍ରତା (ବୋନ୍ ଡେନ୍‌ସିଟି) ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ପରିଷଦର ମହିଳା ସହଭାଗିତା ଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ୮୦ଜଣଙ୍କ ଅସ୍ଥି ସାନ୍ଦ୍ରତା ପରୀକ୍ଷା କରାଯାଇଥିଲା। ଗୋପବନ୍ଧୁ ଆୟୁର୍ବେଦ କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ନାରାୟଣ ଚନ୍ଦ୍ର ଦାଶ, ଡା. ସୁରେନ୍ଦ୍ର ନାଥ ପତି ଯୋଗଦେଇ ଚିକିତ୍ସା କରିଥିଲେ। ଶାଖା ସଭାପତି ପଦ୍ମନାଭ ପଣ୍ଡା, ସଚିବ ସୁପ୍ରୀତି ରଥ, ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଲାଲା ଅନନ୍ତ ସିଂ, ଜୟନ୍ତୀ ମହାପାତ୍ର, ମମତା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଆତ୍ମରକ୍ଷା କୌଶଳ ଶିବିର

**କଣାସ,୧୨।୧୨(ଡି.ଏନ୍.ଏ.)**

କଣାସ ବ୍ଲକ ଅଧୀନ ଚୌଦମୌଜା ବିଦ୍ୟୁତ୍ କନିଷ୍ଠ ମହାବିଦ୍ୟାଳୟ ଗଡସାନପୁଟ ଠାରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ରବୀନ୍ଦ୍ର କୁମାର ସୁନ୍ଦରାୟ, ଅଧକ୍ଷ ବିଜୟ କୁମାର ସାମନ୍ତରାୟ, କ୍ରୀଡ଼ା ପ୍ରଶିକ୍ଷକ ରଜନୀକାନ୍ତ ବଡଜେନା, ସଂସଦ କୁମାର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୧୫ ଯୁକ୍ତ ଦୁଇ ଛାତ୍ରୀମାନେ ଯୋଗଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷିକା ଦୀପିକା ସେନାପତି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ମାଣତ୍ରିଠାରେ ନୂତନ ବିଜୁସେତୁର ଶିଳାନ୍ୟାସ



ବିଜୁ ସେତୁର ଶିଳାନ୍ୟାସ ଅବସରରେ ମନ୍ତ୍ରୀ ପ୍ରଦୀପ ମହାରଥୀ ଓ ଅନ୍ୟମାନେ।

**କଣାସ,୧୨।୧୨(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ରେଙ୍ଗଳ ପଞ୍ଚାୟତର ଦୟାନଦୀ ମାଣିତ୍ରିଠାରେ ୧୫କୋଟି ୧୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ବିଜୁ ସେତୁ ବୁଧବାର କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଯାଇଛି। ଅନ୍ୟମାନଙ୍କ ମଧରେ ଜିଲା ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀ ପଞ୍ଚାନନ ମହାନ୍ତି, ସହକାରୀଯନ୍ତ୍ରୀ ପ୍ରସନ୍ନ ପଟ୍ଟନାୟକ, ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ବିଜୁ ଜନତା ଦଳର ବ୍ଲକ ସଭାପତି ବୈରାଗୀ ଜେନା, ଜିଲାପରିଷଦ ସଭ୍ୟ ମଳୟ ମହାନ୍ତି, ଗୋଡିପୁଟ ମାଟିଆପଡା ସରପଞ୍ଚ ଦମୟନ୍ତି ନିଶାଙ୍କ, ପୂର୍ବତନ ସରପଞ୍ଚ ଦୁର୍ବାଶା ନିଶାଙ୍କ, ରେଙ୍ଗଳ ସରପଞ୍ଚ ଗନ୍ଧର୍ବ ବେହେରା, ପୂର୍ବତନ ସରପଞ୍ଚ ପଦ୍ମଚରଣ ସାମନ୍ତସିଂହାର, ମହିଳା ମହାସଂଘର ସମ୍ପାଦିକା ବାସନ୍ତି ସାହୁ , ପିପିଲି ବ୍ଲକ ଆତ୍ମା ଅଧକ୍ଷ ଧରଣୀଧର ସାହୁ, କିଶୋର ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ । ରେଙ୍ଗଳ ପଞ୍ଚାୟତ ପରିସରରେ ବିଭୁତି ସାମନ୍ତସିଂହାରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ପ୍ରଦୀପ ମହାରଥୀ ଯୋଗଦେଇ ପଞ୍ଚାୟତ ଅଧିବାସୀମାନଙ୍କ ସମସ୍ୟା ସମ୍ପର୍କିତ ଆଲୋକପାତ କରିଥିଲେ। ଏହି ସେତୁ ନିର୍ମାଣ ଦ୍ୱାରା ଜଟଣୀରୁ ଡେଲାଙ୍ଗକୁ ଯାତାୟତ ସୁବିଧା ହୋଇପାରିବ।

---

■ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ

# ରୋଗୀଙ୍କ ଚିକିତ୍ସା କରୁଛନ୍ତି ଫାର୍ମାସିଷ୍ଟ

**ବ୍ରହ୍ମଗିରି,୧୨।୧୨(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକର ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଯାଇଛି ଡାକ୍ତରଙ୍କ ଅଭାବ। ଫଳରେ ରୋଗୀମାନେ ଫାର୍ମାସିଷ୍ଟ, ଜୁନିୟର ଫାର୍ମାସିଷ୍ଟଙ୍କଠାରୁ ଚିକିତ୍ସା କରାଉଛନ୍ତି। ସୂଚନା ଅନୁଯାୟୀ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୨୫ଟି ପଞ୍ଚାୟତ ଓ କୃଷ୍ଣପ୍ରସାଦ ବ୍ଲକର ୭ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏଥିସହ ବ୍ରହ୍ମଗିରି ଓ ସାତପଡ଼ା ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ଶତାଧିକ ପର୍ଯ୍ୟଟକ ପ୍ରତିଦିନ ଏଠାକୁ ଆସିଥାନ୍ତି। ଏଠାକାର ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ପ୍ରସୂତି ବିଭାଗକୁ ମିଶାଇ ୨୮ଟି ଶଯ୍ୟା ରହିଛି। ଏଠାରେ ୬ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୩ଜଣ। ସେଥିରୁ ଜଣେ କାର୍ଯ୍ୟରତ ଥିବାବେଳେ ଅନ୍ୟ ଦୁଇ ଛୁଟିରେ ଅଛନ୍ତି। ଏମାନେ ୩ଜଣ ମହିଳା ଡାକ୍ତର ହୋଇଥିବାରୁ ରାତିରେ ଜଣେ ବି କେହି ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁନାହାନ୍ତି। ତେଣୁ ରାତିରେ ଫାର୍ମାସିଷ୍ଟ ତଥା ଜୁନିୟର ଫାର୍ମାସିଷ୍ଟମାନେ ରୋଗୀ ସେବା କରୁଛନ୍ତି। ଏଠାକାର ଉପସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ମଧ ଏହିଭଳି, ସେଠାରେ ଡାକ୍ତର ଜମାରୁ ନାହାନ୍ତି। ଏନେଇ ଭୀମସେନ ସ୍ୱାଇଁ କୁହନ୍ତି, ବ୍ରହ୍ମଗିରିର ସ୍ୱାସ୍ଥ୍ୟସେବା ଯେପରି ବିପର୍ଯ୍ୟସ୍ତ ହୋଇପଡିଛି, ଏଠାକାର ରୋଗୀଙ୍କୁ କେବଳ ଭଗବାନ ଭରସା। ସେହିପରି ବ୍ରହ୍ମଗିରିର ଭଗବାନ ନାୟକ କୁହନ୍ତି, ଏଠାରେ ଡାକ୍ତରଖାନା ଥାଇ ମଧ ନଥାଇ ପରି। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଲୋକେ ବହୁ ଖର୍ଚ୍ଚାନ୍ତ ହୋଇ ଦୂରକୁ ଯିବାକୁ ପଡୁଛି। କାରଣ ଡାକ୍ତର ନଥିବାରୁ ଲୋକଙ୍କ ଆଶା ତୁଟିଯାଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ କୁହନ୍ତି, ବର୍ତ୍ତମାନ ଡାକ୍ତରଙ୍କ ଅଭାବ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଇନଚାର୍ଜଙ୍କ ବଦଳି ହେବା ପରେ ଜଣେ ଡାକ୍ତର ଡିଉଟି କରୁଛନ୍ତି। ଡାକ୍ତରଜଣଙ୍କ ଦିନରେ ଡ୍ୟୁଟି କରୁଥିବା ବେଳେ ରାତିରେ ଯଦି କୌଣସି ରୋଗୀ ସ୍ୱାସ୍ଥ୍ୟନ୍ଦ୍ରେରେ ପହଞ୍ଚିଲେ ଉପସ୍ଥିତ ଥିବା ଫାର୍ମାସିଷ୍ଟ ସମ୍ପୃକ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରୁଥିବା ସେ କହିଛନ୍ତି।



ଜିଲାସ୍ତରୀୟ ବିଜ୍ଞାନମେଳାରେ ଉପସ୍ଥିତ ଅତିଥିମାନେ।

■ ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

# ୬ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ଗୋପ,୧୨/୧୨(ଡି.ଏନ୍.ଏ)**

ଗୋପ ବ୍ଲକ ଅଧୀନ ଛଇତନାସ୍ଥିତ ହରିଶ୍ଚନ୍ଦ୍ର ବିଦ୍ୟାପୀଠରେ ଜିଲାସ୍ତରୀୟ ବିଜ୍ଞାନମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଚନ୍ତାଧାରାରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ବିଜ୍ଞାନମେଳାରେ ୧୧ଟି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୨୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ସେଥିରୁ ୬ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଦିବସରେ ଜିଲା ଶିକ୍ଷାଧିକାରୀ ଡ. ହୃଷିକେଶ କାଣ୍ଡିଙ୍କ ଅଧକ୍ଷତାରେ ମୁଖ୍ୟ ବକ୍ତାଭାବେ ସ୍ୱାମୀ ପ୍ରଜ୍ଞାନନ୍ଦଜୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଗୋପ ବ୍ଲକ୍ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ଓଡ଼ିଶା ୱାର୍କର ୟୁନିୟନ୍‌ର ଉପସଭାପତି ଅନୁପ କୁମାର ପୃଷ୍ଟି, ରାହୁଲ ସ୍ୱାମୀ, ଶଶି ରାୟ, ଦେବରାଜ ସ୍ୱାଇଁ, ମିନାକ୍ଷୀ ପୃଷ୍ଟି, ବସନ୍ତ କୁମାର ମିଶ୍ର, ପ୍ରଭାସ ଚନ୍ଦ୍ର କରଣ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୋପ ବ୍ଲକ୍ ବିଜ୍ଞାନ ସଂଯୋଜକ ଶ୍ରଦ୍ଧା ରଞ୍ଜନ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ଲାଷ୍ଟିକ୍ ମୁକ୍ତ ପାଇଁ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସଭାପତି ଶିବଦତ୍ତ ନାୟକ, ଶରତ ପରିଡ଼ା, ରାଜକିଶୋର ଜେନା, ଦୀପକ କୁମାର ସେନାପତି, ପ୍ରଶାନ୍ତ କୁମାର ପାଇକରାୟ, ଡ. ପ୍ରଦୀପ କୁମାର ପାତ୍ର, ରୁବାଳା ଦାଶ, ସିଆର୍‌ସିସି ଗଦାଧର ପାଣି, ରବୀନ୍ଦ୍ରନାଥ ନାୟକ, ରୁବାଳା ଦେଇ, ଲଲାଟ ଚନ୍ଦ୍ର ବେହେରା, ଅଶୋକ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଜ୍ଞାନ ସଂପର୍କିତ ତର୍କ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିବାବେଳେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

## ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ଗୋପ,୧୨।୧୨(ଡି.ଏନ୍.ଏ.)**

ବାଇକ୍ ଚୋରି ଅଭିଯୋଗରେ ଗୋପ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲଣ କରିଛି। ସେ ହେଲେ ଭିକୁ ମହାରଣା। ଗୋପ ସ୍ଥିତ ନୁରାନୀ ଫର୍ନିଚର ନିକଟରୁ ଏକ ବାଇକ ଗତ ୧୦ ତାରିଖରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ମାମଲା (ନଂ.୧୮୯/୧୮)ରୁଜୁ କରି ତଦନ୍ତ ଚଳାଇଥିଲା। ଖଣ୍ଡପଡ଼ା ଥାନା ମାଧବେରଣୀ ଗ୍ରାମରେ ଚୋରି ବାଇକ୍ ଥିବା ଖବରପାଇ ପୋଲିସ ଗ୍ରାମରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଭଲିବଲ୍ ଟୁର୍ନାମେଣ୍ଟ : ନାଗପୁର ଚାମ୍ପିୟନ

**ଗୋପ,୧୨।୧୨(ଡି.ଏନ୍.ଏ.)**

ଗୋପ ନିଗମାନନ୍ଦ ଖେଳପଡ଼ିଆରେ ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗୋପ ପଞ୍ଚାୟତ ଟିମ୍‌କୁ ୨-୧ରେ ହରାଇ ନାଗପୁର ଟିମ୍ ଚାମ୍ପିୟନ ହୋଇ ଜିଲାସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଭଲିବଲ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛି। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଯୁବଗୋଷ୍ଠୀଙ୍କ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବାବେଳେ ବିଜୁ ଯୁବବାହିନୀ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ଯୁବ ଶକ୍ତିର ବିକାଶ କରାଯାଉଛି ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ଶୁଭ୍ରଜିତ୍ ନାୟକ, ଶ୍ରୀଧର ପ୍ରଧାନ, ଶୟଦ ମୌସାଇ, ସୁକାନ୍ତ କିଶୋର ମିଶ୍ର, ଶ୍ରୀକାନ୍ତ ନାୟକ, କପିଳେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଜୁ ଯୁବ ବାହିନୀର ସଂଯୋଜକ ହୃଦାନନ୍ଦ ଦାଶ, ମନଦିପ୍ କୁମାର ପାଇକରାୟ, ସୀତାବ୍ ଆଲାମ୍ ସେକ୍, ରମଣ ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପୁରୁଣା ବସ୍‌ଷ୍ଟାଣ୍ଡରେ ବସ୍ ରହଣି ଦାବି

**ନିମାପଡ଼ା,୧୨।୧୨(ଡି.ଏନ୍.ଏ.)**

## ଯାତ୍ରୀ, ବ୍ୟବସାୟୀ ହଟହଟା



ନିମାପଡ଼ାରେ ନବନିର୍ମିତ ବସଷ୍ଟାଣ୍ଡରେ ସମସ୍ତ ଯାତ୍ରୀବାହୀ ବସ୍ ରହଣି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। କିନ୍ତୁ ଦୀର୍ଘବର୍ଷ ହେବ ଗଡଅଣ୍ଡିଆ ଗଜଲକ୍ଷ୍ମୀ ମଣ୍ଡପ ନିକଟରେ ଥିବା ପୁରୁଣା ବସଷ୍ଟାଣ୍ଡରେ କୌଣସି ଯାତ୍ରୀବାହୀ ବସ ରହୁନାହିଁ । ଏଥିସହ ମହିଳା କଲେଜ ଛକ, ଜୟଶ୍ରୀ ଛକରେ ବସ ନ ରହିବାରୁ ଶହଶହ ଯାତ୍ରୀ, ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଯାତ୍ରୀବାହୀ ବସଗୁଡିକ ଉକ୍ତ ଜାଗାରେ ରହଣି ନ କରିବାରୁ ବ୍ୟବସାୟୀଙ୍କୁ ବ୍ୟବସାୟୀରେ ବାଧା ସୃଷ୍ଟି ହୋଇଥିବା ନେଇ ଦୁର୍ଗାଚରଣ ସାହୁ, ରବୀନ୍ଦ୍ରନାଥ ସାହୁ, ଲକ୍ଷ୍ମୀଧର ପାତ୍ର, ଜୟରାମ ମଲ୍ଲିକ କହିଛନ୍ତି। ପୁରୁଣା ବସଷ୍ଟାଣ୍ଡରେ ରହୁଥିବା କେତେକ ଅଟୋକୁ ମଧ ପ୍ରଶାସନ ଚାପ ପକାଇ ନୂତନ ବସଷ୍ଟାଣ୍ଡରୁ ତଡି ଦେଇଥିବାରୁ ବ୍ୟବସାୟରେ ବାଧା ହେଉଥିବା ନେଇ ଅଟୋ ମାଲିକ ରମେଶଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଦେବରାଜ ସ୍ୱାଇଁ ପ୍ରମୁଖ କହିଛନ୍ତି। ପୁରୁଣା ବସଷ୍ଟାଣ୍ଡରେ ବସ ନ ରହିବାରୁ ବସ ମାଲିକମାନେ ଯାତ୍ରୀ ନେବା ଆଣିବା କରି ନପାରି କ୍ଷତିଗ୍ରସ୍ତ ହେଉଥିବା ନାମ ଗୋପନ ରଖି କେତେକ ଗାଡ଼ି ମାଲିକ କହିଛନ୍ତି। ତେଣୁ ପୂର୍ବଭଳି ପୁରୁଣା ବସଷ୍ଟାଣ୍ଡ ସହ ଜୟଶ୍ରୀ ଛକ, ମହିଳା କଲେଜ ଛକଠାରେ କିଛି ସମୟ ଗାଡି ରହିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀ ବନ୍ଧୁ ପ୍ରଶାସନଠାରେ ଦାବି କରିଛନ୍ତି। ଯଦି ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦିଅନ୍ତି ଆଗକୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।